


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-40 ◆SUNDAY ◆3 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୪୦ ◆ରବିବାର ◆୩ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


# ଆଖିବୁଜିଲେ ବଳଙ୍ଗା ପୀଡ଼ିତା

## ଶୋକ ବ୍ୟକ୍ତକଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ବିରୋଧୀ ଦଳ ନେତା

## ପରିବାରକୁ ନ୍ୟାୟ ଦାବି କଲେ ବିରୋଧୀ

## ଦିଲ୍ଲୀ ଏମ୍ସରେ ପରିବାରକୁ ସମବେଦନା ଜଣାଇଲେ ବିଜେଡି ସଂସଦୀୟ ପ୍ରତିନିଧି ଦଳ

## ଅପରାଧୀ ଧରା ନ ପଡ଼ିଲେ ରାଜରାସ୍ତା ଘେରଉ କରିବ କଂଗ୍ରେସ: ଭକ୍ତ



■ ଭୁବନେଶ୍ୱର/ବଳଙ୍ଗା, ୨।୮ (ସମିସ): ନିର୍ଯାତନା ନିଆଁରେ ଆଖି ବୁଜିଲେ ରାଜ୍ୟର ଆଉ ଜଣେ ପୀଡ଼ିତା। ଦୁର୍ବୃତ୍ତଙ୍କ ଲୋଲୁପ ଦୃଷ୍ଟିର ଶିକାର ହୋଇ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଥିବା ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଧୀନ ନୂଆ ଗୋପାଳପୁର ଗ୍ରାମର ନାବାଳିକା ଶନିବାର ସନ୍ଧ୍ୟା ୬ଟା ୨୨ମିନିଟ୍‌ରେ ପ୍ରାଣ ହରାଇଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ନାରୀ ନିର୍ଯାତନାର କ୍ରୂର ଫାଶରେ ପଡ଼ି ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ପରେ ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ରାଜ୍ୟରେ ମହିଳାଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ଲଗାଇଦେଇଛି। ସବୁଠୁ ବିଡ଼ମ୍ବନାର ବିଷୟ ହେଉଛି, ୬ ମାସ ଧରି ମନ୍ତ୍ରୀ, ସାଂସଦ, ବିଧାୟକ, ପୁଲିସ, କଲେଜ କର୍ତ୍ତୃପକ୍ଷଙ୍କୁ ନ୍ୟାୟ ଭିକ୍ଷାରେ ବିଫଳ ହୋଇ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମଦାହ କଲେ। ଏହି ଘଟଣାରେ ସରକାରଙ୍କ ନାରୀ ସୁରକ୍ଷା ନୀତିକୁ ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନ ଚାଲିଥିବାବେଳେ ବନ୍ଧୁ ଘରକୁ ବୁଲି ଯାଉଥିବା ବଳଙ୍ଗାର ଏହି ନାବାଳିକାକୁ କିଛି ଦୁର୍ବୃତ୍ତ କିରାସିନି ଢାଳି ପୋଡ଼ିଦେବାକୁ ଉଦ୍ୟମ କଲେ। ଅର୍ଦ୍ଧଦଗ୍ଧ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଥିବା ନାବାଳିକାକୁ ଉନ୍ନତ ଚିକିତ୍ସା ଯୋଗାଇ ଦେବାକୁ ରାଜ୍ୟ ସରକାର ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କଲେ। ତେବେ ସମସ୍ତ ଉଦ୍ୟମ ସତ୍ତ୍ୱେ ଆଜି ସନ୍ଧ୍ୟାରେ ସେ ଜୀବନ ଓ ନ୍ୟାୟଯୁଦ୍ଧରେ ହାରିଯାଇଛନ୍ତି। ଏହି ଘଟଣାକୁ ନେଇ ▶ପୃଷ୍ଠା-୭

## ଅନ୍ଧାରରେ ତଦନ୍ତ, ଅଦୃଶ୍ୟରେ ଅପରାଧୀ

■ ପୁରୀ, ୨।୮ (ସମିସ): ଦୀର୍ଘ ୧୫ ଦିନ ଧରି ଜୀବନ ମରଣ ସହ ଯୁଝି ହେଉଥିବା ବଳଙ୍ଗା ପୀଡ଼ିତା ଶେଷରେ ହାରି ଯାଇଛନ୍ତି। ଶନିବାର ସନ୍ଧ୍ୟାରେ ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ତଦନ୍ତରୁ କିଛି ନିଷ୍କର୍ଷ ବାହାରି ନ ଥିବାବେଳେ ପୀଡ଼ିତା ଆଖି ବୁଜି ଦେଇଛନ୍ତି। ଏବେ ତଦନ୍ତ କୁଆଡ଼େ ଯିବ ତାହା ବଡ଼ ପ୍ରଶ୍ନ? ପୀଡ଼ିତାଙ୍କଠାରୁ ୪ ଥର ବୟାନ ରେକର୍ଡ ପରେ ବି ପୁଲିସ ଏବଂ କ୍ରାଇମ୍‌ବ୍ରାଞ୍ଚ ୧୫ ଦିନ ମଧ୍ୟରେ ଏହି ଜଘନ୍ୟ କାଣ୍ଡ ଉପରୁ ପରଦା ହଟାଇପାରି ନାହିଁ। ଘଟଣାର ଅଭିଯୁକ୍ତଙ୍କ ପାଖରେ ପହଞ୍ଚିବାକୁ ସକ୍ଷମ ହୋଇନାହାନ୍ତି। ଏହି ରହସ୍ୟମୟ ଘଟଣାର ସବୁଠୁ ବଳିଷ୍ଠ ପ୍ରତ୍ୟକ୍ଷଦର୍ଶୀ ନିଜେ ପୀଡ଼ିତା ହିଁ ଥିଲେ। ହେଲେ ତାଙ୍କ ବୟାନକୁ ନେଇ ନାନା ପ୍ରକାର ଚର୍ଚ୍ଚା ଆଲୋଚନା ହୋଇଛି। ପୀଡ଼ିତାଙ୍କ ବୟାନରେ ତାଳମେଳ ରହୁ ନ ଥିବା ଖବର ଲୋକମୁଖରେ ପ୍ରଚାରିତ ହୋଇଛି। ତେଣୁ କ'ଣ ପାଇଁ ଜଣେ ନାବାଳିକାଙ୍କୁ ଜିଅନ୍ତା ପୋଡ଼ି ମାରିଦେବାକୁ ହୋଇଥିଲା ଉଦ୍ୟମ ତାହା ରହସ୍ୟରେ ହିଁ ରହିଯିବ ବୋଲି ଚର୍ଚ୍ଚା ହେଉଛି।

**ପୋଡ଼ିରେ କାହାରି ସମ୍ପୃକ୍ତି ନାହିଁ: ପୁଲିସ**

**ତଦନ୍ତର ଦିଗ କୁଆଡ଼େ ଯିବ ?**

ଗତ ଜୁଲାଇ ୧୯ ତାରିଖରେ ବଳଙ୍ଗାରେ ନାବାଳିକାଙ୍କୁ ପୋଡ଼ି ହତ୍ୟା ଉଦ୍ୟମ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କୁ ଯେଉଁଠି ଥିଲେ ବି ଖୋଜି ଧରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ କହିଥିଲେ, ଅପରାଧୀଙ୍କୁ ଖୋଜି ବାହାର କରିବୁ, କଠୋରରୁ କଠୋରତମ ଦଣ୍ଡ ବିଧାନ କରାଯିବ। ଘଟଣାଦିନ ବଳଙ୍ଗାର ନୂଆ ଗୋପାଳପୁରରେ ପୁରୀ ଏସ୍‌ପି ପିନାକ ମିଶ୍ର ଏବଂ କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର ପହଞ୍ଚି ତଦନ୍ତ କରିଥିଲେ। ୧୯ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱର ଏମ୍ସରେ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ମନୋରଞ୍ଜନ ସାହୁଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ବୟାନ ରେକର୍ଡ ହୋଇଥିଲା। ବିଏନ୍‌ଏସ୍‌ଏସ୍ ଧାରା-୧୮୦ ଅନୁଯାୟୀ ବୟାନ ରେକର୍ଡ କରାଯାଇଥିଲା। ଏହି ସମୟରେ ପୀଡ଼ିତାଙ୍କ ପରିବାର ଲୋକେ, ଡାକ୍ତର, ବଳଙ୍ଗା ପୁଲିସ ଓ ଖଣ୍ଡଗିରି ଥାନା ପୁଲିସ ଉପସ୍ଥିତ ଥିଲେ।

୨୦ ତାରିଖରେ ବଳଙ୍ଗା ପୀଡ଼ିତାଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇଦେବା ପାଇଁ ଦିଲ୍ଲୀ ଏମ୍‌ସକୁ ଏୟାରଲିଫ୍ଟ କରାଯାଇଥିଲା। ସେହିପରି ବଳଙ୍ଗା ଗସ୍ତ କରିଥିଲେ ପୁଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ। ଡିଜି ଘଟଣାସ୍ଥଳ ପରିଦର୍ଶନ ପରେ ପୀଡ଼ିତାଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ପୀଡ଼ିତାଙ୍କୁ ଉଦ୍ଧାର କରିଥିବା ▶ପୃଷ୍ଠା-୭

## ୭୫ ବର୍ଷରେଏନ୍‌ଡିଏରେ ପ୍ରଥମ ଓଡ଼ିଆ ଝିଅ

## ସାବାସ୍ ଶ୍ରାବଣୀ




■ ଭୁବନେଶ୍ୱର, ୨।୮ (ଏଜେନ୍ସି): ଶ୍ରାବଣୀ ଦାସ ପ୍ରଥମ ଓଡ଼ିଆ ବାଳିକା ଭାବେ ନ୍ୟାସନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ) ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଇତିହାସ ସୃଷ୍ଟି କରିଛନ୍ତି। ସେ ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲର ଛାତ୍ରୀ। ସେ ସଶସ୍ତ୍ର ସୀମା ବଳ ପାଇଁ ଏସ୍‌ଏସ୍‌ବି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ଏବେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସେ ଡିଏଭି ପବ୍ଲିକ ସ୍କୁଲ ସମେତ ସାରା ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି। ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜଣାଯାଇଛି।

## ଅନିଶ୍ଚିତତାରେ ମହାନଦୀ ଜଳ ବିବାଦ

# ସଂଶୟ ବଢ଼ାଇଲା ସାଏଙ୍କ ମନ୍ତବ୍ୟ

## ଆପୋସ ସମାଧାନ ପାଇଁ ଚିଠି ଲେଖିଥିଲେ ମୋହନ

■ ଭୁବନେଶ୍ୱର, ୨।୮ (ସମିସ): ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଲାଗି ରହିଥିବା ମହାନଦୀ ଜଳ ବିବାଦର ସମାଧାନ ଏବେ ଅନିଶ୍ଚିତତା ଘେରକୁ ଠେଲି ହୋଇଯାଇଛି। ଏହି ଜଳବିବାଦର ଆପୋସ ସମାଧାନ ପାଇଁ ଛତିଶଗଡ଼ ସହ ଆଲୋଚନା ଜାରି ରହିଛି ବୋଲି ବାରମ୍ବାର ଦାବି କରୁଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଆରମ୍ଭ କରି ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଯାଏଁ ଗଣମାଧ୍ୟମକୁ ଏନେଇ ପ୍ରତିକ୍ରିୟା ମଧ୍ୟ ପ୍ରଦାନ କରିଛନ୍ତି। ମାତ୍ର ବିଭିନ୍ନ ମହଲର ଦୃଢ଼ ଦାବି ସତ୍ତ୍ୱେ ଉଭୟ ରାଜ୍ୟ ମଧ୍ୟରେ ଆଲୋଚନାର ରୂପରେଖ କୌଣସି ଚିତ୍ର ସ୍ପଷ୍ଟ ହେଉନାହିଁ। ଏନେଇ ରାଜ୍ୟ ସରକାର ମଧ୍ୟ ମୁହଁ ଖୋଲୁନାହାନ୍ତି। ଯାହାକୁ ନେଇ ସାଧାରଣରେ ସଂଶୟ ବଢ଼ୁଛି। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଏକ ଚିଠିର ପ୍ରତ୍ୟୁତ୍ତରରେ ଛତିଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ଚିଠି ଏହି ସଂଶୟକୁ ଦ୍ୱିଗୁଣିତ କରିଛି। ଶ୍ରୀ ମାଝୀଙ୍କୁ ଲେଖିଥିବା ଚିଠିରେ ଶ୍ରୀ ସାଏ ଉଲ୍ଲେଖ କରିଛନ୍ତି ଯେ ମହାନଦୀ ବିବାଦର ଆପୋସ ସମାଧାନ ପାଇଁ ଗତ ୨୫ ତାରିଖରେ ଆପଣଙ୍କ ଚିଠିରେ ଉଲ୍ଲେଖଥିବା ପ୍ରସ୍ତାବ ମୋର ଅବଗତ ହୋଇଛି। ଏହା ବର୍ତ୍ତମାନ ବିଚାରାଧୀନ ରହିଛି ବୋଲି ଶ୍ରୀ ସାଏ କହିଛନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ଏପରି ପ୍ରତ୍ୟୁତ୍ତରକୁ ନେଇ ବିଶେଷଜ୍ଞ ମହଲ ମାଳମାଳ



**ଓଡ଼ିଶାର ପ୍ରସ୍ତାବକୁ ବିଚାର କରୁଛୁ: ଛତିଶଗଡ଼**

**ବିଶେଷଜ୍ଞ ମହଲର ଦାବି, ଆଲୋଚନାକୁ ସାର୍ବଜନୀନ କରନ୍ତୁ ସରକାର**

**ଚିଠିରେ ଆପୋସ ସମାଧାନ ହୁଏନି: କଂଗ୍ରେସ**

**ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବିକଲେ ବିରୋଧୀ**

ପ୍ରଶ୍ନ ବାଢ଼ିଛନ୍ତି। ରାଜ୍ୟ ସରକାର ବିବାଦର ସମାଧାନ ପାଇଁ ଛତିଶଗଡ଼ ସହ କେଉଁ ପ୍ରକାର ଆଲୋଚନା କରୁଛନ୍ତି, ତାହା ସ୍ପଷ୍ଟ କରନ୍ତୁ। ମହାନଦୀ ଓଡ଼ିଶାର ଜୀବନରେଖା ଅଟେ। ତେଣୁ ଓଡ଼ିଶାର ଏହି ବୃହତ୍ତର ସ୍ୱାର୍ଥ ସହ କୌଣସି ▶ପୃଷ୍ଠା-୭

## ସେପ୍ଟେମ୍ବର ୬କୁ ଘୁଞ୍ଚିଲା ଶୁଣାଣି

■ ଭୁବନେଶ୍ୱର, ୨।୮ (ସମିସ): ମହାନଦୀ ମାମଲାର ଶୁଣାଣି ସେପ୍ଟେମ୍ବର ୬ ତାରିଖକୁ ଘୁଞ୍ଚିଛି। ଶନିବାର ଟ୍ରିବ୍ୟୁନାଲରେ ଶୁଣାଣିରେ ଓଡ଼ିଶା ପକ୍ଷରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଉଭୟ ସରକାରଙ୍କ ପକ୍ଷରୁ ମହାନଦୀ ବିବାଦର ଆପୋସ ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ଉଭୟ ରାଜ୍ୟରେ ପ୍ରଶାସନିକ ତଥା ରାଜନୈତିକ ସ୍ତରରେ ଆପୋସ ସମାଧାନ ପାଇଁ ଉଦ୍ୟମ ଜାରି ରହିଛି ବୋଲି କହିଥିଲେ। ତେଣୁ ତାଙ୍କ ଅନୁରୋଧକ୍ରମେ ମାମଲାର ପରବର୍ତ୍ତୀ ଶୁଣାଣିକୁ ଆସନ୍ତା ୬ ତାରିଖକୁ ଧାର୍ଯ୍ୟ କରିଛନ୍ତି ଟ୍ରିବ୍ୟୁନାଲ।

ଗଣମାଧ୍ୟମକୁ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ଇତିମଧ୍ୟରେ ଆପୋସ ସମାଧାନ ପାଇଁ ଅନେକ ଗୁଡ଼ିଏ ପଦକ୍ଷେପ ନିଆଯାଉଛି। ଗତ ସପ୍ତାହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ହୋଇଥିବା ଉଚ୍ଚସ୍ତରୀୟ ବୈଠକର ନିଷ୍ପତ୍ତି, ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟୁତ୍ତର ସମ୍ପର୍କରେ ଆମେ ▶ପୃଷ୍ଠା-୭

## ପୁଣି ଝୁଲିଲା ନିଗମ, ବୋର୍ଡ ନିଯୁକ୍ତି

**ରାଷ୍ଟ୍ରୀୟ ଅଧ୍ୟକ୍ଷ ଚୟନ ପରେ ଓଡ଼ିଶା ବିଜେପି ଟିମ୍: ମନମୋହନ**

■ ଭୁବନେଶ୍ୱର, ୨।୮ (ସମିସ): ଗୋଟିଏ ପଟେ ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବିଳମ୍ବିତ ହେବାରେ ଲାଗିଥିବା ବେଳେ ବିଜେପିର ରାଜ୍ୟ ସଂଗଠନ ପୁନର୍ବିନ୍ୟାସ ଏବଂ ନିଗମ ଓ ବୋର୍ଡ ନିଯୁକ୍ତିରେ ମଧ୍ୟ ବିଳମ୍ବ ଘଟିପାରେ। ଶନିବାର ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଏନେଇ ସୂଚନା ଦେଇଛନ୍ତି। ଶ୍ରୀ ସାମଲ କହିଛନ୍ତି, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପରେ ଓଡ଼ିଶା ଟିମ୍ ଘୋଷଣା ହେବ। ଏହା ଦଳର ସାମ୍ବିଧାନିକ ବ୍ୟବସ୍ଥା ଅଟେ। ତେବେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ କେବେ ସରିବ, ସେନେଇ କୌଣସି ତାରିଖ ଧାର୍ଯ୍ୟ ହୋଇନାହିଁ। ସେହିଭଳି ନିଗମ ଓ ବୋର୍ଡ ନେଇ ଆମେ ବସି ନିଷ୍ପତ୍ତି ନେବୁ ବୋଲି ମନମୋହନ ଗଣମାଧ୍ୟମକୁ କହିଛନ୍ତି।

ସୂଚନାଯୋଗ୍ୟ ଯେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ଗତ କିଛି ମାସ ଧରି ଚର୍ଚ୍ଚା ଆଲୋଚନା ଜାରି ରହିଥିଲେ ମଧ୍ୟ ଏହା ସାକାର ହୋଇପାରୁ ନାହିଁ। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏକାଧିକ ବାର ଦିଲ୍ଲୀ ଗସ୍ତ କରି ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବହୁ ବରିଷ୍ଠ ନେତୃବୃନ୍ଦଙ୍କୁ ଭେଟି ସାରିଛନ୍ତି। ଏହି ଭେଟଘାଟ ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଆଲୋଚନା ହୋଇଥିବା ଦାବି କରାଯାଇଥିଲେ ମଧ୍ୟ ଏଯାବତ୍ ସମ୍ପ୍ରସାରଣକୁ ବାସ୍ତବତାର ରୂପ ଦିଆଯାଇ ପାରୁନାହିଁ। ତେବେ ପୁନର୍ବାର ବିଜେପି ସଭାପତି ଭାବେ ନିର୍ବାଚିତ ହେବାପରେ ରାଜ୍ୟରେ ଖୁବଶୀଘ୍ର ସାଂଗଠନିକ ▶ପୃଷ୍ଠା-୭

## ମୁଣ୍ଡ-ଗଣ୍ଡି ଅଲଗା କରିଦେଲା ହାତୀ

■ ହିନ୍ଦୋଳ, ୨।୮ (ସମିସ): ହାତୀ ଆକ୍ରମଣରେ ହିନ୍ଦୋଳ ଉପଖଣ୍ଡରେ ଶୁକ୍ରବାର ପୁଣି ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ମହାଲୁଣ୍ଡା ପଞ୍ଚାୟତ ଟାଙ୍ଗିଶାଳ ଗ୍ରାମର ଚାଷୀ ସୁଧାକର ସାମଲ (୫୮)। ଶୁକ୍ରବାର ଅପରାହ୍ଣରେ ସୁଧାକର କାମ କରିବାକୁ ବିଲକୁ ଯାଇଥିବା ବେଳେ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ହାତୀ ସୁଧାକରଙ୍କ ମୁଣ୍ଡ ଓ ଗଣ୍ଡିକୁ ଅଲଗା କରିଦେଇଥିଲା। ଅନ୍ୟପଟେ ଗୁରୁବାର ହାତୀ ଆକ୍ରମଣରେ ହିନ୍ଦୋଳ ବ୍ଲକ୍ ବଘଧରିଆ ଗ୍ରାମର ତିନିଜଣଙ୍କ ମୃତ୍ୟୁ ହୋଇଥିଲା। ଦୁଇଦିନ ମଧ୍ୟରେ ହାତୀ ଆକ୍ରମଣରେ ୪ ଜଣଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ହିନ୍ଦୋଳ

**୨ ଦିନରେ ୪ ଜଣଙ୍କ ମୃତ୍ୟୁ**

ଉପଖଣ୍ଡରେ ହାତୀ ଆକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଗୋଠଛଡ଼ା ଦନ୍ତାର ଉତ୍ପାତ ଯୋଗୁଁ ଅଞ୍ଚଳବାସୀ ଅସୁରକ୍ଷିତ ହୋଇପଡ଼ିଛନ୍ତି। ହାତୀ ଆକ୍ରମଣରେ ମୃତ୍ୟୁସଂଖ୍ୟା ମଧ୍ୟ ଦିନକୁ ଦିନ ▶ପୃଷ୍ଠା-୭



## ଗଳାବାଟ ପାଲଟିଛି ଭୁବନେଶ୍ୱର ବିମାନବନ୍ଦର

# ପୁଣି ୮ କୋଟିର ବିଦେଶୀ ଗଞ୍ଜେଇ ଜବତ

■ ଭୁବନେଶ୍ୱର, ୨।୮ (ସମିସ): ଭୁବନେଶ୍ୱର ବିମାନ ବନ୍ଦର ପାଲଟିଛି ନିଶା ମାଫିଆଙ୍କ ଗଳାବାଟ। ସେମାନେ ବ୍ୟାଙ୍କକ୍‌ରୁ ବିଦେଶୀ ଗଞ୍ଜେଇ (ମାରିଜୁଆନା)କୁ ଭୁବନେଶ୍ୱର ଚାଲାଣ କରୁଛନ୍ତି। ଦୁଇ ଦିନ ତଳେ ବିମାନ ବନ୍ଦରରୁ ୩୦ କୋଟିର ମାରିଜୁଆନା ଜବତ କରାଯାଇଥିବା ବେଳେ ୩ଜଣ ଯାତ୍ରୀଙ୍କୁ ଗିରଫ କରାଯାଇଥିଲା। ହେଲେ ଆଜି ପୁଣି ବିମାନ ବନ୍ଦରରୁ ଧରାପଡ଼ିଲା ବିଦେଶୀ ଗଞ୍ଜେଇ ବା ମାରିଜୁଆନା। ଥାଇଲାଣ୍ଡରୁ ଭୁବନେଶ୍ୱର ଆସୁଥିବାବେଳେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଆଜି ୮ କୋଟି ଟଙ୍କାର ବିଦେଶୀ ଗଞ୍ଜେଇ ଜବତ ହୋଇଛି। ଥାଇଲାଣ୍ଡରୁ ଇଣ୍ଡିଗୋ ଫ୍ଲାଇଟରେ ଆସୁଥିବା ବେଳେ ଧରିଲା ଡିଆରଆଇ ବିଭାଗ। ଏହାକୁ ଚାଲାଣ କରୁଥିବା ଅହମଦାବାଦର ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି। ସେ ପୂର୍ବରୁ ଏକାଧିକ ବାର ଏଭଳି ମାରିଜୁଆନା ଚାଲାଣ କରୁଥିବା ସ୍ୱୀକାର କରିଛନ୍ତି। ଯାତ୍ରୀ ଜଣଙ୍କ ଚକୋଲେଟ୍




**ଅହମଦାବାଦର ଯାତ୍ରୀକୁ ଗିରଫ କଲା କଷ୍ଟମ ବିଭାଗ**

ଜରି ଭିତରେ ପ୍ୟାକ୍ କରି ବିମାନରେ ଭୁବନେଶ୍ୱର ପହଞ୍ଚିଥିଲେ। ହେଲେ ଗୁଇନ୍ଦା ଖବର ଆଧାରରେ ଯାତ୍ରୀଙ୍କୁ କଷ୍ଟମ ବିଭାଗ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ୮କେଜିର ଏହି ବିଦେଶୀ ନିଶା ମାରିଜୁଆନା ଜବତ କରାଯାଇଥିଲା। ଗିରଫ ଯାତ୍ରୀ ଜଣଙ୍କ ▶ପୃଷ୍ଠା-୭

**ଟ୍ରମ୍ପଙ୍କ ମୁଖା ଖୋଲିଲା ଅର୍ଥ ବିଭାଗର ତଥ୍ୟ**

# କମୁଛି ନିଯୁକ୍ତି, ବଢ଼ୁଛି ଦରଦାମ୍

■ ୱାଶିଂଟନ, ୨।୮ (ଏଜେନ୍ସି): ଶୁଳ୍କ ଧମକ ଦେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱରେ ଆର୍ଥିକ ଅସ୍ଥିରତା ସୃଷ୍ଟି କରିଛନ୍ତି। ସେ କାହା କଥା ଶୁଣୁ ନାହାନ୍ତି। ବିଶେଷଜ୍ଞଙ୍କ ଚେତାବନୀ ମଧ୍ୟ ମାନୁନାହାନ୍ତି। ଫଳରେ ଆମେରିକା ଅର୍ଥନୀତି ଏବେ ମାନ୍ଦାବସ୍ଥା ମୁହାଁ ହୋଇଛି। ବିପୁଳ ଋଣ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସଙ୍କଟକୁ ବଢ଼ାଇ ଦେଇଛି। ତେଣୁ ସେ ଏଥିରୁ ବର୍ତ୍ତିବା ପାଇଁ ଅନ୍ୟ ଦେଶ ଉପରେ ଶୁଳ୍କ ବଢ଼ାଉଛନ୍ତି ବୋଲି କୁହାଯାଉଛି। ଏହାର ପ୍ରଭାବ ମଧ୍ୟ ଭାରତ ଉପରେ ପଡ଼ିବ। ଅନେକ ଭାରତୀୟ ଆମେରିକାର ଆଇଟି, ଫାର୍ମା ସହିତ ଅନ୍ୟାନ୍ୟ କ୍ଷେତ୍ରରେ କାମ କରୁଛନ୍ତି। ଭାରତୀୟ କମ୍ପାନୀ ମଧ୍ୟ ଠିକାରେ ଆମେରିକା କମ୍ପାନୀଠାରୁ କାମ ଆଣୁଛନ୍ତି। ଟ୍ରମ୍ପ ପୂର୍ବରୁ ଭାରତୀୟଙ୍କୁ କାମ ନ ନେବା ପାଇଁ ଆମେରିକୀୟ କମ୍ପାନୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରି ସ୍ଥଳେ ଭାରତୀୟଙ୍କୁ ଚାକିରିରୁ ବିଦା କଲେ ଭାରତର ଅର୍ଥନୀତି ପ୍ରଭାବିତ ହେବ। ଭାରତୀୟ କମ୍ପାନୀଙ୍କୁ ଠିକା ନ ମିଳିଲେ ଅର୍ଥନୀତି ମନ୍ଥର ହୋଇଯିବାର ସମ୍ଭାବନା ରହିଛି।



**ନିଯୁକ୍ତି ନେଇ ଭାରତୀୟଙ୍କ ଉପରେ ପଡ଼ିବ ପ୍ରଭାବ**

**ଛଟେଇ ନିର୍ଦ୍ଦେଶ ଦେଇପାରନ୍ତି ଆମେରିକା ରାଷ୍ଟ୍ରପତି**

**ବିଶେଷଜ୍ଞଙ୍କ ଚେତାବନୀକୁ ଉପେକ୍ଷା କରୁଛନ୍ତି ଟ୍ରମ୍ପ**

**ରାଜନୈତିକ ବିବାଦ ସୃଷ୍ଟି ହେବା ଆଶଙ୍କା**

ଅନ୍ୟପକ୍ଷରେ ନିଜର ଦାୟିତ୍ୱହୀନ ନୀତି ପାଇଁ ଟ୍ରମ୍ପ ଆମେରିକୀୟଙ୍କ ସଙ୍କଟ ବଢ଼ାଉଛନ୍ତି। ତାଙ୍କ ପାଇଁ ଲୋକଙ୍କ ଉପରେ ଆର୍ଥିକ ବୋଝ ବଢ଼ିବାରେ ଲାଗିଛି। ଆମେରିକାରେ ନିଯୁକ୍ତି ସୁଯୋଗ ହ୍ରାସ ପାଇ ଚାଲିଥିବା ବେଳେ ଦରଦାମ ହୁ ହୁ ହୋଇ ବଢ଼ି ଚାଲିଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ବିକାଶ ହାର ମନ୍ଥର ହୋଇଯାଇଛି। ଆର୍ଥିକ ସୁବର୍ଣ୍ଣ ଯୁଗ ଆଣିଥିବା ନେଇ ଟ୍ରମ୍ପ ପ୍ରଶାସନ ଦାବି କରୁଥିବା ।ବେଳେ ତଥ୍ୟରୁ ଭିନ୍ନ ସୂଚନା ମିଳୁଛି। ସେ ଦେଇଥିବା ସମସ୍ତ ପ୍ରତିଶ୍ରୁତି ମିଳେଇ ଯାଇଛି। ଶୁଳ୍କର ବିପରୀତ ପ୍ରଭାବ ଆମେରିକା ଅର୍ଥନୀତି ଉପରେ ପଡ଼ିଛି। ଚଳିତ ସପ୍ତାହରେ ଆମେରିକା ଅର୍ଥ ବିଭାଗ ଜାରି କରିଥିବା ତଥ୍ୟରୁ ଏଭଳି ସଙ୍କେତ ମିଳିଛି।

ଟ୍ରମ୍ପ ୬ ମାସରୁ ଅଧିକ ସମୟ ହେଲା ଦାୟିତ୍ୱ ଗ୍ରହଣ କଲେଣି। ଏହି ଅବଧିରେ ତାଙ୍କ ଶୁଳ୍କ ବୃଦ୍ଧି, ନୂଆ ଟିକସ ଏବଂ ବ୍ୟୟ ବିଲ୍ ବହୁତ ବଡ଼ ପରିବର୍ତ୍ତନ ଆଣିଛି। ସେ ଆମେରିକାର ବାଣିଜ୍ୟ, ଉତ୍ପାଦନ କ୍ଷେତ୍ର, ଶକ୍ତି ଏବଂ ଟିକସ ପ୍ରଣାଳୀକୁ ନିଜ ଅନୁସାରେ ପରିବର୍ତ୍ତନ କରୁଛନ୍ତି। ଏହା ସହିତ କୌଣସି ସମ୍ଭାବ୍ୟ ବିଜୟର ଶ୍ରେୟ ନେବାକୁ ମଧ୍ୟ ପଛାଉନାହାନ୍ତି। ତେବେ ସମ୍ପ୍ରତି ଆମେରିକୀୟ ଅର୍ଥନୀତିରେ ମାନ୍ଦାବସ୍ଥାକୁ ଟାଳିବା ପାଇଁ ଟ୍ରମ୍ପଙ୍କ ଶୁଳ୍କ ରାଜନୀତିରେ ସେପରି ବୈଶ୍ୱିକ ସଫଳତା ପାଇପାରୁନାହାନ୍ତି। ଏହି ଦୁର୍ବଳତାକୁ ଘୋଡ଼ାଇବା ପାଇଁ ଅନ୍ୟକୁ ଦୋଷ ଦେବାକୁ ମଧ୍ୟ ପଛାଉ ନାହାନ୍ତି। ଏ ପର୍ଯ୍ୟନ୍ତ ଟ୍ରମ୍ପ ଦେଇଥିବା ପ୍ରତିଶ୍ରୁତିର ପ୍ରଭାବ ଦେଖାଯାଇ ନାହିଁ। ତେଣୁ ଆର୍ଥିକ ନୀତି ପାଇଁ ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ଦୋଷ ଦେବା ନୀତି ବି ଏବେ ଫେଲ୍ ମାରିଛି। ▶ପୃଷ୍ଠା-୭

## ପଞ୍ଜାବର ମନୀଷ ନ୍ୟୁଜିଲାଣ୍ଡରେ ହେଲେ ପୁଲିସ ଅଧିକାରୀ



କପୁରଥଲା, ୨।୮ (ଏଜେନ୍ସି): ପଞ୍ଜାବ କପୁରଥଲା ଜିଲ୍ଲାର ନଡାଲା ଗାଁର ମନୀଷ ଶର୍ମା ନ୍ୟୁଜିଲାଣ୍ଡ ପୁଲିସ୍‌ରେ ଅଧିକାରୀ ଭାବେ ନିଯୁକ୍ତି ପାଇଛନ୍ତି। ତାଙ୍କର ଏହି ସଫଳତାରେ ପୂରା ଗାଁରେ ଆନନ୍ଦର ଲହରି ଖେଳିଯାଇଛି। ୧୦ମ ଓ ଦ୍ୱାଦଶ ପଢ଼ା ସରିବା ପରେ ମନୀଷ ୨୦୧୬ରେ ନ୍ୟୁଜିଲାଣ୍ଡ ଚାଲିଯାଇଥିଲେ। ସେଠାରେ ସେ କଠିନ ପରିଶ୍ରମ କରି ନିଜ ଅଧ୍ୟବସାୟ ବଳରେ ପୁଲିସ ଫୋର୍ସରେ ଭର୍ତ୍ତି ହୋଇଛନ୍ତି। ଦୀର୍ଘ ୩ ବର୍ଷ ଧରି ପରିଶ୍ରମ କରିବା ପରେ ସେ ଏହି ସଫଳତା ପାଇଛନ୍ତି ବୋଲି ମନୀଷଙ୍କ ପିତା ଓମ୍ ପ୍ରକାଶ ଶର୍ମା କହିଛନ୍ତି। ସେ ପରିବାର ସହିତ ପୂରା ଗାଁ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି ବୋଲି କହିଛନ୍ତି ଓମ ପ୍ରକାଶ। ତାଙ୍କୁ ଖୁବଶୀଘ୍ର ନ୍ୟୁଜିଲାଣ୍ଡର କୌଣସି ଜିଲ୍ଲାରେ ଅଧିକାରୀ ଭାବେ ନିଯୁକ୍ତି ମିଳିବ। ମନୀଷ ନିଜ ଗାଁରେ ୧୦ମ ପର୍ଯ୍ୟନ୍ତ ପଢ଼ିଥିଲେ। ଏହାପରେ ସେ ଜଳନ୍ଧରର ଏକ ପ୍ରତିଷ୍ଠିତ ସ୍କୁଲରେ ଦ୍ୱାଦଶ ପାସ୍ କରିଥିଲେ। ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ଆଲୋଚନା ହେଉଛି।

## ଦୁଇଜଣ ପର୍ଣ୍ଣଷ୍ଟାରଙ୍କୁ ଉପ-ମନ୍ତ୍ରୀ ଭାବେ ନିଯୁକ୍ତି ଦେଲେ କଲମ୍ବିଆ ରାଷ୍ଟ୍ରପତି



ନୂଆଦିଲ୍ଲୀ, ୨।୮ (ଏଜେନ୍ସି): କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋ ସମସ୍ତଙ୍କୁ ଚକିତ କରି ପର୍ଣ୍ଣ ଅର୍ଥାତ ଅଶ୍ଳୀଳ ସିନେମାରେ କାମ କରିଥିବା ଦୁଇଜଣଙ୍କୁ ଉପ-ମନ୍ତ୍ରୀ ଭାବେ ନିଯୁକ୍ତି ଦେଇଛନ୍ତି। ସେ ଆଲେଜାନ୍ଦ୍ରା ଓମାନା ଓ ଜୁଆନ୍ ମର୍ଲୋସ ଫ୍ଲୋରିୟାନଙ୍କୁ ସମାନତା ମନ୍ତ୍ରଣାଳୟରେ ଦାୟିତ୍ୱ ଅର୍ପଣ କରିଛନ୍ତି। ଓମାନା ଓ ଫ୍ଲୋରିୟାନ ଏବେ ସମାଜର ଦୁର୍ବଳ ବର୍ଗର ଲୋକଙ୍କ ନିକଟ ।ରେ ସରକାରୀ ସହାୟତା ପହଞ୍ଚାଇବାକୁ ପ୍ରୟାସ କରିବେ। ତେ ।ବେ ଏହି ଦୁଇ ପର୍ଣ୍ଣ ଷ୍ଟାରଙ୍କ ନିଯୁକ୍ତିକୁ ଉପରାଷ୍ଟ୍ରପତି ଫ୍ରାନ୍ସିଆ ମାର୍କେଜ ନାପସନ୍ଦ କରି ଅସନ୍ତୋଷ ଜାହିର କରିଛନ୍ତି। ଏହାଦ୍ୱାରା ସରକରାଙ୍କ ଛବି ତଥା ଭାବମୂର୍ତ୍ତି କ୍ଷୁଣ୍ଣ ।ହେବ ବୋଲି ସେ କହିଛନ୍ତି। ତେବେ ଗୁସ୍ତାଭୋ ଏହି ନିଯୁକ୍ତିକୁ ଠିକ୍ ବୋଲି ଦର୍ଶାଇଛନ୍ତି। ପ୍ରଥମେ ଏହି ମନ୍ତ୍ରଣାଳୟର ଦାୟିତ୍ୱ ଉପରାଷ୍ଟ୍ରପତିଙ୍କ ନିକଟରେ ଥିଲା। ଓମାନା ସାମ୍ବାଦିକତା ଛାଡି ପର୍ଣ୍ଣ ଇଣ୍ଡଷ୍ଟ୍ରିରେ ସକ୍ରିୟ ଥିଲେ। ସେହିପରି ଫ୍ଲୋରିୟାନ୍ ଖର୍ଚ୍ଚ ମେଣ୍ଟାଇବାକୁ ଯାଇ ପର୍ଣ୍ଣ ଇଣ୍ଡଷ୍ଟ୍ରିରେ ଯୋଗ ଦେଇଥିଲେ।

## ପଞ୍ଜାବ ଯୁବକଙ୍କର କମ୍ ହେଲା ବିଦେଶ ଯିବା ନିଶା

ଅମୃତସର, ୨।୮ (ଏଜେନ୍ସି): ପଞ୍ଜାବର ଯୁବକଙ୍କଠାରେ ବିଦେଶ ଯିବାର କ୍ରେଜ୍ ବା ନିଶା କମ୍ ହୋଇଛି। ଗତ କିଛି ବର୍ଷ ମଧ୍ୟରେ ଏହା ଦେଖିବାକୁ ମିଳିଛି। କାନାଡା ଓ ଅଷ୍ଟ୍ରେଲିଆ ସମେତ ଅନ୍ୟ ଦେଶଗୁଡିକରେ କଠୋର ଭିସା ନୀତି ଲାଗୁ ହେବା କାରଣରୁ ପଞ୍ଜାବରେ ପାସପୋର୍ଟ ବାହାର କରିବାର ସଂଖ୍ୟା ଯଥେଷ୍ଟ କମ୍ ହୋଇଛି। ୨୦୨୪ରେ ପ୍ରତିଦିନ ପାସପୋର୍ଟ ପାଇଁ ୨୯୦୬ ଆବେଦନ କରାଯାଇଥିଲା। କିନ୍ତୁ ୨୦୨୫ ଜାନୁଆରୀ ୧ରୁ ଜୁନ୍ ୩୦ ମଧ୍ୟରେ ପ୍ରତିଦିନ ୧୯୭୮ ପାର୍ସପୋର୍ଟ ପାଇଁ ଆବେଦନ କରାଯାଇଛି। କିନ୍ତୁ ପଞ୍ଜାବର ଆପ୍ ସରକାର ଏହାକୁ ନିଜର ସଫଳତା ବୋଲି କହୁଛନ୍ତି। କାରଣ ନିର୍ବାଚନ ପୂର୍ବରୁ ଆପ୍ 'ୱତନ ୱାପସୀ' ଅର୍ଥାତ ସ୍ୱଦେଶ ପ୍ରତ୍ୟାବର୍ତ୍ତନର ସ୍ଲୋଗାନ ଦେଉଥିଲା। କିନ୍ତୁ ଏହାର ପ୍ରକୃତ କାରଣ ଭିନ୍ନ ବୋଲି ଜଣାଯାଇଛି। ଆମେରିକା, ଅଷ୍ଟ୍ରେଲିଆ, କାନାଡା ନିଜର ଭିସା ଓ ଇମିଗ୍ରେସନ ନିୟମ କଡ଼ା କରିବା ଫଳରେ ବିଦେଶ ଯିବାକୁ ସ୍ୱପ୍ନ ଦେଖୁଥିବା ଯୁବକଙ୍କୁ ଏବେ ରାଜ୍ୟରେ ରହିବାକୁ ପଡୁଛି। ପୁଣି ସେମାନେ ଠକାମୀର ମଧ ଶିକାର ।ହେଉଛନ୍ତି। ଗତ ୧୦ ବର୍ଷରେ ପାସପୋର୍ଟ ବାହାର କରିବା ସଂଖ୍ୟାରେ ଯଥେଷ୍ଟ ହ୍ରାସ ପାଇଛି।

# ବଢ଼ିଲା ଆମେରିକା-ରୁଷ କଳି

## ସୁପରପାୱାର ମଧ୍ୟରେ ପରମାଣୁ ଯୁଦ୍ଧ ଧମକ
## ଆମେରିକା ପଠାଇଲା ପରମାଣୁ ସବମେରିନ୍
## ରୁଷ କହିଲା, ମୁକାବିଲା ପାଇଁ ଆମେ ପ୍ରସ୍ତୁତ



ୱାସିଂଟନ/ମସ୍କୋ, ୨।୮ (ଏଜେନ୍ସି): ଦୁଇ ସୁପରପାୱାର ଆମେରିକା ଏବଂ ରୁଷ ପରମାଣୁ ଯୁଦ୍ଧ ପାଇଁ ମୁହାଁମୁହିଁ ହୋଇଛନ୍ତି। ସମୁଦ୍ରରେ ରୁଷ ସୀମା ନିକଟରେ ପରମାଣୁ ସବମେରିନ ମୁତୟନ ଲାଗି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେବାପରେ ରୁଷ ଏହାର ମୁକାବିଲା ଲାଗି ପ୍ରସ୍ତୁତ ଥିବା କହିଛି। ବିଶ୍ୱ ନୋବେଲ ଶାନ୍ତି ପୁରସ୍କାର ଲାଗି ଦାବି ଜଣାଉଥିବା ଟ୍ରମ୍ପଙ୍କ ଏଭଳି ପଦକ୍ଷେପ ନେଇ ସଂପୃକ୍ତ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି।

ରୁଷର ପୂର୍ବତନ ରାଷ୍ଟ୍ରପତି ତଥା ରୁଷ ନିରାପତ୍ତା ପରିଷଦର ଉପାଧ୍ୟକ୍ଷ ଡିମେଟ୍ରି ମେଦଭେଦେଭ୍‌ଙ୍କ ଏକ ମନ୍ତବ୍ୟକୁ ନେଇ ଏଭଳି ଉତ୍ତେଜନା ଦେଖାଦେଇଛି। ରୁଷଠାରୁ ତେଲ ଓ ଅସ୍ତ୍ର କିଣୁଥିବା ଭାରତ ସମେତ କେତେକ ଦେଶମାନଙ୍କ ଉପରେ ୨୫ ପ୍ରତିଶତ ଶୁଳ୍କ କଟକଣା ଲଗାଇବା ଲାଗି ଟ୍ରମ୍ପଙ୍କ ଘୋଷଣା ପରେ କ୍ଷୁବ୍ଧ ହୋଇ ଧମକ ଦେଇଥିଲେ ଡିମେଟ୍ରି ମେଦଭେଦେଭ୍। ସେ କହିଥିଲେ ଯେ ରୁଷ କିମ୍ବା ଏହାର ନେତାମାନଙ୍କ ଉପରେ ଆକ୍ରମଣ ହେଲେ ପରମାଣୁ ଆକ୍ରମଣ କରିବାକୁ ପଛାଇବ ନାହିଁ ରୁଷ। ଏଥିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଡିମେଟ୍ରି ମେଦଭେଦେଭ୍‌ଙ୍କୁ ସମାଲୋଚନା କରିଥିଲେ ଟ୍ରମ୍ପ। ସେ କହିଥିଲେ ଯେ ଡିମେଟ୍ରି ମେଦଭେଦେଭ୍ ପିଲାଳିଆମି ଏବଂ ଉତ୍ତେଜନାମୂକ ମନ୍ତବ୍ୟ ଦେଉଛନ୍ତି। ତାଙ୍କର ଏଭଳି ମନ୍ତବ୍ୟର ଜବାବ ଦେବାକୁ ଯାଇ ଆମେରିକାର ଦୁଇଟି ପରମାଣୁ ସବମେରିନକୁ ରୁଷ ସୀମା ନିକଟ ସମୁଦ୍ରକୁ ପଠାଇବା ଲାଗି ଟ୍ରମ୍ପ ନିର୍ଦ୍ଦେଶ ଦେଇଥିଲେ।

ଟ୍ରମ୍ପଙ୍କ ଏଭଳି ଘୋଷଣା ପରେ ରୁଷ ପକ୍ଷରୁ କୁହାଯାଇଛି ଯେ ଆମେରିକାର ପରମାଣୁ ଧମକର ମୁକାବିଲା ଲାଗି ଆମେ ପ୍ରସ୍ତୁତ ଅଛୁ। ସମୁଦ୍ର ଯୁଦ୍ଧରେ ଆମେରିକା ତୁଳନାରେ ରୁଷର ଅଧିକ ଆଧିପତ୍ୟ ରହିଛି ବୋଲି ରୁଷର ଜଣେ ସରକାରୀ ମୁଖପାତ୍ର କହିଛନ୍ତି। ସେ କହିଛନ୍ତି ଯେ ଆମେରିକାର ଯେତେ ପରମାଣୁ ସବମେରିନ୍ ରହିଛି, ତାଠାରୁ ଢେର ଅଧିକ ସଂଖ୍ୟାରେ ରୁଷ ପାଖରେ ରହିଛି। ତେଣୁ ଆମେରିକାର ଏଭଳି ଧମକ ରୁଷ ପାଇଁ ବିଶେଷ ଗୁରୁତ୍ୱ ବହନ କରୁନାହିଁ। ତେବେ ସେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଆଭିମୁଖ୍ୟର କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଆମେରିକାର ରାଷ୍ଟ୍ରପତି ଦାୟିତ୍ୱହୀନ ମନ୍ତବ୍ୟ ନେଇ ଅଯଥାରେ ଉତ୍ତେଜନା ବଢ଼ାଉଛନ୍ତି।

ସୂଚନାଯୋଗ୍ୟ ଯେ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଟ୍ରମ୍ପ ରୁଷ୍ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧବିରତି ଲାଗି ଉଦ୍ୟମ କରି ଆସୁଛନ୍ତି। କିନ୍ତୁ ଏଥିରେ ବିଶେଷ ସଫଳତା ମିଳୁନଥିବାରୁ ସେ କ୍ଷୁବ୍ଧ ହୋଇ ରୁଷକୁ ଏକଘରିକିଆ କରିବାକୁ ଉଦ୍ୟମ ଚଳାଇଛନ୍ତି। ତେଣୁ ରୁଷ ସହିତ ସଂପର୍କ ଛିନ୍ନ କରିବା ଲାଗି ବିଭିନ୍ନ ଦେଶ ଉପରେ ଚାପ ପକାଉଛନ୍ତି। ରୁଷରୁ ତେଲ ଓ ଅସ୍ତ୍ର କିଣୁଥିବା ଦେଶମାନଙ୍କ ଉପରେ ଟ୍ରମ୍ପ ବାଣିଜ୍ୟ କଟକଣା ଘୋଷଣା କରିଛନ୍ତି। ଏହିକ୍ରମରେ ଭାରତୀୟ ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇବାକୁ ସେ ଘୋଷଣା କରିଥିବାରୁ ରୁଷ କ୍ଷୁବ୍ଧ ହୋଇ ଏଭଳି ଧମକ ଦେଇଥିଲା ବୋଲି କୁହାଯାଉଛି।

## ଜମ୍ମୁ-କଶ୍ମୀରରେ ପୁଣି ଏନ୍‌କାଉଣ୍ଟର, ୨ ଆତଙ୍କୀ ମୃତ

ଶ୍ରୀନଗର, ୨।୮ (ଏଜେନ୍ସି): ଜମ୍ମୁ- କଶ୍ମୀର କୁଲଗାମର ଅଖଲ ଜଙ୍ଗଲରେ ଶନିବାର ଦୁଇଜଣ ଆତଙ୍କବାଦୀ ସୁରକ୍ଷାକର୍ମୀଙ୍କ ସହ ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି। ଦୁଇଜଣଙ୍କ ମୃତଦେହ ଜବତ କରାଯାଇଛି। ଏମାନଙ୍କ ମଧ୍ୟରୁ ଜଣେ ହେଉଛି ପୁଲୱାମାର ହାରିସ ନଜିର ଦାର। ତେବେ ଦ୍ୱିତୀୟ ଆତଙ୍କୀର ପରିଚୟ ମିଳିପାରିନାହିଁ। ହାରିସ୍ ସକାଳେ ନିହତ ହୋଇଥିଲା। ସେହିପରି ଅନ୍ୟଜଣକ ଦ୍ୱିପହରରେ ମୃତ ବୋଲି ଜଣାପଡ଼ିଥିଲା। ସ୍ପେଶାଲ ଅପରେସନ ଗ୍ରୁପ୍, ଜମ୍ମୁ- କଶ୍ମୀର ପୁଲିସ, ସେନା ଓ ସିଆରପିଏଫ୍ ମିଳିତ ଭାବେ ଏହି 'ଅପରେସନ ଅଖଲ'କୁ ସଫଳ କରାଯାଇଛନ୍ତି। ହାରିସ ସି- ବର୍ଗର ଆତଙ୍କବାଦୀ ଥିଲା। ପହଲଗାମ ଆକ୍ରମଣ ପରେ ଗୋଇନ୍ଦା ବିଭାଗ ଏପ୍ରିଲ ୨୬ ତାରିଖରେ ଆତଙ୍କବାଦୀଙ୍କର ଏକ ତାଲିକା ଜାରି କରିଥିଲା। ଏଥିରେ ଉଲ୍ଲେଖ ଥିବା ୧୪ ଜଣ ସ୍ଥାନୀୟ ଆତଙ୍କବାଦୀଙ୍କ ମଧ୍ୟରେ ହାରିସର ନାମ ଥିଲା। ଏହି ଦୁଇ ଆତଙ୍କବାଦୀଙ୍କଠାରୁ ଏକେ-୪୭ ରାଇଫଲ, ମାଗାଜିନ, ଗ୍ରେନେଡ୍ ଓ ଗୋଳା ବାରୁଦ ଜବତ କରାଯାଇଛି। ଶୁକ୍ରବାର ରାତିରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା। ସର୍ଚ୍ଚ ଅପରେସନ ବେଳେ ଆତଙ୍କବାଦୀମାନେ ଗୁଳି ଚଳାଇଥିଲେ। ଜଙ୍ଗଲରେ ଏବେ ମଧ୍ୟ କେତେଜଣ ଆତଙ୍କବାଦୀ ଲୁଚି ରହିଛନ୍ତି ଓ ଦୁଇପଟୁ ଗୁଳି ବିନିମୟ ଚାଲିଛି। ୧୪ ସ୍ଥାନୀୟ ଆତଙ୍କବାଦୀଙ୍କ ମଧ୍ୟରୁ ୭ ଜଣ ସୁରକ୍ଷାକର୍ମୀଙ୍କ ଦ୍ୱାରା ନିହତ ହୋଇଥିବା ବେଳେ ବାକି ୭ ଜଣଙ୍କ ଖୋଜା ଜାରି ରହିଛି।

## ଗୋଟିଏ ସପ୍ତାହ ପୂର୍ବରୁ ବନ୍ଦ ହେଲା ଅମରନାଥ ଯାତ୍ରା

ଶ୍ରୀନଗର, ୨।୮ (ଏଜେନ୍ସି): ଅମରନାଥ ଯାତ୍ରାକୁ ବନ୍ଦ କରାଯାଇଛି। ଏହି ପବିତ୍ର ଯାତ୍ରା ଅଗଷ୍ଟ ୯ ପର୍ଯ୍ୟନ୍ତ ଚାଲିବାର ଥିଲା। କିନ୍ତୁ ପ୍ରବଳ ବର୍ଷା କାରଣରୁ ରାସ୍ତା ଖରାପ୍ ହେବାରୁ ଏହାକୁ ଅଗଷ୍ଟ ୩ରେ ହିଁ ବନ୍ଦ କରାଯାଇଛି। ଅମରନାଥ ଯାତ୍ରା ଜୁଲାଇ ୩ ତାରିଖରୁ ଆରମ୍ଭ ହୋଇଥିଲା ଓ ଅଗଷ୍ଟ ୯ ରେ ରାଖୀ ପୂର୍ଣ୍ଣିମା ଦିନ ଶେଷ ହେବାର କାର୍ଯ୍ୟକ୍ରମ ଥିଲା। ଚଳିତବର୍ଷ ୪ ଲକ୍ଷ ୧୦ ହଜାର ଶ୍ରଦ୍ଧାଳୁ ଅମରନାଥ ଦର୍ଶନ କରି ସାରିଛନ୍ତି। କିନ୍ତୁ ଗତବର୍ଷ ୫ ଲକ୍ଷ ୧୦ ହଜାର ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ପ୍ରବଳ ବର୍ଷା ହେବା କାରଣରୁ ଯାତ୍ରା ମାର୍ଗ ତଥା ରାସ୍ତା ଖରାପ ହୋଇଯାଇଛି ବୋଲି କଶ୍ମୀର ଡିଭିଜନାଲ କମିସନର ବିଜୟ କୁମାର ବିଧୁଡି କହିଛନ୍ତି। ବାଲଟାଲ ଓ ପହଲଗାମ ରାସ୍ତା ଅତି ଖରାପ ହୋଇଥିବା ବେଳେ ଏହି ଦୁଇଟି ରାସ୍ତାର ମରାମତି କରାଯିବ। ଏଥିପାଇଁ ଯାତ୍ରାକୁ ଆଗୁଆ ଶେଷ କରିବାକୁ ପଡ଼ିଲା। ରାସ୍ତା ଉପରେ ମେସିନ ଓ କର୍ମୀଙ୍କ କ୍ରମାଗତ ଉପସ୍ଥିତି ଯାତ୍ରାରେ ଅନ୍ତରାୟ ସୃଷ୍ଟି କରିଥିଲା ବୋଲି ସେ କହିଛନ୍ତି। ଗତ ୨୦୨୪ର ଯାତ୍ରା ୫୨ ଦିନର ଥିଲା। ସେହିପରି ୨୦୨୩ରେ ୬୨, ୨୦୨୨ରେ ୪୩, ୨୦୧୯ ରେ ଯାତ୍ରା ୪୬ ଦିନ ପର୍ଯ୍ୟନ୍ତ ଚାଲିଥିଲା।

## ସରକାରୀ ଘର ଛାଡ଼ିଲେ ପୂର୍ବତନ ସିଜେଆଇ ଚନ୍ଦ୍ରଚୂଡ

ନୂଆଦିଲ୍ଲୀ, ୨।୮ (ଏଜେନ୍ସି): ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ୍ ରାଜଧାନୀ ଦିଲ୍ଲୀସ୍ଥିତ ତାଙ୍କ ସରକରୀ ବାସଭବନ ଆନୁଷ୍ଠାନିକ ଭାବେ ଖାଲି କରିଛନ୍ତି। ସେ ୨୦୨୪ ନଭେମ୍ବର ୮ ରେ ଭାରତର ୫୦ତମ ପ୍ରଧାନ ବିଚାରପତି ଭାବେ ଅବସର ଗ୍ରହଣ କରିଥିଲେ। ନିର୍ଦ୍ଧାରିତ ସମୟଠାରୁ ଅଧିକ ସମୟ ବାସଭବନରେ ରହିଥିବାରୁ ବିବାଦ ସୃଷ୍ଟି ହୋଇଥିଲା। ଜଷ୍ଟିସ ଚନ୍ଦ୍ରଚୂଡ ପତ୍ନୀ କଳ୍ପନା ଓ ଦୁଇ ଝିଅ ପ୍ରିୟଙ୍କା ଏବଂ ମାହୀ କ୍ରିଷ୍ଣା ମେନନ ମାର୍ଗସ୍ଥିତ ବାସଭବନରେ ରହିଆସୁଥିଲେ। ଆମେ ଜିନିଷ ପତ୍ର ବାନ୍ଧି ସାରିଛୁ ଓ କିଛି ଜିନିଷ ପୂର୍ବରୁ ନୂଆ ଘରକୁ ସ୍ଥାନାନ୍ତର କରିଛୁ ବୋଲି ସେ କହିଛନ୍ତି। ଦୁଇ ଝିଅଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାର ଦୁହେଁ ହ୍ୱିଲ ଚେୟାରରେ ରହୁଛନ୍ତି। ସେଥିପାଇଁ ଘର ଛାଡିବାରେ ସମସ୍ୟା ଥିଲା ବୋଲି ସେ କହିଥିଲେ। ନୂଆ ଘର ନମିଳିବା ପର୍ଯ୍ୟନ୍ତ ସରକାରୀ ବାସଭବନ ଛାଡିବାରେ ସମସ୍ୟା ଥିଲା ବୋଲି ସେ କହିଛନ୍ତି।

## କେରଳ ନନ୍‌ଙ୍କୁ ମିଳିଲା ଜାମିନ

ରାୟପୁର, ୨।୮ (ଏଜେନ୍ସି): ଛତିଶଗଡ଼ରେ ଗିରଫ ହୋଇଥିବା କେରଳର ଦୁଇ ଜଣ ନନ୍‌ଙ୍କୁ ଜାମିନ ମିଳିଛି। ବିଳାଶପୁରର ଏକ ସ୍ୱତନ୍ତ୍ର କୋର୍ଟ ଶନିବାର ନନ୍‌ଙ୍କ ସମେତ ୩ଜଣଙ୍କୁ ଜାମିନ ଦେଇଛନ୍ତି। ଜବରଦସ୍ତି ଧର୍ମାନ୍ତରୀକରଣ ଓ ମାନବ ଚାଲାଣ ଅଭିଯୋଗରେ ତାଙ୍କୁ ଛତିଶଗଡ଼ ପୁଲିସ ଗିରଫ କରିଥିଲା। ଜିଆରପି ଥାନାରେ ବଜରଙ୍ଗ ଦଳ ଏହି ୩ ଜଣଙ୍କ ନାମରେ ଏଫ୍ଆଇଆର୍ ରୁଜୁ କରିଥିଲେ। ଗତ ୯ ଦିନ ହେବ ଏହି ୩ଜଣ ମିସନାରୀ ଦୁର୍ଗ ଜେଲରେ ବନ୍ଦ ଥିଲେ। ବିଳାଶପୁରର ଏନ୍ଆଇଏ କୋର୍ଟ ୫୦-୫୦ ହଜାର ଟଙ୍କା ମୁଚାଲିକାରେ ଜାମିନ ଦେଇଛନ୍ତି। କେରଳର କ୍ୟାଥଲିକ ନନ୍ ପ୍ରୀତି ମେରୀ ଓ ବନ୍ଦନା ଫ୍ରାନସିସ୍‌ଙ୍କ ସମେତ ସୁକମନ ମାଣ୍ଡବୀଙ୍କୁ ଜୁଲାଇ ୨୫ରେ ଦୁର୍ଗ ରେଳ ଷ୍ଟେସନରେ ଗିରଫ କରାଯାଥିଲା।

## ଦୁଷ୍କର୍ମ ମାମଲାରେ ପ୍ରଜ୍ୱଳ ରେବନ୍ନାଙ୍କୁ ଆଜୀବନ କାରାଦଣ୍ଡ



ମହୀଶୂର, ୨।୮ (ଏଜେନ୍ସି): ଜଣେ ଘରୋଇ ସହାୟିକାଙ୍କୁ ଦୁଷ୍କର୍ମ ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବଗୌଡାଙ୍କ ନାତି ତଥା ପୂର୍ବତନ ସାଂସଦ ପ୍ରଜ୍ୱଳ ରେଭନ୍ନାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ବେଙ୍ଗାଲୁରୁର ଏକ ସ୍ୱତନ୍ତ୍ର କୋର୍ଟ ଶନିବାର ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ତାଙ୍କୁ ୧୧.୫୦ ଲକ୍ଷ ଟଙ୍କାର ଜରିମାନା ମଧ୍ୟ କରାଯାଇଛି। ପୀଡିତାଙ୍କୁ ୧୧.୨୫ ଲକ୍ଷ ଟଙ୍କା ଦେବାକୁ କୋର୍ଟ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତକାଲି କୋର୍ଟ ରେଭନ୍ନାଙ୍କୁ ଦୋଷୀ ସାବ୍ୟସ୍ତ କରିଥିବା ବେଳେ ଆଜି ଦଣ୍ଡାଦେଶ ଶୁଣାଇଛନ୍ତି।

ଉଲ୍ଲେଖଥାଉ କି, ରେଭନ୍ନାଙ୍କ ପରିବାରର ଫାର୍ମ ହାଉସ୍‌ରେ କାମ କରୁଥିବା ଜଣେ ୪୭ ବର୍ଷୀୟ ମହିଳା ଗତବର୍ଷ ଏପ୍ରିଲ୍‌ରେ ତାଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଆଣିଥିଲେ। ୨୦୨୧ରେ ରେଭନ୍ନା ତାଙ୍କୁ ବହୁଥର ଦୁଷ୍କର୍ମ କରିଥିଲେ ଓ ଘଟଣାକୁ କାହା ଆଗରେ ପ୍ରକାଶ ନ କରିବାକୁ ଧମକ ଦେଇଥିଲେ ବୋଲି ସେ ଅଭିଯୋଗ କରିଥିଲେ। ନହେଲେ ଅଶ୍ଳୀଳ ଚିତ୍ର ଲିକ୍ କରିବାକୁ ମଧ୍ୟ ଧମକ ଦେଇଥିଲେ। ତାଙ୍କ ବିରୋଧରେ ପାଖାପାଖି ୨୦୦ ଅଶ୍ଳୀଳ ଭିଡିଓ ଓ ୧୨୩ଟି ଅନ୍ୟ ପ୍ରମାଣ କୋର୍ଟରେ ଉପସ୍ଥାପନା କରାଯାଇଥିଲା। ଜୁଲାଇ ୧୮ ରେ ଏହି ମାମଲାରେ କୋର୍ଟ ଶୁଣାଣି ପୂରା କରିଥିଲେ। ରେଭନ୍ନାଙ୍କ ବିରୋଧରେ ବିଭିନ୍ନ ଧାରାରେ ଅଭିଯୋଗ କରାଯାଇଥିଲା।

ତାଙ୍କ ବିରୋଧରେ ମୋଟ୍ ଉପରେ ୪ଟି ଦୁଷ୍କର୍ମ ମାମଲା ରହିଛି। କିନ୍ତୁ ସେ ପ୍ରଥମଥର ପାଇଁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୨୦୨୪ ମେ ୩୧ରେ ଜର୍ମାନୀରୁ ପ୍ରତ୍ୟାବର୍ତ୍ତନ କରିବା ପରେ ହିଁ ତାଙ୍କୁ ଗିରଫ କରାଯାଇଥିଲା। ଦେଶ ଛାଡି ୩୫ ଦିନ ସେ ବିଦେଶରେ ରହିଥିଲେ। ସେତେବେଳେ ସେ କର୍ଣ୍ଣାଟକ ହାସନ ସିଟ୍‌ରେ ସାଂସଦ ଥିଲେ। ତାଙ୍କ ବିରୋଧରେ ୫୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ଯୌନ ଉତ୍ପୀଡନ ଦେଇଥିବାର ଅଭିଯୋଗ ରହିଛି। ଦୁଷ୍କର୍ମ ଓ ଯୌନ ଉତ୍ପୀଡନ ସମେତ ତାଙ୍କ ବିରୋଧରେ ବ୍ଲାକମେଲିଂ ଓ ଧମକ ଦେବା ନେଇ ୪ଟି ମାମଲା ରୁଜୁ କରାଯାଇଛି। ୨୦୨୪ ଏପ୍ରିଲ ୨୪ରେ ହାସନରେ ଏକ ଷ୍ଟାଡିୟମର ରନିଂ ଟ୍ରାକ ଉପରେ ଶହେରୁ ଅଧିକ ପେନ୍ ଡ୍ରାଇଭ ମିଳିଥିଲା ଓ ଏଥିରେ ପ୍ରଜ୍ୱଳଙ୍କର ୨,୯୭୦ ସେକ୍ସ କ୍ଲିପ୍ ଥିଲା। ସେବେଠାରୁ ଏହି ମାମଲା ଚର୍ଚ୍ଚା ପରିସରକୁ ଆସିଥିଲା।

## ଜମି କିଣାବିକା ମାମଲାରେ ରବର୍ଟ ଭଦ୍ରାଙ୍କୁ ନୋଟିସ

ଗୁରୁଗ୍ରାମ, ୨।୮ (ଏଜେନ୍ସି): ହରିୟାଣାର ଗୁରୁଗ୍ରାମ୍‌ର ଶିକୋହପୁରରେ ଜମି କିଣା ବିକା ଓ ମନି ଲଣ୍ଡରିଂ ମାମଲାରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କ ସ୍ୱାମୀ ରବର୍ଟ ଭଦ୍ରାଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କୁ ଦିଲ୍ଲୀର ରୋଜ ଆଭେନ୍ୟୁ କୋର୍ଟ ନୋଟିସ ଜାରି କରିଛନ୍ତି। ଆଗାମୀ ଶୁଣାଣି ପୂର୍ବରୁ ହିଁ ଅଭିଯୁକ୍ତମାନଙ୍କୁ କୋର୍ଟରେ ନିଜର ପକ୍ଷ ରଖିବାକୁ ଏହି ନୋଟିସ ଜାରି କରାଯାଇଛି। ଆଗାମୀ ଶୁଣାଣି ଅଗଷ୍ଟ ୨୮ ତାରିଖରେ ହେବ। ଶନିବାର ଏହି ମାମଲାର ଶୁଣାଣି ହେବା ପରେ ବିଚାରପତି ସୁସାନ୍ତ ଚଙ୍ଗୋତ୍ରା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ପକ୍ଷ ଶୁଣିବା ପରେ ଅଭିଯୁକ୍ତମାନଙ୍କ ପାଖକୁ ଏହି ନୋଟିସ ପଠାଇଛନ୍ତି। ଇଡି କିଛି ଦିନତଳେ ଭଦ୍ରାଙ୍କ ବିରୋଧରେ କୋର୍ଟରେ ଆରୋପ ପତ୍ର ଦାଏର କରିଛି। ଭଦ୍ରା ୭ କୋଟି ଟଙ୍କାରେ ଜମି କ୍ରୟ କରି ୫୮ କୋଟି ଟଙ୍କାରେ ବିକ୍ରି କରିଥିବାର ଅଭିଯୋଗ ହୋଇଥିଲା।

## ଶିବୁ ସୋରେନ ସଂକଟାପନ୍ନ

ନୂଆଦିଲ୍ଲୀ, ୨।୮ (ଏଜେନ୍ସି): ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍) ଅଧ୍ୟକ୍ଷ ଶିବୁ ସୋରେନଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହୋଇଛି। ତାଙ୍କୁ ରାଜଧାନୀ ଦିଲ୍ଲୀର ଶ୍ରୀ ଗଙ୍ଗାରାମ ହସ୍ପିଟାଲରେ ମାସେ ପୂର୍ବରୁ ଭର୍ତ୍ତି କରାଯାଇଥିଲା। କିଡନୀ ସମ୍ପର୍କିତ ସମସ୍ୟା ପାଇଁ ତାଙ୍କୁ ଜୁନ୍ ଶେଷ ସପ୍ତାହରେ ଭର୍ତ୍ତି କରାଯାଇଥିଲା। ସେ ଏବେ ଭେଣ୍ଟିଲେଟର ସପୋର୍ଟରେ ରହିଛନ୍ତି। ୮୧ ବର୍ଷୀୟ ସୋରେନ ଏହି ହସ୍ପିଟାଲ୍‌ରେ ଦୀର୍ଘଦିନ ଧରି ଚିକିତ୍ସିତ ହୋଇ ଆସୁଛନ୍ତି। ଗତ ଜୁନ୍ ୨୪ ତାରିଖରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ତଥା ତାଙ୍କ ପୁତ୍ର ହେମନ୍ତ ସୋରେନ ତାଙ୍କୁ ହସ୍ପିଟାଲରେ ଭେଟିଥିଲେ। ସେ ଗତ ୩୮ ବର୍ଷ ଧରି ଜେଏମ୍‌ଏମ୍‌ର ପ୍ରମୁଖ ନେତା ରହିଆସିଛନ୍ତି। ୧୯୭୭ରେ ସେ ପ୍ରଥମଥର ପାଇଁ ନିର୍ବାଚନ ଲଢିଥିଲେ ଓ ପରାସ୍ତ ହୋଇଥିଲେ। କିନ୍ତୁ ୧୯୮୦ରୁ ସେ କ୍ରମାଗତ ଭାବେ ସାଂସଦ ରହିଆସିଛନ୍ତି। ବିହାରଠାରୁ ଅଲଗା ହେବା ପରେ ସେ ୩ଥର ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ୨୦୦୫, ୨୦୦୮ ଓ ୨୦୦୯ରେ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ମଧ୍ୟ କେବେବି କାର୍ଯ୍ୟକାଳ ପୂରା କରିନଥିଲେ।

## ଭୋଟର ତାଲିକାରେ ମୋର, ପତ୍ନୀଙ୍କ ନାମ ନାହିଁ: ତେଜସ୍ୱୀ



ପାଟନା, ୨।୮ (ଏଜେନ୍ସି): ବିହାରରେ ବିବାଦୀୟ ଭୋଟର ତାଲିକା ସଂଶୋଧନ ନେଇ ନିର୍ବାଚନ କମିସନ ବଡ଼ ଧରଣର ବିରୋଧର ସମ୍ମୁଖୀନ ହୋଇଥିବା ବେଳେ ଆରଜେଡି ନେତା ତଥା ବିହାର ବିଧାନସଭାରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଆଜି ଏକ ଗୁରୁତର ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ ତାଙ୍କର ଓ ତାଙ୍କ ପତ୍ନୀଙ୍କ ନାମ ସଂଶୋଧିତ ଭୋଟର ତାଲିକାରେ ନାହିଁ। କିନ୍ତୁ ତାଙ୍କର ଏହି ଅଭିଯୋଗକୁ ପ୍ରମାଣ ସହିତ ଖଣ୍ଡନ କରିଛନ୍ତି ନିର୍ବାଚନ କମିସନ।

ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ତେଜସ୍ୱୀ କହିଛନ୍ତି ଯେ ତାଙ୍କ ନାମକୁ କମିସନ ଭୋଟର ତାଲିକାରୁ କାଟି ଦେଇଛନ୍ତି। କିଭଳି ଭାବେ ନିର୍ବାଚନ ଲଢିବି ବୋଲି ସେ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ଯାହା ଲାଗୁଛି ତାଙ୍କୁ ଏବେ ନାଗରିକତ୍ୱ ହରାଇବାକୁ ପଡ଼ିବ ଏବଂ ସେ ବାସହୀନ ହୋଇପଡ଼ିବେ। ତାଙ୍କ ଘରକୁ ବୁଥ ଅଧିକାରୀ ଆସିଥିଲେ ଏବଂ ସେ ଫର୍ମ ପୂରଣ କରିଥିଲେ। ବୁଥ୍ ଅଧିକାରୀ ତାଙ୍କ ଠାରୁ ଫର୍ମ ନେଇଥିବାର ଫଟୋ ମଧ୍ୟ ତାଙ୍କ ପାଖରେ ରହିଛି। ତେବେ ସେ ଫର୍ମ ପୂରଣ କରିଥିବାରୁ ଏହାର ରସିଦ ଦେଇ ନାହାନ୍ତି ଅଧିକାରୀ। ତେଣୁ ଏହା ପଛରେ କିଛି ଷଡ଼ଯନ୍ତ୍ର ରହିଛି ବୋଲି ସେ ଅଭିଯୋଗ କରିଛନ୍ତି।

ତେବେ ତାଙ୍କର ଏହି ଅଭିଯୋଗକୁ ଖାରଜ କରିଛନ୍ତି ନିର୍ବାଚନ କମିସନ। କମିସନ ପକ୍ଷରୁ କୁହାଯାଇଛି ଯେ ଦୀଘା ବିଧାନସଭା କ୍ଷେତ୍ରରେ ବୁଥ ନଂ ୨୦୪ରେ ତେଜସ୍ୱୀ ଓ ତାଙ୍କ ପତ୍ନୀ ରାଜଶ୍ରୀଙ୍କ ନାମ ରହିଛି। ପାଟନା ଜିଲ୍ଲାପାଳ ଏସ୍‌ଏନ୍ ତ୍ୟାଗରାଜନ ତାଲିକା ଜାରି କରି ତେଜସ୍ୱୀ ଓ ତାଙ୍କ ପତ୍ନୀଙ୍କ ନାମ ଥିବା ସ୍ପଷ୍ଟ କରିଛନ୍ତି। ମତଦାନ କେନ୍ଦ୍ର ସଂଖ୍ୟା ୨୦୪, ବିହାର ପଶୁ ବିଜ୍ଞାନ ବିଶ୍ୱବିଦ୍ୟାଳୟର ପୁସ୍ତକାଳୟ ଭବନ, କ୍ରମିକ ସଂଖ୍ୟା ୪୧୬ରେ ତେଜସ୍ୱୀଙ୍କ ନାମ ରହିଛି ବୋଲି ସେ କହିଛନ୍ତି।

## ୭ ମାସରେ ୧୭୦୦ ଭାରତୀୟଙ୍କୁ ବାହାର କରିଛି ଆମେରିକା



ନୂଆଦିଲ୍ଲୀ, ୨।୮ (ଏଜେନ୍ସି): ଚଳିତ ୨୦୨୫ ବର୍ଷର ପ୍ରଥମ ୭ ମାସରେ ଆମେରିକା ୧୭୦୦ ଭାରତୀୟଙ୍କୁ ନିଜ ଦେଶରୁ ବାହାର କରିଛି। ଏମାନଙ୍କ ମଧ୍ୟରେ ୧୫୬୨ ପୁରୁଷ ଓ ୧୪୧ ମହିଳା ସାମିଲ ରହିଛନ୍ତି। ଲୋକସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କିର୍ତ୍ତି ବର୍ଦ୍ଧନ ସିଂ ଏହି ସୂଚନା ଦେଇଛନ୍ତି। ଡିଏମ୍‌କେ ସାଂସଦ କାନିମୋଝୀ ଏହି ପ୍ରଶ୍ନ ପଚାରିଥିଲେ। ଗତ ୫ ବର୍ଷ ମଧ୍ୟରେ ଅର୍ଥାତ ୨୦୨୦ରୁ ଏପର୍ଯ୍ୟନ୍ତ ଆମେରିକାରୁ ମୋଟ୍ ୫୫୪୧ ଭାରତୀୟଙ୍କୁ ବହିଷ୍କାର କରାଯାଇଛି ବୋଲି ସେ କହିଛନ୍ତି। ଅନ୍ୟପଟେ ଏହି ୫ ବର୍ଷ ମଧ୍ୟରେ ବ୍ରିଟେନ ୩୧୧ ଜଣ ଭାରତୀୟଙ୍କୁ ବିଦା କରିଛି। ସେହିପରି ୨୦୨୫ରେ ୧୩୧ ଭରାତୀୟଙ୍କୁ ବ୍ରିଟେନରୁ ବିଦା କରାଯାଇଛି। ଏହି ସଂଖ୍ୟାରେ ଅନ୍ତର ଆସିପାରେ ବୋଲି ସେ କହିଛନ୍ତି। କାରଣ କେତେଜଣ ଭାରତୀୟଙ୍କ ପାଖରେ ବୈଧ ଦସ୍ତାବିଜ ଥିଲେ ମଧ୍ୟ ବ୍ରିଟେନ ସେମାନଙ୍କୁ ବିଦା କରିଛି। ବିଭିନ୍ନ ଦେଶରୁ ଭାରତୀୟମାନଙ୍କୁ ଡିପୋର୍ଟ କରାଯିବା ଅବସରରେ ସେମାନଙ୍କ ସହ ଯେପରି ଅମାନବୀୟ ବ୍ୟବହାର ନ କରାଯାଏ, ସେଥିପାଇଁ ଏହି ଦେଶଗୁଡିକ ସହ ଭାରତ ସମ୍ପର୍କ ରକ୍ଷା କରିଆସୁଛି। ଉଲ୍ଲେଖଥାଉ କି ଭାରତୀୟଙ୍କ ହାତ ଓ ଗୋଡରେ ଚେନ୍ ବାନ୍ଧି ଆମେରିକା ଡିପୋର୍ଟ କରିଥିଲା ଓ ଏ ନେଇ ସେତେବେଳେ କେନ୍ଦ୍ର ସରକାର ପ୍ରବଳ ସମାଲୋଚନାର ସମ୍ମୁଖୀନ ହୋଇଥିଲେ।

### ଗତ ୫ ବର୍ଷରେ ୫୫୪୧ଙ୍କୁ ଡିପୋର୍ଟ କରାଯାଇଛି

# ସାଗରିକା ନାଥ ଏନ୍ଆଇଏ ଏସ୍ପି

ଭୁବନେଶ୍ୱର,୨।୮ (ସମିସ): ୨୦୧୬ ଓଡ଼ିଶା କ୍ୟାଡର ଆଇପିଏସ୍ ସାଗରିକା ନାଥଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍ଆଇଏର ଏସ୍ପି ଭାବେ ନିଯୁକ୍ତି ମିଳିଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏନ୍ଆଇଏରେ ଏସ୍ପି ଭାବେ ସାଗରିକା ନାଥଙ୍କୁ ନିଯୁକ୍ତି ଦିଆଯାଇଥିବା ବିଜ୍ଞପ୍ତି ପ୍ରକାଶ ପାଇଛି। ଏନେଇ ଭାରତୀୟ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶାର ମୁଖ୍ୟ ସଚିବଙ୍କୁ ୨୦୨୫ ଜୁଲାଇ ୩୧ରେ ଚିଠି ଲେଖାଯାଇଛି। ତାଙ୍କୁ ଓଡ଼ିଶା ଏନଆଇଏ ଦାୟିତ୍ୱ ମିଳିପାରେ ବୋଲି କୁହାଯାଉଛି।



ଉଲ୍ଲେଖନୀୟ ଯେ ରାଜ୍ୟରେ ଟ୍ରାଫିକ ନିୟମ ପାଳନ ନେଇ ଏବଂ କଡ଼ାକଡ଼ି ନିୟମ ଲାଗୁ ନେଇ ବେଶ ଚର୍ଚ୍ଚାରେ ଥିଲେ ସାଗରିକା ନାଥ। ୩୭ ବର୍ଷୀୟା ସାଗରିକ ନାଥ ହେଉଛନ୍ତି ୨୦୧୬ ବ୍ୟାଚର ଓଡ଼ିଶା କ୍ୟାଡରର ଆଇପିଏସ୍ ଅଫିସର। କେନ୍ଦ୍ରୀୟ ଡେପୁଟେସନରେ ଯାଉଥିବା ସାଗରିକାଙ୍କୁ ଏନଆଇଏର ଏସପି ଭାବେ ନିଯୁକ୍ତ ଦିଆଯାଇଛି। ସେ ଏବେ ଖୋର୍ଦ୍ଧା ଏସପି ଭାବେ କାର୍ଯ୍ୟରତ। ଏହା ପୂର୍ବରୁ ସେ ବାଲେଶ୍ୱର ଏବଂ ସୁନ୍ଦରଗଡ଼ରେ ଏସ୍ପି ଭାବେ କାମ କରିଥିଲେ। ଭୁବନେଶ୍ୱର କମିସନରେଟ୍ ପୁଲିସରେ ଥିବା ବେଳେ ଚାଳକଙ୍କ ପ୍ରତି ନିଜର ଉତ୍ତମ ବ୍ୟବହାର ଓ ଟ୍ରାଫିକ୍ ନିୟକ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଚର୍ଚ୍ଚାରେ ଥିଲେ ସାଗରିକା। ତାଙ୍କୁ ଏନଆଇଏ ଭୁବନେଶ୍ୱର ଏସ୍ପି ଅଫିସରେ ନିଯୁକ୍ତି ମିଳିପାରେ ବୋଲି କୁହାଯାଉଛି। ଏନେଇ ସାଗରିକା ନାଥ କହିଛନ୍ତି ଯେ ତାଙ୍କୁ ପ୍ରଥମେ ଦିଲ୍ଲୀରେ ଯୋଗଦେବାକୁ ପଡ଼ିବ। ପରେ ତାଙ୍କ ଏନ୍ଆଇଏ ଡିଜି ଯେଉଁଠି ନିଯୁକ୍ତି ଦେବେ ତାହା ସେ ଗ୍ରହଣ କରିବେ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ସାଗରିକାଙ୍କ ମୂଳ ଘର ହେଉଛି ଢେଙ୍କାନାଳ ଜିଲ୍ଲାରେ। ତାଙ୍କ ବାପା ପ୍ରଦୀପ କୁମାର ନାଥ ନାଲକୋରେ ଡିଜିଏମ୍ ଥିଲେ। ଦାଦା ସୁଶାନ୍ତ ନାଥ ମଧ୍ୟ ଓଡ଼ିଶା କ୍ୟାଡର୍ ଆଇପିଏସ୍। ସେ କୋରାପୁଟ ଜିଲ୍ଲାର ଦାମନଯୋଡ଼ି ଦିଲ୍ଲୀ ପବ୍ଲିକ୍ ସ୍କୁଲରୁ ମାଟ୍ରିକ୍ ପାସ୍ କରିଥିଲେ। ବିଶାଖାପାଟଣାରେ ଯୁକ୍ତଦୁଇ ପଢ଼ିବା ପରେ ଭୁବନେଶ୍ୱରସ୍ଥିତ ସିଇଟିରୁ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ଡିଗ୍ରି ହାସଲ କରିଥିଲେ। ୟୁପିଏସ୍ସି ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୨୦୧୬ ମସିହାରେ ଭାରତୀୟ ପୁଲିସ ସେବାରେ ଯୋଗଦେଇଥିଲେ ସାଗରିକା।

## ଶିକ୍ଷାଦାନ ପାଇଁ ନାହାନ୍ତି ଅଧ୍ୟାପକ

# ଡେପୁଟେସନ୍‌ରେ ମାଳମାଳ

ଭୁବନେଶ୍ୱର,୨।୮ (ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନରେ ନାହାନ୍ତି ପର୍ଯ୍ୟାପ୍ତ ଅଧ୍ୟାପକ। ବିଶ୍ୱବିଦ୍ୟାଳୟରେ ପ୍ରାୟ ୬୨ ପ୍ରତିଶତରୁ ଅଧିକ ଅଧ୍ୟାପକ ପଦ ଖାଲି ପଡ଼ିଛି। ସେହିପରି ସରକାରୀ ମହାବିଦ୍ୟାଳୟ ଏବଂ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ ମଧ୍ୟ ୫୦ ପ୍ରତିଶତରୁ ଅଧିକ ପଦ ଖାଲି ରହିଛି। ଅଧ୍ୟାପକ ଅଭାବରୁ ଶୈକ୍ଷିକ ବାତାବରଣ ପ୍ରଭାବିତ ହେଉଛି। ଗୁଣାତ୍ମକ ମାନ ହ୍ରାସ ପାଉଛି। ଏସବୁ ପଦରେ ନିଯୁକ୍ତି ପାଇଁ ସରକାର ପଦକ୍ଷେପ ମଧ୍ୟ ନେଉନାହାନ୍ତି। ଅପରପକ୍ଷରେ ନିଯୁକ୍ତ ଅଧ୍ୟାପକଙ୍କ ମଧ୍ୟରୁ ବହୁ ଅଧ୍ୟାପକଙ୍କୁ ଡେପୁଟେସନ୍‌ରେ ବିଭାଗକୁ ବଦଳି କରାଯାଉଛି। ଶିକ୍ଷାଦାନ ବଦଳରେ ସେମାନଙ୍କୁ କିରାଣୀ କାର୍ଯ୍ୟ କରାଯାଉଛି। ଯାହା ଗୁଣାତ୍ମକ ଶିକ୍ଷାଦାନ ନେଇ ସରକାରଙ୍କ ପ୍ରତିବଦ୍ଧତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ରାଜଧାନୀର ପ୍ରତିଷ୍ଠିତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରୁ ସର୍ବାଧିକ ୪ଜଣ ଅଧ୍ୟାପକ ଡେପୁଟେସନ୍‌ରେ ଅଛନ୍ତି। ମାନବଶାସ୍ତ୍ର (ଆନ୍ଥ୍ରୋପଲୋଜି) ବିଭାଗର ସମ୍ପ୍ରିତି ପଣ୍ଡା, ରସାୟନ ବିଜ୍ଞାନ ଅଧ୍ୟାପକ ସରୋଜ ପ୍ରଧାନ, କମ୍ପ୍ୟୁଟର୍ ସାଇନ୍ସ ବିଭାଗର ଅଧ୍ୟାପକ ପାଣ୍ଡବ ପ୍ରଧାନ ଓ ଓଡ଼ିଆ ଅଧ୍ୟାପକ ଶୁଭ୍ରାଂଶୁ

- ଅଧ୍ୟାପକଙ୍କୁ କିରାଣି ସଜାଇଛି ଉଚ୍ଚଶିକ୍ଷା ବିଭାଗ
- ହାଜିରା ଦେଇ ଦରମା ନେଉଛନ୍ତି ୩୩ ଅଧ୍ୟାପକ
- ପ୍ରଭାବଶାଳୀଙ୍କ ସମ୍ପର୍କୀୟଙ୍କୁ ଥଇଥାନ ପାଇଁ ପ୍ରତିଯୋଗିତା!

ବେହେରା ଡେପୁଟେସନ୍‌ରେ ଯାଇ ଉଚ୍ଚଶିକ୍ଷା ବିଭାଗରେ କାର୍ଯ୍ୟରତ ଅଛନ୍ତି। ଅନୁରୂପ ଭାବେ କଟକସ୍ଥିତ ଶୈଳବାଳା ମହିଳା ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ଡ. ସ୍ୱର୍ଣ୍ଣିକା ଦାସ ଓ ଗଣିତ ଅଧ୍ୟାପିକା ପ୍ରଭାତ ମଞ୍ଜରୀ ମହାନ୍ତି, ରାଜଧାନୀ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ହୃଷୀକେଶ ନାୟକ ଏବଂ ବାରିପଦା ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ଅଧ୍ୟାପିକା ରୁପସା ମହାପାତ୍ର ଡେପୁଟେସନ୍‌ରେ ଉଚ୍ଚଶିକ୍ଷା ବିଭାଗରେ କାର୍ଯ୍ୟରତ ଅଛନ୍ତି। ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୮ଜଣ ଅଧ୍ୟାପକ/ଅଧ୍ୟାପିକା ଡେପୁଟେସନ୍‌ରେ ଥିବା ବେଳେ ବିଏଡ୍ ଶିକ୍ଷାନୁଷ୍ଠାନରୁ ପ୍ରାୟ ୨୫ଜଣ ଅଧ୍ୟାପକ ବିଭାଗରେ କାର୍ଯ୍ୟରତ ଅଛନ୍ତି।

ଏମାନଙ୍କ ମଧ୍ୟରୁ ଅନେକଙ୍କୁ କୌଣସି ନିର୍ଦ୍ଦିଷ୍ଟ ଦାୟିତ୍ୱ ମିଳି ନଥିବା ବେଳେ କେବଳ ହାଜିରା ଦେଇ ଫେରୁଛନ୍ତି। ଆଉ କିଛି ଅଧ୍ୟାପକ କିରାଣୀ କାମ କରୁଛନ୍ତି। ଆସିଷ୍ଟାଣ୍ଟ ପ୍ରଫେସର୍ ଷ୍ଟେଜ୍-୧, ଷ୍ଟେଜ୍-୨ ଓ ଷ୍ଟେଜ୍-୩ ରାଙ୍କର ଅଧ୍ୟାପକମାନେ ଯଦି କିରାଣି କାମ କରିବେ, ତାହେଲେ ଶିକ୍ଷାଦାନ କିଏ କରିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି, ୮ହଜାର ଗ୍ରେଡ୍-ପେ' ପାଉଥିବା ପ୍ରାୟ ୩୩ଜଣ ଅଧ୍ୟାପକ ଶିକ୍ଷାଦାନ ନକରି ମୋଟା ଅଙ୍କର ଦରମା ନେଉଛନ୍ତି। ଏସବୁ କାହା ସ୍ୱାର୍ଥରେ ବୋଲି ଶିକ୍ଷାବିତ୍‌ମାନେ ପ୍ରଶ୍ନ କରିଛନ୍ତି। ସରକାରଙ୍କ ଏପରି ଦାୟିତ୍ୱହୀନ କାର୍ଯ୍ୟ ପାଇଁ ଶୈକ୍ଷିକ ମାନ କ୍ରମାଗତ ହ୍ରାସ ପାଉଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି।

ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା, ଉଚ୍ଚଶିକ୍ଷା ବିଭାଗ ଥଇଥାନ କେନ୍ଦ୍ରରେ ପରିଣତ ହୋଇଛି। ପ୍ରଭାବଶାଳୀଙ୍କ ସମ୍ପର୍କୀୟଙ୍କୁ ବିଭାଗକୁ ଡେପୁଟେସନ୍‌ରେ ଆଣିବାକୁ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଛି। ବିଭାଗରେ ଏତେ ଅଧିକାରୀ ବସିବା ପାଇଁ ଜାଗା ମଧ୍ୟ ନାହିଁ। ଗୋଟିଏ ପ୍ରକୋଷ୍ଠରେ ୪ରୁ ୬ଜଣ ଅଧିକାରୀ କାର୍ଯ୍ୟ କରୁଛନ୍ତି। ଉଚ୍ଚଶିକ୍ଷା ବିଭାଗରେ ଆରମ୍ଭ ହୋଇଥିବା ଏହି ଡେପୁଟେସନ୍ ପରମ୍ପରା ଆଗକୁ ରାଜ୍ୟର ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣକୁ ପ୍ରଭାବିତ କରିବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି।

# ପିଏମ୍ କିଷାନ ଟଙ୍କା ବାଣ୍ଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/ବାରାଣସୀ, ୨।୮ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର କିଶାନ ସମ୍ମାନ ନିଧି (ପିଏମ-କିଷାନ) ଯୋଜନାର ୨୦ତମ କିସ୍ତି ଜାରି କରିଛନ୍ତି। ସେ ଉତ୍ତରପ୍ରଦେଶ ବାରାଣସୀରୁ ଦେଶର ୯.୭ କୋଟି ଚାଷୀଙ୍କ ଆକାଉଣ୍ଟକୁ ୨୦.୮୪ କୋଟି ଟଙ୍କା ଟ୍ରାନ୍ସଫର୍ କରିଛନ୍ତି। ଏଥିରେ ଓଡ଼ିଶାର ୩୪ଲକ୍ଷ ଚାଷୀଙ୍କୁ ୬୯୭ କୋଟି ଟଙ୍କା ମିଳିଛି। ଏହି ଉପଲକ୍ଷେ କୃଷି ବିଭାଗ ସିପାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ ଆମ ସରକାର ଚାଷୀ ଭାଇଭଉଣୀଙ୍କ ସରକାର। ବର୍ଷକ ଭିତରେ ଆମ ସରକାର ଆପଣମାନଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସିଏମ୍ କିଷାନରେ ଆମ ରାଜ୍ୟର ୫୦ ଲକ୍ଷରୁ ଅଧିକ ଚାଷୀ ବର୍ଷକୁ ୪ ହଜାର ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି। ପିଏମ୍ କିଷାନ ଓ ସିଏମ୍ କିଷାନକୁ ମିଶାଇ ଚାଷୀ ଭାଇମାନଙ୍କୁ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ମିଳୁଛି।



ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଓଡ଼ିଶାର

- ଦେଶର ୯.୭ କୋଟି ଚାଷୀଙ୍କୁ ମିଳିଲା ୨୧ ହଜାର କୋଟି
- ଓଡ଼ିଶାର ୩୪ ଲକ୍ଷ ଚାଷୀ ପାଇଲେ ୬୯୭ କୋଟି

୩୪ଲକ୍ଷ ୮୫ ହଜାର ୮୮୧ ଚାଷୀଙ୍କୁ ୬୯୭ କୋଟି ଟଙ୍କା ଦିଆଯାଇଛି। ଏହି ଅର୍ଥରାଶିରେ ଚାଷୀମାନେ ବିହନ, ସାର କିଣିବେ। ସରକାର କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ସଦାସର୍ବଦା ପ୍ରୟାସ କରୁଛନ୍ତି। ଏହି ଅର୍ଥ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯାଉଛି। ଏହି ପ୍ରକ୍ରିୟାରେ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ହେଉଥିବାରୁ ସ୍ୱଚ୍ଛତା ବଜାୟ ରହୁଛି। ଏଥିରେ ସମସ୍ତ ବର୍ଗର ଚାଷୀ ସୁବିଧା ପାଇପାରୁଛନ୍ତି। ସହରାଞ୍ଚଳର ଚାଷୀମାନେ ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଆଜିର ଏହି ଦିନକୁ ଆମେ 'ପିଏମ -କିଷାନ ଦିବସ' ଭାବେ ସାରା ଦେଶ ତଥା ରାଜ୍ୟରେ ପାଳନ କରୁଛୁ। କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବିଧାୟକ ବାବୁ ସିଂ, ବିଧାୟକ ପ୍ରଶାନ୍ତ ଜଗଦେବ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଦେଉଥିବା ବେଳେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ମଧ୍ୟାହ୍ନ ଭୋଜନରେ ଝିଟିପିଟି

## ୭୦ ଛାତ୍ରଛାତ୍ରୀ ଅସୁସ୍ଥ

ଟିଟିଲାଗଡ଼,୨।୮ (ସମିସ): ମଧ୍ୟାହ୍ନ ଭୋଜନରେ ଝିଟିପିଟି ପଡ଼ିଯିବାରୁ ୭୦ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅସୁସ୍ଥ। ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍‌ର ତେତେଲଖୁଣ୍ଟି ଗାଁ ବିଦ୍ୟାଳୟରେ ଏଭଳି ଅଭାବନୀୟ ଘଟଣା



ଘଟିଛି। ସେମାନଙ୍କୁ ଟିଟିଲାଗଡ଼ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନାନୁସାରେ, ଶନିବାର ତେତେଲଖୁଣ୍ଟି ଗାଁ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇଥିଲା। ପ୍ରାୟ ୭୦ରୁ ୭୫ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ବଣ୍ଟାସାରିବା ପରେ ଖାଦ୍ୟରେ ଝିଟିପିଟି ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ସମୟ ମଧ୍ୟରେ ଅନେକ ଛାତ୍ରଛାତ୍ରୀ ଖାଦ୍ୟ ଖାଇ ସାରିଥିଲେ। ପରେ କିଛି ଛାତ୍ରଛାତ୍ରୀଙ୍କ ପେଟ ବଥା ହେବା ସହ ମୁଣ୍ଡ ବୁଲାଇଥିଲା। ସେଥିମଧ୍ୟରୁ କିଛି ଛାତ୍ରଛାତ୍ରୀ ବାନ୍ତି କରିଥିଲେ। ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କୁ ଟିଟିଲାଗଡ଼ ହସପିଟାଲରେ ଭର୍ତ୍ତି କରାଇଥିଲେ। ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଭର୍ତ୍ତି କରାଯାଇଥିଲା।

ଅପରପକ୍ଷେ, ସ୍କୁଲର ଶିକ୍ଷକ ଓ ପାଚିକାଙ୍କ ଅବହେଳା ଯୋଗୁଁ ଏଭଳି ଛାତ୍ରଛାତ୍ରୀ କଷ୍ଟ ପାଇଥିବା ଅଭିଭାବକ ଓ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଠିକ୍ ଭାବରେ କାର୍ଯ୍ୟକାରୀ ହେଉନଥିବାରୁ ଛାତ୍ରଛାତ୍ରୀ ଅନେକ ସମୟରେ ଏଭଳି ପରିସ୍ଥିତିର ସମ୍ମୁଖୀନ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଟିଟିଲାଗଡ଼ ଏସ୍‌ଡିଏମଓଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ୭୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଟିଟିଲାଗଡ ହସପିଟାଲ ଆସିଲେଣି ଓ ସମସ୍ତଙ୍କ ଅବସ୍ଥା ଠିକ୍ ଅଛି ଓ ତାଙ୍କ ଚିକିତ୍ସା ଚାଲିଛି।

# ଶିମିଳିପାଳରୁ ୫ ଶିକାରୀ ଗିରଫ

ବାରିପଦା, ୨।୮ (ସମିସ): ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କୁ ଶିକାରୀ ଦାଉରୁ ସୁରକ୍ଷା ନିମନ୍ତେ ଖଞ୍ଜାଯାଇଥିବା ଏଆଇ କ୍ୟାମେରା ସହାୟତାରେ ପୁଣି ୫ଜଣ ଶିକାରୀ ଧରାପଡ଼ିଛନ୍ତି। ସେମାନେ ହେଲେ, କାହ୍ନୁ ଜାମଦା ସିଂ(୩୦), ପ୍ରଦୀପ ସିଂ(୩୧), ସୋମନାଥ ସିଂ(୩୫), ଗୌର ସିଂ(୨୪) ଓ ଦେବେନ୍ଦ୍ର ସିଂ(୨୦)। କ୍ୟାମେରା ସହାୟତାରେ ଏହି ୫ଜଣ ଶିକାରୀଙ୍କୁ ସେମାନଙ୍କ ଘରୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ଜନ୍ତୁ ଶିକାର ନିମନ୍ତେ ବ୍ୟବହୃତ ୩ଟି ଦେଶୀ ବନ୍ଧୁକ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି।

# ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ମାତୃ ବିୟୋଗ



ଭୁବନେଶ୍ୱର, ୨।୮ (ସମିସ): ଓଡ଼ିଆ ସିନେ ଜଗତର ପ୍ରଖ୍ୟାତ ଅଭିନେତା ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ମା' କନକ ମହାପାତ୍ରଙ୍କ ଆଜି ପରଲୋକ ହୋଇଯାଇଛି। ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରସ୍ଥିତ ଶ୍ରୀ ମହାପାତ୍ରଙ୍କ ବାସଭବନରେ ପହଞ୍ଚି କନକଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଏଭଳି ଦୁଃଖଦ ସମୟରେ ମହାପ୍ରଭୁ ଜଗନ୍ନାଥ ତାଙ୍କ ପରିବାରକୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ବହୁ ରାଜନେତା ଓ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ବିଶିଷ୍ଟ ଅଭିନେତ୍ରୀ ଅପରାଜିତା ମହାନ୍ତିଙ୍କ ସମେତ ବହୁ କଳାକାର, ରାଜନେତା ଓ ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ କନକଙ୍କ ଶେଷ ଦର୍ଶନ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

- ଶେଷ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ
- ଶୋକବ୍ୟକ୍ତ କଲେ ବିଶିଷ୍ଟ ବ୍ୟକ୍ତିବିଶେଷ

## ଗର୍ଜିଲା ପୁଲିସ୍ ବନ୍ଧୁକ

# ଏନ୍‌କାଉଣ୍ଟର୍‌ରେ ଦୁର୍ଦ୍ଦାନ୍ତ ସୁନୀଲ ଗୁରୁତର

ବ୍ରହ୍ମପୁରର/ରଙ୍ଗେଇଲୁଣ୍ଡା,୨।୮ (ସମିସ): ହତ୍ୟା, ଲୁଟ, ଦାଦାବଟି ଆଦାୟ ଓ ବନ୍ଧୁକ ମୁନରେ ହତ୍ୟା ଧମକ ଦେବା ଭଳି ୨୦ରୁ ଅଧିକ ସଙ୍ଗୀନ ମାମଲାରେ ସମ୍ପୃକ୍ତ ଥିବା ଦୁର୍ଦ୍ଦାନ୍ତ ଅପରାଧୀ ସୁନୀଲ ନାହକ ଓରଫ୍ ମଲ୍ଲକୁ ଶନିବାର ବ୍ରହ୍ମପୁର ପୁଲିସ୍ ଏନକାଉଣ୍ଟର୍ କରିଛି। ସୁନୀଲର ବାମ ଗୋଡ଼ରେ ଗୋଟିଏ ଗୁଳି ବାଜିଛି। ତାକୁ ଚିକିତ୍ସା ଲାଗି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ପୁଲିସ୍ ତା' ପାଖରୁ ନଗଦ ୨୧ହଜାର ଟଙ୍କା, ଗୋଟିଏ ମାଉଜର, ୩ଟି ଗୁଳି ଏବଂ ଘଟଣାସ୍ଥଳରୁ ଦୁଇଟି ଖୋକା ଜବତ କରିଛି। ତେବେ



ଘଟଣାସ୍ଥଳରୁ ସୁନୀଲର ସହଯୋଗୀମାନେ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି।

ଗତ କିଛି ମାସ ଧରି ଗୋପାଳପୁର, ନିମଖଣ୍ଡି, ଗୋଳନ୍ଥରା ଓ ବ୍ରହ୍ମପୁର ସହରରେ ଏକାଧିକ ଛିନତାଇ ଓ ଲୁଟ ଭଳି ଘଟଣା ଘଟିଥିବା ବେଳେ ଏକାଧିକ ଘଟଣାରେ ବନ୍ଧୁକ ବ୍ୟବହାର ହୋଇଛି। ଅଭିଯୋଗ ଆଧାରରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ବ୍ରହ୍ମପୁର ଏସ୍ପି ଡା. ସର୍ବଣା ବିବେକ ବଛାବଛା ପୁଲିସ ଅଧିକାରୀଙ୍କୁ ନେଇ ୩ଟି ସ୍ୱତନ୍ତ୍ର ଟିମ ଗଠନ କରିଥିଲେ। ଗଠିତ ଟିମ୍‌ରେ ସଦର ଏସ୍‌ଡିପିଓ ଏସଏସ ପରିଡ଼ା, ଡିଏସ୍ପି ବିବେକାନନ୍ଦ ସ୍ୱାଇଁ, ଇନ୍ସପେକ୍ଟର୍ କୃଷ୍ଣ ସାହା, ସବ୍‌ଇନ୍ସପେକ୍ଟର୍ ସିଲୁ ଧଳ, ଅଭିଷେକ ପାଣ୍ଡବ, ଗଗନ ବେହେରା, ଜ୍ଞାନ ବେହେରା ଓ ଏଏସ୍ଆଇ ଆର.ସି. ଚୌଧୁରୀଙ୍କ ସମେତ ମୋଟ ୧୨ଜଣ ଅଧିକାରୀ ରହିଛନ୍ତି। ବିଭିନ୍ନ ସ୍ଥାନରେ ଚଢ଼ଉ କରି ବିଭିନ୍ନ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ତଦନ୍ତ ବେଳେ ନିକଟରେ ଘଟିଥିବା ବିଭିନ୍ନ ଲୁଟ୍ ଘଟଣାରେ ସୁନୀଲର ହାତ ଥିବା ପୁଲିସ୍



ଜାଣିବାକୁ ପାଇଥଲା। ସୁନୀଲ ଓ ତା'ର ସହଯୋଗୀ ପିତାତଳି ନିକଟରେ ଥିବା ନେଇ ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ ପହଞ୍ଚି ସୁନୀଲକୁ କାବୁ କରିବାକୁ ଚେଷ୍ଟା କରିଥିଲା। ଏହା ଦେଖି ସୁନୀଲ ପୁଲିସ୍ ଉପରକୁ ଗୁଳି କରିଥିଲା। ଗୋଟିଏ ଗୁଳି ପୁଲିସ୍ ଗାଡ଼ିରେ ବାଜିଥିବା ବେଳେ ପୁଲିସ୍ କର୍ମଚାରୀମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ପରେ ପୁଲିସ୍ ପକ୍ଷରୁ ପାଲଟା ଗୁଳିଚାଳନା କରାଯାଇଥିଲା। ଏଥିରେ ସୁନୀଲର ବାମ ଗୋଡ଼ରେ ଗୁଳି ବାଜିଥିଲା। ପରେ ପୁଲିସ୍ଆ ହତ ସୁନୀଲକୁ କାବୁ କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଇଥିଲା। ଅପରପକ୍ଷେ, ଏହା ଦେଖି ସୁନୀଲର ସହଯୋଗୀମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଫେରାର ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସପି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ସୁନୀଲ ନାମରେ ପୂର୍ବରୁ ଦୁଇଟି ହତ୍ୟା, ୬ଟି ଲୁଟ, ଦାଦାବଟି ଆଦାୟ,

- ସୁନୀଲ ନାମରେ ରହିଛି ୨୦ରୁ ଅଧିକ ମାମଲା
- ଘଟଣାସ୍ଥଳରୁ ସୁନୀଲର ସହଯୋଗୀ ଫେରାର୍
- ମାଉଜର୍, ମାଗାଜିନ, ୩ଟି ଅଫୁଟା ଗୁଳି ଜବତ

ବନ୍ଧୁକ ମୁନରେ ହତ୍ୟା ଧମକ ଦେବା ଭଳି ୨୦ରୁ ଊର୍ଦ୍ଧ୍ୱ ସଙ୍ଗୀନ ମାମଲା ଉଭୟ ବ୍ରହ୍ମପୁର ଓ ଗଞ୍ଜାମ ପୁଲିସ ଜିଲ୍ଲାରେ ରହିଥିବା ଜଣାପଡ଼ିଛି। ୬ବର୍ଷ ତଳେ ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାରେ ହୋଇଥିବା ୧୨ଟି ଲୁଟ୍ ଘଟଣା ଏବଂ ଏକ ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ୯ଜଣିଆ ଏକ ଅପରାଧୀ ଗ୍ୟାଙ୍ଗକୁ ପୁଲିସ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ କବିସୂର୍ଯ୍ୟନଗର ଆଇ.ବି ରୋଡ଼୍‌ର ସୁନୀଲ ମହାନ୍ତି ଓରଫ୍ ସୁନୀଲ ନାହକ ଓରଫ୍ ମଲ୍ଲ ସାମିଲ ଥିଲା। ଗିରଫ ବେଳେ ତା'ଠାରୁ ବହୁ ଗୁଳିଗୋଳା ଓ ମାରଣାସ୍ତ୍ର ଜବତ ହୋଇଥିଲା।

## ଟ୍ରକ୍‌କୁ ପଛରୁ ପିଟିଲା ଟ୍ରାଭେଲର୍; ୭ ଯବାନ ଗୁରୁତର

ଅନୁଗୋଳ,୨।୮ (ସମିସ): ୫୫ନଂ ଜାତୀୟ ରାଜପଥର ଅନୁଗୋଳ ଜିଲ୍ଲା ମୁଣ୍ଡାସାହିଠାରେ ଏକ ଦୁର୍ଘଟଣା ଘଟି ୧୦ଯବାନ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଶୁକ୍ରବାର ବିଳମ୍ବିତ ରାତିରେ ୨ୟ ବାଟାଲିୟନର ୧୪ଜଣ ଯବାନଙ୍କୁ ନେଇ ଏକ ଟ୍ରାଭେଲର ଗାଡ଼ି ଝାରସୁଗୁଡ଼ାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା।



ମୁଣ୍ଡାସାହିଠାରେ ଜାତୀୟ ରାଜପଥ ଉପରେ ଠିଆ ହୋଇଥିବା ଏକ ଟ୍ରକ୍ ପଛରେ ଟ୍ରାଭେଲର୍ ଧକ୍କା ହୋଇଥିଲା। ଫଳରେ ସେଥିରେ ଥିବା ଯବାନମାନେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଗୁରୁତର ୭ଜଣଙ୍କ ମଧ୍ୟରୁ ୫ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସାମାନ୍ୟ ଆହତ ହୋଇଥିବା ୩ ଜଣଙ୍କ ସମେତ ୫ ଜଣ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

# ପୋଖରୀରେ ବୁଡ଼ି ୨ ନାବାଳକ ମୃତ

ମୋହନା, ୨।୮ (ସମିସ): ଶୌଚ ପାଇଁ ଯାଇ ପୋଖରୀରେ ବୁଡ଼ି ୨ ନାବାଳକଙ୍କ ମୃତ୍ୟୁ ଘଟିଛି। ଘଟଣା ଘଟିଛି, ଗଜପତି ଜିଲ୍ଲା ଅଡ଼ବା ଥାନା ବିରିକୋଟ ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଗଣ୍ଡା ଗ୍ରାମରେ। ଶନିବାର ସନ୍ଧ୍ୟାରେ ଗ୍ରାମର ଅଜୟ ନାୟକଙ୍କ ନାବାଳକ ପୁଅ ଆଦିତ୍ୟ ନାୟକ(୧୨) ଏବଂ ଆକାଶ ନାୟକଙ୍କ ପୁଅ ଆୟେଜା ନାୟକ ଗ୍ରାମ ନିକଟସ୍ଥ ପୋଖରୀକୁ ଶୌଚ ପାଇଁ ଯାଇ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ଗୁରୁତର ଅବସ୍ଥାରେ ୨ ନାବାଳକଙ୍କୁ ଉଦ୍ଧାର କରି ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ପରିବାରବର୍ଗ। କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ନେଇ ମେଡିକାଲ କର୍ତ୍ତୃପକ୍ଷ ପୁଲିସକୁ ଖବର ଦେବାବେଳେ ପରିବାରବର୍ଗ କିନ୍ତୁ ମୃତଦେହ ନେଇ ନିଜ ଗ୍ରାମକୁ ଚାଲିଯାଇଥିଲେ। ଏନେଇ ଅଡ଼ବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡାଙ୍କ ସହ ଯୋଗାଯୋଗ କରାଯିବାରେ ଘଟଣା ନେଇ କୌଣସି ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିଲେ ତଦନ୍ତ କରାଯିବ ବୋଲି କହିଛନ୍ତି।

## ମହାନଦୀ ଜଳ ବିବାଦ

# ସମାଧାନ ପାଇଁ ଟ୍ରିପଲ୍ ଇଞ୍ଜିନ ସରକାରର ଆନ୍ତରିକତା ନାହିଁ: ବିଜେଡି

ଭୁବନେଶ୍ୱର,୨।୮ (ସମିସ): ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଆପୋସ ଆଲୋଚନାକୁ ନେଇ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଦେଇଥିବା ମନ୍ତବ୍ୟକୁ ନେଇ ପ୍ରତିକ୍ରିୟା ରଖିଛି ବିଜେଡି। ଆପୋସ ଆଲୋଚନା ପାଇଁ କେଉଁ କେଉଁ ଦିଗରେ ଆଲୋଚନା ହେବ, ତାହା ଛତିଶଗଡ଼ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ। ଅଣ-ମୌସୁମୀ ସମୟରେ ଆବଶ୍ୟକ ପରିମାଣର ଜଳ ଓଡ଼ିଶାକୁ ମିଳିବା ନିହାତି ଆବଶ୍ୟକ। ଆଲୋଚନାର ବିଷୟ ରାଜ୍ୟ ସ୍ୱାର୍ଥର ପରିପନ୍ଥୀ ନହେଉ ବୋଲି ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର କହିଛନ୍ତି।

ଶ୍ରୀ ମିଶ୍ର କହିଛନ୍ତି, ଛତିଶଗଡ଼ ସରକାରଙ୍କ ଦ୍ୱାରା ମହାନଦୀର ଉପର ମୁଣ୍ଡରେ ଅନେକଗୁଡ଼ିଏ ବ୍ୟାରେଜ ନିର୍ମାଣ କରିବା ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ସରକାରଙ୍କ ଦ୍ୱାରା ପ୍ରତିବାଦ କରାଯାଇଥିଲା। ହେଲେ ସେତେବେଳର ଛତିଶଗଡ଼ର ରମଣ ସିଂଙ୍କ ନେତୃତ୍ୱାଧୀନ ବିଜେପି ସରକାର ଏହାକୁ କର୍ଣ୍ଣପାତ କରିନଥିଲେ। ପରେ ୨୦୧୬ ମସିହାରେ ତତ୍କାଳୀନ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ଉମା ଭାରତୀଙ୍କ ମଧ୍ୟସ୍ଥତାରେ ତତ୍କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ତତ୍କାଳୀନ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରମଣ ସିଂ ଓ ଉଭୟ ରାଜ୍ୟର ବରିଷ୍ଠ ପଦାଧିକାରୀଙ୍କ



- ଆପୋସ ଆଲୋଚନା ପାଇଁ କେଉଁ କେଉଁ ଦିଗରେ ଆଲୋଚନା ହେବ, ତାହା ସ୍ପଷ୍ଟ ହେଉ
- ଆଲୋଚନାର ବିଷୟ ରାଜ୍ୟ ସ୍ୱାର୍ଥର ପରିପନ୍ଥୀ ନହେଉ

ଉପସ୍ଥିତିରେ ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଉଦ୍ୟମ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ଓ ଛତିଶଗଡ଼ ସରକାରଙ୍କ ସହଯୋଗ ନମିଳିବାରୁ, ଏହି ଜଳ ବିବାଦର ସମାଧାନ ଦିଗରେ ବିଶେଷ ଅଗ୍ରଗତି ହୋଇନଥିଲା। ଏହାପରେ ଓଡ଼ିଶା ସରକାର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଏକ ଟ୍ରିବୁନାଲ ଗଠନ ହୋଇଥିଲା। ସେବେଠାରୁ ଏହି ମାମଲା ଟ୍ରିବୁନାଲରେ ବିଚାରାଧୀନ ରହିଛି।

ଶ୍ରୀ ମିଶ୍ର ଆହୁରି କହିଥିଲେ, ଏବେ ଓଡ଼ିଶା, ଛତିଶଗଡ଼ ଓ କେନ୍ଦ୍ରରେ ବିଜେପି ସରକାର ଥିବାରୁ ଆପୋଷ ଆଲୋଚନା ମାଧ୍ୟମରେ ଏହି ଜଳ ବିବାଦର ସମାଧାନ ସମ୍ଭବ ହେବ ବୋଲି ପୁଣିଥରେ ଏହାର ଆଲୋଚନା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗତ ୨୪ତାରିଖରେ ଏହି ପ୍ରସ୍ତାବିତ ଆପୋଷ ଆଲୋଚନାରେ କେଉଁ କେଉଁ ବିନ୍ଦୁରେ ଏହି ବିବାଦର ସମାଧାନ ପାଇଁ ଆଲୋଚନା କରାଯାଉଛି, ତାହା ରାଜ୍ୟର ସ୍ୱାର୍ଥର ପରିପନ୍ଥୀ ନୁହେଁ ତ ବୋଲି ପ୍ରଶ୍ନ କରିଥିଲେ। ଅପରପକ୍ଷେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଜୁଲାଇ ୨୫ ତାରିଖରେ ଆପୋଷ ଆଲୋଚନା ପାଇଁ ଲେଖାଯାଇଥିବା ଚିଠିର ଉତ୍ତର ଆଜି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଦେଇଛନ୍ତି।

ଏହି ଚିଠିରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ କେବଳ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଚିଠି ତାଙ୍କର ହସ୍ତଗତ ହୋଇଛି ଓ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଆପୋଷ ଆଲୋଚନା ପ୍ରସ୍ତାବ ବିଚାରାଧୀନ ରହିଛି ବୋଲି ସେ ଲେଖିଛନ୍ତି। କିନ୍ତୁ, ଏହି ଆପୋସ ଆଲୋଚନା ପ୍ରସ୍ତାବକୁ ସେ ସ୍ୱୀକାର କରୁଛନ୍ତି କି ନାହିଁ, ସେନେଇ ସେ କୌଣସି ସ୍ପଷ୍ଟୋକ୍ତି କରିନାହାନ୍ତି ବୋଲି ଶ୍ରୀ ମିଶ୍ର କହିଥିଲେ। ତେଣୁ ଏ ବିଷୟରେ ପ୍ରଥମେ ସ୍ପଷ୍ଟୋକ୍ତି ଆସିବା ଦରକାର। ଏହାଛଡ଼ା ଓଡ଼ିଶାର ମୁଖ୍ୟମନ୍ତ୍ରୀ ଲେଖିଥିବା ଚିଠିରେ ବିବାଦର ସମାଧାନ ପାଇଁ କେଉଁ କେଉଁ ଦିଗଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଇଛି, ତାହା ମଧ୍ୟ ରାଜ୍ୟବାସୀଙ୍କ ସମ୍ମୁଖରେ ସ୍ପଷ୍ଟ ହେବା ଦରକାର ବୋଲି ଶ୍ରୀ ମିଶ୍ର କହିଥିଲେ।

# ବିଲ ମଝିରେ ନିଜ ଦେହରେ ନିଆଁ ଲଗାଇଦେଲେ

ଶୁକୁଳି/ଖିଚିଂ,୨।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ଶୁକୁଳି ବ୍ଲକ୍ ଖିଚିଂ ଅଞ୍ଚଳରେ ଶନିବାର ପୂର୍ବାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଖିଚିଂ ମହାବିଦ୍ୟାଳୟ ସମ୍ମୁଖ ଏକ ବିଲ ମଧ୍ୟରେ ଜଣେ ମହିଳା ଓ ପୁରୁଷ ନିଜ ଉପରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି। ଏଥିରେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ପୁରୁଷଜଣଙ୍କ ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳାଜଣଙ୍କ

## ମହିଳା ମୃତ; ପୁରୁଷ ଗୁରୁତର

ହେଲେ, ସ୍ଥାନୀୟ ପାତାସାହିର ଭାରତୀ ପାତ୍ର। ଗୁରୁତର ହୋଇଥିବା ରାଇରଙ୍ଗପୁରର ହରିଶଙ୍କର ଆଚାର୍ଯ୍ୟଙ୍କୁ ଚିକିତ୍ସା ପାଇଁ କେନ୍ଦୁଝରର ସ୍ଥାନାନ୍ତର କରାଯାଇଛି। ହରିଶଙ୍କର ବିବାହିତ ଓ ଖିଚିଂ ପଣସି ଗ୍ରାମରେ ତାଙ୍କ ଶ୍ୱଶୁର ଘର। ମୃତ ମହିଳାଙ୍କ ଶଶୁର ଘର ଯାଜପୁର ଅଞ୍ଚଳରେ। ସେ ଭଲ ପାଇ ସେତେବେଳେ ବିବାହ କରିଥିଲେ। ତାଙ୍କ ଝିଅକୁ ଧରି ସେ ବାପଘର ଖିଚିଂରେ ଦୀର୍ଘ ଦିନ ଧରି ରହୁଥିଲେ। ହେଲେ, କେଉଁ କାରଣରୁ ଦୁହେଁ ଆତ୍ମାହୁତି ପାଇଁ ନିଷ୍ପତ୍ତି ନେଲେ ତାହାର କାରଣ ଜଣାପଡ଼ିନାହିଁ। ପରକୀୟା ପ୍ରୀତି ପାଇଁ ଏଭଳି ପରିସ୍ଥିତି ଘଟିଥିବା ଆଲୋଚନା ହେଉଛି। ରରୁଆଁ ପୁଲିସର ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

ସୂଚନାନୁସାରେ, ଶନିବାର ସକାଳ ସାଢ଼େ ୮ଟା ବେଳେ ଏକ ବିଲ ମଝିରେ ଉଭୟ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଉଭୟ ଜଳିଯାଉଥିବା ଦେଖି ନିକଟରେ ଥିବା ମହିଳାଙ୍କ ଭାଇ ଓ ସ୍ଥାନୀୟ ଲୋକେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଶୁକୁଳି ମେଡିକାଲରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଭାରତୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ହୁତୁହୁତୁ ହୋଇ ଜଳିଗଲା ଶାଢ଼ି ଦୋକାନ

ଉଦଳା, ୨।୮ (ସମିସ): ଶୁକ୍ରବାର ବିଳମ୍ବିତ ରାତିରେ ଏକ ଲୁଗା ଦୋକାନରେ ନିଆଁ ଲାଗିଯିବାରୁ ପ୍ରାୟ ୭୦ ଲକ୍ଷ ଟଙ୍କାର ଶାଢ଼ି ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଉଦଳା ସହରର ରଥ ଛକ ନିକଟରେ ଥିବା ନ୍ୟୁ-ଶାଢ଼ିମହଲ ଦୋକାନରେ ଗତକାଲି ରାତିରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ହେଲେ ସଟର୍ ଭିତରୁ ଧୂଆଁ ବାହାରିବାରୁ ରାତି ଜଗୁଆଳି ଏହା ଦେଖି ତୁରନ୍ତ ଦୋକାନ ମାଲିକଙ୍କୁ ଫୋନ ଯୋଗେ ଜଣାଇଥିଲା। ପରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଉଦଳା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ୩ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ। ହେଲେ ଦୋକାନରେ ଥିବା ବହୁ ମୂଲ୍ୟବାନ ଶାଢ଼ି, ପାଟଶାଢ଼ି ସମେତ ଅନ୍ୟାନ୍ୟ ସାମଗ୍ରୀ ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ୭୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରା ଶାଢ଼ି, ପୋଷାକ ସମେତ ବହୁ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି।

## ବହୁମୁଖୀ ସମ୍ମିଳନୀ କକ୍ଷର ଶିଳାନ୍ୟାସ

ଚାରିଛକ,୨।୮ (ସମିସ): ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ୧କୋଟି ଟଙ୍କା



ବ୍ୟୟ ବରାଦରେ ଏକ ବହୁମୁଖୀ ସମ୍ମିଳନୀ କକ୍ଷର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ର, ବ୍ଲକ୍ ସାଂସଦଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଏନ୍‌ସିସି ମେଜର ପୁଷ୍ପଲତା ଦତ୍ତଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ଏହି ମହାବିଦ୍ୟାଳୟର ଯାହାସବୁ ସମସ୍ୟା ଅଛି ତାହା ସବୁ ପୂରଣ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ପ୍ରତିଶ୍ରୁତି ଦେବା ସହିତ ଏହି ବହୁମୁଖୀ ସମ୍ମିଳନୀ କକ୍ଷର କାର୍ଯ୍ୟ ୧ ବର୍ଷ ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି।

● ଦ୍ୱିତୀୟ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

## ଶିଶୁବାଟିକାରେ ଶିକ୍ଷଣ ପ୍ରକ୍ରିୟାକୁ ଗୁରୁତ୍ୱ



କୋଣାର୍କ,୨।୮ (ସମିସ): ଶନିବାର ଭୈରବ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଦ୍ୱିତୀୟ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଶିଶୁ ବାଟିକାରେ ଶିକ୍ଷଣ ପ୍ରକ୍ରିୟା ପ୍ରସଙ୍ଗକୁ ନେଇ ସ୍ୱତନ୍ତ୍ର ଆଲୋଚନା ହୋଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରବୀନ୍ଦ୍ରନାଥ ବାହିନୀପତିଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକର ଦୁଇଟି ଅଧିବେଶନରେ ଶିଶୁ ବାଟିକା ଶିକ୍ଷକ ସହାୟକ ପୁସ୍ତିକା, କାର୍ଯ୍ୟ ପୁସ୍ତିକା, ଶିଶୁ ବାଟିକାରୁ ୩ୟ ଶ୍ରେଣୀ ନିମନ୍ତେ ଉଦ୍ଦିଷ୍ଟ ଅଗଷ୍ଟ ମାସର ଶୈକ୍ଷିକ କ୍ୟାଲେଣ୍ଡର, ଭାଷା ଓ ସଂଖ୍ୟା ଜ୍ଞାନ ଶିକ୍ଷଣ ସମ୍ପର୍କିତ ବହୁଶ୍ରେଣୀ ପରିଚାଳନା, ନମୁନା ପାଠ୍ୟଟୀକା ଓ ଶିକ୍ଷକଙ୍କ ଗତିବିଧି, ୪ର୍ଥ ଓ ୫ମ ଶ୍ରେଣୀ ଆଧାରିତ ଗଣିତ ଶିକ୍ଷଣ କାର୍ଯ୍ୟ ଓ ସାମଗ୍ରିକ ପ୍ରଗତି ପତ୍ର ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଗୋପ ଏବିଇଓ ସମ୍ରାଟ ଭଞ୍ଜ ଭୋଇ ବୈଠକରେ ଉପସ୍ଥିତ ରହି ମନିଟରିଂ କରିଥିଲେ। ଭୈରବ ନୋଡାଲ ୟୁପିଏସ୍ ପ୍ରଧାନଶିକ୍ଷୟିତ୍ରୀ କାଜଲବାଳା ପରିଡ଼ା, ଆମ୍ବିଳିଗାଁ ୟୁଜିୟୁପିଏସ୍ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଦାଶ, ବାନାମ୍ବର ପରିଡ଼ା, ସରୋଜିନୀ ପୃଷ୍ଟି, ପ୍ରତିମା ସେଠୀ, କାଳନ୍ଦୀ ଚରଣ ଜେନା, ଗଙ୍ଗାଧର ରାଉତ, ପ୍ରମୋଦ ବେହେରା, ସୁଶାନ୍ତ ବେହେରା, ରେଖା ଦେଇ, ଅଜିତ ମଲ୍ଲିକ, ପ୍ରୀତି ଶତପଥୀ, ଜଗଜ୍ଜୀବନ ଲେଙ୍କା ଓ ସ୍ୱର୍ଣ୍ଣଲତା ବେହେରାଙ୍କ ସମେତ ୧୩ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଏଫ୍‌ଏଲ୍‌ଏନ୍ ଶିକ୍ଷକଶିକ୍ଷୟିତ୍ରୀ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ




ନିମାପଡ଼ା,୨।୮ (ସମିସ): ଶନିବାର ଅପରାହ୍ଣରେ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁବ୍ରତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟଅତିଥିଭାବେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସମ୍ମାନିତ ଅତିଥିଭାବେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥି, ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ସାମନ୍ତରାୟ, ଡା. ଆଶୁତୋଷ ଜେନା, ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ସାଂସଦଙ୍କ ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି, ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, କାଉନ୍‌ସିଲର ନିରଞ୍ଜନ ନାୟକ, ଫାର୍ମାସିଷ୍ଟ ଆଇ ତ୍ରିନାଥ ପାତ୍ରଙ୍କ ସମେତ ରୋଗୀ କଲ୍ୟାଣ ସମିତିର ସମସ୍ତ ସଦସ୍ୟ ଯୋଗଦେଇଥିଲେ। ଏହି ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଓ କର୍ମଚାରୀମାନେ ସେବା ମନୋଭାବ ରଖି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀମାନଙ୍କୁ ଉତ୍ତମ ସେବା ଯୋଗଇଦେବାକୁ ପରାମର୍ଶ ଦେବା ସହ ରାଜ୍ୟରେ ଅନେକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅଭାବ ରହିଛି। ଏଠାରେ ଖୁବ୍‌ଶୀଘ୍ର ଡାକ୍ତର ପଦ ପୂରଣ କରାଯିବା ସହିତ ସ୍ୱାସ୍ଥ୍ୟକେନ୍ଦ୍ରରେ ଯାହାସବୁ ସମସ୍ୟା ଅଛି ତାହା ପୂରଣ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ପ୍ରକାଶ କରିଛନ୍ତି।

## ନଦୀରୁ ମହିଳାଙ୍କୁ ଉଦ୍ଧାର କରିଥିବା ଯୁବକ ସମ୍ବର୍ଦ୍ଧିତ

ବଳଙ୍ଗା,୨।୮ (ସମିସ): ଗତ ବୁଧବାର ପୂର୍ବାହ୍ଣରେ ଭାର୍ଗବୀ ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣେ ମହିଳାଙ୍କୁ ବଳଙ୍ଗା ଅଞ୍ଚଳର କେତେକ ଯୁବକ ନିଜ ଜୀବନକୁ ବାଜି ଲଗାଇ ନଦୀରୁ ଉଦ୍ଧାର କରିଥିଲେ। ଫଳରେ ମହିଳାଙ୍କ ଜୀବନ ବଞ୍ଚିଯାଇଥିଲା। ଯୁବକମାନଙ୍କର ଅଦମ୍ୟ ସାହସିକତା ପାଇଁ ଶୁକ୍ରବାର ବଳଙ୍ଗା ଥାନା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ



ପିପିଲି ଡିଏସ୍‌ପି ଦେବାଶିଷ ମିଶ୍ର ଥାନାରେ ପହଞ୍ଚି ଯୁବକମାନଙ୍କୁ ସେମାନଙ୍କ ସାହସିକତା ପାଇଁ ଧନ୍ୟବାଦ ଦେବା ସହ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଥାନା ଏସ୍‌ଆଇ କେଦାର ଡୋରା, ଏଏସ୍‌ଆଇ ପ୍ରଶାନ୍ତ ବେହେରା, ଅନିଲ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ବହୁ ଅଭିଯୋଗ ପରେ ଡେଲାଙ୍ଗ ମାଇନରରେ ଆସିଲା କେନାଲ ପାଣି

# ତଳମୁଣ୍ଡରେ ପାଣି ନ ପହଞ୍ଚିବାରୁ ଚାଷୀ ଅସନ୍ତୁଷ୍ଟ

ଡେଲାଙ୍ଗ,୨।୮ (ସମିସ)



ଚଳିତ ବର୍ଷ ନିଅଣ୍ଟିଆ ବର୍ଷା ଯୋଗୁଁ ଚାଷକାମ ବାଧାପ୍ରାପ୍ତ ହୋଇଥିବାବେଳେ ସେଚନାଳଗୁଡ଼ିକ ଶୁଖିଲା ପଡ଼ିଥିବାରୁ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାଷ କ୍ଷେତକୁ ଜଳଯୋଗାଣ ନିମନ୍ତେ ଟୁଲୁ ପମ୍ପ୍ ଚାଷୀଙ୍କ ସାହାରା ପାଲଟିଥିବା ଦେଖିବାକୁ ମିଳୁଛି। ଏନେଇ ଚାଷୀ ବାରମ୍ବାର ଜଳସେଚନ ବିଭାଗର ଦ୍ୱାରସ୍ଥ ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଏଥିପ୍ରତି ଧ୍ୟାନ ଦେଉ ନ ଥିବା ଅଭିଯୋଗ କରିଛନ୍ତି। ବାରମ୍ବାର ଅଭିଯୋଗ ଓ ବହୁ ପ୍ରତିକ୍ଷା ପରେ ଡେଲାଙ୍ଗ ମାଇନରରେ ଶୁକ୍ରବାର କେନାଲ ପାଣି ଛଡ଼ା ଯାଇଥିବାବେଳେ ଏହି ପାଣି ଚାଷୀର କ୍ଷେତରେ ନ ପହଞ୍ଚିପାରିବାରୁ ଡେଲାଙ୍ଗ ବ୍ଲକ୍ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ତେଜିଛି। ଅନ୍ୟପଟେ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହିତ ଅନ୍ୟ ଅଧିକାରୀମାନେ ଡେଲାଙ୍ଗ ମାଇନର ପରିଦର୍ଶନରେ ଆସିଥିବାବେଳେ ଅରିସାଲ ନିକଟରେ ସ୍ଥାନୀୟ ଚାଷୀ ସେମାନଙ୍କୁ ଘେରିବା ସହିତ ପର୍ଯ୍ୟାପ୍ତ ପରିମାଣରେ ପାଣି ଛାଡ଼ିବାକୁ ଦାବି କରିଥିଲେ।

ଘଟଣା ଅନୁଯାୟୀ, ନିଅଣ୍ଟିଆ ବର୍ଷା ଓ କେନାଲ ଶୁଖିଲା ପଡ଼ିଥିବାରୁ ଚାଷୀ ତଳି ପକାଇ ଶୁଖିଲା ଜମିରେ ଟୁଲୁ ପମ୍ପ୍ ଜରିଆରେ ପାଣି ମଡ଼ାଇ ବେଉଷଣ କରିଛନ୍ତି। ତଳିଗୁଡ଼ିକ ରୋଇବା ଉପଯୋଗୀ ହୋଇଥିଲେ ମଧ୍ୟ ପାଣି ଅଭାବରୁ ରୁଆ ହୋଇପାରି ନ ଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ମାଛପଡ଼ା ମାଇନର ଓ ବୁଆଲି ମାଇନରରେ ତୁରନ୍ତ ପାଣି ଛାଡ଼ିବାକୁ ଦାବି କରି ଖେଲାଉର ସରପଞ୍ଚଙ୍କ ନେତୃତ୍ୱରେ ସ୍ଥାନୀୟ ଚାଷୀମାନେ ଶନିବାର ରାସ୍ତାରୋକ କରିବାକୁ ତହସିଲ୍‌ଦାରଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଏହି ଘଟଣା ସମ୍ପର୍କରେ ଅବଗତ ହୋଇ ଜଳସେଚନ ବିଭାଗୀୟ ଅଧିକାରୀ ଶୁକ୍ରବାର ଡେଲାଙ୍ଗ ମାଇନରରେ ପାଣି ଛାଡ଼ିଥିଲେ। ହେଲେ ଡେଲାଙ୍ଗ ମାଇନରରେ ପର୍ଯ୍ୟାପ୍ତ ପରିମାଣର ପାଣି ନ ଆସିବାରୁ ବୁଆଲି ଓ ମାଛପଡ଼ା ମାଇନରରେ ଅଳ୍ପ ପାଣି ପ୍ରବାହିତ ହେଉଛି। ଚାଷ କାମରେ ଲଗାଇବା ପାଇଁ ନୁହେଁ ଲୋକ ଦେଖିବା ପାଇଁ ଏହି ପାଣି ଛଡ଼ାଯାଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଏନେଇ ଅରିସାଲ ଗ୍ରାମର ଚାଷୀ ପ୍ରଶାନ୍ତ ପଟ୍ଟନାୟକ କହିଛନ୍ତି, ରାକ୍ଷୀ ପୂର୍ଣ୍ଣମୀ ପୂର୍ବରୁ ଚାଷ କ୍ଷେତରେ ତଳିରୁଆ କାମ ସରିଯାଉଥିଲା। ହେଲେ ଚଳିତ ବର୍ଷ ନିଅଣ୍ଟିଆ ବର୍ଷା ହେବାରୁ ଚାଷ କାର୍ଯ୍ୟରେ ବିଳମ୍ବ ଘଟିଛି। ବହୁ କଷ୍ଟରେ ୩ ଏକର ଜମିରେ ତଳିରୁଆ ହୋଇଥିଲେ ମଧ୍ୟ ପାଣି ଅଭାବରୁ ଜମି ଫାଟିଗଲାଣି। ଆମ୍ଭେ ପ୍ରତିବର୍ଷ ଜଳକର ପ୍ରଦାନ କରୁଛୁ, ହେଲେ କେନାଲରେ ପାଣି ଛଡ଼ା ନ ଯିବାରୁ ଅସୁବିଧା ଉପୁଜିଛି। ଡେଲାଙ୍ଗ ଉପଖଣ୍ଡ ଜଳସେଚନ ବିଭାଗ କାର୍ଯ୍ୟାଳୟ ସବୁ ସମୟରେ ବନ୍ଦ ରହୁଥିବାବେଳେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କରୁଣାକର ଲେଙ୍କାଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ଉଠାଉ ନ ଥିବା ଶ୍ରୀ ପଟ୍ଟନାୟକ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଫସଲ କ୍ଷତି ହେଲେ ଏଥିପାଇଁ ବିଭାଗୀୟ ଯନ୍ତ୍ରୀ ଦାୟୀ ରହିବେ ବୋଲି କହିଛନ୍ତି। ଏନେଇ ବିଭାଗୀୟ ଉପଖଣ୍ଡ ଅଧିକାରୀ ତନୁଜ କିଶୋର ରାଉତ କହିଛନ୍ତି, ଶୁକ୍ରବାରଠାରୁ ଡେଲାଙ୍ଗ ମାଇନରରେ ପାଣି ଛଡ଼ାଯାଇଛି। ଅଧୀକ୍ଷଣ ଯନ୍ତ୍ରୀ ଅମୀୟ କୁମାର ସେଠ୍‌ଙ୍କ ନେତୃତ୍ୱରେ ବିଭାଗୀୟ

**ବିଭାଗୀୟ ଅଧିକାରୀଙ୍କୁ ଘେରିଲେ ଚାଷୀ**

ଅଧିକାରୀମାନେ ଡେଲାଙ୍ଗ ମାଇନରର ପ୍ରାରମ୍ଭସ୍ଥଳ ବାରମାଣଠାରୁ ଅରିସାଲ ପର୍ଯ୍ୟନ୍ତ ପରିଦର୍ଶନରେ ଯାଇଥିଲେ। ଉପର ମୁଣ୍ଡରୁ ପର୍ଯ୍ୟାପ୍ତ ପରିମାଣରେ ପାଣି ଛଡ଼ାଯାଇଥିବା ବେଳେ ଶନିବାର ରାତି ସୁଦ୍ଧା ତଳ ମୁଣ୍ଡରେ ପାଣି ପହଞ୍ଚିବ। ଚାଷୀଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବା ସହିତ ବନ୍ଧର ସୁରକ୍ଷା ଦିଗରେ ଧ୍ୟାନ ଦେବାପାଇଁ ଅଧୀକ୍ଷଣ ଯନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ କହିଥିବା ଶ୍ରୀ ରାଉତ ସୂଚନା ଦେଇଛନ୍ତି। ଅନ୍ୟପଟେ ଅରିସାଲଠାରେ ମାଛପଡ଼ା ଓ ବୁଆଲି ମାଇନରର ପ୍ରାରମ୍ଭସ୍ଥଳ ରହିଥିବାବେଳେ ସେଠାରୁ ପର୍ଯ୍ୟାପ୍ତ ପରିମାଣରେ ପାଣି ଛାଡ଼ିବାକୁ ଚାଷୀ ବିପନ ପଟ୍ଟନାୟକ, ରଶ୍ମିରଞ୍ଜନ ସ୍ୱାଇଁ, ସୁଶାନ୍ତ ବିଶ୍ୱାଳ, ରଶ୍ମିରଞ୍ଜନ ପ୍ରଧାନ, ଶଶିଭୂଷଣ ମହାନ୍ତି ପ୍ରମୁଖ ଦାବି କରିଛନ୍ତି।

## ୟୁଏଏସ୍‌କୁ ଶିକ୍ଷକ ସମନ୍ୱୟ ସମିତିର ବିରୋଧ



ଗୋପ,୨।୮ (ସମିସ): ୟୁନିଫାଏଡ୍ ଅଟୋମେସନ ସିଷ୍ଟମ୍(ୟୁଏଏସ୍) ପ୍ରତ୍ୟାହାର ଦାବି କରିଛି ଗୋପ ବ୍ଲକ୍ ଶିକ୍ଷକ ସମନ୍ୱୟ ସମିତି। ଶୁକ୍ରବାର ଅପରାହ୍ଣରେ ଗୋପ ବ୍ଲକ୍ ଶିକ୍ଷକ ସମନ୍ୱୟ ସମିତିର ସଭାପତି ଅଜୟ କୁମାର ରଥ ଓ ସାଧାରଣ ସମ୍ପାଦକ ସରୋଜ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷକ କୁସୁପୁରସ୍ଥିତ ଶିକ୍ଷକ ଭବନଠାରୁ ଶୋଭାଯାତ୍ରାରେ ଯାଇ ଗୋପ ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କୁମାର କରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଭୌତିକ ତଥା ଶୈକ୍ଷିକ ଭିତ୍ତିଭୂମିରେ ସୁଧାର ନ ଆଣି ସରକାର ୟୁଏଏସ୍ ଲାଗୁ କରିବା କ୍ଷୋଭ ତଥା ପରିତାପର ବିଷୟ। ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ, ମୋବାଇଲ ନେଟ୍‌ୱର୍କ ସମସ୍ୟା, ଶିକ୍ଷକଙ୍କ ଦୀର୍ଘଦିନର ଦାବି ପ୍ରତି ସରକାରଙ୍କ ଉଦାସୀନତା ପ୍ରଭୃତି ମୂଳଭୂତ ସମସ୍ୟା ଦୂର ନ ହେବା ଯାଏଁ ୟୁଏଏସ୍ ଲାଗୁ କରିବା ପ୍ରକ୍ରିୟାକୁ ଶିକ୍ଷକ ସଂଘ ବିରୋଧ କରିବାକୁ ନିଷ୍ପତ୍ତି ନେଇଥିବା ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ୟୁନିୟନ୍‌ର ସାଧାରଣ ସମ୍ପାଦକ ଶିବଦତ୍ତ ନାୟକ ପ୍ରକାଶ କରିଛନ୍ତି। ତୃଣମୂଳସ୍ତରରେ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବାକୁ ବିରୋଧ କରି ଗୋପ ବ୍ଲକ୍ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସଂଘର ଜିଲ୍ଲା ସମ୍ପାଦକ ଶିବଦତ୍ତ ନାୟକ, ସରୋଜ ମିଶ୍ର, କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ନାୟକ, ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି, ଲିଙ୍ଗରାଜ ସ୍ୱାଇଁ, ଦିବାକର ପରିଡ଼ା, ଶିକ୍ଷକ ନେତା ଜଳନ୍ଧର ବେହେରା, ସନ୍ତୋଷ ବିଶ୍ୱାଳ, ସନ୍ତୋଷୀ ନନ୍ଦ, ହରପ୍ରିୟା ଦାସଙ୍କ ସମେତ ଶତାଧିକ ଶିକ୍ଷକଶିକ୍ଷୟିତ୍ରୀ ସାମିଲ ହୋଇଥିଲେ।

## ଆଇସିଏଆର୍-ସିଫାରେ ରାଜ୍ୟସ୍ତରୀୟ ପିଏମ୍ କିଷାନ ଦିବସ




ପିପିଲି,୨।୮ (ସମିସ): କୌଶଲ୍ୟାଗଙ୍ଗସ୍ଥିତ କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା (ସିଫା)ରେ ରାଜ୍ୟସ୍ତରୀୟ ପି.ଏମ୍. କିଷାନ ଦିବସ ଶନିବାର ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କୃଷି ଓ କୃଷକମାନଙ୍କର ମଙ୍ଗଳ ଓ ଜୀବିକା ନିର୍ବାହକୁ ଉନ୍ନତ କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତା ରହିଛି ବୋଲି ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ କୃଷକ ଯୋଜନା ଓ ସୁଭଦ୍ରା ଯୋଜନାରେ ହିତାଧିକାରୀମାନେ କିପରି ଲାଭବାନ ହେଉଛନ୍ତି ପ୍ରକାଶ କରିଥିଲେ। ଉପମୁଖ୍ୟମନ୍ତ୍ରୀ ତଥା କୃଷି, କୃଷକ ସଶକ୍ତୀକରଣ ଓ ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ନିଜର ଅଭିବ୍ୟକ୍ତିରେ କୃଷିକ୍ଷେତ୍ରରେ ଓଡ଼ିଶା ସରକାରଙ୍କ ସଫଳତା ବିଷୟରେ ବର୍ଣ୍ଣନା କରିଥିଲେ। ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ଉପମହାନିର୍ଦ୍ଦେଶକ ଡ. ଜେ.କେ. ଜେନା ନୂତନ ଜ୍ଞାନକୌଶଳ ପ୍ରୟୋଗ କରି ଆଇସିଏଆର୍ କୃଷି ଗବେଷଣା ଓ ସମ୍ପ୍ରସାରଣ ମାଧ୍ୟମରେ ଲକ୍ଷ ଲକ୍ଷ ଚାଷୀଙ୍କୁ ଉପକୃତ କରାଇପାରିଛି ବୋଲି ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରଧାନ ସଚିବ ଅରବିନ୍ଦ ପାଢ଼ୀ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ପ୍ରଭାତ କୁମାର ରାଉଲ, ଏକାମ୍ର ବିଧାୟକ ବାବୁ ସିଂ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ପରିଚାଳନା ବିଭାଗ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ଖୋର୍ଦ୍ଧା ଓ ପୁରୀର ଜିଲ୍ଲାପାଳ ଯୋଗଦେଇଥିଲେ। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲାବେଳେ କାର୍ଯ୍ୟକ୍ରମକୁ ସିଫାର ନିର୍ଦ୍ଦେଶକ ଡ. ପି.କେ. ସାହୁ ସଂଯୋଜନା କରିଥିଲେ।

### ଯୁବକଙ୍କ ଅକାଳ ବିୟୋଗ

ନୟାହାଟ,୨।୮ (ସମିସ): ବାପା-ମାଆଙ୍କୁ ପୋଷୁଥିବା ୨୦ ବର୍ଷର ଯୁବକଙ୍କର ଶନିବାର ହଠାତ୍ ମୃତ୍ୟୁ ହେବା ଫଳରେ ବାପା-ମାଆ ଚେତାଶୂନ୍ୟ ହୋଇପଡ଼ିଛନ୍ତି। ପ୍ରକାଶ ଯେ, ଯୋରକୂଳ ଗ୍ରାମର ବେଣୁଧରମୁଦୁଲିଙ୍କ ଏକମାତ୍ର ରୋଜଗାରିଆ ପୁଅ ବଳରାମ ମୁଦୁଲି (୨୦) ଶୁକ୍ରବାର ରାତି ୪ଟାରେ ମୁଣ୍ଡରେ ଯନ୍ତ୍ରଣା ହେବାରୁ ତାଙ୍କୁ ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ସମୟରେ ବଳରାମଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ



କୁଣ୍ଢେଇ,୨।୮ (ସମିସ): କାକଟପୁର ବ୍ଲକ୍ କାକଟପୁର ବଜାରରେ ଥିବା ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପିତବାସ ଦୀକ୍ଷିତ ନିଜ ଚାକିରି ଜୀବନରୁ ଗତ ଜୁଲାଇ ୩୧ ତାରିଖରେ ଅବସର ନେଇଥିଲେ। ସେଥିପାଇଁ ଗତ ୧ ତାରିଖରେ ବିଦ୍ୟାଳୟ ତରଫରୁ ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ଭାବେ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ସମ୍ମାନିତ ଅତିଥି କାକଟପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ, ଅବସରପ୍ରା ଯୁଗ୍ମ ନିର୍ଦ୍ଦେଶକ ସୁଧାନନ୍ଦ ପରିଡ଼ା, ସମାଜସେବୀ ରତିକାନ୍ତ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ରୀନାଲତା ପରିଡ଼ା ଏବଂ ବିଦ୍ୟାଳୟ ଆଲୁମ୍‌ନି କମିଟି ସଭାପତି ସ୍ୱପ୍ନେଶ୍ୱର ସାହୁ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ଦୀକ୍ଷିତଙ୍କୁ ବିଦ୍ୟାଳୟ ତରଫରୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷକ ପ୍ରତାପ ଚନ୍ଦ୍ର ରାଉତ ମଞ୍ଚ ପରିଚାଳନା କରିଥିବାବେଳେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ମାନସ ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଷ୍ଟା ପକ୍ଷରୁ ବିଇଓଙ୍କ ଅଫିସ ଆଗରେ ୬ ଦଫା ଦାବିରେ ଧାରଣା



ଅସ୍ତରଙ୍ଗ,୨।୮ (ସମିସ): ରାଜ୍ୟ ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ ବା ଓଷ୍ଟାର ଅସ୍ତରଙ୍ଗ ଶାଖା ତରଫରୁ ଶହେରୁ ଊର୍ଦ୍ଧ୍ୱ ଶିକ୍ଷକ ଅସ୍ତରଙ୍ଗ ବ୍ଲକ୍ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ବିଭିନ୍ନ ସମସ୍ୟାକୁ ନେଇ ଏହି ଶିକ୍ଷକମାନେ ଦୀର୍ଘ ବର୍ଷ ହେବ ସରକାରଙ୍କୁ ନିଜ ୬ ଦଫା ଦାବି ବିଷୟରେ ଅବଗତ କରାଇ ଆସୁଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସରକାର ଏମାନଙ୍କ ଦାବିକୁ ଗ୍ରହଣ କରୁ ନ ଥିବାରୁ ଏମାନେ ସାରା ରାଜ୍ୟରେ ବିଭିନ୍ନ ବ୍ଲକ୍‌ସ୍ତରୀୟ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଏହି ନୂତନ ଅନୁଦାନପ୍ରାପ୍ତ ଶିକ୍ଷା ଅନୁଷ୍ଠାନରେ ଅବସର ନେଇଥିବା, ଅବସର ନେବାକୁ ଯାଉଥିବା କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ, ପେନ୍‌ସନ୍ ଓ ଅବସରକାଳୀନ ସୁବିଧାସୁଯୋଗ ପ୍ରଦାନ, ଅବସରର ବୟସ ସୀମା ୬୦ ବର୍ଷ ପରିବର୍ତ୍ତେ ୬୨ ବର୍ଷକୁ ବୃଦ୍ଧି, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁମୋଦିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ ଓ ଶିକ୍ଷକ ନିଯୁକ୍ତି ଶେଷରେ ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନୋସ୍‌ନାଲ୍ ଇନ୍‌କ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ଓ ନୂତନ ପେନ୍‌ସନ୍ ପରିବର୍ତ୍ତେ ପୁରାତନ ସ୍କିମ୍‌କୁ ପୁନଃ ପ୍ରଚଳନ କରିବା, ଏହିଭଳି ୬ଟି ଦାବି ପାଇଁ ସଙ୍ଘର ପୁରୀ ଜିଲ୍ଲା ଯୁଗ୍ମ ସମ୍ପାଦକ ତରୁଣ କୁମାର ନାୟକଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷକ ଏହି ଆନ୍ଦୋଳନରେ ଭାଗ ନେଇଛନ୍ତି। ଆଗାମୀ ୮ ତାରିଖରେ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବାକୁ ସଙ୍ଘ ଦାବି କରିଛି। ଯଦି ଆସନ୍ତା ୮ ତାରିଖରେ ସରକାର ଏମାନଙ୍କ ପାଇଁ କୌଣସି ବ୍ୟବସ୍ଥା ନ କରିବେ ତେବେ ଅଗଷ୍ଟ ୧୬ ତାରିଖରେ ସମ୍ପୂର୍ଣ୍ଣ ସଙ୍ଘ ରାଜ୍ୟସ୍ତରୀୟ ଆନ୍ଦୋଳନକୁ ଓହ୍ଲାଇ ପିଏମ୍‌ଜିରେ ଧାରଣା ଦେବାକୁ ଚେତାବନୀ ଦେଇଛି।

## ଗଜା ତାଳ ଗୋଟମା ରୋପଣ

ବାଙ୍ଗୁରିଗାଁ,୨।୮ (ସମିସ): କାକଟପୁର ବ୍ଲକ୍ ଅନ୍ତର୍ଗତ ବାଙ୍ଗୁରିଗାଁ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ୟୁଥ୍ ଆଣ୍ଡ ୟୁକୋ କ୍ଲବ୍ ତରଫରୁ ସନିବାର ସକାଳ ୮ ଟାରେ ପ୍ରାଚୀନଦୀ ପଠାରେ ୧୫୦ରୁ ଊର୍ଦ୍ଧ୍ୱ ଗଜା ତାଳ ଗୋଟମା ରୋପଣ କାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକୁ ସଫଳ କରିବା ନିମନ୍ତେ ପ୍ରଧାନଶିକ୍ଷକ ଜ୍ୟୋତି ରଞ୍ଜନ ସାହୁ, କ୍ଲବ୍ ଦାୟିତ୍ୱରେ ଥିବା ସହକାରୀ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ, ଶଙ୍କର ମାହାଳି, ଜ୍ଞାନ ରଞ୍ଜନ ମିଶ୍ର, ସମାଜସେବୀ ବିପିନ କୁମାର ବାରିକ, ୟୁଥ୍ ଆଣ୍ଡ ୟୁକୋ କ୍ଲବ୍‌ର ସମସ୍ତ ସଭ୍ୟା ଓ ସମସ୍ତ ଛାତ୍ରଛାତ୍ରୀ ପ୍ରତ୍ୟକ୍ଷ ସହଯୋଗ କରିଥିଲେ। ବଜ୍ରପାତରେ ଅକାଳରେ ବହୁ ଜୀବନ ଚାଲି ଯାଉଥିବାରୁ ତାଳ ଗଛ ଆମକୁ ବଜ୍ରପାତରୁ ରକ୍ଷା କରିବାରେ ବିକଳ୍ପ ବୋଲି ବୈଜ୍ଞାନିକଙ୍କ ମତ। ତେଣୁ ସମସ୍ତେ ଖୋଲା ଜାଗା, ନଦୀପଠା ଓ ଜମି ହିଡ଼ରେ ତାଳ ଗଛ ରୋପଣ କରନ୍ତୁ ଓ ପରିବେଶକୁ ସନ୍ତୁଳିତ ରଖନ୍ତୁ ବୋଲି ସ୍ଲୋଗାନ ଦେଇ ସ୍କୁଲରୁ ବାଙ୍ଗୁରିଗାଁ ମୁଖ୍ୟ ବଜାର ଦେଇ ପ୍ରାଚୀ ନଦୀପଠା ପର୍ଯ୍ୟନ୍ତ ପିଲାମାନେ ଶୋଭାଯାତ୍ରାରେ ଯାଇ ସେଠାରେ ରୋପଣ କାର୍ଯ୍ୟକ୍ରମ କରି ଏହି ତାଳ ଗୋଟମା କିପରି ବିଶାଳ ବୃକ୍ଷରେ ପରିଣତ ହେବ ସେଠାରେ ସମସ୍ତେ ପ୍ରାର୍ଥନା କରଥିଲେ। ଏପରି ନିଆରା କାର୍ଯ୍ୟକ୍ରମ ଅଞ୍ଚଳବାସୀଙ୍କୁ ପ୍ରଭାବିତ କରିଛି ଓ ଆଗାମୀ ଦିନରେ ସମସ୍ତଙ୍କୁ ସାମିଲ୍ କରି ଅଧିକ ତାଳ ଗୋଟମା ସଂଗ୍ରହ କରି ରୋପଣ କାର୍ଯ୍ୟକ୍ରମକୁ ତୋରାନ୍ୱିତ କରାଯିବ ବୋଲି ପ୍ରଧାନଶିକ୍ଷକ ମତବ୍ୟକ୍ତ କରଛନ୍ତି।

# ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର ୨୦ତମ କିସ୍ତି ପ୍ରଦାନ


ସାକ୍ଷୀଗୋପାଳ,୨।୮ (ସମିସ)




କୃଷି ବିଜ୍ଞାନ କେନ୍ଦ୍ର, ସାକ୍ଷୀଗୋପାଳ, ପୁରୀ ପରିସରରେ ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର ୨୦ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଆୟୋଜନ କରାଯାଇଥିଲା। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନଜିତ୍ ମିଶ୍ର ଏହି କାର୍ଯ୍ୟକ୍ରମକୁ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କୃଷକମାନଙ୍କୁ କିସ୍ତିରେ ଦିଆଯାଉଥିବା ୨୦୦୦ ଟଙ୍କା ବହୁତ ମହତ୍ୱପୂର୍ଣ୍ଣ ଅଟେ ଯାହାକି ଚାଷର ଉପଯୁକ୍ତ ସମୟରେ ମିଳୁଥିବାରୁ ଏହାକୁ ଚାଷୀ ସାର କିମ୍ବା କୀଟନାଶକ କିଣାରେ ବ୍ୟବହାର କରିପାରୁଛି। କୃଷି ବିଜ୍ଞାନ କେନ୍ଦ୍ର ସାକ୍ଷୀଗୋପାଳକୁ କୃଷି ପର୍ଯ୍ୟଟନସ୍ଥଳୀ କରିବା ପାଇଁ ସମସ୍ତ ସହାୟତା ଯୋଗାଇଦେବା ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଚାଷୀମାନଙ୍କୁ ସରକାରୀ ଯୋଜନାର ଲାଭ ନେବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଯୋଗଦେଇ ପରିବର୍ତ୍ତିତ ଜଳବାୟୁରେ କୃଷକଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ। ଉତ୍ତରପ୍ରଦେଶର ବାରଣସୀଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୨୦୫୦୦ କୋଟି ଟଙ୍କାର ସହାୟତା ରାଶି ୯ କୋଟି ୭୦ ଲକ୍ଷ ଚାଷୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ସିଧାସଳଖ ପ୍ରଦାନ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦୀନେଶ ବେହେରା, ମେହରୁନ ବିବି, ବିପ୍ଳବୀ ସ୍ୱାଇଁ, ରାଜକିଶୋର ପ୍ରଧାନ, ସୋନାଲି ବରାଳ, କଳ୍ପନା ଦଳେଇ, ପ୍ରତାପ ଜେନା, ଶଙ୍କର୍ଷଣ ବେହେରା, କୃଷ୍ଣାଶିଷ ବରାଳ ଓ ସଂଯୁକ୍ତା ମହାନ୍ତି ପ୍ରମୁଖ ଚାଷୀମାନଙ୍କୁ ଉପସ୍ଥିତ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ମଞ୍ଜୁଳା ତ୍ରିପାଠୀ, ମୃତ୍ତିକା ସଂରକ୍ଷଣ ସହକାରୀ ନିର୍ଦ୍ଦେଶକ ସ୍ୱର୍ଣ୍ଣପ୍ରଭା ଦାସ, ପୁରୀ କୃଷି ଜିଲ୍ଲା ଅଧିକାରୀ, ସାକ୍ଷୀଗୋପାଳ କୃଷି ଜିଲ୍ଲା ଅଧିକାରୀ ସୁଦେଷ୍ଣା ପରିଡ଼ା ଓ ପୁରୀ ଜିଲ୍ଲା ଅନ୍ତର୍ଗତ ୧୧ଟି ବ୍ଲକ୍‌ର କୃଷି ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ସୂର୍ଯ୍ୟ ନାରାୟଣ ମିଶ୍ର କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ପୁରୀ ଜିଲ୍ଲାର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତପନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

୨/୮/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୭୮,୮୫୮/- ସୁନା: ୧୩.୬୭୦ ଗ୍ରାମ୍ ରୁପା: ୩୫.୫୦୦ ଗ୍ରାମ୍





# ସରକାର, ପୁଲିସକୁ କାଠଗଡ଼ାକୁ ଟାଣିଲା ବିଜେଡି

ପୁରୀ,୨।୮ (ସମିସ)

ଦିଲ୍ଲୀ ଏମ୍ସରେ ବଳଙ୍ଗା ପୀଡ଼ିତା ଆଖି ବୁଜିଛନ୍ତି। ଦୀର୍ଘ ୧୫ ଦିନ ଜୀବନ ମରଣ ସହ ଲଢ଼େଇ କରି ହାରି ଯାଇଛନ୍ତି ବଳଙ୍ଗା ନାବାଳିକା। ତାଙ୍କ ଅକାଳ ବିୟୋଗ ଏବେ ଅନେକ ଅସମାହିତ ପ୍ରଶ୍ନ ଛିଡ଼ା କରିଦେଇଛି। ଏହି ଦୁଃଖଦ ଘଟଣାକୁ ନେଇ ରାଜ୍ୟ ସରକାର ଏବଂ ପୁଲିସକୁ କାଠଗଡ଼ାକୁ ଟାଣିଛି ବିଜୁ ଜନତା ଦଳ। ଶନିବାର ସନ୍ଧ୍ୟାରେ ହୋଟେଲ ହଲିଡେ' ରିସର୍ଟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା କହିଛନ୍ତି, ନୂତନ ସରକାର ଆସିବା ପରେ ରାଜ୍ୟବାସୀଙ୍କୁ ଲୋକାଭିମୁଖୀ ଶାସନ ଦେବା ପାଇଁ ଆଶ୍ୱସ୍ତି ଦେଇଥିଲେ। ହେଲେ ବାସ୍ତବତା କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ। ରାଜ୍ୟରେ ଆଇନ ଶୃଙ୍ଖଳା ଭୁଶୁଡ଼ିପଡ଼ିଛି। ନାରୀ ନିର୍ଯାତନା, ଦୁଷ୍କର୍ମ, ଗଣଦୁଷ୍କର୍ମ, ନାବାଳିକା ଗର୍ଭବତୀ ହେବା ଘଟଣା ବଢ଼ିଚାଲିଛି। ବାଲେଶ୍ୱରର ସୌମ୍ୟାଶ୍ରୀ ଭଉଣୀଙ୍କ ପରେ ଏବେ ବଳଙ୍ଗା ପୀଡ଼ିତାଙ୍କ ଜୀବନ ନିଆଁରେ ଚାଲିଯାଇଛି। ଦୁର୍ଭାଗ୍ୟର କଥା ଯାହାଙ୍କ ନିର୍ବାଚନମଣ୍ଡଳୀରେ ଏହି ଅଭାବନୀୟ ଘଟଣା ଘଟିଲା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବଳଙ୍ଗା ପୀଡ଼ିତାଙ୍କୁ ଭୁବନେଶ୍ୱର ଏମ୍ସରେ ଭେଟି ତାଙ୍କ ଚିକିତ୍ସା ବିଷୟରେ ବୁଝିଲେ ନାହିଁ। ଆଜି ରାଜ୍ୟରେ ଆଇନ ଶୃଙ୍ଖଳାର ଚରମ ଅଧୋଗତି ଘଟିଛି। ସେଥିପାଇଁ ଉପମୁଖ୍ୟମନ୍ତ୍ରୀ ନୈତିକ ଦାୟିତ୍ୱ ନେବେ କି ବୋଲି ପ୍ରଶ୍ନ କରିଛନ୍ତି ସଞ୍ଜୟ।



- ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ କାହିଁକି ସୂଚନା ଦିଆଯାଉ ନ ଥିଲା?
- ସରକାରଙ୍କ ଚାପରେ ପୁଲିସ ପୀଡ଼ିତାଙ୍କ ମୃତ୍ୟୁ ପରେ ପୋଷ୍ଟ କଲା
- ପୀଡ଼ିତାଙ୍କ ପରିବାରକୁ ୨ କୋଟି ଟଙ୍କା ପ୍ରଦାନ କରନ୍ତୁ ସରକାର

ବିଜେଡିର ଦାବି ପରେ ସରକାର ପୀଡ଼ିତାଙ୍କୁ ଦିଲ୍ଲୀ ଏମ୍ସକୁ ପଠାଇଥିଲେ। ସେଠାରେ ବିଜେଡିର ସାଂସଦମାନେ ଡାକ୍ତରଖାନାକୁ ଯାଇ ପୀଡ଼ିତାଙ୍କୁ ଭେଟିବା ସହ ତାଙ୍କ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଡାକ୍ତରଙ୍କୁ ପଚାରି ବୁଝିଥିଲେ। କିନ୍ତୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା କିପରି ରହିଛି ସେ ନେଇ କୌଣସି ବୁଲେଟିନ୍ ଜାରି କରାଗଲା ନାହିଁ। ସବୁଠୁ ଚିନ୍ତାଜନକ ବିଷୟ ହେଉଛି ଏକାଧିକଥର ପୁଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କଲା। କିନ୍ତୁ ଏଥିରେ ଯେଉଁମାନେ ସମ୍ପୃକ୍ତି ଅଛନ୍ତି ତାଙ୍କୁ ୧୫ ଦିନ ଭିତରେ ଧରିପାରିଲା ନାହିଁ। ଏହା ସରକାରଙ୍କ ଏବଂ ପୁଲିସ ପ୍ରଶାସନର ଚରମ ବିଫଳତା। ଖୁବ୍‌ଶୀଘ୍ର ଆମେ ଏ ସମ୍ପର୍କରେ ବିବୃତ୍ତି ଦେବୁ ବୋଲି ପୁଲିସ କହିଆସୁଥିଲା। କିନ୍ତୁ ପୀଡ଼ିତା ଆଖି ବୁଜିବା ପରେ ପୁଲିସ ଏକ୍ସରେ ପୋଷ୍ଟ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହାକୁ ବିଜୁ ଜନତା ଦଳ ନିନ୍ଦା କରୁଛି। ପୀଡ଼ିତାଙ୍କ ପରିବାରକୁ ରାଜ୍ୟ ସରକାର ୨ କୋଟି ଟଙ୍କା ପ୍ରଦାନ କରନ୍ତୁ ଏବଂ ୭ ଦିନ ଭିତରେ ଏହି ଜଘନ୍ୟକାଣ୍ଡ ଘିଆଇଥିବା ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରୁ ବୋଲି ଦାବି କରିଛନ୍ତି ସଞ୍ଜୟ।

ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ପୀଡ଼ିତାଙ୍କ ମୃତ୍ୟୁ ପାଇଁ ସିଧାସଳଖ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି। ସେ କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଜନତା ଦଳର ସାଂସଦମାନେ ଏମ୍ସକୁ ଯାଇ ପୀଡ଼ିତାଙ୍କ ପରିବାର ଏବଂ ଡାକ୍ତରଙ୍କ ସହିତ କଥା ହୋଇଥିଲୁ। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟୁଥିବା ଡାକ୍ତର କହିଥିଲେ। ହେଲେ ପରବର୍ତ୍ତୀ ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ କାହିଁକି ସର୍ବସାଧାରଣରେ ସୂଚନା ଦିଆଯାଇ ନ ଥିଲା। ଏହା ସବୁଠାରୁ ବଡ଼ ପ୍ରଶ୍ନ। ଡବଲ ଇଞ୍ଜିନ ସରକାର ଚାଲୁଛି। ଏମ୍ସ ତାଙ୍କର, ସେମାନେ କାହିଁକି ପୀଡ଼ିତା ଭଉଣୀଙ୍କ ସ୍ୱାସ୍ଥ୍ୟ ସୂଚନା ଜାରି କରୁ ନ ଥିଲେ ବୋଲି ପ୍ରଶ୍ନ କରିଛନ୍ତି ଶୁଭାଶିଷ। କେବଳ ଲୋକମାନଙ୍କ ଧ୍ୟାନ ହଟାଇବା ପାଇଁ ସରକାର ନାଟକବାଜି କରୁଥିଲେ। ସମାନ ଭାବେ ପୁଲିସର ଭୂମିକାକୁ ମଧ୍ୟ ଟାର୍ଗେଟ କରିଛନ୍ତି। ୧୫ ଦିନ ତଦନ୍ତ ଲାଗିଗଲା, ହେଲେ ଫଳ ଶୂନ। ପୀଡ଼ିତାଙ୍କ ମୃତ୍ୟୁ ପରେ ପୁଲିସ ଏକ୍ସରେ ପୋଷ୍ଟ କରିବା ସବୁଠୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ଶୁଭାଶିଷ।

ସେହିପରି ବିଜେଡି ନେତା ତଥା ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ପୁରୀ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ମଧ୍ୟ ରାଜ୍ୟ ସରକାର ଏବଂ ପୁଲିସକୁ ତୀବ୍ର ସମାଲୋଚନା କରିଛନ୍ତି। ସମସ୍ତେ ପୀଡ଼ିତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ପରିବାରକୁ ଏଭଳି ପରିସ୍ଥିତିକୁ ସମ୍ମୁଖୀନ ହେବା ପାଇଁ ଅସୀମ ଶକ୍ତି ଦିଅନ୍ତୁ ବୋଲି ବିଜୁ ଜନତା ଦଳ ପକ୍ଷରୁ ପ୍ରାର୍ଥନା କରିଥିଲେ।

## 'ମାଆ କ୍ଷୀରର ବିକଳ୍ପ ନାହିଁ'

ପୁରୀ,୨।୮ (ସମିସ): ଜିଲ୍ଲାସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଶନିବାର କମଳାଦେବୀ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ସଭା ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ଚନ୍ଦ୍ରକାନ୍ତି ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମହିଳା ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ଗର୍ଭବତୀ ଓ ପ୍ରସୂତି ମହିଳାମାନେ ଯୋଗଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ସୂର୍ଯ୍ୟନାରାୟ ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିନୋଦିନୀ ତ୍ରିପାଠୀ ବକ୍ତବ୍ୟ ରଖିଥିଲେ। ସ୍ତନ୍ୟପାନର ଉପକାରିତା, ସଠିକ୍ ସ୍ତନ୍ୟପାନ କରାଇବା ପାଇ ମାର୍ଗଦର୍ଶିକା, କଷକ୍ଷୀର, ପରିପୂରକ ଖାଦ୍ୟ ଉପରେ ଆଲୋଚନା କରାଯାଇଥିଲା। ଅତିଥିମାନେ କହିଥିଲେ ଯେ, ମାଆ କ୍ଷୀର ଏକ ପ୍ରାକୃତିକ ଟିକା ସଦୃଶ, ଏହାର କୌଣସି ବିକଳ୍ପ ନାହିଁ। ଏଣୁ ପ୍ରତ୍ୟେକ ଶିଶୁ ଜନ୍ମରୁ ୬ ମାସ ପର୍ଯ୍ୟନ୍ତ କେବଳ ମାଆ କ୍ଷୀର ଖାଇବା ଦରକାର। ମାଆ କ୍ଷୀରରୁ ବଞ୍ଚିତ ରହିଲେ ଶିଶୁ କୁପୋଷଣ ତଥା ବିଭିନ୍ନ ରୋଗର ଶିକାର ହୁଅନ୍ତି। ଶିଶୁର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶରେ ମାଆ କ୍ଷୀରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିରେ ଅଶୋକ କୁମାର ସାହୁ, ବେଣୁଧର ନାୟକ, କିଶୋର ଚନ୍ଦ୍ରଶେଖର ପ୍ରସାଦ ଦାସ, ସନ୍ଦୀପ ବରଣ ଓଝା ଉପସ୍ଥିତ ଥିଲେ। ରବିନ୍ଦ୍ର କୁମାର ପ୍ରଧାନ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ମନୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ରୋଟାରୀ କ୍ଲବ୍ ପୁରୀ ସାଗରର ଅଧିଷ୍ଠାନ ଉତ୍ସବ

ପୁରୀ,୨।୮ (ସମିସ): ରୋଟାରୀ କ୍ଲବ ଅଫ୍ ପୁରୀ ସାଗରର ସପ୍ତମ ଅଧିଷ୍ଠାନ ଉତ୍ସବ ସ୍ଥାନୀୟ ସ୍ଥାନୀୟ ଭିବ୍ରାନ୍ସ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୨୦୨୪-୨୫ର କ୍ଲବ ସଭାପତି ସୁରେନ୍ଦ୍ର ଟାପୁରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ୨୦୨୬-୨୭ ବର୍ଷର ରୋଟାରୀ ପ୍ରାନ୍ତପାଳ ଅନୀଲ କୁମାର ସାମଲ, ପ୍ରଥମ ମହିଳା ସୁବ୍ରତା ସାମଲ, ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ଡ. ପ୍ରଭାତ କୁମାର ମହାପାତ୍ର, ଆସିଷ୍ଟାଣ୍ଟ ଗଭର୍ଣ୍ଣର ଦେବଦତ୍ତ ଷଡ଼ଙ୍ଗୀ, ଚଳିତବର୍ଷର ସଭାପତି କୃଷ୍ଣଚନ୍ଦ୍ର ସାହୁ ଏବଂ ସମ୍ପାଦକ ଧବଳେଶ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଗତବର୍ଷର ସମ୍ପାଦକ ରୋଟାରିଆନ ଦାମୋଦର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହାପରେ ବିଗତ ବର୍ଷର ସଭାପତି ଶ୍ରୀ ଟାପୁରିଆ ଓ ସମ୍ପାଦକ ଶ୍ରୀ ମହାନ୍ତି ନୂତନ ବର୍ଷର ସଭାପତି ଶ୍ରୀ ସାହୁ ଏବଂ ସମ୍ପାଦକ ଶ୍ରୀ ମହାପାତ୍ରଙ୍କୁ କଲର ପ୍ରଦାନ ପୂର୍ବକ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ଅବସରରେ ସଭାପତି ଓ ସମ୍ପାଦକଙ୍କ ବ୍ୟତିତ ଉପସଭାପତି କେଦାର ମହାପାତ୍ର, କୋଷାଧ୍ୟକ୍ଷ ତୁଷାରକାନ୍ତ ରାଉତ, ଯୁଧିଷ୍ଠିର ଲେଙ୍କା, ପ୍ରକାଶ ଚନ୍ଦ୍ର ନାୟକ, ହିମାଂଶୁ ମୋହନ ମହାନ୍ତି, ଦିଲ୍ଲୀପ କୁମାର ତ୍ରିପାଠୀ, ପ୍ରମୋଦ ସ୍ୱାଇଁ, ଅରୁଣକାନ୍ତ ଗଜେନ୍ଦ୍ର ଓ ସନ୍ତୋଷ ପାତ୍ର ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ କ୍ଲବରେ ସଦସ୍ୟ ଭାବେ ଯୋଗ ଦେଇଥିବା ନୂତନ ସଦସ୍ୟ ଭାସ୍କର ପରିଡ଼ା, ଲକ୍ଷ୍ମୀନାରାୟଣ ଦିକ୍ଷୀତ, କାହ୍ନୁ ପଣ୍ଡା, ସନ୍ଧ୍ୟାରାଣୀ ସାହୁ ଏବଂ ସୁନୟନା ମହାପାତ୍ରଙ୍କୁ ସ୍ୱାଗତ କରାଯିବା ସହିତ ଉତ୍ସବରେ ଯୋଗଦେବାକୁ ଆସିଥିବା ବିଭିନ୍ନ କ୍ଲବର କର୍ମକର୍ତ୍ତାଙ୍କୁ ମଧ୍ୟ ଏଠାରେ ସମ୍ମାନିତ କରାଯାଇଥିଲା।

## ବଡ଼େ ହରିହର ଗୁରୁଙ୍କ ପୁଣ୍ୟତିଥି ସ୍ମୃତି ସମାରୋହ

ପୁରୀ,୨।୮ (ସମିସ): ଭକ୍ତି ଓ ସେବାର ଅନନ୍ୟ ପ୍ରତୀକ ଦାନବୀର ବଡ଼େ ହରିହର ଗୁରୁଙ୍କ ୧୦୧ତମ ପୁଣ୍ୟତିଥି ସ୍ମୃତି ସମାରୋହ ବଡ଼ଦାଣ୍ଡସ୍ଥିତ ଗୁରୁ ଇଷ୍ଟେଟ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଏହି ପୂଜ୍ୟପୂଜା କାର୍ଯ୍ୟକ୍ରମରେ ଡ. (ପଦ୍ମଶ୍ରୀ) ଅଶୋକ କୁମାର ମହାପାତ୍ର, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଶିକ୍ଷାବିତ୍ ସତ୍ୟବାଦୀ ଦାଶ ଅତିଥି ଭାବେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସେବା ହିଁ ଶ୍ରୀଜଗନ୍ନାଥ ସଂସ୍କୃତିର ମୂଳ ତତ୍ତ୍ୱ ଓ ଦିବ୍ୟାତ୍ମା ଦାନବୀର ବଡ଼େ ହରିହର ସେହି ପବିତ୍ର ପରମ୍ପରାର ଶାଶ୍ୱତ ପ୍ରତିନିଧି ଓ ପ୍ରତୀକ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଅନୁଷ୍ଠାନର ସଭାପତି ରବିନାରାୟଣ ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଡ. କୈଳାଶ ଚନ୍ଦ୍ର ଟିକାୟତରାୟ ସ୍ୱାଗତ ଭାଷଣ, ସମ୍ପାଦକ ଚକ୍ରଧର ମହାପାତ୍ର ବିବରଣୀ ପାଠ କରିଥିଲେ। ଶ୍ରୀଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନ ସଦସ୍ୟମାନଙ୍କ ଦ୍ୱାରା ବେଦପାଠ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ସେବାୟତ ଗୋବିନ୍ଦ ଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ବରିଷ୍ଠ ସେବାୟତ ନିରଞ୍ଜନ ସିଂହାରୀ, ବରିଷ୍ଠ ସେବାୟତ ଜଗନ୍ନାଥ ପ୍ରତିହାରୀ, କ୍ରୀଡ଼ାବିତ୍ (ସୁନ୍ଦର ସ୍ୱାସ୍ଥ୍ୟ) ବିଶ୍ୱଜିତ ପ୍ରତିହାରୀ, ଚିତ୍ରଶିଳ୍ପୀ ଡ. ଦୁର୍ଗାମାଧବ କର, ଶାସ୍ତ୍ରୀୟ ସଙ୍ଗୀତଜ୍ଞ ପ୍ରିୟବ୍ରତ ରାୟ, ଶାସ୍ତ୍ରୀୟ ସଙ୍ଗୀତଜ୍ଞ ସିପ୍ରା ମହାନ୍ତି, ଶାସ୍ତ୍ରୀୟ ସଙ୍ଗୀତଜ୍ଞ ଅନ୍ନପୂର୍ଣ୍ଣା ତ୍ରିପାଠୀ, ଶ୍ରେଷ୍ଠ ଛାତ୍ର (ସଂସ୍କୃତ ଭାଷା ଅଧ୍ୟୟନ) ସୋୟମ୍ଭୁ ପ୍ରସାଦ କରଙ୍କୁ ପ୍ରତିଭା ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ। ସମବେତ କଣ୍ଠରେ ଶ୍ରୀଗୀତଗୋବିନ୍ଦ, ମାଳଶ୍ରୀ, ବାଦ୍ୟ ବିଚିତ୍ରା, ପାରମ୍ପରିକ ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଜମେଶ୍ୱର ପୂଜାପଣ୍ଡା, ସୋମନାଥ ଗୁରୁ, ସତ୍ୟନାରାୟଣ ଗୁରୁ, ବିମଳେନ୍ଦୁ ଦାଶ, ପ୍ରେମନାଥ ଗୁରୁ, ଅମରନାଥ ଗୁରୁ, ହରିହର ଗୁରୁ, ରମେଶ ଚନ୍ଦ୍ର ସାହୁ, ପ୍ରଭାତ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



## ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ସାମ୍ବାଦିକଙ୍କୁ ଆକ୍ରମଣ

ପୁରୀ,୨।୮ (ସମିସ): ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ସାମ୍ବାଦିକଙ୍କୁ ନିସ୍ତୁକ ମାଡ଼ ମରାଯାଇଛି। ଖବର ସଂଗ୍ରହ ସମୟରେ ସାମ୍ବାଦିକ ଓ ଭିଡିଓ ଜର୍ଣ୍ଣାଲିଷ୍ଟଙ୍କୁ ମାଡ଼ ମାରିଲେ ଦୁର୍ବୃତ୍ତ। ସାମ୍ବାଦିକଙ୍କୁ ମାଡ଼ ମାରିବା ସହିତ କ୍ୟାମେରା, ମୋବାଇଲ୍ ଛଡ଼ାଇନେଲେ ଦୁର୍ବୃତ୍ତ। ପୁଲିସ ଉପସ୍ଥିତିରେ ମାଡ଼ ମରାଯାଇଥିବା ଅଭିଯୋଗ ଆଣିଲେ ସାମ୍ବାଦିକ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଏଭଳି ଘଟଣା ଘଟିଥିଲାବେଳେ ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ। ସୂଚନା ଥାଉକି, ଶନିବାର ପିପିଲି ସିଙ୍ଘାରେ ପିଏମ୍ କିଷାନ ସମ୍ମାନ ନିଧି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମର ଖବର ସଂଗ୍ରହ ସମୟରେ ଜନୈକା ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଭିଡିଓ ଜର୍ଣ୍ଣାଲିଷ୍ଟ ସେକ୍ ଅବ୍‌ଦୁଲ ମନୋରାମଲ ଓ ଡ୍ରାଇଭରଙ୍କୁ ମାଡ଼ ମାରିଥିଲେ ସେଠାରେ ଉପସ୍ଥିତ ଥିବା ଅସାମାଜିକ ବ୍ୟକ୍ତିମାନେ। ଭିଡିଓ ଡିଲିଟ୍ କରିବାକୁ ସାମ୍ବାଦିକଙ୍କୁ ବାଧ କରାଯାଇଥିବା ଓ ଏହି କଥାକୁ ଅଗ୍ରାହ୍ୟ କରିବାରୁ ତାଙ୍କୁ ମାଡ଼ ମରାଯାଇ ଥିବା ଅଭିଯୋଗ କରିଛନ୍ତି ସାମ୍ବାଦିକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୁଲିସ ଉପସ୍ଥିତିରେ ସାମ୍ବାଦିକଙ୍କୁ ଆକ୍ରମଣ ହେବା ପରେ ପିପିଲି ଥାନାରେ ଲିଖିତ ଅଭିଯୋଗ ପରେ ସାଂସଦ ପ୍ରତିନିଧି ଚାପ ପ୍ରୟୋଗ କରିବା ସାଧାରଣରେ ଆଶ୍ଚର୍ଯ୍ୟ କରିଛି। ପିପିଲିର ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଏହି ଘଟଣାକୁ ଘୋର୍ ନିନ୍ଦା କରିବା ସହିତ ସାମ୍ବାଦିକଙ୍କୁ ମାଡ଼ ମାରିଥିବା ଯୁବକ ବିଜେପି ନେତା ହୋଇଥିବାବେଳେ ଉକ୍ତ ଘଟଣାକୁ ଚପାଇଦେବା ପାଇଁ ଉଦ୍ୟମ କରାଯାଉଛି ବୋଲି ଅଭିଯୋଗ କରିଛନ୍ତି। ସେପଟେ ଉକ୍ତ ଘଟଣାରେ ପୁଲିସ କେବଳ ମାମଲା ରୁଜୁ କରିଥିବାବେଳେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି।

## ୪ରେ ସଦର ମହକୁମାରେ ଅଭିଯୋଗ ଶୁଣାଣି

ପୁରୀ,୨।୮ (ସମିସ): ପୁରୀ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଆସନ୍ତା ୪ ତାରିଖରେ ସଦର ମହକୁମା ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହେବ। ପୂର୍ବାହ୍ଣ ୧୦ଟାରେ ହେବାକୁ ଥିବା ଏହି ଅଭିଯୋଗ ଶୁଣାଣିରେ ଜନସାଧାରଣ ସେମାନେ ଅଭିଯୋଗ ଉପସ୍ଥାପନ କରିପାରିବେ ବୋଲି ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀ ସୂଚନା ଦେଇଛନ୍ତି।

## ଶିଶୁ ସମାଚାରର ସ୍ୱନକ୍ଷତ୍ର ସମାରୋହ ଓ ଜାତୀୟ ଶିଶୁ ପ୍ରତିଭା ମହୋତ୍ସବ

# ଶିଶୁମାନଙ୍କ ସୃଜନଶୀଳତାର ବିକାଶ ଜରୁରୀ

ପୁରୀ,୨।୮ (ସମିସ): ପିଲାଙ୍କ ମାସିକ ଖବରକାଗଜ ଶିଶୁ ସମ୍ବାଦପତ୍ର "ଶିଶୁ ସମାଚାରର ଅଷ୍ଟାଦଶ ସ୍ୱନକ୍ଷତ୍ର ସମାରୋହ ଓ ଜାତୀୟ ଶିଶୁ ପ୍ରତିଭା ମହୋତ୍ସବ ଶନିବାର ସ୍ଥାନୀୟ ପୌର ସଦନରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ କମିଟି ଅଧ୍ୟକ୍ଷ ସିଦ୍ଧାର୍ଥ ରାୟଙ୍କ ଅଧ୍ୟକ୍ଷତାରେ ଅୟୋଜିତ ଉତ୍ସବରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ମୁଖ୍ୟଅତିଥି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ସମାଜସେବୀ ମନୋଜ ରଥ, ଉତ୍ସବ କମିଟି ସଦସ୍ୟ ଅବନୀଶ ରଥ, ବିଜୟ କୁମାର ପଣ୍ଡା, ଉପଦେଷ୍ଟା ଚକ୍ରଧର ମହାପାତ୍ର, ଭାଷାବିତ୍ କୈଳାସ ଚନ୍ଦ୍ର ଟିକାୟତରାୟ, ଶିକ୍ଷାବିତ୍ ଧ୍ରୁବ ଚରଣ କର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରାରମ୍ଭରେ ସମ୍ପାଦକ ସୁକାନ୍ତ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଅତିଥିଙ୍କ ଦ୍ୱାରା ଶିଶୁ ସମାଚାରର ସ୍ୱନକ୍ଷତ୍ର ସଂଖ୍ୟା ଓ ମୁଖଶାଳା ଉନ୍ମୋଚିତ ହୋଇଥିଲା। ଶିଶୁଙ୍କ ସୃଜନଶୀଳତାର ବିକାଶ ପାଇଁ ସବୁସ୍ତରରେ ଉଦ୍ୟମ ହେବା ଜରୁରୀ। ଏଥିପାଇଁ ସେମାନଙ୍କୁ ସୁଯୋଗ ଯୋଗାଇଦେବା ଦରକାର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଭାଗନେଇଥିବା ଶିଶୁ ନୃତ୍ୟ ଓ ସଙ୍ଗୀତ ଶିଳ୍ପୀଙ୍କୁ ଅତିଥିମାନେ ପ୍ରମାଣପତ୍ର ସହିତ ପୁରସ୍କାର ପ୍ରଦାନ କରିଥିଲେ।

ଦ୍ୱିତୀୟ ପର୍ବରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ବିଶିଷ୍ଟ ସେବାୟତ ଭାଗବାନ ସୁଆର, ଇ-୨୪ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଇଂ. ରାଜେଶ ମିଶ୍ର, ଟେଲିଭିଜନ ଉଦ୍‌ଘୋଷିକା କଳ୍ପନା ମିଶ୍ର, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ସୁକାନ୍ତ ପଣ୍ଡା ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀଙ୍କୁ "ସାରସ୍ୱତ ସମ୍ମାନ' ଶିଶୁ ଲେଖକ ଶ୍ରୀମାନ୍ ସାଦ୍ୟାନ୍ତ ଶତପଥୀଙ୍କୁ "ଅନନ୍ୟ ମେଧା ପ୍ରତିଭା ସମ୍ମାନ' ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ଡା. ପ୍ରଭାତ କୁମାର ଦାଶଙ୍କୁ "ସ୍ୱାସ୍ଥ୍ୟ ସେବା ସମ୍ମାନ' କୋଣାର୍କ ଉଚ୍ଚ ବିଦ୍ୟାଳୟକୁ 'ସବୁଜ ବିଦ୍ୟାଳୟ ସମ୍ମାନ' ସହିତ ପୁରୀ ଜିଲ୍ଲା ସ୍କୁଲ ପୁରୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଘୋଡ଼ାବଜାର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମଧୁବନଙ୍କୁ ଉତ୍କର୍ଷ ବିଦ୍ୟାଳୟ ସମ୍ମାନ ଓ ବିନାୟକ ବିଦ୍ୟାମନ୍ଦିରକୁ ପୂରକ ସମ୍ମାନରେ ସମ୍ମାନିତ କରାଯିବା ସହ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ, ସଙ୍ଗୀତ ଗୁରୁ, ନୃତ୍ୟ ଗୁରୁ, ସମାଜସେବୀ ଓ ଶିଶୁ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଉତ୍ସବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୪୨୫ ଜଣ ଶିଶୁ ପ୍ରତିଭା ନୃତ୍ୟ, ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଉତ୍ସବ କମିଟି ଓ ଶିଶୁ ସମାଚାର ପରିଚାଳନା ମଣ୍ଡଳୀର ସମସ୍ତ ସଦସ୍ୟ ସଦସ୍ୟା ପରିଚାଳନାରେ ସହଯୋଗ କରିଥିଲେ। ଶିବ ସୁନ୍ଦର ମିଶ୍ର, ଶରତ ରାୟଗୁରୁ, ଶ୍ରୀକାନ୍ତ ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଉତ୍ସବ କମିଟି ଉପାଧ୍ୟକ୍ଷ ବିଜୟକୃଷ୍ଣ ବ୍ରହ୍ମା ଧନ୍ୟବାଦ ଅର୍ପଣ କରିଥିଲେ। ରେଣୁକା ମିଶ୍ର, ଅନୁପମା ପଣ୍ଡା, ସ୍ୱାଧୀନ ପଣ୍ଡା, ସ୍ୱେଚ୍ଛାସେବୀ ସଂଗଠନ ଦ ବେଲ୍‌ର ସମସ୍ତ ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଦିନକ ପରେ ଝୁଲଣ ଯାତ୍ରା

# ମଠ, ମନ୍ଦିରରେ ଚାଲିଛି ପ୍ରସ୍ତୁତି

ପୁରୀ,୨।୮ (ସମିସ)

ଦିନକ ପରେ ଅର୍ଥାତ୍ ଆସନ୍ତା ସୋମବାରଠାରୁ ପବିତ୍ର ଝୁଲଣ ଯାତ୍ରା। ଶ୍ରାବଣ ଶୁକ୍ଳ ଦଶମୀଠାରୁ ଆରମ୍ଭ ହେଉଥିବା ଏହି ଝୁଲଣ ଯାତ୍ରା ପ୍ରତିପଦ ଯାଏ ଅନୁଷ୍ଠିତ ହେବ। ଶ୍ରୀମନ୍ଦିରରେ ଏହି ଝୁଲଣ ଯାତ୍ରା ୭ ଦିନ ଧରି ଚାଲିବ। କିନ୍ତୁ ଅନ୍ୟାନ୍ୟ ମଠ ମନ୍ଦିରରେ କେଉଁଠି ୭ଦିନ ତ ପୁଣି କେଉଁଠି ୫ ଦିନ ଧରି ଏହା ଅନୁଷ୍ଠିତ ହେବ। ଶରତ ରାସର ପୂର୍ବାଭାସ ଏହି ଝୁଲଣ ଯାତ୍ରା ହେଉଛି ଗୋପୀଙ୍କ ଗହଣରେ ରାଧାକୃଷ୍ଣଙ୍କ ବିଳାସମୟ ଦୋଳିଖେଳ। ସଙ୍ଗୀତ, ବାଦ୍ୟ ଓ ନୃତ୍ୟମୁଖର ଝୁଲଣ ଯାତ୍ରାରେ ସୁସଜ୍ଜିତ ଦୋଳିରେ ରାଧାଦାମୋଦରଙ୍କୁ ଦର୍ଶନ କରିବା ପାଇଁ ଦୂରଦୂରାନ୍ତରୁ ଭକ୍ତ ଶ୍ରୀକ୍ଷେତ୍ରକୁ ଆସିଥାନ୍ତି। ଭଜନ, କୀର୍ତ୍ତନରେ ଉଲ୍ଲସିତ ହୋଇଉଠେ ମଠ, ମନ୍ଦିର। ଏଥିପାଇଁ ପ୍ରସ୍ତୁତି ପ୍ରାୟ ସରି ସରି ଆସୁଛି। କେଉଁଠି ଝୁଲଣ କୁଞ୍ଜକୁ ସଜାଯାଉଛି ତ ଆଉ କେଉଁଠି ଦୋଳିକୁ ଆକର୍ଷଣୀୟ କରିବା କାମ ଚାଲିଛି।





ଝୁଲଣ ଯାତ୍ରାର ବିଭିନ୍ନ ଦିବସରେ ରାଧାକୃଷ୍ଣଙ୍କ ସମେତ ବିଭିନ୍ନ ମଠରେ ଥିବା ଲକ୍ଷ୍ମୀ-ନାରାୟଣ, ଲକ୍ଷ୍ମୀ-ନୃସିଂହ ଏବଂ ରାମ-ଲକ୍ଷ୍ମଣ-ସୀତା ଆଦି ଦେବଦେବୀ କୁଞ୍ଜରେ ଦୋଳି ଖେଳିବେ। ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ ଝୁଲଣ କୁଞ୍ଜ ଭିତରେ ଜରି ଜମ୍ମୁରା କାମ କରାଯିବ। ସୋଲରେ ପ୍ରସ୍ତୁତ ବିଭିନ୍ନ ପକ୍ଷୀ କୁଞ୍ଜ ପରିବେଶକୁ ମଧ୍ୟ ଆକର୍ଷଣୀୟ କରିବ। ପ୍ରତ୍ୟହ ନିତ୍ୟ ଆଳତି ପରେ ପ୍ରଭୁଙ୍କ ପାଇଁ ଝୁଲଣ ଆଳତି କରାଯିବ। ଏଥିସହ ସ୍ୱତନ୍ତ୍ର ଭୋଗ ମଧ୍ୟ ଲାଗିହେବ। ସେହିପରି ଜଗନ୍ନାଥ ବଲ୍ଲଭ ମଠରେ ମଧ୍ୟ ଝୁଲଣ ଯାତ୍ରା ବେଶ୍ ଜାକଜମକରେ ପାଳନ କରାଯାଏ। ଏବେ ମଠରେ ଝୁଲଣ କୁଞ୍ଜ ପ୍ରସ୍ତୁତି କାର୍ଯ୍ୟ ଚାଲିଛି। କୁଞ୍ଜରେ ଶୋଭା ପାଉଥିବା ସାମଗ୍ରୀଗୁଡ଼ିକ କଡ଼ାଯାଇ ସଫା ଏବଂ ମରାମତି କରାଯାଉଛି। କୁଞ୍ଜ ପରିସରକୁ ଆକର୍ଷଣୀୟ କରିବା ଲାଗି ବିଭିନ୍ନ ପ୍ରକାର ଝାଲର ଏବଂ ଜରି, ଜମ୍ମୁରା ଓ ଶୋଲରେ ଫୁଲ ତିଆରି ହେଉଛି। ସେହିପରି ଆକର୍ଷଣୀୟ ଲାଇଟ୍ ଲାଗିବ। ବିଭିନ୍ନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସୂଚନା ମିଳିଛି। ସେହିପରି ପୁରୀର ଅନ୍ୟତମ ପ୍ରସିଦ୍ଧ ମଠ ବଡ଼ ଓଡ଼ିଆ ମଠ, ରାଧାବଲ୍ଲଭ, ପାପୁଡ଼ିଆ ମଠ, ଜିୟର ସ୍ୱାମୀ ମଠ, ରାଧାକାନ୍ତ ମଠ ସମେତ ଅନ୍ୟାନ୍ୟ ମଠ ଓ ମନ୍ଦିରରେ ଝୁଲଣ ଯାତ୍ରାକୁ ନେଇ ପ୍ରସ୍ତୁତି ଚାଲିଛି।

ସିଂହଦ୍ୱାର ସମ୍ମୁଖ ରାଧାବଲ୍ଲଭ ମଠରେ ୭ ଦିନ ଧରି ଝୁଲଣ ଯାତ୍ରା ଅନୁଷ୍ଠିତ ହେବ। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସେହିପରି ଶ୍ରୀ ଗୌର ବିହାର ଆଶ୍ରମ (ମାତା ମଠ)ରେ ସାତଦିନ ଧରି ଝୁଲଣ ଯାତ୍ରା ଅନୁଷ୍ଠିତ ହେବ। ପ୍ରତିଦିନ ଅପରାହ୍ଣ ୩ଟା ସମୟରେ ଠାକୁରମାନେ ଝୁଲଣ କୁଞ୍ଜକୁ ବିଜେ କରିବେ। ଅପରାହ୍ଣ ୩ଟା ୧୫ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଶିଳ୍ପୀମାନଙ୍କ ଦ୍ୱାରା ନୃତ୍ୟକଳା, ପାରମ୍ପରିକ ଝୁଲଣ ଗୀତ, ଭଜନ କୀର୍ତ୍ତନ ପରିବେଷଣ କରାଯିବ। ସନ୍ଧ୍ୟା ୬ଟାରେ ଝୁଲଣ କୁଞ୍ଜରେ ଠାକୁରମାନଙ୍କର ଆଳତି ଦର୍ଶନ ହେବ ବୋଲି ମଠ ପକ୍ଷରୁ ସୂଚନା ଦିଆଯାଇଛି।


## ଦାବି ପୂରଣ ପାଇଁ ଶିକ୍ଷକ କର୍ମଚାରୀଙ୍କ ଧାରଣା

ପୁରୀ,୨।୮ (ସମିସ): ଓଡ଼ିଶା ସ୍କୁଲ୍ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଶନିବାର ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ପାଇଁ ଶିକ୍ଷକ କର୍ମଚାରୀ ଧାରଣା ଦେଇଛନ୍ତି। ଯୋଗ୍ୟ ବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ, ଶିକ୍ଷକ ଓ କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ, ପେନ୍‌ସନ୍ ବ୍ୟବସ୍ଥା, ଅବସର ବୟସ ୬୨ ବର୍ଷକୁ ବୃଦ୍ଧି, ଗ୍ରେଡ୍ ପେ'ରେ ରହିଥିବା ଅସଙ୍ଗତି ଦୂର, ସବୁ ବିଦ୍ୟାଳୟକୁ ସରକାରୀକରଣ, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି କିସ୍ତି ପ୍ରଦାନ, ନୂତନ ପେନ୍‌ସନ୍ ବ୍ୟବସ୍ଥା ପରିବର୍ତ୍ତେ ପୁରୁଣା ପେନସନ ଲାଗୁ ପାଇଁ ସମିତି ପକ୍ଷରୁ ଦାବି କରାଯାଇଛି। ମଣ୍ଡଳ ସଭାପତି ଦିବାକର ପ୍ରଧାନ, ସମ୍ପାଦକ ହରିହର ତ୍ରିପାଠୀ, ପ୍ରାକ୍ତନ ସମ୍ପାଦକ ରମେଶ ଚନ୍ଦ୍ର ପତି, ପ୍ରାକ୍ତନ ସଭାପତି ବାଳକୃଷ୍ଣ ବାହିନୀପତି, ମୋହନ ସାହୁ, କୃଷ୍ଣଚନ୍ଦ୍ର ମହାନ୍ତି, ସୁଲେଖା ମିଶ୍ର, ଗତିଶ୍ୱର ମହାପାତ୍ର, ସୁଧାକର ସାହୁ, ସଦାଶିବ ବିଶ୍ୱାଳ, ମନୋଜ ଦଳେଇ ସେଥିରେ ଅଂଶ ଗ୍ରହଣ କରିଥିଲେ।





# ନିଃସଙ୍ଗତା



କବିତା ବାରିକ

ବଡ଼ ବିଚିତ୍ର ଏ ଜୀବନ। କେତେ ଅନୁଭୂତି, କେତେ ଘଟଣା ! କେତେ ସ୍ୱପ୍ନ ଆଉ କେତେ କେତେ ହତାଶା! କେତେବେଳେ ସ୍ୱପ୍ନ ଭାଙ୍ଗିଯାଏ ତ, କେତେବେଳେ ସ୍ୱପ୍ନ ବାସ୍ତବତାର ଦୋଳିରେ ବସି ଗୁମୁରୁଥାଏ। ତାରି ଭିତରେ ଅପରାହ୍ନର ଛାଇ ଆଉ ଗଛରୁ ପାଚିଲା, ଫଳ ଚିପ୍‌କି ପଡ଼ିଲା ଭଳି ଜୀବନ ବି କଞ୍ଚା ହେଉ କି ପାଚିଲା, କଢ଼ି ହେଉ କି ଫୁଲ ଗଳି ପଡ଼େ।

ସମସ୍ତେ କହୁଛନ୍ତି ବାପାଙ୍କର ବୟସ ହୋଇଥିଲା। ଗଲେ। ଅଶୀ ଉପରେ ହୋଇଥିଲା। ବହୁତ ଦେଖିଲେ, ବହୁତ ପାଇଲେ। ବହୁତ ଭୋଗିଲେ ବି। ଯାଇଛନ୍ତି ମାନେ କଷ୍ଟରୁ ମୁକ୍ତି। ତାଙ୍କ ସହିତ ଅନ୍ୟମାନେ ବି ଘାଣ୍ଟି ହେଉଥିଲେ। ବାପାଙ୍କ କୋକେଇ ସଜ ହେଉଛି। ଆଉ ଟିକିଏ ପରେ ଶବ ବନ୍ଧା ଯାଇ ହରିବୋଲ ଶୁଭିବ। ଆଗରେ ବଡ଼ଭାଇ କାନ୍ଧ ଦେବେ। ଝୁଣା ଧୂଆଁ, ଖଇ, କଉଡ଼ି ଭିତରେ ରାମ ନାମ ସତ୍ୟ ହେ, ବୋଲାଯିବ। ତାରି ଭିତରେ ଆଉ ଗୋଟିଏ ଦିଗକୁ ବି ସଜଡ଼ା ଚାଲିଛି। ଗଙ୍ଗା କୂଳିଆମାନେ ଶବ ଦାହ ପରେ ଆସି ଖାଇବେ।

ମାନସୀ ଏଇ ଅଦ୍ଭୂତ ପରମ୍ପରା, ରୀତି ଦେଖି ଆଶ୍ଚର୍ଯ୍ୟ ହେଉଛି। ମୃତ୍ୟୁ ଆଉ ଭୋକ ଏ ଦୁଇଟି ସତେକି ପରସ୍ପରର ଛାଇ। ତାକୁ ଗାଢ଼ କରିଦିଏ ଆଖିର ଲୁହ। ପୁଣି କି ବିଚିତ୍ର କଥା ଦେଖତ। କ୍ରିୟାକର୍ମ, ଦଶାହଘାଟ ଭିତରେ ଆୟୋଜିତ ହେବ ଭୋଜି। ପୁରୋହିତଙ୍କୁ ଦାନ, ଦକ୍ଷିଣା। ମରଣ ସହିତ ଗୋଟାଏ ପରେ ଗୋଟାଏ ରୀତି, ନୀତି ଯୋଡ଼ି ହୋଇଯାଇଛି। ଆମର ସଂସ୍କାରରେ, ପରମ୍ପରାରେ। ଏସବୁ ହେଲା ନିହାତି ଆବଶ୍ୟକ କି ନୁହେଁ ସେ କଥା ତ ଜଣାନାହିଁ ମାନସୀକୁ, ହେଲେ ସତକଥା ହେଲା ସେ ଗ୍ରହଣ କରିପାରୁ ନାହିଁ।

ଦେଖୁଦେଖୁ ସବୁ କର୍ମ ସରିଗଲା। ଗହଳି ବି ଭାଙ୍ଗିଗଲା। ଘରଟା ଖାଁ ଖାଁ ମାଡ଼ି ଗୋଡ଼ାଇଲା। ଜଣକର ଅବର୍ତ୍ତମାନରେ ଏମିତି ଖାଲି ଲାଗେ ଘର? ବାପା କ୍ରମଶଃ ସ୍ମୃତି ହେବାରେ ଲାଗିଲେ। ତାରି ଭିତରେ ମାନସୀର ବାହାଘର ପାଇଁ ଏବେ ସମସ୍ତେ ତତ୍ପର ହୋଇ ଉଠିଲେ। ଆଗରୁ ଠିକଣା ହୋଇଥିବା ବାହାଘର ବାପାଙ୍କ ତେର ଦିନରେ ସାରିବା ପାଇଁ ମଧ୍ୟ ପ୍ରସ୍ତାବ ଆସିଥିଲା। ନ ହେଲେ ବର୍ଷେ ଗଲାପରେ। ମାନସୀ ରାଜି ହୋଇ ନ ଥିଲା। ପୁଣି ଯେତେବେଳେ ବର୍ଷ ପୂରିବା ଉପରେ ସେ ପ୍ରସଙ୍ଗ ଉଠିବାରୁ ମାନସୀ ବଜ୍ର ଘୋଷଣା କଲା, ସେ ବାହା ହେବ ନାହିଁ ମାନେ ଜୀବନସାରା ଅବିବାହିତ ରହିବ। ମାଆ, ବଡ଼ଭଉଣୀ, ପିଉସୀ, ଭାଇ, ଘରର ଅନ୍ୟାନ୍ୟ ମୁରବିମାନେ ଯେତେ ବୁଝାଇଲେ ସେ କିନ୍ତୁ ନିଜ ନିଷ୍ପତ୍ତିରେ ଅଟଳ ରହିଲା। କକା ଶେଷ ଅସ୍ତ୍ର ପ୍ରୟୋଗ କଲେ କାଲିକୁ କିଏ ଦେଖିଛି ମାଆ? ବୁଢ଼ୀକାଳେ ପାଖରେ କେହି ନ ଥିଲେ, ନିଃସଙ୍ଗତା ଖାଇଯିବ। ଦେହପା, ଭଲମନ୍ଦ ଅଛି।

ବିବାହ, ଘରସଂସାର, ପୁଅଝିଅ ଏଇମାନେ ଯଦି ବୁଢ଼ା କାଳେ ସାହାରା, ତାହାଲେ ଅଜୟ ଅଙ୍କଲ କାହିଁକି ଆଜି ଏତେ ନିଃସଙ୍ଗ? ବାନ୍ଧବୀ ମଞ୍ଜୁର ବାପା ଅଜୟ ଅଙ୍କଲ୍। ମଉସା ମାଉସୀଙ୍କର ଗୋଟିଏ ପୁଅ, ଗୋଟିଏ ଝିଅ। ବଡ଼ପୁଅ ପଢ଼ା ପରେ ଚାଲିଗଲା ଆମେରିକା। ସେଠି ସେ ନିଜ ପସନ୍ଦର ଝିଅ ବାଛି ବାହା ହେଲା। ବୋହୂ ଭାରତ ଆସିବାକୁ ରାଜି ନୁହେଁ। ମଉସାମାଉସୀ ବି ପୁଅର ବାହାଘରକୁ ଯାଇ ପାରିଲେନି। ମେସେଜ୍‌ରେ ଆର୍ଶୀବାଦ ପଠାଗଲା। ଭିଡିଓ କଲରେ ବାହାଘର, କଥାବାର୍ତ୍ତା। ମଞ୍ଜୁ ବି ବାହା ହୋଇ ମୁମ୍ବାଇରେ ଥିଲା। ଦୁଇବର୍ଷ ହେଲା ତା’ ସ୍ୱାମୀ ଲଣ୍ଡନର କେଉଁ ଏକ କମ୍ପାନୀରେ ଜଏନ୍ କଲା ପରେ ସେ ଚାଲିଗଲା ଲଣ୍ଡନ। ମଉସା ମାଉସୀ ପଡ଼ି ରହିଲେ ତାଙ୍କ କଟକ ଘରେ, ପୁରୁଣା ବୁନିୟାଦିକୁ ଧରି। ଦୁଃଖେସୁଖେ ଦିନ ଗଡ଼ି ଚାଲିଲା। ଦୁଇଟା ପକ୍ଷୀ ଦିନେ ନୀଡ଼ ବାନ୍ଧିଥିଲେ। ସେ ନୀଡ଼କୁ ଦୁଇଟି ଶାବକ ଆସିଲେ। ବଡ଼ ହେଲେ। ଡେଣା ଗୁଜରିଲା। ଶକ୍ତ ହେଲେ। ଉଡ଼ି ଶିଖିଲେ। ଚାଲିଗଲେ ଦୂର ଆକାଶକୁ। ସାତ ସମୁଦ୍ର, ତେର ନଈ। ବସା ଖାଲି ହୋଇଗଲା । ପୁଣି ସମୟ କଡ଼ ଲେଉଟାଇଲା। ମା’ ପକ୍ଷୀର ମୃତ୍ୟୁ ହେଲା।

ମାନସୀ ବାପାଙ୍କ ମୃତ୍ୟୁପରେ ଅଜୟ ଅଙ୍କଲଙ୍କ ଦେହ ଖରାପ ଶୁଣି ଯାଇଥିଲା ଦେଖିବାକୁ। ଶୋଇଥିଲେ ମଉସା। ବିରାଟ ପୁରୁଣା କାଳିଆ ଦୋମହଲା ଘର। ଫଳ ଫୁଲର ବି ବଡ଼ ବଗିଚା। ମାଳି ଓ ରାନ୍ଧୁଣୀ ଏ ଦି’ ଜଣ ମଉସାଙ୍କ ଶେଷ ଜୀବନର ସାହାରା। ତାଙ୍କ ପରେ ପିଲାମାନେ ଏ ଘର ବିକିବେ କି ଦାନ କରିଦେବେ ଜଣା ନାହିଁ। ମରି ପଡ଼ିଥିଲେ ପାଣି ଦେବାକୁ କେହି ଆସିପାରିବେନି। କେମିତି ଏକ ନିଃସଙ୍ଗତା ଭିତରେ ଅଜୟ ଅଙ୍କଲ୍ ଡିପ୍ରେସନ୍‌ରେ ଚାଲିଯାଇଥିଲେ।

ସେଠୁ ଫେରିଲା ପରେ ମାନସୀର ମନ ଭାଙ୍ଗି ଯାଇଥିଲା। କାହିଁକି ମଣିଷ ସଂସାର କରେ? କେତେ ଦିନର ଏ ଜୀବନ? ପୁଅଝିଅ, ପ୍ରାଚୁର୍ଯ୍ୟ, ଘରଦ୍ୱାର ସବୁ ଅଛି। ଅଥଚ ନ ଥିଲା ଭଳି। ବିବାହ କରିବି କ’ଣ ନିଃସଙ୍ଗତା ଆସୁନି? ପୁଅଝିଅ ଥାଇ ବି କ’ଣ ପ୍ରଶ୍ନ ଉଠୁନି, କେଉଁ ଅବସ୍ଥାରେ ମରଣ ଆସିବ ଆଉ ପାଖରେ କିଏ ଥିବ? ମାନସୀ ବାପାଙ୍କର ମୃତ୍ୟୁକୁ ଅତି ପାଖରୁ ଦେଖିଥିଲା। ତା’ ସହ ଦେଖିଥିଲା ବାପାଙ୍କର ବାର୍ଦ୍ଧକ୍ୟ ଆଉ ରୋଗଶଯ୍ୟାରେ ଦୀର୍ଘ ଦିନ ପଡ଼ିରହିବା। ପୁଣି ଦେଖିଲା ବିବାହ କରି, ପୁଅଝିଅଙ୍କର ଭରପୂର ସଂସାର ଭିତରେ ଅଜୟ ଅଙ୍କଲଙ୍କ ନିଃସଙ୍ଗତା। ମନେ ପକାଇଥିଲା ଗୌତମ ବୁଦ୍ଧଙ୍କୁ। ଏଇ ମୃତ୍ୟୁ, ରୋଗ, ବାର୍ଦ୍ଧକ୍ୟ, ଦେଖିତ ସେ ଦିନେ ସଂସାର ତ୍ୟାଗୀ ହୋଇଥିଲେ। ସ୍ତ୍ରୀ , ଛୋଟ ପୁଅକୁ ଛାଡ଼ି ନିର୍ବାଣ ପାଇଁ ଘର ଛାଡ଼ିଥିଲେ। କକା ଯେତେବେଳେ ତାକୁ ବାହା ନ ହେଲେ, ଶେଷ ଜୀବନରେ, ବୁଢ଼ୀ କାଳେ ଦେହଫା, ଭଲମନ୍ଦ, ନିଃସଙ୍ଗତା ଖାଇଯିବା କଥା ଉଠାଇଲେ, କେବଳ ନୀରବରେ ହସି ଦେଇଥିଲା ମାନସୀ। ନିଃସଙ୍ଗତା ଏକ ଭାବନା। ଏକ ଗଭୀର ଅନୁଭୂତି। ଭିଡ଼ ଭିତରେ ବି ମଣିଷ ନିଃସଙ୍ଗ। ଆଉ ରହିଲା କାଲି କଥା। କାଲିକୁ କିଏ ଦେଖିଛି? ବର୍ତ୍ତମାନ ତ ହେଲା ସବୁଠାରୁ ବଡ଼ ସତ୍ୟ। କାଲି ଆସିବ କି ନାହିଁ କିଏ କହି ପାରିବ? କେତେଦିନ ପାଇଁ ଆମେ ସଂସାରକୁ ଆସିଛୁ? କେବେ ନାଟକ ସରିଯିବ। ବାହୁଡ଼ିବା ବେଳ ଆସିଯିବ ସେ କଥା କିଏ କହିପାରିବ?


ମାନସୀ କିନ୍ତୁ ସେହି ନିଃସଙ୍ଗତାକୁ ସାଥୀ କରି ନେବ। ନିଜର ଚିନ୍ତାଧାରା, ଭାବପ୍ରବଣତାକୁ କାହିଁକି କାହା ଉପରେ ନଦି ଦେବ? ଏକଥା ବୁଝାଇବା ବି କ’ଣ ଦରକାର? ■

ମୁସକାନ ମେନସନ୍
ଡି-୧, ବମିଖାଲ
କେନାଲ ରୋଡ୍, ରସୁଲଗଡ଼,
ଭୁବନେଶ୍ୱର - ୭୫୧୦୧୦

## ପୁସ୍ତକ ପରିଚୟ

### ରାଜଭୂମି

ସଂପାଦକ
**ପବିତ୍ର ବ୍ରହ୍ମପୁତ୍ର ନାୟକ**



ରାଜନଗର, କେନ୍ଦ୍ରାପଡ଼ା-୨୫
ମୂଲ୍ୟ: ୭୦ ଟଙ୍କା

ସାହିତ୍ୟ ପତ୍ରିକା ‘ରାଜଭୂମି’ର ରଥଯାତ୍ରା ବିଶେଷାଙ୍କ ପବିତ୍ର ବ୍ରହ୍ମପୁତ୍ର ନାୟକଙ୍କ ସଂପାଦନାରେ ପ୍ରକାଶ ପାଇଛି। ଏହି ସଂଖ୍ୟାରେ ପ୍ରକାଶିତ ରାଜଲକ୍ଷ୍ମୀ ତ୍ରିପାଠୀଙ୍କ ‘ଶ୍ରୀପୁରୁଷୋତ୍ତମକ୍ଷେତ୍ର ପୁରୀର ପ୍ରାଚୀନତା’, ଶରତ ଚନ୍ଦ୍ର ମହାପାତ୍ରଙ୍କ ‘କେରଡ଼ାର ନାଗେଶ୍ୱର ଶ୍ରୀଜଗନ୍ନାଥ’, ସୁଷମା ପରିଜାଙ୍କ ‘ତାଳଚେରର ମା’ ହିଙ୍ଗୁଳା’ ଆଦି ଆଲେଖ୍ୟଗୁଡ଼ିକ ମନରେ ଭକ୍ତି ଭାବନା ଜାଗ୍ରତ କରେ। ସେହିପରି ଶିବପ୍ରିୟା ମିଶ୍ରଙ୍କ ‘ପଦ୍ମପୁରର ଗୁରୁ ପଦ୍ମ ସମ୍ଭବ ଓ ମହାକବି ଭବଭୂତି’ ପ୍ରବନ୍ଧରେ ଗୁରୁ ପଦ୍ମ ସମ୍ଭବଙ୍କ ଜନ୍ମସ୍ଥାନ ସଂପର୍କରେ ଅନେକ ଅଜଣା ତଥ୍ୟ ରହିଛି। ଗପ ବିଭାଗରେ ପୀତାମ୍ବର ତରାଇଙ୍କ ‘ଗୋଟେ ବହି’, ସୁଚରିତା ବେହେରାଙ୍କ ‘ନୀଳ ଫ୍ରକ୍’, ରାଜେଶ କୁମାର ତ୍ରିପାଠୀଙ୍କ ‘ବାହାଘର ଇଚ୍ଛା’, ଶୁଭେନ୍ଦୁ କୁମାର ମହାପାତ୍ରଙ୍କ ‘କନିଆଁ ସୁନା’, ଡ. ହୃଷିକେଶ ମହାରଣାଙ୍କ ‘ଅବିଚାର’ ଆଦି ଗପଗୁଡ଼ିକରେ ସାମାଜିକ ବାସ୍ତବତା ଓ ମାନବୀୟ ଆବେଗ ଚମତ୍କାର ଭାବେ ଫୁଟି ଉଠିଛି। କବିତା ବିଭାଗରେ ମନୋରମା ବିଶ୍ୱାଳ ମହାପାତ୍ରଙ୍କ ‘ଭାବର ଠାକୁର ତୁମେ ଭାବର ସାଗର’, ଡକ୍ଟର ମମତାରାଣୀ ନାୟକଙ୍କ ‘ସ୍ମୃତି କିଛି ରହିଯାଏ ଅଣଦେଖା’, ଇଂ ଅଶୋକ କୁମାର ପଟ୍ଟନାୟକଙ୍କ ‘ବର୍ଷା’, ସର୍ବାଣୀ ଦାସଙ୍କ ‘ପ୍ରେମ ଆମ ଅମଳିନ’ ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି। ସେହିପରି ସ୍ୱାସ୍ଥ୍ୟ, ଫିଚର୍, ରିପୋର୍ଟ, ସାକ୍ଷାତକାର, ତେରେଛା ନଜର ଆଦି ବିଭାଗଗୁଡ଼ିକ ମଧ୍ୟ ଆକର୍ଷଣୀୟ ଓ ହୃଦୟସ୍ପର୍ଶୀ ହୋଇଛି। ■

### ଧିଷଣା

ସଂପାଦିକା
**ଡକ୍ଟର ଶର୍ମିଷ୍ଠା ମହାପାତ୍ର**



୩୦୮, ଲକ୍ଷ୍ମୀ ସାଗର,
ଭୁବନେଶ୍ୱର - ୭୫୧୦୦୬
ମୂଲ୍ୟ: ୬୦ ଟଙ୍କା

ସମୀକ୍ଷା, ସମାଲୋଚନା ଓ ଗବେଷଣାଧର୍ମୀ ତ୍ରୟମାସିକ ପତ୍ରିକା ‘ଧିଷଣା’ର ଏକାଦଶ ବର୍ଷ ୧ମ ଓ ୨ୟ ୨୦୨୫ ସଂଖ୍ୟା ଆମର ହସ୍ତଗତ ହୋଇଛି। ଡକ୍ଟର ଶର୍ମିଷ୍ଠା ମହାପାତ୍ରଙ୍କ ସଂପାଦନାରେ ପ୍ରକାଶିତ ‘ଧିଷଣା’ ଏହି ସଂଖ୍ୟାରେ ଡକ୍ଟର ସୁବ୍ରତ କୁମାର ପୃଷ୍ଟିଙ୍କ ‘ଭାରତୀୟ ଲିପିର ମୌଳିକ ରୂପ: କଳିଙ୍ଗ ବ୍ରାହ୍ମୀ’, ଡକ୍ଟର ଅଶୋକ କୁମାର ପଣ୍ଡାଙ୍କ ‘ମାନକ ଓଡ଼ିଆ ଭାଷା’, ଡକ୍ଟର ଗୋବିନ୍ଦ ଚନ୍ଦ୍ର ପେଣ୍ଡୋଇଙ୍କ ‘ଓଡ଼ିଶାର ଜନଜାତି ଅଭିଧାନ- ଏକ ଅଧ୍ୟୟନ’, ଡକ୍ଟର ବାସନ୍ତୀ ମହାନ୍ତିଙ୍କ ‘ଓଡ଼ିଶାର କେଳା ସଂପ୍ରଦାୟ: ଏକ ଅନ୍ୱେଷଣ’, ଡକ୍ଟର ସଂଜୟ କୁମାର ବାଗ୍‌ଙ୍କ ‘ମାଣବସା, ଲକ୍ଷ୍ମୀ ପୁରାଣ ଓ ଶ୍ରୀୟା ପ୍ରସଙ୍ଗ: ଏକ ଆଲୋଚନା’, ଡକ୍ଟର ଅରବିନ୍ଦ ଦାସଙ୍କ ‘ଊନବିଂଶ ଶତାବ୍ଦୀର ଓଡ଼ିଶାକୁ ମିଶନାରୀମାନଙ୍କ ଅବଦାନ’, ଡକ୍ଟର ଶରତ ଚନ୍ଦ୍ର ଜେନାଙ୍କ ‘ ସାହିତ୍ୟ ଗବେଷଣା’ ଆଦି ପ୍ରବନ୍ଧ ଓ ସମାଲୋଚନାଗୁଡ଼ିକ ଉଚ୍ଚାଙ୍ଗ ଓ ଗବେଷଣାଧର୍ମୀ ହୋଇଛି। ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା ଓ ନାଟ୍ୟକାର ବିପିନ୍ ମହାପାତ୍ରଙ୍କ ସାରସ୍ୱତ ସାକ୍ଷାତକାରରେ ଉଭୟ ସ୍ରଷ୍ଟାଙ୍କ ଜୀବନ ଓ ସାହିତ୍ୟ ସଂପର୍କରେ ପାଠକମାନେ ଅନେକ କଥା ଜାଣି ପାରିବେ। ପୁସ୍ତକ ସମୀକ୍ଷା, ଜୀବନୀ ଆଦି ବିଭାଗର ଲେଖାଗୁଡ଼ିକ ମଧ୍ୟ ମନନଧର୍ମୀ ଓ ଉଚ୍ଚକୋଟୀର ହୋଇଛି। ସମାଲୋଚନା ଓ ଗବେଷଣାଧର୍ମୀ ଏହି ପତ୍ରିକାର ଲେଖାଗୁଡ଼ିକ ଉଚ୍ଚତର ଗବେଷଣା ନିମନ୍ତେ ସହାୟକ ହେବ ବୋଲି ଆଶା କରାଯାଏ। ■

## ଛାଇ



ଡକ୍ଟର ଶ୍ରୀହରି ଧଳ

ଛାଇ ବି ତମପରି
ସନ୍ଦେହି।
ପଛେ ପଛେ ଚାଲେ,
ହାଡ଼େ ହାଡ଼େ ଜଗେ।
କାଳେ
ମୁଁ ଛାଇ ହୋଇଯିବି କି-
ଆଉ କା’ ଦେହରେ?
କେମିତି ବୁଝାନ୍ତି-
ତମେ ତ ମୋ-
ଏକାନ୍ତ ଛାଇ।
ଘରେ, ରାସ୍ତାରେ,
ରେସ୍ତୋରାଁରେ।

ତମେ ତ-
ତିଳ ବିଶ୍ୱାସର
ପୋଖରୀଟିଏ।
ସବୁବେଳେ-
ଝଲସୁ ଥାଏ-
ବିଶ୍ୱସ୍ତ ଛାଇଟେ ହୋଇ
ମନ ଦର୍ପଣ-
ଭିତରେ। ■



ତାଉଁତରା, କପାସି
ଚିତାଲୋ, ଯାଜପୁର
ମୋ: ୮୧୧୭୦୮୧୯୦୬

## ଫେରିବାର ବେଳ



ସୂର୍ଯ୍ୟସ୍ନାତ ତ୍ରିପାଠୀ

ଅନେକ କଥା ଅଧା ରହିଗଲା
ଏଯାଏଁ...

ଅଧାଗପ
ଅଧାଗୀତ
ଅଧା ଲେଖା ମୋର ଛୁଟି
ଦରଖାସ୍ତ, ଅଧା ଜହ୍ନ କଅଁଳ କରୁଣ,
ଅଧା ନିଦ, ଅଧା ଅଧା ଆମ ଯାତ୍ରା
ଲକ୍ଷ୍ୟହୀନ; ଅଧା ଖୋଲା ଧୂର ଆକାଶର
ଆଖି, ଅଧା ସୂର୍ଯ୍ୟ ପତ୍ରଗହଳରେ,
ନିଗିଡ଼ି ନ ଆସି ଅଧା ବାଟେ
ଜମାଟ ବାନ୍ଧିଛି ଲୁହ, ମୋ ରକ୍ତ -
କଳାରଙ୍ଗର ବରଫ।

ଅଧା ଅଙ୍କା ପୁଣି
ନିଃସଙ୍ଗ ରାସ୍ତାରେ ଦୁଇହଳ
କ୍ଳାନ୍ତ ପାଦଚିହ୍ନ ଓ ତୁମ ହାତ ଅଙ୍କା
ଗୋଟେ ଝୋଟି- ଅଧା ଗଢ଼ା
ଆମ ଦୁଃଖକଳ୍ପ ସତେ
ସମୟ କାନ୍ଥରେ...

ଏବେ କିନ୍ତୁ ଏସବୁକୁ ପଛ କରି
ଫେରିବାର ବେଳ।

ଏବେ, ଲେଉଟିଯିବାକୁ ହେବ ଆମକୁ
ଧୂଳିଧୂଆଁ ଜର୍ଜରିତ ଗୋଟେ ଛୋଟ ସହରକୁ -
ଯେଉଁଠି ଅଛି ଜୀବନ, ଜଞ୍ଜାଳ ଓ ଜହର।
ଯେଉଁଠି ଅଛି, ଅବା ନାହିଁ
ତୁମ ମନଲାଖି ତୋଫା ଜହ୍ନରାତି,
ଫୁଲ, ଫଗୁଣ, ଛିଟ ପ୍ରଜାପତି,
ସମୁଦ୍ର ଓ ନୀଳ ନିରବତା କିଛି।

ଓ ଯେଉଁଠି,
ଆମ ଅପେକ୍ଷାରେ
ଅଧା ଗଢ଼ା ଅଛି ଏକ ଘର...
ଶୀତଳଜ୍ୟୋତ୍ସ୍ନାରେ ଗଢ଼ା ଚଟାଣ ଯାହାର,
କାନ୍ଥସବୁ ଓଦା ପବନର, ଛାତ ସାରା
ତାରାଫୁଲ ଭର୍ତ୍ତି ଓ ଦରଜାରେ,
ଦରଜାରେ ନିମନ୍ତ୍ରଣ ଆସନ୍ତାକାଲିର...

ଏବେ ଫେରିବାର ବେଳ।

ଯଦିଓ, ଫେରିଯିବା ଏକ ଭ୍ରମ,
ଓ ଅଣଲେଉଟା ଏ ଜୀବନ ବାଟରେ
ସବୁ ଯାତ୍ରା ମୃତ୍ୟୁମୁହାଣକୁ

ତଥାପି,
ତଥାପି...

ୱେଟିଂ ଲିଷ୍ଟରେ କାଲିର ଟିକେଟ୍।
ଆଜି, ସମୟର ନାଡ଼ି ପରଖୁଛେ
ଆମେ ଦୁହେଁ, କ୍ଳାନ୍ତ, ଅନିଶ୍ଚିତ...
କାଚକାନ୍ଥ ସାରା ରକ୍ତଛିଟା,
ଘର ସାରା ମୃତଦେହ ପ୍ରଜାପତିଙ୍କର।
ସମୟର ଧୀର ଆଞ୍ଚ, ଆକାଶରେ
ଦରପୋଡ଼ା ଜହ୍ନ।

ଆମ ଅସହାୟତାକୁ ଦେଖି,
ପାହିବ ପାହିବ କହି
ଏ ଆତଙ୍କର ରାତି ପାହୁନାହିଁ...
ବରଫ ହେଇଯା’ ବୋଲି
ହୃଦୟକୁ କେହି କହୁନାହିଁ... ■

ସିଦ୍ଧେଶ୍ୱରପୁର, କଟକ

# “ମୁଁ ନଲେଖିଲେ ବି ମୋ ସାହିତ୍ୟର କିଛି କ୍ଷତି ହେବ ନାହିଁ”







ହରପ୍ରସାଦ ଦାସ

ଯାହା ଭାବେ ତାହା ଲେଖେ, କିନ୍ତୁ ଲେଖେ କାହିଁକି? ଭାବକୁ ଭାବନାରେ ଛାଡ଼ିଦେଲେ ହୁଅନ୍ତା ନାହିଁ? ଅସଂଖ୍ୟ ଭାବନା ମନରେ ଆସି ପୁଣି ଆପେ ଲିଭିଯାନ୍ତି। ଗୋଟେ କୋଉ ଭାବ, ଦୃଶ୍ୟ ବା ବୋଧ ରହିଯାଏ, ଲିଭେନି। ମୁଁ ମନେ ମନେ ଲଢ଼େ ତାଙ୍କ ସାଙ୍ଗରେ, ହେଃ ଏଇଟା ଅତି ସାଧାରଣ, ହେଃ ଏଇଟା ଅତି ଭାବପ୍ରବଣ, ଏମିତି କେତେ ଭାବରେ ତାଙ୍କୁ ଛଳାଏ, ଛୋଟ କରେ ଓ ସାଧାରଣ ଜୀବନର ଅଭ୍ୟସ୍ତ ପ୍ରାତ୍ୟହିକତାକୁ ଫେରେ। ଏମିତି ସ୍ତର ବାନ୍ଧି ପଡ଼ିରହନ୍ତି ଅସଂଖ୍ୟ ପରିତ୍ୟକ୍ତ ଭାବନା। ପିଲାଦିନରୁ, ଅତି ଅଳ୍ପ ବୟସରୁ ଏମିତି ହେଇଚାଲେ। ସାହିତ୍ୟ ବହିର ଲେଖକମାନେ ଠିଆ ହୁଅନ୍ତି ପାହାଡ଼ ଭଳି ଅନ୍ଧାରରେ, ଆକାର ଅନୁମାନ କରିହୁଏନି କିନ୍ତୁ ବଡ଼ କ’ଣ ଗୋଟେ ଅଛି ସାହିତ୍ୟରେ, ଏ ପ୍ରତ୍ୟୟ ବୋଧେ ଭିତରେ ଭିତରେ ବଢୁଥାଏ। ବୋଧହୁଏ ପଞ୍ଚମ ଶ୍ରେଣୀରେ ପଢ଼ିଲାବେଳେ ମୋ’ ବାପାଙ୍କ ସହକର୍ମୀ ଜଣେ ଶିକ୍ଷକ ଘରୋଇ ଭାବରେ ବି.ଏ. ପରୀକ୍ଷା ଦେବା ପାଇଁ ପ୍ରସ୍ତୁତ ହେଉଥାନ୍ତି। ତାଙ୍କ ଖଟ ଉପରେ ବହିଗଦା ଓ ଅଳ୍ପଟିକିଏ ଜାଗାରେ ସେ ଶୁଅନ୍ତି, କାଳେ ଗୋଡ଼ ବାଜିଯିବ ବୋଲି ପାଦ ଉପରେ ଗାମୁଛା ପକାନ୍ତି। ସେଇଠି ଦେଖିଲି ‘ଗଳ୍ପସ୍ୱଳ୍ପ’ ବୋଲି ବହି ଖଣ୍ଡିଏ। ମାଗି ଆଣିଲି। ମୁଁ ସେତେବେଳକୁ ବହି ପଢ଼ି ପାରୁଥିଲି। ବାପା ନଥିବାବେଳେ ତାଙ୍କ ଆରାମ ଚଉକିରେ ମୁଁ ଓ ମୋର ପ୍ରିୟ ଗୋଟିଏ କଳା କୁକୁର ଛୁଆ ପଢ଼ିବା ଆରମ୍ଭ କଲୁ। ନଅ-ଦଶ ବର୍ଷ ବୟସରେ ଲୟ ସ୍ଥିର ରଖି ଫକୀରମୋହନଙ୍କ ଗଳ୍ପ ପଢ଼ିବା ସହଜ ନ ଥିଲା। ପୃଷ୍ଠାଏ ପଢ଼ିଲେ ଆଖି ଲାଗିଯାଏ, କାଲୁ ମତେ ଉଠେଇ ଦିଏ ଓ ମୋ ମୁହଁକୁ ଚାହିଁ ରହେ। ମୁଁ ପୃଷ୍ଠା ଲେଉଟାଏ। ହଠାତ୍ ଆସିଗଲା ‘ରାଣ୍ଡିପୁଅ ଅନନ୍ତା’। ମୁଁ କୁଜା ହେଇ ପଢ଼ିଥିଲି, ସିଧା ହେଇଗଲି। କାଲୁ ସତର୍କ ହେଇଗଲା ଯେ କ’ଣ ଗୋଟେ ଘଟୁଚି। ହଁ ଘଟୁଥିଲା ମୋ’ ଭିତରେ ସେ ଗଳ୍ପର ଶେଷ ଦୃଶ୍ୟ। ଭାଷାରେ ଯେତିକି ବୁଝୁଥିଲି, ତା’ଠାରୁ ଅଧିକ ବୁଝୁଥିଲି ଭିତରେ କୋଉଠି ଗୋଟେ। ସେ ବୋଧେ ସେଇ ଲେଖକୀୟ ଶୂନ୍ୟସ୍ଥାନ ଯେଉଁଠିକି ଅନନ୍ତା ଟାଣି ଆଣିବ ଅଧରାତିର ଅଥୟ ମାଦଳ, ଲଗାଣବର୍ଷାରେ ଧାନବିଲ, ଶୀତର ଜଙ୍ଗଲ, ବଣନିଆଁ, ଜଡ଼ାତେଲର ଜୁଡ଼ା, ସର୍ଦ୍ଦାର ବାଡ଼ିର ବନ୍ଧାହାତୀ, ବାଉଁଶ ବୁଦାର ସାପ, କୁମୁଦର ଭଙ୍ଗାଦାନ୍ତ ଓ ପଙ୍କ ଉଝଲା, ସମସ୍ତଙ୍କୁ ଗୋଟିଏ ଲେଖାଏଁ ସମ୍ଭାବ୍ୟ କଥକତାର ଅଂଶ କରି। ଯାହା ଭାବ ତାହା କହିହେବ, ଲେଖି ହେବ। ମୟୂରଭଞ୍ଜରୁ କଳାହାଣ୍ଡି ଥିଲା ସତେ ଯେମିତି ଗୋଟେ ଦେଶାନ୍ତରୀର ଅସ୍ତିତ୍ୱ ସନ୍ଧାନ, ଟିକିଏ କଥକତାର ଅଠାରେ ଛିଣ୍ଡା କାଗଜ ଯୋଡ଼ି ସଂସାରକୁ କିଶୋର ଆଖିର ଗୁଡ଼ି କରି, ଉଡ଼େଇ ଦେବାର ଖୋଲା ଆକାଶ। କଳାହାଣ୍ଡିର ଜୁନାଗଡ଼ ହାଇସ୍କୁଲ ଥିଲା ସେଇ ଖୋଲା ଆକାଶରେ ଗୁଡ଼ି ଉଡ଼େଇବାର ଦିନ। ଫୁଟବଲ ଖେଳରେ ସେଣ୍ଟର ଫରୱାର୍ଡ, ଗୀତ, ବକ୍ତୃତା, ସାଧାରଣ ଜ୍ଞାନ, ଅଙ୍କ ଓ ବିଜ୍ଞାନରେ ବି। କିନ୍ତୁ ସାହିତ୍ୟରେ ସବୁବେଳେ ଅନ୍ୟମନସ୍କ, ସବୁବେଳେ କୁଣ୍ଠିତ, ଅଧାପନ୍ତରିଆ, କୋଉଥିରେ ବି ସନ୍ତୁଷ୍ଟ ନୁହଁ। ଲେଖକୀୟ ଶୂନ୍ୟସ୍ଥାନ ଭରି ଭରି କୁଆଡ଼େ ଧସି ଯାଉଥାଏ, ସତେ ଯେମିତି ସବୁ ପୁରୁଣା ଭାବ ପଚି ଶଢ଼ି ସ୍ଥାନ ଭରୁଥାନ୍ତି ଓ ମାଟିରେ ବଦଳୁଥାନ୍ତି। ଲେଖକର ମାଟି ଯେଉଁଠି ଧାନ କି ବାଲୁଙ୍ଗା କୋଉଟା ଗୋଟେ ଉପୁଜିବ, ସେ ମାଟି ବଞ୍ଜର ହେବ ନାହିଁ। କଳାହାଣ୍ଡିରେ ହିନ୍ଦୀ ସହିତ ସମ୍ପର୍କ ହେଲା। ସ୍କୁଲରେ ହିନ୍ଦୀ ପଢ଼ା ହେଲା। ଆସିଗଲେ ହିନ୍ଦୀର ବହୁ ରଚନା ଆଗକୁ। ଆସିଗଲେ ରବୀନ୍ଦ୍ରନାଥ ଇଂରାଜୀରେ। ପୂରା ‘ଗାର୍ଡ଼ନର’ ବହି ମୁଖସ୍ଥ ହେଇଗଲା। ହିନ୍ଦୀ ଓ ଇଂରାଜୀ ସହିତ ଓଡ଼ିଆ ଲୟ ମିଶେଇ ଗୋଟେ ବିଚିତ୍ର ଲୟ ମତେ ବ୍ୟତିବ୍ୟସ୍ତ କଲା। ସେତେବେଳକୁ ଦଶମ ଶ୍ରେଣୀ। ସାରାଦିନ ପାଠ ପାଇଁ ସତର୍କ, ସାରାରାତି ସେଇ ଲୟ ପଛରେ ଅନିଦ୍ରା। ବାଟ ମିଳୁନଥାଏ। କ’ଣ ଗୋଟେ କରିବାର ଥାଏ ଯାହା ମୁଁ କରିପାରୁନଥାଏ। ଦିନେ ସଂସ୍କୃତ କ୍ଲାସରେ ପଣ୍ଡିତ ମହାଶୟ ପଢ଼େଇଲେ ମହାଭାରତର ଯକ୍ଷ ପ୍ରଶ୍ନ। ଯକ୍ଷ ପଚାରିଲା ସବୁଠୁ ଗୂଢ଼ ପ୍ରଶ୍ନ : କଃ ବାର୍ତ୍ତାଃ, ଖବର କ’ଣ? ଯୁଧିଷ୍ଠିର ଉତ୍ତର ଦେଲେ : ପୃଥିବୀ ଏକ ହାଣ୍ଡି, ଆକାଶ ତା’ର ଘୋଡ଼ଣି, ସୂର୍ଯ୍ୟ ଅଗ୍ନି, ଦିବା ରାତ୍ରି ଇନ୍ଧନ, ମାସ ଓ ଋତୁ ରୂପକ ଚଟୁ ଚଳେଇ କାଳ ମଣିଷମାନଙ୍କୁ ରାନ୍ଧୁଚି, ଏଇ ଖବର!

ପିଲାଟିଏ ପାଠର ପରାକ୍ରମ ଦେଖି ସ୍ତମ୍ଭୀଭୂତ ହେବା କିଛି ନୂଆ ନୁହେଁ, କିନ୍ତୁ ସ୍ତମ୍ଭୀଭୂତ ହେବାର ଏଇ ମୁହୂର୍ତ୍ତ ନିଷ୍ପତ୍ତି କରେ ତା’ର ପ୍ରାଣ ସ୍ପନ୍ଦନ କେଉଁଠି। ମୋର ପ୍ରାଣସ୍ପନ୍ଦନ ଥିଲା କବିତାରେ ଯେଉଁ କଥକତା, ନାଟକୀୟତା, ସମ୍ବେଦନା ଓ ସ୍ପର୍ଶ କାତରତା ମୋର ଭୂମି ନିର୍ମାଣ କରିଥିଲେ ସେସବୁ ହଠାତ ଗୋଟିଏ କାବ୍ୟଦୃଷ୍ଟିରେ ପରିଣତ ହୋଇଗଲେ। ମତେ କବିତା ଦିଶିଲା। ସେଥିଲେ ମିଶିଲା ଆସି ସ୍ମୃତିରେ ଉଜାଗର ଦୀପଶିଖା ସହିତ କୁଣ୍ଡଳୀ ମାରି ଉପରକୁ ଉଠୁଥିବା କବିତାର ଛନ୍ଦ ଓ ଧ୍ୱନି। ବୋଉ ଠାକୁରଙ୍କ ସଞ୍ଜ ଆଳତି କଲା ବେଳେ କାନି ଧରି ମୁଁ ଶୁଣେ ସବୁବେଳେ ଦଶାବତାର, ମନେବି ଥିଲା, ବୋଲିବି ପାରେ ଅତି ଅଳ୍ପ ବୟସରୁ। ଯା’ ବାଦେ ସବୁ ଉପର ଓଳି ବୋଉ ରାମାୟଣ ପଢ଼େ, ସୀତାଙ୍କ ବନଗମନ, ବଲ୍କଲଧାରଣ, ଅଗ୍ନିପରୀକ୍ଷା ଭଳି ଅଧ୍ୟାୟରେ ସମସ୍ତେ କାନ୍ଦନ୍ତି, ତା’ ବି କୋଉଠି ନା କୋଉଠି ରହିଯାଏ। ଘରେ ମନା ଥାଏ ମହାଭାରତ। ଭାଗବତର ଦଶମ ସ୍କନ୍ଦ ପଢ଼ା ହୁଏ ଘରେ, ବାପା ଜନ୍ମାଷ୍ଟମୀ ସକାଳୁ ନନ୍ଦୋତ୍ସବ ଯାଏଁ ନିର୍ଜଳା ଉପାସ କରନ୍ତି। ଯୋଉଠି ଥିଲେବି ନନ୍ଦୋତ୍ସବ ସକାଳେ ଦହିହାଣ୍ଡି ଭାଙ୍ଗିବା ପାଇଁ ପୈତୃକ ଗାଁ ଗଜରାଜପୁର ଯା’ନ୍ତି। ଆମ ବଂଶର ଆରାଧ୍ୟ ଗୋପାଳଜୀ। ମୁଁ ଗୋଟିଏ ବାସ୍ତୁହରା ଜମିଦାର ବଂଶର ଜଣେ ଦାୟାଦ। ମୋଗଲ କାଳରୁ ମକଦ୍ଦମୀ ସହିତ ଆରମ୍ଭ ଜମିଦାରୀ ୧୮୭୮ ବନ୍ଦୋବସ୍ତରେ ସ୍ଥିର ହେଲା ସିନା ଦେବୀ ନଦୀ ବନ୍ଧ ଦେଇ ଧୀରେ ସୁସ୍ଥେ ହସ୍ତୀ ଆରୋହଣ କରି ସୂର୍ଯ୍ୟାସ୍ତ ପୂର୍ବରୁ କଟକ ପହଞ୍ଚିବା ସମ୍ଭବ ହେଲାନାହିଁ। ଜମିଦାରୀ ଗଲା।

ମନ୍ଦିର ଦେବୋତ୍ତର ବିଭାଗକୁ ଗଲା। ଖଞ୍ଜା ଉଜୁଡ଼ି ଗଲା। କେବଳ ତ୍ରିଷ୍ଟି ହୋଇ ରହିଚି ଆମ ବଂଶ। ମୋ ଜେଜେ ବାଇଶି ପାହାଚରେ ଇହଲୀଳା ସାଙ୍ଗ କରିଥିବାର ସ୍ମୃତିକଥା ଅଛି। ଅଛନ୍ତି ଗୋପାଳଜୀଙ୍କ ନଟଗୋପାଳ ମୂର୍ତ୍ତି ପାଖରେ କିଶୋରୀମୋହନ। ମୋ ଜେଜେଙ୍କ ନାଁ ଆସିଥିଲା ଏଇ ଠାକୁରଙ୍କ ନାଁରୁ। ଏସବୁ ବି ଆସି ମିଶିଗଲେ କେତେବେଳେ ମୋ ଭିତରେ ପ୍ରସ୍ତୁତ ହେଉଥିବା ଲେଖକୀୟ ଭୂମିରେ। ଆଭିଜାତ୍ୟ ସହିତ ଅଭାବ, ଦନ୍ତକଥା ସହିତ ବାସ୍ତବତା, ମକଦ୍ଦମୀ ସହିତ ଜନ୍ମାଷ୍ଟମୀ, ଅଧ୍ୟାତ୍ମ ସହିତ ପୌରାଣିକତା, କଥକତା ସହିତ କବିତା, ସଂସ୍କୃତ ସହିତ ଜନଜାତୀୟ କଳ୍ପନା, ପ୍ରକୃତି ସହିତ ବସ୍ତୁପ୍ରବଣତା, ଏମିତି କେତେକଣ। ରେଭେନ୍ସା କଲେଜରେ ଯୋଗଦେଲା ବେଳକୁ ଆଖି ସାମ୍ନାରେ ଥିଲା ଗୋଟେ ନୂଆ ପୃଥିବୀ। ବିଟଲ୍ସ ଜାଜ, ସ୍ଥିତିବାଦ ଓ ଉପନିବେଶମୁକ୍ତି ଗୋଟେ ନୂଆ ଭାଷା ଆଣି ଠିଆ କରାଇଥିଲେ। ନୂଆ କବିତାର ନୂଆ ବହନକାରୀ ସାମର୍ଥ୍ୟର ପରୀକ୍ଷା ପ୍ରସାରିତ ହୋଇଚାଲିଥିଲା। ଇଲିଅଟ୍ ‘ୱେଷ୍ଟଲାଣ୍ଡ’ ପାଇଁ ନୋବେଲ ପାଇବା ସହିତ ଆଧୁନିକ କବିତାର ରୋମାଣ୍ଟିକ ଓ ପ୍ରଗତିବାଦୀ ଭାଷ୍ୟ ବଦଳିଯାଇଥିଲା, ଏବେ କାବ୍ୟକଳା ଥିଲା କାବ୍ୟବୋଧର ବିଚ୍ଛୁରଣ ଓ ପୁନରେକୀକରଣ। ଇଏ ଆମ କାବ୍ୟଧାରା ନଥିଲା କିନ୍ତୁ ସଂକ୍ରମିତ ହୋଇ ରହିଥିଲା ବିଶ୍ୱ କବିତା। ଆମର ବଡ଼ କବିମାନେ ସେଇ ମାର୍ଗ ଦେଖେଇଲେ। ନିୟମିତ କବିତା ଲେଖା ଆରମ୍ଭ ହେଲା ସେଇ ରୀତିରେ। କିନ୍ତୁ ଲେଖକ ଭଳି ଲାଗିଲା ନାହିଁ। ମୋର ଜୀବନ ଯେଉଁ ଲେଖକୀୟ ଭୂମି ନିର୍ମାଣ କରିଥିଲା, ତା’ର ବ୍ୟବହାର ହେଲା ନାହିଁ। କେବେ ଦିନେ ଏ ପ୍ରଶ୍ନ ବି ଆସି ଠିଆ ହେଲା ଯେ ମୁଁ ଯଦି ମୋର ଲେଖକୀୟ ଉପାଦାନକୁ ଅଣଦେଖା କରି ବିଦେଶାଗତ ମଡେଲର ଆଧାରରେ କବିତା ଲେଖୁଚି, ସେ ମୋର ନୁହେଁ। ମୁଁ ସୃଜନରେ ବି ସ୍ୱାଧୀନ ନୁହେଁ। ସେତେବେଳକୁ ମୋର ଗଳ୍ପ ଓ କବିତା ସଂକଳନ ବାହାରିଲାଣି, ଯୁବଲେଖକର ସ୍ୱୀକୃତି ବି ମିଳିଲାଣି, କିନ୍ତୁ ମୁଁ ଲେଖୁଚି କାହିଁକି? ଲେଖକୀୟ ଭୂମି ଯଦି ମୋର ନୁହେଁ, ମୁଁ ଯାହା କହିବାକୁ ଚାହୁଁଚି ଯଦି କହିପାରୁନାହିଁ, ତେବେ ମୁଁ ଲେଖିବି କାହିଁକି? ମୁଁ ୧୯୮୦ରୁ ୧୯୯୦ ମସିହା ପର୍ଯ୍ୟନ୍ତ ପ୍ରାୟ ଲେଖିଲି ନାହିଁ। କେବଳ ପଢ଼ିଲି, ଜାଣିବାକୁ ଚାହିଁଲି ମୋ ଭାଷାରେ କ’ଣ ଅଛି ଯାହା ଆଉ କୋଉଠି ନାହିଁ। ପଢ଼ିଲି ସାରଳା ମହାଭାରତ, ଭାଗବତ, ରୀତିକାବ୍ୟ, ଗୀତିକବିତା, କବିସୂର୍ଯ୍ୟ, ଭୀମ ଭୋଇ, ରାଧାନାଥ, ଶାସ୍ତ୍ର, ସଂଗୀତ, ପୁରାଣ, ବେଦ, ବେଦାନ୍ତ ଯାହା ପାଇଲି। ପଢ଼ିଲି ପାଶ୍ଚାତ୍ୟ କବିଗଣଙ୍କୁ, ତାଙ୍କର ଶାସ୍ତ୍ରକୁ, ତାଙ୍କର ଦର୍ଶନ ଓ ବିଚାରକୁ। ଫ୍ରେଞ୍ଚ, ସ୍ପାନିସ, ଜର୍ମାନ ଓ ପର୍ତ୍ତୁଗୀଜ଼ ଭାଷା ଓ ସାହିତ୍ୟ ସହିତ ସାମାନ୍ୟ ପରିଚୟ ହେଲା କିନ୍ତୁ ଇଂରାଜୀ ଅନୁବାଦରେ ସବୁ ଜଣା କବିଙ୍କୁ ପଢ଼ିଗଲି। ଶେଷରେ ଏଇ ନିଷ୍କର୍ଷରେ ପହଞ୍ଚିଲି ଯେ ନୂଆ ଭାରତୀୟ କବିତା ଆମେ ଦୃଢ଼ତାର ସହିତ ଲେଖିପାରିନେ। ଓଡ଼ିଆ କବିତା କଥା କ’ଣ କହିବି, ଓଡ଼ିଆ ମୋ ଦୃଷ୍ଟିରେ ବିଶ୍ୱର ଶ୍ରେଷ୍ଠ ଭାଷା, ଏଭଳି କିଛି ନାହିଁ ଯାହା ଏ ଭାଷାରେ ଉଚ୍ଚାରିତ ହୁଏ ନାହିଁ ବା ଯାହା ପାଇଁ ଶବ୍ଦର ଅଭାବ ପଡ଼େ।

୧୯୯୦ ମସିହାରେ ମୁଁ ପୁଣି କବିତା ଲେଖିବା ଆରମ୍ଭ କଲି, ସେତେବେଳକୁ ମୁଁ ଜାଣିଯାଇଥିଲି ଯେ ପଶ୍ଚିମାଙ୍କ ଆଶାଭଙ୍ଗର କବିତା ମୋର ନୁହେଁ, ମୋର ଲେଖକୀୟ ଭୂମିର ଉପଜ ନୁହେଁ। ମୋ କବିତା ଅପରିଚୟର ନୁହେଁ କି ଆତ୍ମନିର୍ବାସନର ନୁହେଁ। ଯଦି ଇଲିଅଟ୍‌ଙ୍କ ନଷ୍ଟଭୂମିକୁ ଉପନିଷଦର ଶାନ୍ତିପାଠ ଅର୍ଥମୟ କରିପାରେ, ତେବେ ମୁଁ କାହିଁକି ନଷ୍ଟଭୂମିରୁ ପ୍ରେରଣା ନେବି? ମୋ ଉପରେ ମୋର ପିତୃପୁରୁଷଙ୍କର ଅମାପ ଋଣ। ସେଥିରୁ ଟିକିଏ ତ ପରିଶୋଧ କରିପାରିବି ମୋ ରଚନାରେ? ୨୦୦୦ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ୨୦୧୩ ମସିହାରେ ଭାରତୀୟ ଜ୍ଞାନପୀଠର ମୂର୍ତ୍ତିଦେବୀ ପୁରସ୍କାର ଗ୍ରହଣ କରି ମୁଁ କହିଥିଲି, ଓଡ଼ିଆ ଭାଷାର ମୋ ଭଳି ଜଣେ ନଗଣ୍ୟ କବିଠାରୁ କିଛି ଆଶା ରଖନ୍ତୁ ନାହିଁ, ମୋ ପିତୃପୁରୁଷ ଛାଡ଼ିଯାଇଥିବା ବିପୁଳ ସମ୍ପନ୍ନତାକୁ ମୁଁ ଅଯୋଗ୍ୟ, ଭୋଗ କରିଚି ସାରାଜୀବନ ବଢ଼େଇନି କାଣିଚାଏ, ମୁଁ ନଲେଖିଲେ ବି ଓଡ଼ିଆ ସାହିତ୍ୟର କିଛି କ୍ଷତି ହେବନାହିଁ। ମୁଁ ଲେଖୁଚି, ଲେଖି ଚାଲିବି କେବଳ ସେମାନଙ୍କୁ ଜଣାଇବା ପାଇଁ ଯେ ମୁଁ ତାଙ୍କରି ସଞ୍ଚିତ ବିପୁଳତାକୁ ବ୍ୟୟ କରିଚାଲିଚି, ଶୁଝି ପାରିନି ସେଥିରୁ କାଣିଚାଏ!

ଏବେ ମୁଁ କହିପାରିବି ମୁଁ କାହିଁକି ଲେଖେ। ■

ମୋ: ୯୪୩୭୦୩୯୮୫୮

## ଅବଶିଷ୍ଟାଂଶ

### ଆଖିବୁଜିଲେ ବଳଙ୍ଗା...

ଆଜି ସାରା ରାଜ୍ୟରେ ଅସନ୍ତୋଷର ନିଆଁ ସୃଷ୍ଟି ହୋଇଛି । ସବୁଠାରୁ ଉଦବେଗର ବିଷୟ ହେଲା ଯେ ଆଜି ପର୍ଯ୍ୟନ୍ତ ଅଭିଯୁକ୍ତ ଧରାପଡ଼ି ନାହାନ୍ତି । ନାରୀ ନିର୍ଯାତନା ନେଇ ଭୁବନେଶ୍ୱରରୁ ଦିଲ୍ଲୀ ପର୍ଯ୍ୟନ୍ତ ନିନ୍ଦିତ ହେଉଥିବା ଓଡ଼ିଶାର ଶାନ୍ତ ଭାବମୂର୍ତ୍ତି ପ୍ରତି ଏହା ଗଭୀର ଆଞ୍ଚ ଆଣିଛି । ଦିନବେଳା ଏଭଳି ଜଘନ୍ୟ ଅପରାଧ ଘଟାଉଥିବା ଅପରାଧୀଙ୍କୁ ପୁଲିସ କେମିତି ଖୋଜି ପାଇପାରୁ ନାହିଁ, ତାହା ପ୍ରଶାସନର ପାରିବାର ପଣିଆ ଉପରେ ପ୍ରଶ୍ନଚିହ୍ନ ଲଗାଇଦେଇଛି ।

ଆଜିକୁ ପ୍ରାୟ ୧୫ ଦିନ ଧରି ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ପୁଲିସ ଅପରାଧୀଙ୍କ ସଂପର୍କରେ କୌଣସି ସୁରାକ ପାଉନାହିଁ । ନାବାଳିକାର ପରିବାର ସଦସ୍ୟ, ସାଙ୍ଗସାଥୀ ଏବଂ ଅନ୍ୟ କେତେକ ସନ୍ଦିଗ୍ଧ ଯୁବକଙ୍କୁ ପଚରାଉଚରା କରିଥିଲେ ମଧ୍ୟ ନାବାଳିକାକୁ କିଏ ଓ କାହିଁକି ପୋଡ଼ି ମାରିବାକୁ ଉଦ୍ୟମ କଲା, ସେ ସଂପର୍କରେ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦିଷ୍ଟ ତଥ୍ୟ ମିଳିନାହିଁ । ଆମ ହାତରେ କିଛି ପ୍ରମାଣ ଲାଗିଛି, ଖୁବ୍‌ଶୀଘ୍ର ଘଟଣା ଉପରୁ ପରଦା ହଟିବ ବୋଲି ତଦନ୍ତକାରୀ ସଂସ୍ଥା ବାରମ୍ବାର ଗଣମାଧ୍ୟମକୁ କହୁଥିଲେ ହେଁ ଏଯାଏ ତଦନ୍ତ ଅନ୍ଧାର ଭିତରେ ରହିଯାଇଛି । ଦିଗହରା ତଦନ୍ତ ଭିତରେ ଅପରାଧୀମାନେ ଅଦୃଶ୍ୟ ହୋଇଯାଇଥିବା ବେଳେ ଆଜି ଡାକ୍ତରଖାନାରେ ପୀଡ଼ିତା ଆଖି ବୁଜିଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଆଗକୁ ତଦନ୍ତର ଦିଗ କୁଆଡ଼କୁ ଯିବ, ପୀଡ଼ିତା ପରିବାରକୁ ପୁଲିସ ଏବଂ ସରକାର କିଭଳି ଭାବେ ନ୍ୟାୟ ପ୍ରଦାନ କରିବେ, ତାକୁ ନେଇ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପୁଲିସ ଏଯାଏ ଅପରାଧୀଙ୍କୁ ଧରି ନ ପାରିବା, ଏତେଦିନ ପରେ ବି ଘଟଣା ଉପରୁ ପରଦା ନ ଉଠାଇ ପାରିବା ରାଜ୍ୟ ସରକାରଙ୍କ ପାରିବାପଣିଆ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ବିରୋଧୀ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି । ୭ ଦିନ ଭିତରେ ବଳଙ୍ଗା ପୀଡ଼ିତାର ପରିବାରକୁ ନ୍ୟାୟ ନ ମିଳିଲେ, ପ୍ରକୃତ ଅପରାଧୀ ଧରା ନ ପଡ଼ିଲେ, ପ୍ରଶାସନିକ ବିଫଳତା ପାଇଁ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ କହିଛନ୍ତି । ଅନ୍ୟପକ୍ଷରେ ଦିଲ୍ଲୀ ଏମ୍‌ସରେ ବଳଙ୍ଗା ପୀଡ଼ିତାଙ୍କ ପରିବାରକୁ ଭେଟି ବିଜୁ ଜନତା ଦଳର ସଂସଦୀୟ ମଣ୍ଡଳୀ ସମବେଦନା ଜଣାଇଛନ୍ତି । ଏହି ଦୁଃଖଦ ଘଟଣା ନେଇ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଅତ୍ୟନ୍ତ ଦୁଃଖଦ ଓ ହୃଦୟ ବିଦାରକ । ରାଜ୍ୟ ସରକାର ତାଙ୍କ ଚିକିତ୍ସା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିଥିଲେ । ଦିଲ୍ଲୀ ଏମ୍ସରେ ବିଶେଷଜ୍ଞ ଡାକ୍ତରମାନେ ଅହୋରାତ୍ର ଚେଷ୍ଟା କରିଥିଲେ, କିନ୍ତୁ ଦୁର୍ଭାଗ୍ୟବଶତଃ ତାଙ୍କୁ ବଞ୍ଚାଇ ରଖିବା ସମ୍ଭବ ହୋଇପାରିଲା ନାହିଁ । ଏହି ଘଟଣାରେ ଜଡ଼ିତ ଅପରାଧୀମାନଙ୍କୁ ଦୃଢ଼ ଦଣ୍ଡ ଦେବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି ।

### ଅନ୍ଧାରରେ ତଦନ୍ତ...

ତେରହଳ ଗ୍ରାମର ଦୁଃଖିଶ୍ୟାମ ସେନାପତିଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ଅବଗତ ହେବା ସହ ସାହିପଡ଼ିଶା ଲୋକଙ୍କ ସହିତ ଆଲୋଚନା କରିଥିଲେ ।

୨୧ ତାରିଖରେ ଏହି ଘଟଣାକୁ ନେଇ ଜାତୀୟସ୍ତର ବେଶ୍ ଚର୍ଚ୍ଚା ହୋଇଥିଲା । କଂଗ୍ରେସର ଜାତୀୟ ନେତୃତ୍ୱମାନେ ଓଡ଼ିଶା ସରକାରଙ୍କୁ ଟାର୍ଗେଟ କରିଥିବା ବେଳେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ ସୁପ୍ରିମକୋର୍ଟ । ବଳଙ୍ଗା ଘଟଣାକୁ ନେଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ 'ଆମେ ଲଜ୍ଜିତ' ବୋଲି କହିଥିଲେ ।

୨୪ ତାରିଖରେ ବଳଙ୍ଗା ନାବାଳିକା ପୋଡ଼ି ମାମଲା ନେଇ କ୍ରାଇମବ୍ରାଞ୍ଚର ୪ ଜଣିଆ ଦଳ ଦିଲ୍ଲୀ ଏମ୍‌ସରେ ପୀଡ଼ିତାର ବୟାନ ରେକର୍ଡ କରିଥିଲେ । ସ୍ୱତନ୍ତ୍ର ଟିମ୍‌ରେ କ୍ରାଇମ୍‌ବ୍ରାଞ୍ଚର ଦୁଇଜଣ ଅଧିକାରୀଙ୍କ ସହ ଜଣେ ମାଜିଷ୍ଟ୍ରେଟ ଏବଂ ଜଣେ ଭିଡିଓଗ୍ରାଫର ରହିଥିଲେ । ୨୫ ତାରିଖରେ ନିମାପଡ଼ା ଜେଏମ୍‌ଏଫ୍‌ସି କୋର୍ଟରେ ପୀଡ଼ିତାଙ୍କ ସାଙ୍ଗ, ପିଉସୀ, ଦାଦା ଓ ଖୁଡ଼ୀଙ୍କର ବୟାନ ରେକର୍ଡ କାଯାଇଥିଲା । ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ବିଧିବଦ୍ଧ ଭାବେ ଏହି ୪ ଜଣଙ୍କର ନିଜସ୍ୱ ମତକୁ ଲିପିବଦ୍ଧ କରାଯାଇଥିଲା । ଦିଲ୍ଲୀ ଏମ୍‌ସରେ ପୀଡ଼ିତାଙ୍କ ବାପାଙ୍କର ମଧ୍ୟ ବୟାନ ରେକର୍ଡ ହୋଇଥିଲା । ୨୭ ତାରିଖରେ ଏମ୍ସରେ ପୀଡ଼ିତାଙ୍କର ତୃତୀୟଥର ପାଇଁ ଅସ୍ତ୍ରୋପଚାର କରାଯାଇଥିଲା । ପୀଡ଼ିତାଙ୍କ ବାପା ଓ ପିଉସୀଙ୍କୁ ୩୦ ମିନିଟ୍‌ରୁ ଅଧିକ ସମୟ ଧରି ପଚରାଉଚରା କରିଛି ପୁଲିସ ।

୩୦ ତାରିଖରେ ଏମ୍ସରେ ପୀଡ଼ିତାଙ୍କର ତୃତୀୟଥର ବୟାନ ରେକର୍ଡ କରାଯାଇଥିଲା । ଭୁବନେଶ୍ୱର ଏମ୍ସରେ ଥରେ ଏହିପରି ୪ ଥର ବୟାନ ରେକର୍ଡ କରିଥିଲା ପୁଲିସ । ଆଉ ଶେଷରେ ଆଜି ପୀଡ଼ିତା ଆଖି ବୁଜିଦେବା ପରେ ଏଥିରେ ଅନ୍ୟ କାହାରି ସମ୍ପୃକ୍ତି ନାହିଁ ବୋଲି କହି ସବୁ ଦୋଷ ପୀଡ଼ିତା ମୁଣ୍ଡରେ ଥୋପି ଦେଇଛି ପୁଲିସ । ଆଜି ପୀଡ଼ିତାଙ୍କ ମୃତ୍ୟୁ ଘୋଷଣା ପରେ ଓଡ଼ିଶା ପୁଲିସ ପକ୍ଷରୁ ଏକ୍ସରେ ସୂଚନା ଦିଆଯାଇ କୁହାଯାଇଛି, ଆଜି ପର୍ଯ୍ୟନ୍ତ ହୋଇଥିବା ତଦନ୍ତରେ କାହାରି ସମ୍ପୃକ୍ତି ଥିବା ଜଣାପଡ଼ି ନାହିଁ । ଗତ ୩୦ ତାରିଖରେ ପୁରୀ ଏସ୍‌ପି ପିନାକ ମିଶ୍ର କହିଥିଲେ, ଏହି ମାମଲାରେ ପୁଲିସକୁ ଗୁଡ଼ାଏ ତଥ୍ୟ ହସ୍ତଗତ ହୋଇଛି । ବହୁତ ଲୋକଙ୍କୁ ପଚରାଉଚରା କରାଯାଇଛି । ଯେହେତୁ ଏଥିରେ ପୀଡ଼ିତା ଜଣେ ନାବାଳିକା ତେଣୁ ପୁଲିସ ବେଶ୍ ସନ୍ତର୍ପଣରେ କାମ କରୁଛି । ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଛି । କ'ଣ ପାଇଁ ହେଲା କିଏ ନିଆଁ ଲଗାଇଲା ସେ ସମ୍ପର୍କରେ ଏବେ କହିପାରିବି ନାହିଁ ବୋଲି ସୂଚନା ଦେଇଥିଲେ । ହେଲେ ପ୍ରଶ୍ନଉଠୁଛି ପୁଲିସ କେଉଁସବୁ ତଥ୍ୟ ହାସଲ କରିଥିଲା । ଅଭିଯୁକ୍ତଙ୍କ ପାଖରେ ପହଞ୍ଚିବାକୁ ସେହି ତଥ୍ୟ କ'ଣ ପର୍ଯ୍ୟାପ୍ତ ନ ଥିଲା? ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ନାବାଳିକା ଦେହରେ ନିଆଁ ଲଗାଯିବା ପରେ ପ୍ରଥମେ ତାକୁ ଠାବ କରିଥିଲେ ଦୁଃଖିଶ୍ୟାମ ସେନାପତି । ନାବାଳିକା ତାଙ୍କୁ କ'ଣ କହିଥିଲେ ଏବଂ ସେ ଓ ତାଙ୍କ ପତ୍ନୀ ପୀଡ଼ିତାଙ୍କୁ କ'ଣ ସାହାଯ୍ୟ କରିଥିଲେ ତାହା ତଦନ୍ତରେ କହିଥିଲେ । କିନ୍ତୁ ତାଙ୍କ ବୟାନକୁ ନେଇ ମଧ୍ୟ ଅନେକ ନାନା ପ୍ରକାର ଚର୍ଚ୍ଚା ହୋଇଥିଲା । ସେହିପରି ଘଟଣାସ୍ଥଳରୁ ପୁଲିସ ଜବତ କରିଥିବା କିଛି ସାମଗ୍ରୀ ଯେପରି କି ଚୁଡ଼ି, ମୁଦି ପୀଡ଼ିତାଙ୍କର ନୁହେଁ ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଥିଲା । ପ୍ରଶ୍ନ ଉଠିଥିଲା ଯଦି ପୀଡ଼ିତାଙ୍କର ନୁହେଁ, ତେବେ ସେଠାରୁ ମିଳିଲା କେମିତି? ପୋଡ଼ି ଘଟଣା ଏମିତି ଅନେକ ପ୍ରଶ୍ନବାଚୀ ଭିତରେ ରହିଯାଇଥିବା ବେଳେ ଆଜି ଆଖି ବୁଝିଛନ୍ତି ନାବାଳିକା ।

### ସଂଶୟ ବଢ଼ାଇଲା...

ପ୍ରକାରରେ ସାଲିସ କରାଯାଇପାରିବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ବିଶେଷଜ୍ଞ ମହଲର ଯୁକ୍ତି ଅନୁଯାୟୀ ପ୍ରଥମତଃ ବିବାଦର ଆପୋସ ସମାଧାନ ପାଇଁ ଛତିଶଗଡ଼ ସହ ଆମର ଆଲୋଚନା ଜାରି ରହିଛି ବୋଲି ରାଜ୍ୟ ସରକାର କହୁଛନ୍ତି । ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଚିଠିର ଉତ୍ତରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ଧାଡ଼ିକିଆ ଉତ୍ତର ଆଦୌ ସନ୍ତୋଷ ଜନକ ନୁହେଁ । ଓଡ଼ିଶାର ପ୍ରସ୍ତାବ ବିଚାରାଧୀନ ଅଛି ବୋଲି କହି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଏହି ବିବାଦକୁ ଝୁଲାଇ ରଖିବାକୁ ଚାହୁଁଛନ୍ତି ବୋଲି ବିଶେଷଜ୍ଞ ମହଲ ଆଶଙ୍କା ପ୍ରକାଶ କରୁଛନ୍ତି । ଉତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ କଥାରୁ ସ୍ପଷ୍ଟ ହୋଇଯାଉଛି ଯେ ଦୁଇ ରାଜ୍ୟ ମଧ୍ୟରେ କୌଣସି ଆଲୋଚନା ହୋଇନାହିଁ । କେବଳ ଓଡ଼ିଶା । ମୁଖ୍ୟମନ୍ତ୍ରୀ ପଠାଇଥିବା ପ୍ରସ୍ତାବ ଉପରେ ଛତିଶଗଡ଼ ସରକାର ବିଚାର କରୁଛନ୍ତି ।

ଦ୍ୱିତୀୟତଃ ଛତିଶଗଡ଼କୁ କଣ ପ୍ରସ୍ତାବ ଦିଆଯାଇଛି, ତାହା ରାଜ୍ୟ ସରକାର କାହିଁକି ସାର୍ବଜନୀନ କରୁନାହାନ୍ତି । ଏହାକୁ ନେଇ ମଧ୍ୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି । ନିକଟରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ସମାନ ପ୍ରଶ୍ନ ଉଠାଇଥିଲେ । ଛତିଶଗଡ଼ ସହ ରାଜ୍ୟ ସରକାର କଣ ଆଲୋଚନା କରୁଛନ୍ତି, ତାହା ସାର୍ବଜନୀନ କରିବାକୁ ନବୀନ ଦାବି କରିବା ସହ ରାଜ୍ୟ ସରକାର ଆଇନଗତ ଲଢ଼େଇରୁ ଓହରି ଯିବାକୁ ନିଷ୍ପତ୍ତି ନେଇଛନ୍ତି କି ବୋଲି ସେ ପ୍ରଶ୍ନ କରିଥିଲେ । ଏପରିକି ତୁରନ୍ତ ରାଜ୍ୟ ସରକାର ଏନେଇ ସର୍ବଦଳୀୟ ବୈଠକ ଡକାଇବାକୁ ନବୀନ ଦାବି କରିଥିଲେ । ତେବେ ନବୀନଙ୍କ ଦାବି ଏବଂ ପ୍ରସ୍ତାବକୁ ନେଇ ରାଜ୍ୟ ସରକାର କୌଣସି ଆଗ୍ରହ ଦେଖାଇନଥିବା ବେଳେ ମହାନଦୀକୁ ନେଇ ନିରବତା ଅବଲମ୍ବନ କରୁଛନ୍ତି । ଯାହାକୁ ନେଇ ସାଧାରଣରେ ଅନିଶ୍ଚିତତା ବଢ଼ି ଚାଲିଛି । ଅପରପକ୍ଷେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ କଡ଼ା ସମାଲୋଚନା କରିଛି କଂଗ୍ରେସ । କଂଗ୍ରେସ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ ଚିଠିରେ କୌଣସି ଆପୋସ ସମାଧାନ ହୁଏନାହିଁ । ବିବାଦରେ ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କଲେ ଯାଇ ସମାଧାନର ରାସ୍ତା ବାହାରିପାରିବ । ମହାନଦୀ ସମସ୍ୟାର ସମାଧାନ ପାଇଁ ରାଜ୍ୟବାସୀ ବିଜେପି ଉପରେ ଭରସା ରଖି ଭୋଟ ଦେଇଥିଲେ । ମାତ୍ର ସରକାରଙ୍କୁ ବର୍ଷ ପୂରିଥିଲେ ମଧ୍ୟ ମହାନଦୀର ସ୍ଥିତି ପୂର୍ବପରି ସଙ୍କଟାପନ୍ନ ରହିଛି । ଏବେ ଟ୍ରିପଲ ଇଞ୍ଜିନ ସରକାର ଚାଲିଛି । ତେଣୁ ଚିଠି ଲେଖା ବନ୍ଦ ହେଉ । ପ୍ରଧାନମନ୍ତ୍ରୀ ଇତିମଧ୍ୟରେ ଓଡ଼ିଶାକୁ ୬ ଥର ଆସିଲେଣି । ପ୍ରଧାନମନ୍ତ୍ରୀ ଚାହିଁଥିଲେ ଗୋଟିଏ ଦିନରେ ସମସ୍ୟାର ସମାଧାନ କରିପାରିବେ । ତେଣୁ ପ୍ରଧାନମନ୍ତ୍ରୀ ଏନେଇ ଆଗେଇ ଆସିବାକୁ ଶ୍ରୀ କାଡାମ ଦାବି କରିଛନ୍ତି । ଅପରପକ୍ଷେ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖାଯାଇଛି । ସମସ୍ତ ରାଜନୈତିକ ଦଳ, ନଦୀ ଓ ଜଳ ବିଶେଷଜ୍ଞ, ନଦୀ ଆନ୍ଦୋଳନର ପ୍ରମୁଖ ନେତୃତ୍ୱ ଓ ବୁଦ୍ଧିଜୀବୀଙ୍କୁ ନେଇ ଏକ ବୈଠକ ତୁରନ୍ତ ଡାକିବାକୁ ସଂଗଠନର ଆବାହକ ସୁଦର୍ଶନ ଦାସ ଚିଠିରେ ଉଲ୍ଲେଖ କରିଛନ୍ତି । ଆନ୍ତଃନଦୀ ଜଳ ବିବାଦ ଏକ ଜଟିଳ ସମସ୍ୟା ଏବଂ ସେଥିପାଇଁ ବିଭିନ୍ନ ବର୍ଗଙ୍କ ଭିତରେ ସହମତି ଅତ୍ୟନ୍ତ ଜରୁରି । ମହାନଦୀକୁ ନେଇ ଓଡ଼ିଶାର କଣ ଦାବି ସବୁ ରହିବା ଉଚିତ ସେସବୁ କୁ ସହମତି ଭିତ୍ତିରେ ନିର୍ଦ୍ଧାରଣ ହେବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି ।

### ସେପ୍ଟେମ୍ବର ୬କୁ...

ଟ୍ରିବ୍ୟୁନାଲ ଅଧ୍ୟକ୍ଷଙ୍କୁ ଅବଗତ କରାଇଥିଲୁ । ଅତୀତରେ କୌଣସି ଜଳବିବାଦ ଟ୍ରିବ୍ୟୁନାଲରେ ସମାଧାନ ହୋଇନାହିଁ । ଗତ ୬ ବର୍ଷ ମଧ୍ୟରେ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲରେ ମଧ୍ୟ କୌଣସି ଆଖିଦୃଶିଆ ଅଗ୍ରଗତି ହୋଇନାହିଁ । ଏଯାବତ୍ ମାତ୍ର ଜଣ ସାକ୍ଷୀଙ୍କୁ ଜେରା କହିଛନ୍ତି । ଆହୁରି ୧୦ ବର୍ଷ ମାମଲା ଚାଲିଲେ ମଧ୍ୟ ଏହି ମାମଲାର ଅନ୍ତ ଘଟିବ ନାହିଁ । ତେଣୁ ଆପୋସ ଆଲୋଚନା ମାଧ୍ୟମରେ ମାମଲାର ସମାଧାନ ଶ୍ରେୟସ୍କର ବୋଲି ।ସେ କହିଛନ୍ତି । ଇତିମଧ୍ୟରେ କେନ୍ଦ୍ର ସରକାର ଏବଂ ଗୃହ ମନ୍ତ୍ରୀ ଏହି ମାମଲାରେ ହସ୍ତକ୍ଷେପ କରିଛନ୍ତି । କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କ ସହ ଯୋଗାଯୋଗ କରାଯାଇଛି । ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ଏ ସମ୍ପର୍କରେ ଆଗ୍ରହ ପ୍ରକାଶ କରିଛନ୍ତି । । ଏଥିରୁ ସୁଫଳ ମିଳିବା ସହ ଏକ ସକରାତ୍ମକ ପରିବେଶ ମଧ୍ୟରେ ଏହି ମାମଲାର ଅନ୍ତ ଘଟିବ ବୋଲି ଶ୍ରୀ ଆଚାର୍ଯ୍ୟ ଆଶା ପ୍ରକାଶ କରିଛନ୍ତି ।

### ପୁଣି ଝୁଲିଲା ନିଗମ...

ପୁନର୍ବିନ୍ୟାସ ଏବଂ ନିଗମ, ବୋର୍ଡ ନିଯୁକ୍ତିକୁ ନେଇ କଳ୍ପନା ଜଳ୍ପନା ଲାଗି ରହିଥିଲା । ରାଜ୍ୟ ସଭାପତି ଏବଂ ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ଏନେଇ ଘନ ଘନ ବୈଠକ କରିଥିବା ବେଳେ ଆସନ୍ତା ୯ ତାରିଖ ପୂର୍ବରୁ ସଂଗଠନରେ ନୂଆ ନିଯୁକ୍ତି ସହ ନିଗମ ଓ ବୋର୍ଡ ନିଯୁକ୍ତି ହେବ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଥିଲା । ତେବେ ଉଭୟ ପ୍ରକ୍ରିୟାକୁ ନେଇ ମନମୋହନଙ୍କ ଆଜିର ବୟାନ ଆଶାୟୀଙ୍କୁ ପୁଣିଥରେ ନିରାଶ କରିଛି । ସଂଗଠନ ପୁନର୍ବିନ୍ୟାସ ଏବଂ ନିଗମ ଲଡୁ ବଣ୍ଟାକୁ ଆଉ କିଛିଦିନ ଲାଗିପାରେ ବୋଲି ରାଜନୈତିକ ସମୀକ୍ଷକ ଆକଳନ କରିଛନ୍ତି ।

### ପୁଣି ୮ କୋଟିର...

କହିଛନ୍ତି ଯେ ଥାଇଲାଣ୍ଡର ବ୍ୟାଙ୍କ୍‌କ ବିମାନ ବନ୍ଦରରେ ଲଗେଜ୍‌କୁ ଏତେଟା ଯାଞ୍ଚ କରାଯାଇ ନାହିଁ । ବିଶେଷ କରି ଲଗେଜ ସ୍କାନର ମାଧ୍ୟମରେ ଯାଞ୍ଚ କରଯାଇଏ ନାହିଁ । ତେଣୁ ନିଶା ମାଫିଆ ବ୍ୟାଙ୍କକରୁ ନିଶା ଦ୍ରବ୍ୟ ନେଇ ସିଧା ଭୁବନେଶ୍ୱର ବିମାନ ବନ୍ଦରକୁ ଆଣିଥାନ୍ତି । ଦୁଇ ଦେଶର ଏୟାରପୋର୍ଟ ଭଳି ଭୁବନେଶ୍ୱର ବିମାନ ବନ୍ଦରରେ ମଧ୍ୟ ଏତେଟା ଲଗେଜ ସ୍କାନ୍ କରାଯାଏ ନାହିଁ । ଯାହାର ଫାଇଦା ନେଉଛନ୍ତି ନିଶା ମାଫିଆ । ସେମାନେ ବିଦେଶରୁ ଭୁବନେଶ୍ୱରକୁ ନିଶା ଚାଲାଣ କରୁଛନ୍ତି । ଏଠାକୁ ଆସିବା ପରେ ବିମାନରେ ଅନ୍ୟ ଦେଶକୁ ସିଧା ପଠାଇ ଦିଆଯାଇଥାଏ । କେବଳ କଷ୍ଟମ୍ ବିଭାଗ ନିଜର ଗୁଇନ୍ଦା ଖବର ଆଧାରରେ ଯାହା ସୂଚନା ପାଉଛି ସେହି ଆଧାରରେ ଚଢଉ କରି ଗିରଫ କରୁଛି ।

ଦୁଇଦିନ ତଳେ ରାଜଧାନୀରୁ ମିଳିଥିଲା ୩୦ କୋଟିର ମାରିଜୁଆନା । ବିମାନରେ ବ୍ୟାଙ୍କକରୁ ଭୁବନେଶ୍ୱର ଆସୁଥିବାବେଳେ କଷ୍ଟମ୍ସ ବିଭାଗ ମାରିଜୁଆନା ଜବତ କରିଥିଲା । ୬ଟି ବ୍ୟାଗ ଭର୍ତ୍ତି ଥିବା ହାଇଡ୍ରୋଫୋନିକ ୱିଡର ଆନୁମାନିକ ମୂଲ୍ୟ ୩୦ କୋଟିରୁ ଅଧିକ ହେବ ବୋଲି କୁହାଯାଇଥିଲା ।

### କମୁଛି ନିଯୁକ୍ତି...

ଶୁକ୍ରବାର ଜାରି ନିଯୁକ୍ତି ରିପୋର୍ଟ ନୈରାଶ୍ୟଜନକ ଥିଲା । ଆମେରିକା ଶ୍ରମ ବିଭାଗ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ ଅର୍ଥନୀତିକୁ ବଡ଼ ଝଟ୍‌କା ଲାଗିଛି । ଗତ ମାସରେ ଦେଶରେ ମାତ୍ର ୭୩ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥିଲା । ମାତ୍ର ଲକ୍ଷେ ୧୫ ହଜାର ନିଯୁକ୍ତି ମିଳିବ ବୋଲି ଆକଳନ କରାଯାଇଥିଲା । କେବଳ ସ୍ୱାସ୍ଥ୍ୟକ୍ଷେତ୍ରରେ ୫୫ ହଜାର ଏବଂ ସାମାଜିକ ସେବା କ୍ଷେତ୍ରରେ ୧୮ ହଜାର ଚାକିରି ମିଳିଥିଲା । ଗତ ମାସରେ ନିଯୁକ୍ତି ଦାତା ଜୁଲାଇରେ ୬୨, ୦୭୫ ଜଣଙ୍କୁ ଛଟେଇ ମଧ୍ୟ କରଥିଲେ । ଏହା ଜୁନ୍ ତୁଳନାରେ ୨୯ ପ୍ରତିଶତ ଅଧିକ ଥିଲା । ଜୁଲାଇରେ ହୋଇଥିବା ଛଟେଇ ଗତ ବର୍ଷର ସମାନ ଅବଧି ତୁଳନାରେ ୧୪୦ ପ୍ରତିଶତ ଅଧିକ । ସରକାରୀ, ଟେକ୍, ଖୁଚୁରା କ୍ଷେତ୍ରରେ ସର୍ବାଧିକ ଛଟେଇ ହୋଇଛି । 'ଜବ୍ସ ଆଣ୍ଡ ଲେବର ରିପୋର୍ଟ'ରେ କୁହାଯାଇଛି ଯେ ଅର୍ଥନୀତି ମନ୍ଥର ହୋଇଯାଇଛି । କ୍ରମାଗତ ଚତୁର୍ଥ ମାସରେ ନିଯୁକ୍ତି ସୁଯୋଗ ହ୍ରାସ ପାଇଛି । ଏହା ସତ୍ତ୍ୱେ ବି ଟ୍ରମ୍ପ ତଥ୍ୟରେ ଦିଆଯାଇଥିବା ଚେତାବନୀକୁ ଅଣଦେଖା କରିଦେଇଛନ୍ତି । ସେ ଏହି ତଥ୍ୟ ଜାରି କରିଥିବା ଲେବର ଡିପାର୍ଟମେଣ୍ଟ ପ୍ରମୁଖ ଅଧିକାରୀ ଏରିକା ମାକ୍‌ଏଣ୍ଟରଫରଙ୍କୁ ବରଖାସ୍ତ କରିଦେଇଛନ୍ତି । ତଥ୍ୟ ଜାଲିଆତି କରିଥିବା ଅଭିଯୋଗ କରି ସେ ଏହି ପଦକ୍ଷେପ ନେଇଛନ୍ତି । ବିନା ତଥ୍ୟରେ ଏଭଳି ତଥ୍ୟ ଜାରି କରାଯାଇଛି ବୋଲି ଟ୍ରମ୍ପ କହିଛନ୍ତି । ଅର୍ଥବ୍ୟବସ୍ଥା ଦ୍ରୁତଗତିରେ ବଢୁଥିବା ଟ୍ରମ୍ପ ଦାବି କରିଛନ୍ତି । ଗତ ସପ୍ତାହର ଏହି ତଥ୍ୟ ଦର୍ଶାଉଛି ଯେ ଯଦି ସ୍ଥିତି ଆଗକୁ ଏପରି ଜାରି ରହେ ତେବେ ମଧ୍ୟବିତ୍ତଙ୍କ ସ୍ଥିତି ଦୋହଲିଯିବ । ଯଦି ଟ୍ରମ୍ପ ମଧ୍ୟବିତ୍ତଙ୍କୁ ଆଶ୍ୱସ୍ତି ପ୍ରଦାନ ନ କରନ୍ତି, ଶୁଳ୍କ ନୀତି କାର୍ଯ୍ୟକାରୀରେ ସମସ୍ୟା, ଖର୍ଚ୍ଚ ହ୍ରାସ ଏବଂ ଟିକସ ସହିତ ଅନ୍ୟ ପରିବର୍ତ୍ତନ କରିବାରେ ଅସମର୍ଥ ହେଲେ ରାଜନୈତିକ ବିପଦ ସୃଷ୍ଟି ହେବ । ଗତ ମାସରେ ଟ୍ରମ୍ପଙ୍କ ଆର୍ଥିକ ନୀତିକୁ ନେଇ ବାଇଡେନ ମଧ୍ୟ ଚେତାବନୀ ଦେଇଥିଲେ । ଶୁଳ୍କର ମୂଲ୍ୟ ଆମେରିକା ଶ୍ରମିକ ଏବଂ ବ୍ୟବସାୟକୁ ପ୍ରଭାବିତ କରିବ ବୋଲି ସେ କହିଥିଲେ ।

### ମୁଣ୍ଡ-ଗଣ୍ଡି ଅଲଗା...

ବଢ଼ିଚାଲିଛି । ଗତ ଗୁରୁବାର ହାତୀ ଆକ୍ରମଣରେ ବାଘଧରିଆ ଗ୍ରାମର ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଶୁକ୍ରବାର ଆଉ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ସୁଧାକର ସାମଲ ଶୁକ୍ରବାର ଚାଷକାମ କରିବାକୁ ବିଲକୁ ଯାଇ ସନ୍ଧ୍ୟା ସୁଦ୍ଧା ଘରକୁ ଫେରିନଥିଲେ । ତେବେ ଆଜି ସକାଳେ ସୁଧାକରଙ୍କ ଗଣ୍ଡି ଓ ମୁଣ୍ଡ ଅଲଗା ପଡ଼ିଥିବା ଗ୍ରାମବାସୀ ଦେଖିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା । ଖବର ପାଇ ହିନ୍ଦୋଳ ଥାନା ପୁଲିସ, ବନବିଭାଗ କର୍ମଚାରୀ, ହିନ୍ଦୋଳ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ପୁଲିସ ମୃତଦେହ ଜବତ କରିବା ସହ ହିନ୍ଦୋଳ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି ।


**UTKAL BANANI HIGHER SECONDARY SCHOOL**
CHAKSULIAPADA, MAYURBHANJAT/PO- CHAKSULIAPADA,
PS- SULIAPADA, DIST- MAYURBHANJ, PIN- 757021

**WALK-IN-INTERVIEW**

Interested candidates having 55% marks or more at P.G level are invited to attend the walk-in-interview on dt. 11/08/2025 from 11 AM to 12 PM in the college premises with self-attested copies of academic certificates for appointment of Math (with BED ) & Sanskrit lecturer.

Principal-Cum-Secretary
U.B.H.S.S Chaksuliapada, MBJ

**ନିୟନ୍ତ୍ରିତ ବଜାର କମିଟି କୋରାପୁଟ**

ଏତଦ ଦ୍ୱାରା କୋରାପୁଟ ଉପଖଣ୍ଡ ଅଞ୍ଚଳ ର ସମସ୍ତ କୃଷକ ଭାଇ ଭଉଣୀ ,ବ୍ୟବସାୟୀ ମାନଙ୍କୁ ୭୮ତମ ସ୍ୱାଧୀନତା ଦିବସ ୨୦୨୫ ସମ୍ବନ୍ଧରେ ଉପଲକ୍ଷେ ନିୟନ୍ତ୍ରିତ ବଜାର କମିଟି କୋରାପୁଟ ଙ୍କ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ

ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ
ଧାନ ସଂଗ୍ରହ ବର୍ଷ ୨୦୨୫-୨୬

ଏତଦ ଦ୍ୱାରା କୋରାପୁଟ ଉପଖଣ୍ଡ ଅଞ୍ଚଳ ର ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଖରିଫ ଧାନ ସଂଗ୍ରହ ୨୦୨୪-୨୫ ବର୍ଷ ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ତା ୧୯.୦୭.୨୦୨୫ ରିଖ ଠାରୁ ଆରମ୍ଭ ହୋଇଅଛି । ଆଗ୍ରହୀ ଚାଷୀ ନିକଟସ୍ଥ ଅନୁମୋଦିତ କୃଷି ସମବାୟ ସମିତି PACS/LAMPCS ରୁ ନୂତନ ପଞ୍ଜିକରଣ ଫର୍ମ ସଂଗ୍ରହ କରି ତା ୨୦.୦୮.୨୦୨୫ ରିଖ ମଧ୍ୟରେ ସମିତି ରେ ଦାଖଲ କରିବେ । ସବିଶେଷ ବିବରଣୀ ପାଇଁ ବିଭାଗୀୟ ୱେବସାଇଟ www.foododisha.in ରେ ତଥ୍ୟ ଉପଲବ୍ଧ ।

ଆବଶ୍ୟକୀୟ କାଗଜାତ :-
୧- ଆଧାର କାର୍ଡ
୨- ଚାଷଜମି ବାବଦରେ ପ୍ରମାଣ ପତ୍ର ଅର୍ଥାତ ଜମି ପଟ୍ଟା(ROR) ବଣ୍ଟନ ଇତ୍ୟାଦି ।
୩- ବ୍ୟାଙ୍କ ପାସ ବୁକ ର ପ୍ରଥମ ପୃଷ୍ଠା
୪- ମୋବାଇଲ ନମ୍ବର , ଯଦି ମୋବାଇଲ ନ ଥାଏ ପରିବାର ସଦସ୍ୟଙ୍କ ମୋବାଇଲ ନମ୍ବର ଦେବା ଆବଶ୍ୟକ
୫- ଭାଗ ଚାଷୀମାନେ ପଞ୍ଜୀକରଣ ପ୍ରକ୍ରିୟା ରେ ଆବଶ୍ୟକୀୟ କାଗଜ ପତ୍ର ଦାଖଲ କରି ଅଂଶ ଗ୍ରହଣ କରିପାରିବେ।
୬-ଅଧିକରୁ ଅଧିକ କ୍ଷୁଦ୍ର ଓ ନାମ ମାତ୍ର ଚାଷୀମାନେ ଧାନ ସଂଗ୍ରହ ବ୍ୟବସ୍ଥା ରେ ଅନ୍ତର୍ଭୁକ୍ତ ହେବା ସରକାରଙ୍କର ଏକାନ୍ତ ଲକ୍ଷ୍ୟ

ଏଣୁ ସମସ୍ତ ଆଗ୍ରହୀ ଚାଷୀ ମାନଙ୍କୁ ଅନୁରୋଧ,ସେମାନେ ଉପରୋକ୍ତ ଅବଧି ମଧ୍ୟ ରେ ଆଗୁଆ ପଞ୍ଜୀକରଣ କରି ନେବେ।

ସ୍ୱା/- ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି କୋରାପୁଟ
ସ୍ୱା/- ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି କୋରାପୁଟ

**OFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA** B-356
**INVITATION FOR BIDS (IFB)**
E-mail: pwdoff_khd@yahoo.com

**Tender Call Notice**
Bid Identification No. S.E.-KHD-(R&B)- 18/2025-26
Letter No. 4657 / dtd. 31.07.2025

The Superintending Engineer, Khurda (R&B) Division, Khurda on behalf of Governor of Odishainvites percentage rate bid in **Double cover** system in ONLINE MODE from eligible class of contractors having valid registration certificate for execution of the Composite (Civil + EI + PH) & Roads Works as detailed below:

| | | | |
|---|---|---|---|
| 1. | Nature of Work | : | Building & Road |
| 2. | No of Work | : | 2Nos |
| 3. | Tender Cost | : | Rs.10000.00(Online) |
| 4. | Class of Contractor | : | 'B' class Contractor |
| 5. | Available of Bid documents in the web site. | : | From Dt. 06.08.2025 at 12.00 Noon to Dt. 20.08.2025 at 5.00 PM |
| 6. | Date of opening of Bids | : | Dt. 21.08.2025 at 11.00A.M |

7. Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any information regarding Addendum / Corrigendum / Cancellation of tender can be available in the said website.

Superintending Engineer
Khurda (R&B) Division, Khurda

OIPR-34095/11/0033/2526

Ph. 06854-241159/232714
Email: ceo@koraputccb.com

**KORAPUT CENTRAL CO-OPERATIVE BANK LTD.**
Head Office: N.K.T. Road, Jeypore-764003, Dist.: Koraput, Odisha
Letter No. 7527/P&S/2025-26 / Date 02.08.2025

**QUOTATION CALL NOTICE**

Sealed quotations are invited from the intending registered firm for procurement of Standard fire, Burglary, Cash and fidelity guarantee master insurance policy for LAMPCS/MPCS affiliated to Koraput Central Cooperative Bank Ltd., Jeypore for a period of one year i.e., from Dt.11.08.2025 to 10.08.2026 (Mid-night).

The interested vendors /agencies are requested to submit their sealed quotations before the undersigned on or before Dt.07.08.2025 (3.30 P.M) latest as per following table and the same will be opened on the same date at 4.00 P.M in presence of the members or their authorized representatives.

(Rs. In Lakhs)

| Sl. No. | No. of LAMPCS/ MPCS | Content in Premises | Money in Premises | Money in Transit | Dishonesty of Employees of the LAMPCS/ MPCS | Total Coverage (Sum Assured) |
|---|---|---|---|---|---|---|
| 1 | 55 | 136.00 | 925.00 | 1355.00 | 140.00 | 2556.00 |

The quotation received incomplete or after the scheduled date shall be rejected and will not be entertained by the Bank. The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof. Taxes will be deducted as applicable at the time of payment of Bill amount.

Contact to Sri Jaya Pradeep Patnaik, P&S, KCC Bank Ltd. Head Office, Jeypore Mobile No.: 9777519964

Secretary
KCC Bank Ltd., Jeypore

C-797
OFFICE OF THE
**MUNICIPAL COUNCIL, BHADRAK**
BHADRAK, PIN-756100
E-mail: cobdkmunicipality@gmail.com

Letter No: 4087 — Date: 31/07/2025

**NOTICE INVITING REQUEST FOR PROPOSAL (RFP)**
(Through E-Procurement)

Bids in double cover system through e-procurement in conformity with the detailed notice inviting Request For Proposal (RFP) are hereby invited by the Executive Officer, Bhadrak Municipality, on behalf Bhadrak Municipal Council, Bhadrak, Odisha from eligible entities for the below mentioned work:

| Name of Work | Plant Capacity (In TPD) | Bid Security/ EMD | Performance Security | Cost Of Bid Fee |
|---|---|---|---|---|
| 1 | 2 | 3 | 4 | 5 |
| Selection of Agency for Setting up of Wet Waste/ Municipal Solid Waste Processing Facility (Waste to Compost Plant) in Bhadrak Municipality on Public Private Partnership (PPP) | 60 TPD | Rs 3,00,000 /- ( Rupees Three Lakh) Only | Rs.15,00,000/- ( Rupees Fifteen Lakh) Only | Rs. 10000/- |

1. RFP documents consisting of terms, conditions, & other necessary information can be seen on and downloaded from the Govt website www.tendersodisha.gov.in by the eligible entities registered on the portal.
2. The bidder shall transfer online the cost of bid document & EMD for the amount specified for the work in column -5 & 3 respectively of table above as part of its bid processing.
3. The prospective bidder shall be required to submit a Performance Security of Rs. 15,00,000.00 in the form of Bank Guarantee to the Bhadrak Municipality as per terms of the Agreement.
4. The RFP may be postponed, modified or cancelled at any time due to administrative reasons and no claim shall be entertained on this account.
5. For further details and bids schedule, visit website www.tendersodisha.gov.in

Executive Officer
Bhadrak Municipality

OIPR-13152/11/0030/2526

**AFFIDAVIT**
I, Saikh Sunhera, W/O.: Saikh Niyaz Allam, AT: Ajampur, PO/P.S.: Kakatpur, Dist.: Puri, Pin-752108, Declare by this Affidavit No.: 41781, DTD:01/08/2025 that now onwards I shall be known as **Sunhera Khatoon** for all future purposes.

**LOST**
I Mr. Lokanath Nayak declare that I have lost the Original Sale Deed No-1134, date 21/10/2004 of landed property of Mouza-Chappirikoilama, Tahasil - Ranapur, PS-Ranapur, District-Nayagarh, bearing Khata No 31, Plot No-177, Kisam-Sarad Jala-3, A01.55 Decimal on Dated: 26/07/2025, at about 12.30 PM, somewhere at Lodhachua locality which I am unable to trace out. Ujjivan Small Finance Bank is going to mortgage the said property as per the banks process. If anyone is having any claim/objection over the aforesaid property, may please contact Mr. Pravakar Pattanayak, Mobile No -9778070590 (Of Advocate) or in this address- Room No-309,3rd Floor, Nirmal Plaza, Near Navin Niwas, Forest Park, Bhubaneswar-751009 (Registered address of advocate) within 15 days of this publication.

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର
Bank of Maharashtra
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୂପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in

**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ସୁନା ଋଣ ଆକାଉଣ୍ଟ ନିମନ୍ତେ ବ୍ୟାଙ୍କରେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ ସର୍ବସାଧାରଣ ନିଲାମ ମାଧ୍ୟମରେ ବିକ୍ରୟ କରାଯିବ ଯାହାକି ତା.୧୮.୦୮.୨୦୨୫ରିଖ ଅପରାହ୍ନ ୧.୦୦ ଘଟିକା ସମୟରେ ସମ୍ପୃକ୍ତ ଶାଖା ପରିସରରେ ନିଲାମ କରାଯିବ । ଆଗ୍ରହୀ ପକ୍ଷମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ପ୍ରବନ୍ଧକଙ୍କ ସହିତ ଯୋଗାଯୋଗ କରିବାକୁ ପଡ଼ିବ । ସୁନା ଅଳଙ୍କାର କ୍ରୟ କରିବାକୁ ଆଗ୍ରହୀ ପକ୍ଷମାନେ ବିକ୍ରି ପାଇଁ ଥିବା ସୁନା ଅଳଙ୍କାରଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ଏବଂ ନିୟମ ଓ ସର୍ତ୍ତାବଳୀ ପାଇଁ ଶାଖା ପ୍ରବନ୍ଧକଙ୍କୁ ଯୋଗାଯୋଗ କରନ୍ତୁ । ସୁନା ଅଳଙ୍କାର କ୍ରୟ କରିବାକୁ ଆଗ୍ରହୀ ପକ୍ଷମାନେ ନିଲାମରେ ଅଂଶଗ୍ରହଣ କରିପାରିବେ ।
ଦ୍ରଷ୍ଟବ୍ୟ: ଏହି ନୋଟିସ୍‌ଟି ଋଣଗ୍ରହୀତାମାନଙ୍କୁ ୧୫ ଦିନିଆ ଅନ୍ତିମ ସ୍ମରଣ ତଥା ନିଲାମ ନୋଟିସ୍ ଭାବେ ବିଚାର କରାଯିବ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ତା.୦୧.୦୮.୨୦୨୫ରିଖ ସୁଦ୍ଧା (ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ ବ୍ୟତିତ) + ଭବିଷ୍ୟତ ସୁଧ | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|---|
| ବାଲେଶ୍ୱର ଶାଖା (୧୯୯୧), ତଳ ମହଲା, ସାହୁ କମ୍ପ୍ଲେକ୍ସ, ଭାସ୍କରଗଞ୍ଜ (ଏଫ୍ ଏମ୍ ଗୋଲାଇ), ଓ.ଟି. ରୋଡ୍, ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୮୫୧୭୮୪୮୨୦୯ | | | | |
| ୧. | ସତ୍ୟବ୍ରତ ଦାସ, ପିତା: ନିତ୍ୟାନନ୍ଦ ଦାସ, ବାସୁଦେବପୁର, ଭଦ୍ରକ, ପିନ୍- ୭୫୬୧୨୫ / ୬୦୪୫୧୧୭୯୪୮୫ | ଟ.୨,୪୯,୦୦୦.୦୦ | ୬୮.୨୦ | ୮୨.୭୦ |
| ବାରିପଦା ଶାଖା (୨୦୯୪), ଲାଲ ବଜାର, ୱାର୍ଡ ନଂ.-୧୦, ବାରିପଦା, ଓଡ଼ିଶା, ପିନ୍-୭୫୭୦୦୧, ମୋ.: ୯୦୦୨୪୨୧୩୮୯ | | | | |
| ୧. | ହିମାଂଶୁ ଶେଖର ସାହୁ, ୱାର୍ଡ ନଂ.-୦୯, ଚୁନରଡ଼ିଆ, ପୋ: ବାରିପଦା, ମୟୂରଭଞ୍ଜ, ପିନ୍-୭୫୭୦୦୧ / ୬୦୪୫୦୦୯୮୩୬୮ | ଟ.୬୭,୧୫୬.୦୦ | ୧୮.୬୦ | ୨୨.୮୫ |
| ୨. | ହିମାଂଶୁ ଶେଖର ସାହୁ, ୱାର୍ଡ ନଂ.-୦୯, ଚୁନରଡ଼ିଆ, ପୋ: ବାରିପଦା, ମୟୂରଭଞ୍ଜ, ପିନ୍-୭୫୭୦୦୧ / ୬୦୪୪୬୩୨୩୮୪୬ | ଟ.୪୯,୬୧୮.୦୦ | ୧୧.୦୦ | ୧୧.୫୦ |
| ଟିଟିଲାଗଡ଼ ଶାଖା (୨୧୩୮), ରାମରାଜ ପ୍ଲାଜା, ଜୈନ ପଡ଼ା, ଏସ୍.ବି.ଆଇ. ବିପରୀତ ପାର୍ଶ୍ୱ, ଜୈନ ଧର୍ମଶାଳା ରୋଡ୍, ଟିଟିଲାଗଡ଼, ଓଡ଼ିଶା, ପିନ୍-୭୬୭୦୩୩, ମୋ..: ୯୯୩୭୪୮୧୧୨୩ | | | | |
| ୧. | ଲୀଳାମୟ ସାହୁ, ପିତା: କେଶରୀ ସାହୁ, କୁରୁସୁଡ, ଜିଲ୍ଲା: ବଲାଙ୍ଗୀର, ପିନ୍-୭୬୭୦୩୫ / ୬୦୪୮୫୪୬୬୮୬୭ | ଟ.୩୦,୦୬୯.୦୦ | ୨.୫୦ | ୮.୬୮ |
| ୨. | ଲୀଳାମୟ ସାହୁ, ପିତା: କେଶରୀ ସାହୁ, କୁରୁସୁଡ, ଜିଲ୍ଲା: ବଲାଙ୍ଗୀର, ପିନ୍-୭୬୭୦୩୫ / ୬୦୫୧୯୧୩୯୪୫୯ | ଟ.୭୦,୦୦୦.୦୦ | ୧୭.୦୦ | ୧୭.୮୬ |

ନିମ୍ନଲିଖିତ ସର୍ତ୍ତାବଳୀ ଅନୁସାରେ କଥିତ ନିଲାମ ସମ୍ପନ୍ନ କରାଯିବ ।
୧) "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ନିଲାମ କରାଯିବ ।
୨) ସଫଳ ନିଲାମଧାରୀ ନିଲାମ ତାରିଖ ପରବର୍ତ୍ତୀ କାର୍ଯ୍ୟଦିବସରେ ସମ୍ପୂର୍ଣ୍ଣ ନିଲାମ ରାଶି ପୈଠ କରିବେ ଏବଂ ନିଜର ସମ୍ପୂର୍ଣ୍ଣ ଦାୟିତ୍ୱରେ ଅଳଙ୍କାରଗୁଡ଼ିକ ନେବେ ଏବଂ କଥିତ ନିଲାମଧାରୀ କୌଣସି କାରଣ ବଶତଃ ବ୍ୟାଙ୍କକୁ ତାହା ଫେରସ୍ତ କରିବେ ନାହିଁ ।
୩) ଆକାଉଣ୍ଟରେ ବନ୍ଧକଥିବା ସମସ୍ତ କିମ୍ବା ଆଂଶିକ ଅଳଙ୍କାରଗୁଡ଼ିକୁ ନିଲାମ କରିବାକୁ ଆବଶ୍ୟକ ମନେକଲେ ତାହା କରିବାକୁ ବ୍ୟାଙ୍କ ଅଧିକାର ସଂରକ୍ଷିତ ରଖିଅଛି କିମ୍ବା ଯେକୌଣସି ସମୟରେ ବିନା ନୋଟିସ୍‌ରେ ନିଲାମ ବନ୍ଦ କରିବାର ଅଧିକାର ଏହାର ସ୍ୱତନ୍ତ୍ର କ୍ଷମତା ବଳରେ ସଂରକ୍ଷିତ ରହିଛି ।
୪) ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ବିଡ୍‌କୁ ଗ୍ରହଣ / ରଦ୍ଦ କରିବାର ସ୍ୱତନ୍ତ୍ର କ୍ଷମତା ରହିଛି ।
୫) ବ୍ୟାଙ୍କର ସୁବିଧା ମୁତାବକ ଯେକୌଣସି ସ୍ତରରେ ଭବିଷ୍ୟତ ତାରିଖକୁ ନିଲାମ ବିକ୍ରୟ ସ୍ଥଗିତ ରଖିବାର ଅଧିକାର ବ୍ୟାଙ୍କର ରହିଛି ଏବଂ କୌଣସି ବ୍ୟକ୍ତି ଏ ବିଷୟରେ କୌଣସି ପ୍ରାକ୍ ନୋଟିସ୍ କିମ୍ବା ସେବାବଦ ଅଧିକାର ଦାବୀ ରଖିବାକୁ ହକ୍‌ଦାର ହେବେ ନାହିଁ ।
୬) ଯଦି ସଫଳ ନିଲାମଧାରୀ ସମ୍ପୂର୍ଣ୍ଣ ନିଲାମ ରାଶି ପ୍ରଦାନ ନ କରନ୍ତି ଏବଂ/କିମ୍ବା ତାଙ୍କର କୌଣସି କାରଣ ହେତୁ ନିଲାମ ବିକ୍ରୟ ସ୍ଥଗିତ/ପୁନଃ ନିଲାମ ହୁଏ, ତେବେ ସେ ବ୍ୟାଙ୍କର ତଦ୍ଦ୍ୱାରା ହୋଇଥିବା କ୍ଷତିର ପରିମାଣ ଯାହା ତାଙ୍କ ଯୋଗୁ ନିଲାମ ସମାପ୍ତ ହୋଇପାରିନଥିଲା ସେଥି ନିମନ୍ତେ ଦାୟୀ ରହିବେ ।
୭) ବ୍ୟାଙ୍କ ଅଳଙ୍କାର / କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ଏବଂ ନିଲାମ କ୍ରେତା ନିଜ ଦ୍ୱାରା ଅଳଙ୍କାର/ମୁଦ୍ରାଗୁଡ଼ିକର ଶୁଦ୍ଧତା କିମ୍ବା ଓଜନ ତନଖି କରି ନିଶ୍ଚିତ ହେବା ଆବଶ୍ୟକ ଏବଂ ଏ ବିଷୟରେ ନିଲାମ ପରେ କୌଣସି ଦାବୀକୁ ଗ୍ରହଣ କରାଯିବ ନାହିଁ ।
୮) ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି (ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ ।
୯) ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାର ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତ ହେବ ଏବଂ ଅଳଙ୍କାରକୁ ପୁନଃ ବିକ୍ରୟ କରାଯିବ ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୧.୦୮.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

**AFFIDAVIT**
I, Saikh Niyaz Alam, S/O: Saikh Soleman, AT: Ajampur, PO/P.S.: Kakatpur, Dist.: Puri, Pin-752108, Declare by this Affidavit No.: 41782, DTD:01/08/2025 that now onwards I shall be known as **SAIKH NIYAZ ALLAM** for all future purposes.

**AFFIDAVIT**
By virtue of an affidavit sworn before The Notary Public, Bhubaneswar dated 29.07.2025. I, Mr. Anil Nayak, Address- At-/ Omkar Basti, Infront of Kalinga Studio, Ghatikia, Word No -23, Bhubaneswar, Dist-Khordha, Odisha-751003 declare that I have changed my son's name from Anshu Naik to Subham Nayak. Henceforth, he shall be known as **SUBHAM NAYAK** for all purposes.

**CHANGE OF NAME**
By virtue of an affidavit sworn before Executive Magistrate, Nandapur, vide no-60, dated 01/08/2025 I, Bimla Khara, D/o-Samara Khara, W/o-Sitaram Khara resdient of Vill.-Sobhaput, Po.- Panthulunga, Ps.- Padwa, Dist.- Koraput, Pin- 764038, Odisha state that, I have changed my name from **Matam Bimal** to **Bimla Khara**. Henceforth I shall be known as **Bimla Khara** for all purposes.

**NOTICE**
In the partnership firm SAGE HOSPITALITY bearing No-182020230040 2 registered on dated 27.03.2023 before office of the Inspector-General of Registration-cum-Registrar of firms, Odisha, Cuttack, in which two new Partners namely Mr. Kumar Arindam and Smt. Sasmita Sahu appointed in the said firm with effect from 01.04.2025.

**CHANGE OF NAME**
I, Sarada Prasonn Rath, S/o- Lingaraj Rath, Resident of At/PO-Truptiapada, PO/PS-Bolagarh, Dist- Khurdha, Pin-752066, Odisha declare by this Affidavit No. 1694, Dated 31.07.2025, that now onwards I shall be known as **SARADA PRASANNA RATH** for all future purposes.

**AFFIDAVIT**
By virtue of an affidavit before The Notary Public, Titilagarh, on dated-02/08/2025. I, **Gangadhara Kabasi** (new name) formerly called as **Ganga Kabasi** (old name), S/o Rama Kabasi, Permanent resident of At- Siadimala, P.O. Challan Guda, P.S. Malkangiri, Dist-Malkangiri (Odisha), PIN- 764045 now residing at the same place affirm that I have changed my name from **Ganga Kabasi** (old name) to **Gangadhara Kabasi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Gangadhara Kabasi** (new name).
**Gangadhara Kabasi**

**AFFIDAVIT**
I, Hapiz Abdul, aged about 60 years, S/o- Late Shaikh Sayeed, resident of At/Po- Samanga, Ps-Jagatsinghpur Dist- Jagatsinghpur, Odisha, Pin- 754132 declare by this affidavit No. 1532, dtd. 01/08/2025, that now onwards I shall be known as **HAFIZ ABDUL** for all future purposes

**ସୂଚନା**
ମୁଁ, ଶ୍ରୀ ସୟଦ ଅଫଜଲ ରବାନୀ, ସୟଦ ଗୋଲାମ ଦାଉଦଙ୍କ ପୁଅ, ଗ୍ରା/ପୋ/ଥାନା- ଡମ୍ପୁ, ଜିଲ୍ଲା- କେନ୍ଦୁଝର, ଓଡ଼ିଶାର ନିବାସୀ, ଘୋଷଣା କରୁଛି ଯେ ମୋର ମୂଳ ବିକ୍ରୟ ଡିଡ୍ ୨୦୦୫ ର RSD No- ୩୯୫ ଅନୁଯାୟୀ ପଞ୍ଜିକରଣ ଡକୁମେଣ୍ଟ, କେନ୍ଦୁଝର ଟାଉନ ମୁଖ୍ୟ ରାସ୍ତାରେ ତାରିଖ ୧୯/୦୭/୨୦୨୫ ହଜିଯାଇଛି । ଯଦି କେହି ଏହାକୁ ପାଆନ୍ତି, ଦୟାକରି ମୋତେ ମୋବାଇଲ ନମ୍ବରରେ ଜଣାନ୍ତୁ- ୯୪୩୭୧୦୫୬୧୦ ।

# ଦୋକାନରୁ ଟଙ୍କା ଚୋରି କରି ଯୁବକ ଗିରଫ

ଭାପୁର,୨।୮ (ସମିସ): ଦୋକାନକୁ ସୌଦା କିଣିବାକୁ ଆସି ଦୋକାନରେ କେହି ନଥିବାର ସୁଯୋଗ ନେଇ ଦୋକାନରୁ ୫୦ ହଜାର ଟଙ୍କା ଚୋରି କରି ଖସି ଯିବାକୁ ବସିଥିବା ଯୁବକକୁ ସ୍ଥାନୀୟ ଦୋକାନୀମାନେ କାବୁକରି ଉତ୍ତମ ମଧ୍ୟମ ଦେଇ ପୁଲିସ ଜିମା ଦେଇଛନ୍ତି। ପୁଲିସ ଅଭିଯୁକ୍ତକୁ ଅଟକ ରଖି ତଦନ୍ତ ଚାଲୁ ରଖିଛି। ଶନିବାର ସକାଳ ୧୦ଟା ସମୟରେ ଫତେଗଡ ଥାନା ବାଇଗୁଣିଆ ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟୁପଡା ଗ୍ରାମ ବରମୁଣ୍ଡା ଛକରେ ଘଟିଛି ଏହି ଘଟଣା। ଛକରେ ଥିବା ଖୁଣ୍ଟୁପଡ଼ା ଗ୍ରାମର ସନାତନ ବାଘସିଂଙ୍କ ଗ୍ରୋସରୀ ଦୋକାନକୁ ବନମାଳୀପୁର ପଞ୍ଚାୟତ ବାସୁଦେଇପୁର (କାଟେରା ସାହି) ଗ୍ରାମର ସଞ୍ଜୟ ଦାସ କିଛି ଜିନିଷ କିଣିବାକୁ ଆସିଥିଲା। ଦୋକାନରେ କେହି ନଥିବାର ସୁଯୋଗ ନେଇ ଦୋକାନର ଟଙ୍କା ବାକ୍ସରେ ଥିବା ୫୦ ହଜାର ଟଙ୍କା କାଢି ଦୋକାନ ସାଇଟକୁ ଫିଙ୍ଗି ଦେଇଥିଲା ସଞ୍ଜୟ। ଦୋକାନୀ ମାଲିକ ଦୋକାନକୁ ଆସିବା ପରେ ଯୁବକଙ୍କୁ ଦେଖି ତାଙ୍କର ସନ୍ଦେହ ହୋଇଥଲା। ଟଙ୍କା ବାକ୍ସ ଖୋଲି ଦେଖିଲା ବେଳକୁ ବାକ୍ସରେ ଟଙ୍କା ନାହିଁ। ଏନେଇ ଦୋକାନୀ ମାଲିକ ସନାତନ ସ୍ଥାନୀୟ ଲୋକଙ୍କୁ ଜଣେଇବା ସହ ଦୋକାନରେ ଲାଗିଥିବା ସିସିଟିଭି ଚେକ୍ କରିଥିଲେ। ପରେ ସବୁ ସତ ସାମ୍ନାକୁ ଆସିଥିଲା। ସତ ଜଣାପଡ଼ିବା ପରେ ସ୍ଥାନୀୟ ଲୋକ ସଞ୍ଜୟକୁ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ମାଡ ମାରିଥିଲେ। ଖବର ପାଇ ଜଗନ୍ନାଥପ୍ରାସାଦ ଫାଣ୍ଡି ଅଧିକାରୀ ସଞ୍ଜୟ କୁମାର ଜଗଦ୍ଦେବ ଅଭିଯୁକ୍ତକୁ ଉଦ୍ଧାର କରି ଫାଣ୍ଡିରେ ଅଟକ ରଖି ତଦନ୍ତ କରୁଛନ୍ତି। ପୂର୍ବରୁ ସଞ୍ଜୟ ବିଭିନ୍ନ ସ୍ଥାନରେ ଚୋରି କରିଥିବା ବେଳେ ଧରା ପଡିଥିବା ସ୍ଥାନୀୟ ଲୋକଙ୍କଠାରୁ ସୂଚନା ମିଳିଛି।

# ପୋଖରୀରେ ବୁଡ଼ି ନାବାଳିକା ମୃତ

ଓଡ଼ଗାଁ,୨।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଗିରିଡିପଲ୍ଲୀ ପଞ୍ଚାୟତ ଧଖୋଲା ଗ୍ରାମର ରାଜେନ୍ଦ୍ର ନାୟକଙ୍କ ୧୧ ବର୍ଷର ଝିଅ ଜ୍ୟୋସ୍ନାରାଣୀ ନାୟକ ଶନିବାର ସକାଳ ପ୍ରାୟ ୧୦ ସମୟରେ ପୋଖରୀକୁ ସ୍ନାନ ପାଇଁ ଯାଇଥିବା ବେଳେ ପାଣିରେ ବୁଡିଯାଇଥିଲେ। ଗୁରୁତର ଅବସ୍ଥାରେ ବାଳିକାଙ୍କୁ ଉଦ୍ଧାର କରାଯାଇ ଓଡ଼ଗାଁ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ନୟାଗଡ଼ ଜିଲ୍ଲା ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଚିକିତ୍ସା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଓଡ଼ଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ପରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

# ନରସିଂହପୁର କ୍ଲଷ୍ଟରରେ ଦ୍ୱିତୀୟ ମାସିକ ବୈଠକ

ରଣପୁର,୨।୮ (ସମିସ): ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ନରସିଂହପୁର କ୍ଲଷ୍ଟର ଅନ୍ତର୍ଗତ ହଂସରା ପ୍ରାଥମିକ ବିଦ୍ୟାଳୟରେ ଦ୍ୱିତୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ନରସିଂହପୁର କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜକ ସୁଶୀଲ କୁମାର ରଣାଙ୍କ ନେତୃତ୍ୱରେ ଓ ହଂସରା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ଦେଇଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନରସିଂହପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋଦାବରୀ ନାୟକ ଏବଂ ମୁଖ୍ୟବକ୍ତା ଭାବେ ହଂସରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନୀଳାଦ୍ରି ବିହାରୀ ସୁବୁଦ୍ଧି ଯୋଗ ଦେଇଥିଲେ। କ୍ଲଷ୍ଟର ସଂଯୋଜକ ସୁଶୀଲ କୁମାର ରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉଦଯାପାନୀ ଅବସରରେ ଅତିଥି ତଥା ପର୍ଯ୍ୟବେକ୍ଷିକା ଭାବେ ନୟାଗଡ ଜିଲ୍ଲା ବାଳିକା ଶିକ୍ଷା ସଂଯୋଜିକା ଶ୍ରାବଣୀ ମିଶ୍ର ଓ ଆଦିବାସୀ ଜାତି ଜନଜାତି ଶିକ୍ଷା ସଂଯୋଜିକା ଶୁଭସ୍ମିତା ଦାଶ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ଶିକ୍ଷୟିତ୍ରୀ ବିନୋଦିନୀ କୁଣ୍ଡ, ଆଶାମଣୀ ସାମନ୍ତରାୟ, ସୁକାନ୍ତ ବେହେରା, ଭାଗବତ ଜେନା, ପାଞ୍ଚାଳୀ ଦେଇ, ପୂର୍ଣଚନ୍ଦ୍ର ପତି, ମଧୁଛନ୍ଦା ମହାନ୍ତି, ଉର୍ମିଳା ଦେଇ, ସରସ୍ୱତୀ ରାଉତରାୟ, ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଅଜୟ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

**ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ**

# ହୋଇପାରୁନି ଇସିଜି; ଚିକିତ୍ସା ପୂର୍ବରୁ ରୋଗୀ ମୃତ




ନୟାଗଡ଼,୨।୮ (ସମିସ): ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ଯେତେ ଅଭିଯୋଗ କଲେ ବି କୌଣସି ପ୍ରକାର ସୁଧାର ଆସି ପାରୁନାହିଁ। ଗତ କିଛିଦିନ ହେବ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଇସିଜି ସୁବିଧା ମିଳି ପାରୁନଥିବା ଅଭିଯୋଗ ହୋଇଛି। କର୍ମଚାରୀ ଅଭାବ ପାଇଁ ଇସିଜି ହେଉନଥିବା ଅନ୍ୟ କର୍ମଚାରୀ କହୁଥିବା ବେଳେ ଡାକ୍ତରଖାନାର ବରିଷ୍ଠ ଡାକ୍ତରମାନେ ମେସନ୍ ଖରାପ ଥିବା କହୁଛନ୍ତି। କାହା କଥା ସହ କାହାର ତାଳମେଳ ରହୁନାହିଁ। ଆଜି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ଜଣେ ରୋଗୀଙ୍କୁ ଇସିଜି ସୁବିଧା ନ ମିଳିବାରୁ ତାଙ୍କୁ ବାହାରେ ଇସିଜି କରିବାକୁ ପଠାଯାଇଥିଲା। ଇସିଜି କରି ଫେରିବା ପୁଣି ଡାକ୍ତରଙ୍କୁ ଦେଖାଇବା ବେଳକୁ ରୋଗୀଙ୍କ ମୃତ୍ୟୁ ଘଟି ସାରିଥିବା ଦେଖିବାକୁ ମିଳିଛି। ରୋଗୀ ଜଣଙ୍କ ହେଲେ ଶରଣକୁଳ ଥାନା ଅନ୍ତର୍ଗତ ପଞ୍ଚରିଡ଼ା ମାନପୁର ଗ୍ରାମର ଅନ୍ତର୍ଯ୍ୟାମୀ ମୁଦୁଲି। ଅନ୍ତର୍ଯ୍ୟାମୀଙ୍କୁ ଆଜି ମଧ୍ୟାହ୍ନରେ ତାଙ୍କ ପୁଅ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ଇସିଜି କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦୀର୍ଘ ସମୟ ଇସିଜି କରିବା ପାଇଁ ସେ ଏପଟ ସେପଟ ହୋଇଥିଲେ। ସୁବିଧା ନମିଳିବାରୁ ବାହାରକୁ ଇସିଜି କରିବାକୁ ନେବା ସମୟରେ ଅନ୍ତର୍ଯ୍ୟାମୀଙ୍କ ମୃତ୍ୟୁ ଘଟିଥିଲା। ତାଙ୍କୁ ପୁଣି ଡାକ୍ତରଙ୍କୁ ଦେଖାଇବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାକୁ ନେଇ ଡାକ୍ତରଖାନାରେ ଚାପା ଉତ୍ତେଜନା ଦେଖାଯାଇଥିଲା। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସାଧାରଣ ଇସିଜି ସୁବିଧା ନମିଳିବା, ସ୍ୱାସ୍ଥ୍ୟ ବିଭାଗର ଅବହେଳା ଓ ଦାୟିତ୍ୱ ହୀନତାକୁ ସ୍ପଷ୍ଟ କରୁଛି। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ସୁଧାର ଆଣିବାରେ କୌଣସି ପ୍ରକାର ବ୍ୟବସ୍ଥା ଗ୍ରହଣ କରୁନାହିଁ। ଯାହାକୁ ନେଇ ବିଭିନ୍ନ ସମୟରେ ଉତ୍ତେଜନା ପ୍ରକାଶ ପାଇବା ସହ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେଉଛି। ବିଗତ ଦିନରେ ବାଲୁଗାଁ ଅଞ୍ଚଳର ଜଣେ ପ୍ରସୂତି ମହିଳା ଏବଂ ଗର୍ଭସ୍ଥ ଶିଶୁ ମୃତ୍ୟୁକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତୁମୁଳକାଣ୍ଡ ହୋଇଥିଲା। ଏହି ଘଟଣାରେ ଡାକ୍ତରଙ୍କୁ ନିଲମ୍ବନ କରାଯାଇଥିଲା। ତଥାପି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ସୁବିଧା ଯୋଗାଇବାରେ ବ୍ୟାପକ ଅବହେଳା କରାଯାଉଛି।

## ଡାକ୍ତରଖାନାରୁ ଧରା ପଡ଼ିଲା ଦଲାଲ

ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାଳ ମାଳ ଦଲାଲଙ୍କ ରାଜୁତି ଚାଲୁଛି। ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରହିଥିବା ଜନ୍ମ ପ୍ରମାଣ ପତ୍ର କେନ୍ଦ୍ର ନିକଟରେ ଦଲାଲି କରୁଥିବା ଜଣେ ବ୍ୟକ୍ତିଙ୍କୁ ଠକେଇର ଶୀକାର ହୋଇଥିବା ବ୍ୟକ୍ତି ଧରିଥିଲେ। ଦଲାଲ ଜଣଙ୍କ ହେଲେ ନୟାଗଡ଼ ପୌର ପରିଷଦ ଅନ୍ତର୍ଗତ ୩ ନମ୍ବର ୱାର୍ଡର ନବକିଶୋର ସାଥୁଆ ବୋଲି ଜଣାପଡ଼ିଛି। ସେ ଖଣ୍ଡପଡ଼ା ଥାନା ବରକୋଳି ଗ୍ରାମର ବିଭୂତି ଖଟୁଆଙ୍କ ପୁଅର ଜନ୍ମ ପ୍ରମାଣ ପତ୍ର ସଂଶୋଧନ କରାଇ ଦେବା ପାଇଁ ଦୀର୍ଘଦିନ ହେବ ୧ ହଜାର ଟଙ୍କା ନେଇଥିଲେ। ଜନ୍ମ ପ୍ରମାଣ ପତ୍ର ସଂଶୋଧନ କରିନଥିଲେ କି ଧରା ଛୁଆଁ ଦେଉନଥିଲେ। ଆଜି ବିଭୂତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିବା ପରେ ସେ ଜଣେ ଭୁଲ ଲୋକ ଦ୍ୱାରା ଠକେଇର ଶୀକାର ହୋଇଥିବା ଜାଣିବାକୁ ପାଇଥିଲେ। ଏହି ସମୟରେ ଡାକ୍ତରଖାନାରେ ବୁଲୁଥିବା ନବକିଶୋରଙ୍କୁ ସେ ଧରି ପୁଲିସରେ ଦେଇଥିଲେ। ପୁଲିସ ତାଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ନବକିଶୋର ନିଜକୁ ଓଡ଼ିଶା ଷ୍ଟେଟ୍ ଲିଗାଲ ସର୍ଭିସ ସଦସ୍ୟ ବୋଲି ପରିଚୟ ଦେଇଥିଲେ। ପୁଲିସ ତାଙ୍କୁ ତାଗିଦ କରିବା ସହ ଲିଖିତ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଥିବା ସୂଚନା ମିଳିଛି।

**ଜିଲ୍ଲାପାଳଙ୍କୁ ଦାବି ଜଣାଇଲେ ତୁଳସୀପୁର ଗ୍ରାମବାସୀ**

# ମହିଳା କରୁଛନ୍ତି ନିଶା କାରବାର



ନୟାଗଡ଼,୨।୮ (ସମିସ): ନୟାଗଡ଼ ଜିଲ୍ଲା ଟାଉନଥାନା ପୁଲିସ ଗତକାଲି ରାତିରେ ତୁଳସୀପୁର ଗ୍ରାମର ମହେଶ୍ୱର ପ୍ରଧାନଙ୍କୁ ଥାନାକୁ ଉଠାଇ ଆଣିଥିବା ବେଳେ ଆଜି ଶତାଧିକ ଗ୍ରାମବାସୀ ଜିଲ୍ଲାପାଳ କାର୍ଯ୍ୟାଳୟକୁ ଆସି ଦାବି ଜଣାଇଛନ୍ତି। ତାଙ୍କ ଗ୍ରାମର ଜଣେ ମହିଳା ଓ ତାଙ୍କ ଦୁଇ ଝିଅ ନିଶା କାରବାର ସହ ଅନୈତିକ ବ୍ୟବସାୟ କରୁଥିବା ନେଇ ଅଭିଯୋଗ କରିଛନ୍ତି। ଯଦି ଏହାକୁ ଗ୍ରାମବାସୀ ବିରୋଧ କରୁଛନ୍ତି, ତେବେ ଉକ୍ତ ମହିଳା ଦୁଷ୍କର୍ମ ଅଭିଯୋଗ ଆଣୁଥିବା ଗ୍ରାମବାସୀ ଲିଖିତ ଭାବେ ଜଣାଇଛନ୍ତି। ସୂଚନାନସୁରେ, ଗତକାଲି ରାତିରେ ତୁଳସୀପୁର ଗ୍ରାମର ଜଣେ ଯୁବତୀ ମାତ୍ରାଧିକ ଔଷଧ ସେବନ କରି ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତୀ ହୋଇଥିଲେ। ପୁଲିସ ତାଙ୍କ ଅଭିଯୋଗ ଶୁଣୁନଥିବା କହିଥିଲେ। ଯୁବତୀ ଓ ତାଙ୍କ ପରିବାରକୁ ଜଣେ ଯୁବକ କିଛି ସହଯୋଗୀଙ୍କ ଜରିଆରେ ହଇରଣା କରୁଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରିଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ଯୁବତୀ ମାନସିକ ଅବସାଦରେ ମାତ୍ରାଧିକ ଔଷଧ ସେବନ କରିଥିଲେ। ଫଳରେ ପୁଲିସ ଉକ୍ତ ଯୁବକ ମହେଶ୍ୱରଙ୍କୁ ଥାନାକୁ ଉଠାଇ ଆଣିଥିଲା। ଆଜି ତୁଳସୀପୁର ଗ୍ରାମର ଶହ ଶହ ଲୋକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଉକ୍ତ ଯୁବତୀ, ତାଙ୍କ ମାଆ ଓ ସାନଭଉଣୀ ନାମରେ ଜିଲ୍ଲା ପ୍ରଶାସନ ନିକଟରେ ଫେରାଦ ହୋଇଛନ୍ତି। ଏହା ସହିତ ନୟାଗଡ଼ ଟାଉନଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଘରେ କେହି ପୁରୁଷ ଲୋକ ରହୁନଥିବାରୁ ଉକ୍ତ ଯୁବତୀ, ତାଙ୍କ ମାଆ ଓ ଭଉଣୀ ବ୍ୟାପକ ପରିମାଣର ନିଶା କାରବାର କରୁଥିବା ଏବଂ ଅନୈତିକ ବ୍ୟବସାୟ କରୁଥିବା ନେଇ ଗ୍ରାମବାସୀ ଏତଲା ଦେଇଛନ୍ତି। ତୁରନ୍ତ ସେମାନଙ୍କୁ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ୍ ଗ୍ରାମବାସୀ ରାସ୍ତାରୋକ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଯୁବତୀଙ୍କୁ ଅସଦାଚରଣ, ଯୁବକ ଗିରଫ

ନୟାଗଡ଼ ଜିଲ୍ଲା ଟାଉନଥାନା ପୁଲିସ ଆଜି ଅସଦାଚରଣ ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ତୁଳସୀପୁର ଗ୍ରାମର ମହେଶ୍ୱର ପ୍ରଧାନ। ସେ ଜଣେ ଯୁବତୀଙ୍କୁ ହଇରାଣ କରୁଥିବା ଏବଂ ଗାଳି ଗୁଲଜ କରି ମାନସିକ ନିର୍ଯାତନ ଦେଉଥିବା ନେଇ ଅଭିଯୋଗ ହୋଇଥିଲା। ଅସହ୍ୟ ହେବାରୁ ଯୁବତୀ ଜଣଙ୍କ ଗତକାଲି ମାତ୍ରାଧିକ ଔଷଧ ସେବନ କରି ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତୀ ହୋଇଥିଲେ। ଆଜି ଟାଉନଥାନା ପୁଲିସ ମହେଶ୍ୱରଙ୍କୁ ଡାକ୍ତରୀ ମାଇନା କରିବା ସହ କୋର୍ଟଚାଲାଣ କରିଥିବା ସୂଚନା ମିଳିଛି।

**ଠିକାସଂସ୍ଥାର ମନମାନୀ; ନଷ୍ଟ ହେଉଛି ରାସ୍ତା**

# ପୁଣି ଦବିଗଲା ନୟାଗଡ଼ ଗୋଲେଇ ଛକ



ନୟାଗଡ଼,୨।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକକୁ ପାନୀୟ ଜଳ ଯୋଗାଣ ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ଏଥିପାଇଁ ବହୁ ବିରୋଧ ସତ୍ତ୍ୱେ ନୟାଗଡ଼ ସହର ଦେଇ ପାଇପ ଲାଇନ ବିଛାଇବା କାର୍ଯ୍ୟ କରାଯାଉଛି। ଠିକା ସଂସ୍ଥା ନୟାଗଡ଼ ଗୋଲେଇ ଛକରେ ଚ୍ୟାମ୍ବର ନିର୍ମାଣ କରିବା ସହ ଭୂତଳ ପାଇପ୍ ଲାଇନ ବିଛାଇବା କାର୍ଯ୍ୟ କରୁଛି। ନିର୍ମାଣଧୀନ ଚ୍ୟାମ୍ବରଠାରୁ ଗୋଲେଇ ଛକ ଦେଇ ଭୂତଳ ପାଇପ ଲାଇନ ବିଛାଇବା କାର୍ଯ୍ୟ କରାଯାଉଥିବା ବେଳେ ଗତ ୨୨ ତାରିଖରେ ଗୋଲେଇ ଛକ ରାସ୍ତା ଦବି ଯାଇଥିଲା। ୪ ଫୁଟ ଖାଲ ହେବା ସହ ମାଟି ଦବି ଯିବାରୁ ଉକ୍ତ ରାସ୍ତାରେ ଗାଡ଼ି ମୋଟର ଚଳାଚଳ ବନ୍ଦ କରାଯାଇଥିଲା। ଟ୍ରାଫିକକୁ ଏକ ପାଖିଆ କରାଯାଇଥିବା ବେଳେ ଏହାକୁ ପୁଣି ମରାମତି କରି କାମ ଚଳା ଯାଇଥିଲା। ଆଜି ପୁଣି ସମାନ ସ୍ଥାନରେ ମାଟି ଦବି ଯାଇଥିବା ଦେଖାଯାଇଛି। ପାଇପ ବିଛାଇବା ବେଳେ ମାଟି ଦବି ଯିବାରୁ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଠିକା ସଂସ୍ଥା ଏହାକୁ ଯୁଦ୍ଧକାଳୀନ ଭିତିରେ ମରାମତି କରୁଥିଲେ ମଧ୍ୟ ଅଘଟଣା ଆଶଙ୍କାକୁ ଏଡ଼ାଇ ହେଉନାହିଁ। ଦୁଇ ବର୍ଷ ତଳେ ଜାତୀୟ ରାଜପଥ ବିଭାଗ ଦ୍ୱାରା ୨ କୋଟି ଟଙ୍କା ବ୍ୟୟ କରାଯାଇ ନୟାଗଡ଼ ମୁଖ୍ୟ ଟ୍ରାଫିକ ଛକକୁ ଗୋଲେଇ ଛକରେ ପରିଣତ କରାଯାଇଥିଲା। ଏହି କାର୍ଯ୍ୟ ନୟାଗଡ଼କୁ ଏକ ନୂତନ ସୌନ୍ଦର୍ଯ୍ୟ ଦେଇଥିଲା। ଗୋଲେଇ ଛକ ଦେଇ ପାଇପ ଲାଇନ ବିଛାଇବା ଦ୍ୱାରା ମାଟି ଦବି ଯାଇଛି। ଏହି ପାଇପ୍ ଲାଇନ ଦ୍ୱାରା ଭବିଷ୍ୟତରେ ମଧ୍ୟ ଅଘଟଣ ଆଶଙ୍କା କରାଯାଉଛି।

**■ ଋଣ ଖିଲାପକାରୀଙ୍କ ଘର ନିଲାମ**

# ଆମରଣ ଅନଶନରେ ଗୃହ କର୍ତ୍ତା



ଓଡ଼ଗାଁ,୨।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍ଏସି ନିତ୍ୟାନନ୍ଦ ସାହିର ବାସିନ୍ଦା ପ୍ରଫୁଲ୍ଲ କୁମାର ସ୍ୱାଇଁ ଦୀର୍ଘ ଦିନ ଧରି ଋଣ ଖିଲାପ କରିଥିବା ଦର୍ଶାଇ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ବନ୍ଧା ପଡ଼ିଥିବା ଘରକୁ ନିଲାମ କରିଥିଲେ। ଆଜି ଜଣେ ମାଜିଷ୍ଟ୍ରେଟ୍ ଓ ପୁଲିସ ଉପସ୍ଥିତିରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀ ପହଞ୍ଚି ଘରର ଆସବାବପତ୍ର ବାହାରକୁ ବାହାର କରିଥିଲେ। ରେକର୍ଡ କାଗଜପତ୍ର ସହିତ ଘରର ଚାବିକୁ ନିଲାମଧାରି ରବିନ୍ଦ୍ର ପାତ୍ରଙ୍କୁ ହସ୍ତାନ୍ତର କରିଥିଲେ। ବର୍ତ୍ତମାନ ସ୍ୱର୍ଗତ ବିଶ୍ୱନାଥ ସ୍ୱାଇଁଙ୍କ ପୁଅ ପ୍ରଫୁଲ୍ଲ ସ୍ୱାଇଁ ଉକ୍ତ ଘର ବାରଣ୍ଡାରେ ଆମରଣ ଅନଶନ ପାଇଁ ନିଷ୍ପତ୍ତିରେ ବସିଥିବା ବେଳେ ଅବିବାହିତ ଭିନ୍ନକ୍ଷମ ଭଉଣୀ ତାଙ୍କ ପାଖରେ ରହିଛନ୍ତି। ନଅ ବର୍ଷ ପାଇଁ ୪ ଲକ୍ଷ ଫିକ୍ସ ଡିପୋଜିଟ୍ ବଣ୍ଡ ଏବଂ ଘରଡିହ ବନ୍ଧକ ରଖି ୬ ଲକ୍ଷ ଟଙ୍କା ପରିବର୍ତ୍ତେ ୫ ଲକ୍ଷ ଟଙ୍କା ଆଣିଥିଲେ। ବ୍ୟାଙ୍କ ଉକ୍ତ ଟଙ୍କାକୁ ପ୍ରଫୁଲ୍ଲ ସ୍ୱାଇଁଙ୍କ ଖାତାରେ ଜମା କରିଥିଲେ। ପ୍ରଫୁଲ୍ଲ ସ୍ୱାଇଁ ଖାତାରୁ ୫ ଲକ୍ଷ ଟଙ୍କା ଉଠାଣ କରିଥିଲେ। ୨୦୧୫-୧୬ ମସିହାରେ ପ୍ରଫୁଲ୍ଲ ସ୍ୱାଇଁଙ୍କ ଜମାଥିବା ୪ ଲକ୍ଷ ଟଙ୍କା ତାଙ୍କ ଅଜାଣତରେ ଋଣ ବାବଦକୁ ଆଡଜଷ୍ଟ କରିଥିଲେ। ପ୍ରଫୁଲ୍ଲ ଏକଥା ଜାଣିବା ପରେ ବ୍ୟାଙ୍କ ସହିତ ତାଙ୍କର ସୁସମ୍ପର୍କ ଛିନ୍ନ ହୋଇଥିଲା। ଫଳରେ ସେ ବ୍ୟାଙ୍କର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ମାନ୍ୟବର କୋର୍ଟ, ମାନବିକ ଅଧିକାର କମିଶନ ଓ ଅନ୍ୟାନ୍ୟ ଫୋରମରେ ଅଭିଯୋଗ କରିଛନ୍ତି। ସେଥିରୁ ବର୍ତ୍ତମାନ ସୁଦ୍ଧା ତାଙ୍କୁ କୌଣସି ସୁଫଳ ମିଳିନାହିଁ। ବ୍ୟାଙ୍କ ତାଙ୍କ ସହ କରିଥିବା ଅବିଚାର ପଦାକୁ ଆସିବା ଆଶାରେ ସେ ଆମରଣ ଅନଶନରେ ବସିବା ନିଷ୍ପତ୍ତି କରିଛନ୍ତି।

# ପିଏମ୍ କିଷାନ୍ କିସ୍ତି ପ୍ରଦାନ



ନୟାଗଡ଼,୨।୮ (ସମିସ): ଜିଲ୍ଲାସ୍ତରୀୟ ୨୦ତମ ପ୍ରଧାନମନ୍ତ୍ରୀ କିଷାନ୍ ଯୋଜନାର ସିଧା ପ୍ରସାରଣ କାର୍ଯ୍ୟକ୍ରମ ପାଣିପୋଇଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରାଣାସୀରୁ ସିଧା ପ୍ରସାରଣ ମାଧ୍ୟମରେ ଚାଷୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପଶୁପାଳନ ଏବଂ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦାନ କରିଥିଲେ। ଜିଲ୍ଲାର ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଚାଷୀ ଭାଇ ଓ ଭଉଣୀମାନେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ସିଡିଭିଓ, ଉପ ନିର୍ଦ୍ଦେଶକ ଉଦ୍ୟାନ, ବନଖଣ୍ଡ ଅଧିକାରୀ ଯୋଗଦାନ କରିଥିଲେ। ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ବିଭିନ୍ନ ପ୍ରକାଶନ ଉନ୍ମୋଚନ କରାଯାଇଥିଲା।

# ମିଳିତ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ତରଫରୁ ଦାବିପତ୍ର

ଗଣିଆ,୨।୮ (ସମିସ)



ଗଣିଆ ବ୍ଲକ ମିଳିତ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଶିକ୍ଷକମାନେ ସ୍ଥାନୀୟ ଡାକବଙ୍ଗଳା ପରିସରରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଗଣିଆ ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ବ୍ଲକ ଶିକ୍ଷା ଅଧିକାରୀ ରବିନ୍ଦ୍ରନାଥ ରାଉତରାୟଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ୟୁନିଫାଏଡ୍ ଅଟୋମେସନ ସିଷ୍ଟମ ସ୍ଥଗିତ ରଖିବା ପାଇଁ ସେମାନେ ଉଲ୍ଲେଖ କରିଥିଲେ। ଗଣିଆ ବ୍ଲକରେ ସମସ୍ତ ଅଞ୍ଚଳରେ ମୋବାଇଲ ସେବା, ଇଣ୍ଟରନେଟ ଓ ଦକ୍ଷ ପରିଚାଳକ ନଥିବାରୁ ବର୍ତ୍ତମାନ ପାଇଁ ଏହି ବ୍ୟବସ୍ଥା ଲାଗୁ ନକରିବାକୁ ଏହି ଦାବିପତ୍ରରେ ଦର୍ଶାଯାଇଛି। ଏପରିକି ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ସରକାରଙ୍କ ତରଫରୁ ମୋବାଇଲ ପ୍ରଦାନ, ମାସିକ ଇଣ୍ଟରନେଟ ବ୍ୟବହାର ପାଇଁ ଆବଶ୍ୟକ ଖର୍ଚ୍ଚ ପ୍ରଦାନ, ଶିକ୍ଷକ କର୍ମଚାରୀଙ୍କୁ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ଅଣଶିକ୍ଷକ କାର୍ଯ୍ୟରୁ ନିବୃତ ରଖିବାକୁ ସେମାନେ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିଜୟ କୁମାର ମହାରଣା, ସମ୍ପାଦକ ସୁରେଶ କୁମାର ବେହେରାଙ୍କ ସମେତ ଶତାଧିକ ଶିକ୍ଷକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

**ଖଣ୍ଡପଡ଼ା:** ଖଣ୍ଡପଡ଼ା ବ୍ଲକ ପ୍ରାଥମିକ ଓ ମାଧ୍ୟମିକ ମିଳିତ ଶିକ୍ଷକ ସଂଘ ପକ୍ଷରୁ ଅନ୍‌ଲାଇନ ଉପସ୍ଥାନ ବ୍ୟବସ୍ଥାକୁ ଦୃଢ଼ ବିରୋଧ କରାଯାଇଛି। ଏନେଇ ସଂଘର କର୍ମକର୍ତ୍ତାମାନେ ଆଜି ତ୍ରିନାଥ ଛକ ନିକଟରୁ ଏକ ରାଲି ବାହାର କରି ସ୍ଥାନୀୟ ବିଇଓ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଇଓ କୈଳାସ ଚନ୍ଦ୍ର କରଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ନୟାଗଡ ଜିଲ୍ଲା ଓଷ୍ଟା ସଭାପତି ଅଯୋଧ୍ୟାନାଥ ନାୟକ, ଖଣ୍ଡପଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦୀନବନ୍ଧୁ ଦାସ, ସମ୍ପାଦକ ନିକୁଞ୍ଜ ବିହାରୀ ରଥ, ଓଷ୍ଟା ବ୍ଲକ ସମ୍ପାଦକ ପ୍ରଭାକର ମିଶ୍ରଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ସମେତ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଆନ୍ଦୋଳନରେ ସାମିଲ ହୋଇଥିଲେ।

**ଓଡ଼ଗାଁ :** ଓଡ଼ଗାଁ ବ୍ଲକ ମିଳିତ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ୟୁନିଫାଏଡ ଅଟୋମେସନ ସିଷ୍ଟମ (ୟୁଏଏସ) ଅର୍ଥାତ୍ ଡିଜିଟାଲ ଉପସ୍ଥାନ ବ୍ୟବସ୍ଥାକୁ ସ୍ଥଗିତ ରଖିବା ନେଇ ଦାବି କରାଯାଇଛି। ଆବଶ୍ୟକ ଭିତ୍ତିଭୂମି ନଥାଇ ସିଷ୍ଟମ ଲାଗୁକରିବା ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା। ପ୍ରତ୍ୟେକ ବିଦ୍ୟାଳୟକୁ ଇଣ୍ଟରନେଟ ସୁବିଧା ସହିତ ମୋବାଇଲ୍ ଓ ମାସିକ ଇଣ୍ଟରନେଟ ପ୍ୟାକ ପ୍ରଦାନ ବ୍ୟବସ୍ଥା କରାଗଲେ ସରକାରଙ୍କ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାରେ କୌଣସି ଅସୁବିଧା ରହିବ ନାହିଁ। ସଂଘ ତରଫରୁ ନୟାଗଡ଼ ଶିକ୍ଷାଧିକାରୀଙ୍କ ଜରିଆରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଇ ଦିଆଯାଇଛି ବୋଲି ମିଳିତ ଶିକ୍ଷକ ଓ କର୍ମଚାରୀ କ୍ରିୟାନୁଷ୍ଠାନ କମିଟି ଠାରୁ ପ୍ରକାଶ।

**■ ଓଡ଼ଗାଁ ପ୍ରାଥମିକ କୃଷି ସମବାୟ ସମିତି**

# ନିଲମ୍ବିତ ପରିଚାଳନା କମିଟିକୁ ଉଚ୍ଛେଦ

ଓଡଗାଁ, ୨।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ପ୍ରାଥମିକ କୃଷିରଣ ସମବାୟ ସମିତିକୁ ନେଇ ଦୀର୍ଘବର୍ଷ ଧରି ହଟଚମଟ ଲାଗିରହିଥିବା ବେଳେ ଓଡଗାଁ ପ୍ରାଥମିକ କୃଷିରଣ ସମବାୟ ସମିତିର ନିଲମ୍ବିତ ପରିଚାଳନା କମିଟିକୁ ଶୁକ୍ରବାର କର୍ତ୍ତୃପକ୍ଷ ପୂର୍ଣ୍ଣରୂପରେ ରଦ୍ଦ କରିଛନ୍ତି। ସୂଚନା ଅନୁସାରେ ପରିଚାଳନା କମିଟି ସଭାପତିଙ୍କ ସହିତ ୧୪ ଜଣ ନିର୍ଦ୍ଦେଶକଙ୍କୁ କ୍ରମାଗତ ଭାବେ ଉଚ୍ଚ ନ୍ୟାୟାଳୟ ସହିତ ସମବାୟ ବିଭାଗ ଦ୍ୱାରା ପ୍ରଦାନ ନିର୍ଦ୍ଦେଶକୁ କ୍ରମାଗତ ଭାବେ ଅବହେଳା କରିବା ସହିତ କୃଷି ସମବାୟ ସମିତିର ଦୈନିନ୍ଦିନ କାର୍ଯ୍ୟରେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ବାଧା ଉପଯାଇଥିଲେ। ଏପରିକି ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ମିଳିବା ପରେ ତାହାକୁ ଉପେକ୍ଷା କରି ଭାରପ୍ରାପ୍ତ ସମ୍ପାଦକଙ୍କ ଠାରୁ ସମିତିର ସଭା ବହି, ନୋଟିସ ବହି ସହିତ ଉପସ୍ଥାନ ଖାତା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଜିନିଷ ନେଇଯାଇଥିବା ଜଣାପଡ଼ିଥିଲା। ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ମିଳିବା ପରେ ଦାୟିତ୍ୱ ନେଇଥିବା ନିଲମ୍ବିତ ସମ୍ପାଦକ ଦୀପକ କୁମାର ଚୌଧୁରୀ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ ନୂତନ ନଥିପତ୍ରରେ ଅଫିସ କାର୍ଯ୍ୟ ଆରମ୍ଭ କରିବାକୁ ବାଧ ହୋଇଥିଲେ। ଏଣୁ ଜିଲ୍ଲା ସମବାୟ କର୍ତ୍ତୃପକ୍ଷ ସମସ୍ତ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ସଭାପତିଙ୍କ ସହିତ ପରିଚାଳନା କମିଟି ସଭ୍ୟମାନେ କୌଣସି ମତାମତ କିମ୍ବା ନଥିପତ୍ର ପ୍ରଦାନ କରିନଥିଲେ। ଫଳରେ ସମବାୟ କର୍ତ୍ତୃପକ୍ଷ ସମବାୟ ସମିତିର ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମବାୟ ନିୟମ ଉଲଘଂନ କରିବା କାରଣରେ ୨୪ ଜାନୁଆରୀ ୨୦୨୫ରେ ପରିଚାଳନା କମିଟିକୁ ନିଲମ୍ବିତ କରିଥିଲେ। ଏପରିସ୍ଥଳେ ନୟାଗଡ଼ ଜିଲ୍ଲା ସମବାୟ ସମିତି ଉପ ନିବନ୍ଧକ ଅନନ୍ତ କୁମାର ନାୟକ ୧ ଅଗଷ୍ଟରେ ତାଙ୍କ କାର୍ଯ୍ୟାଳୟର ପତ୍ରାଙ୍କ ସଂଖ୍ୟା ୧୪୫୧ ଅନୁସାରେ ନିଲମ୍ବିତ ପରିଚାଳନା କମିଟିକୁ ଶୁକ୍ରବାର ପତ୍ର ମାଧ୍ୟମରେ ପୂର୍ଣଭାବେ ରଦ୍ଦ କରିଛନ୍ତି। ଏବଂ ସମିତିର ଦୈନନ୍ଦିନ କାର୍ଯ୍ୟ ପରିଚାଳନା ନିମନ୍ତେ ସମବାୟ ଅଧିକାରୀ ହିମାଂଶୁ ଶେଖର ରାଉତଙ୍କୁ ଭାରପ୍ରାପ୍ତ ଦାୟିତ୍ୱ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପରିଚାଳନା କମିଟି ଓ ସମବାୟ ବିଭାଗ ମଧ୍ୟରେ ରହିଥିବା ଦୀର୍ଘ ଦିନର ଛକାପଞ୍ଝାରେ ଏବେ ପୂର୍ଣ୍ଣଚ୍ଛେଦ ପଡିଥିବାରୁ ସମିତିର କାର୍ଯ୍ୟ ସୁରୁଖୁରୁରେ ଚାଲିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ଅଗ୍ନିବୀରରେ ସାମିଲ ହେବା ନେଇ ସେମିନାର



ଖୋର୍ଦ୍ଧା, ୨।୮ (ସମିସ): ଏୟାରଫୋର୍ସ ଆସୋସିଏସନ ଖୋର୍ଦ୍ଧା ଶାଖା ତରଫରୁ ଅଗ୍ନିବୀରରେ ସାମିଲ ହେବା ନେଇ ଏକ ସେମିନାର ଗଡ଼ବାଣୀକିଲୋ କଲେଜ(+୨ ଓ +୩) ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ବାୟୁସେନାର ଅବସରପ୍ରାପ୍ତ ଫ୍ଲାଇଟ୍ ଲେଫ୍ଟନାଣ୍ଟ ବିଦ୍ୟାଧର ଲେଙ୍କା, ଶିବପ୍ରସାଦ ମଜୁମ୍‌ଦାର, ରାଧାବଲ୍ଲଭ ରାୟ, ଗଡ଼ମାଣତ୍ରୀ ପଞ୍ଚାୟତର ସରପଞ୍ଚ କରୁଣାକର ଦଳସିଂହରାୟ ପ୍ରମୁଖ ଏହି ସେମିନାରରେ ଅଂଶଗ୍ରହଣ କରିଥିଲେ। ବକ୍ତାମାନେ ଅଗ୍ନିବୀର ଯୋଜନାର ଉଦ୍ଦେଶ୍ୟ, ସୁଯୋଗ ଓ ଲାଭ ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସୂଚନା ଦେଇ ସେମାନଙ୍କୁ ଦେଶ ସେବା ପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ ସେନାର ଅବସରପ୍ରାପ୍ତ ଅଧିକାରୀମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ସନ୍ଦେହ ମୋଚନ କରିଥିଲେ କଲେଜର ଛାତ୍ରଛାତ୍ରୀ। କଲେଜର ଅଧ୍ୟକ୍ଷ ତଥା ଅଧ୍ୟାପକ, ଅଧ୍ୟାପିକାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନିଅଣ୍ଟିଆ ବର୍ଷା: ଚିନ୍ତାରେ ବାଣପୁର ଓ ଚିଲିକା ଅଞ୍ଚଳ ଚାଷୀ

ବାଲୁଗାଁ, ୨।୮ (ସମିସ)



ବର୍ତ୍ତମାନ ରାଜ୍ୟର ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ସ୍ଥଳେ ଚିଲିକା ଓ ବାଣପୁର ଅଞ୍ଚଳରେ ଧାରା ଶ୍ରାବଣରେ ବର୍ଷା ଲାଗି ରହିବା ପରିବର୍ତ୍ତେ ଚଳିତ ବର୍ଷ ନିଅଣ୍ଟିଆ ବର୍ଷା ଯୋଗୁଁ ଚିଲିକା ଓ ବାଣପୁର ବ୍ଲକ ଅଞ୍ଚଳର ଚାଷୀ ଚିନ୍ତାରେ ରହିଛନ୍ତି। ସମଗ୍ର ଅଞ୍ଚଳରେ ସ୍ୱଳ୍ପ ବର୍ଷା ଯୋଗୁଁ ଧାନଚାଷ ଜମିଗୁଡ଼ିକରେ ଯେତିକି ପରିମାଣର ବର୍ଷା ପାଣି ଜମି ରହୁଛି ତାହା ପ୍ରଚଣ୍ଡ ଖରା ଯୋଗୁଁ ଶୁଖିଯାଉଥିବାରୁ ଜମିରେ କାଦୁଅ କରିବା ସମ୍ଭବ ହେଉ ନ ଥିବାବେଳେ ବିଶେଷ କରି ଡିପ ଜମିଗୁଡ଼ିକରେ ତଳି ରୋଇବା ସମ୍ଭବ ହୋଇପାରୁନାହିଁ।

ସୂଚନା ଅନୁସାରେ ଚିଲିକା ଓ ବାଣପୁର ବ୍ଲକର ବହୁ ଅଞ୍ଚଳରେ ଜଳସେଚନର ସୁବିଧା ନ ଥିବାରୁ ଅଣଜଳସେଚିତ ଜମିଗୁଡ଼ିକ ବର୍ଷା ଜଳ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ। ଫଳରେ ପର୍ଯ୍ୟାପ୍ତ ଜଳ ନ ପାଇ ଅଞ୍ଚଳର ବହୁ ଚାଷୀ ଅବହେଳିତ ହୋଇ ରହିଛନ୍ତି। ପାହାଡ଼ ଜଙ୍ଗଲ ଘେରା ବାଣପୁର ବ୍ଲକ ବର୍ତ୍ତମାନ ଗଛକଟା ଯୋଗୁଁ ଏକପ୍ରକାର ବୃକ୍ଷଶୂନ୍ୟ ହେବାକୁ ବସିଲାଣି। ବାଣପୁର ଉପର ଅଞ୍ଚଳ ଦାମିଆ ବରବର, ନୀଳାଦ୍ରିପ୍ରସାଦ, ଭେଟେଶ୍ୱର, କୁଲେଇ, ଗମ୍ଭାରୀମୁଣ୍ଡା ଓ ନାଚୁଣୀ ଆଦି ପଞ୍ଚାୟତର ଚାଷୀ ପ୍ରତ୍ୟେକ କିସମ ଜମିରେ ପୁରାତନ ପଦ୍ଧତି ତଥା ହଳ ଲଙ୍ଗଳ ସାହାଯ୍ୟରେ ଚାଷ ନ କରି ଆଧୁନିକ ପଦ୍ଧତି ତଥା ଟ୍ରାକ୍ଟର ମାଧ୍ୟମରେ ଜମି କାଦୁଅ କରିବା ପରେ ତଳିରୁଆ କାର୍ଯ୍ୟ କରୁଛନ୍ତି। ଏପରିସ୍ଥଳେ ଚଳିତ ବର୍ଷ ସ୍ୱଳ୍ପ ବର୍ଷା ତଥା ନିଅଣ୍ଟିଆ ବର୍ଷା ଯୋଗୁଁ ଚାଷଜମିରେ ତଳିରୁଆ କାର୍ଯ୍ୟ ଆଗେଇ ପାରୁନାହିଁ। ବର୍ତ୍ତମାନ ପରିସ୍ଥିତିରେ କେବଳ ଖାଲୁଆ ଜମିରେ ଧାନ ତଳି ରୁଆ ଚାଲିଛି। ମାତ୍ର ଡିପ ଜମିରେ ପର୍ଯ୍ୟାପ୍ତ ପାଣି ନ ଥିବାରୁ ଶୁଖିଲା ପଡ଼ି କାଦୁଅ ହୋଇ ନ ପାରି ତଳିରୁଆ ହୋଇପାରୁ ନ ଥିବାରୁ ବର୍ତ୍ତମାନ ଚାଷୀ ଚିନ୍ତିତ ହୋଇପଡ଼ିଛନ୍ତି। ଶାଳିଆ ଜଳସେଚନ ଉପରେ ସମୁଦାୟ ପ୍ରାୟ ୯ହଜାର ୬ଶହ ହେକ୍ଟର ଚାଷଜମି ନିର୍ଭର କରୁଥିବାବେଳେ ସେଥି ମଧ୍ୟରୁ ଗଞ୍ଜାମ ଜିଲ୍ଲାର ୨ହଜାର ୮ଶହ ହେକ୍ଟର ଚାଷଜମିକୁ ବାଦ୍ ଦେଲେ ବାଣପୁର ବ୍ଲକ ଓ ଚିଲିକା ବ୍ଲକର ପ୍ରାୟ ୬ହଜାର ୮ଶହ ହେକ୍ଟର ଚାଷ ଜମିକୁ ଜଳସେଚିତ କରୁଥିବାରୁ ଶାଳିଆ ଜଳସେଚନ ଉପରେ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ନିର୍ଭର କରେ। ହେଲେ ଶାଳିଆ ସଂଲଗ୍ନ ବାଣପୁର ଓ ଚିଲିକା ଅଞ୍ଚଳରେ ଗୋଟିଏ ମୁଖ୍ୟ କେନାଲ ଓ ୧୭ଟି ସବ୍ କେନାଲ ସହ ବହୁ କାଡ଼ା ନାଳ ରହିଥିବା ବେଳେ ଚଳିତ ବର୍ଷ ନିଅଣ୍ଟିଆ ବର୍ଷା ହେତୁ ଶାଳିଆ ଡ୍ୟାମ୍‌ରେ ସେଭଳି ପର୍ଯ୍ୟାପ୍ତ ପାଣି ନ ଥିବାରୁ ଜଳସ୍ତର ହ୍ରାସ ହୋଇ ଏବେ ସେଥିରେ ପାଣି ଆସୁନାହିଁ। ହେଲେ ନାମକୁ ମାତ୍ର କେନାଲ ରହିଛି। ଶାଳିଆ ଜଳସେଚନ ପ୍ରକଳ୍ପ କେନାଲ ରକ୍ଷଣାବେକ୍ଷଣ ଅଭାବରୁ କେନାଲରେ ପାଣି ଆସୁ ନ ଥିବା ଚାଷୀ ଅଭିଯୋଗ କରୁଛନ୍ତି। ସେହିପରି ଚିଲିକା ବ୍ଲକ ଅନ୍ତର୍ଗତ ନିମିକ୍ଷେତା, ବଡ଼କୂଳ, ଶିଙ୍ଗେଶ୍ୱର ପଞ୍ଚାୟତକୁ ବାଦ୍ ଦେଲେ ଅନ୍ୟ ୧୨ଟି ପଞ୍ଚାୟତ ଅଞ୍ଚଳରେ ଜଳସେଚିତ ଜମି କମ୍ ଥିବାବେଳେ ଚିଲିକା ହ୍ରଦ ଉପକୂଳବର୍ତ୍ତୀ ପଞ୍ଚାୟତ ଅଞ୍ଚଳର ଚାଷ ଜମି ବର୍ଷା ପାଣି ଉପରେ ନିର୍ଭର କରେ। ୧୫ ଦିନ ତଳେ ଭଲ ବର୍ଷା ହୋଇଥିବାବେଳେ ଉପରମୁଣ୍ଡରୁ ବର୍ଷା ପାଣି ଗଡ଼ି ଆସି କିଛି ପରିମାଣରେ ଚାଷ ଜମିରେ ପାଣି ଜମିବାରେ ଚାଷୀ ଟ୍ରାକ୍ଟର ମାଧ୍ୟମରେ ଜମି କାଦୁଅ କରିବା ପରେ ଜମି ସମତୁଲ କରି ତଳିରୁଆ କାର୍ଯ୍ୟ ସାରି ଏବେ ବର୍ଷା ପାଣିକୁ ଅପେକ୍ଷା କରି ଚାଷୀ ଆକାଶକୁ ଚାତକ ପରି ଚାହିଁ ବସିଛି। ବାଣପୁର ଓ ଚିଲିକା ବ୍ଲକରେ ଉଠାଜଳସେଚନ ପଏଣ୍ଟ ନ ଥିବାରୁ ଚାଷୀ ହଇରାଣ ହରକତ ହେଉଛନ୍ତି ବୋଲି ବହୁ ଚାଷୀ ମତବ୍ୟକ୍ତ କରିଛନ୍ତି। ଏଥିପ୍ରତି ଦୃଷ୍ଟି ଦେଇ ରାଜ୍ୟ ସରକାର ବାଣପୁର ଓ ଚିଲିକା ବ୍ଲକରେ ବ୍ୟାପକ ଭାବରେ ଜଳସେଚନର ବ୍ୟବସ୍ଥା କରିବା ପାଇଁ ଚାଷୀ ନିବେଦନ କରୁଛନ୍ତି। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଚାଷୀଙ୍କର ସମସ୍ୟା ଦୂର କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଦୃଢ଼ ଦାବି ହେଉଛି।

# କ୍ଲଷ୍ଟରସ୍ତରୀୟ ବୈଠକ

ଟାଙ୍ଗୀ, ୨।୮ (ସମିସ): ଟାଙ୍ଗୀ ବ୍ଲକ ଅଧୀନସ୍ଥ ନୂଆପଡ଼ା ପ୍ରାଥମିକ ବିଦ୍ୟାଳୟ ପରିସରରେ ମୁକ୍ତେଶ୍ୱରଦେବ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରିୟମ୍ବଦା ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷିକା ଆୟେଶା ତନୱିର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ପ୍ରଧାନ, ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ର, ମାନତୀ ନାୟକ, ପ୍ରିୟଙ୍କା ମହାପାତ୍ର, କବିତା ମହାପାତ୍ର, ଅମିତ ଚକ୍ରବର୍ତ୍ତୀ, ପ୍ରକାଶ ବେହେରା, ଦୀପୁନ ପରିଡ଼ା ପ୍ରମୁଖ ଅତିଥିରୂପେ ଯୋଗଦେଇଥିଲେ। କୁନ୍ତଳା ସାହୁ, ମଞ୍ଜୁ ଦେଇ, ମୋନାଲିସା ବେହେରା, ସବିତା ପୃଷ୍ଟି, ରୁପାଲୀ ପାତ୍ର, ଦୀପିକା ମଣ୍ଡଳ, ରଶ୍ମିତା ସେଠୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ଶିଶୁବାଟିକା ଶ୍ରେଣୀ ଶିକ୍ଷାଦାନ, ଏଫ୍‌ଏଲ୍‌ଏନ୍, ବହୁଶ୍ରେଣୀ ଶିକ୍ଷାଦାନ, ପାଠଟୀକା, ମାସିକ ଶୈକ୍ଷିକ କ୍ୟାଲେଣ୍ଡର ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟଟି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ହୋଇଥିବାରୁ ଏହା ମଡେଲ ସ୍କୁଲ ଅନ୍ୟମାନେ ଏହି ସ୍କୁଲଠାରୁ ପ୍ରେରଣା ପାଇବେ ବୋଲି ଶ୍ରୀମତୀ ତନୱିର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଇତିଶ୍ରୀ ରାଉତ, ବିଷ୍ଣୁପ୍ରିୟା ସେଠୀ ସାକ୍ଷରତା ଓ ସଂଖ୍ୟାଜ୍ଞାନ ବିଷୟରେ ଆଦର୍ଶ ଶ୍ରେଣୀ ଶିକ୍ଷାଦାନ ଦେଇଥିଲେ। ନୀଳାମ୍ବର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନ ମେଳା



ବେଗୁନିଆ, ୨।୮ (ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ପ୍ରଧାନଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡାଙ୍କ ନେତୃତ୍ୱ ଓ ଆଚାର୍ଯ୍ୟା ସ୍ୱାଗତିକା ପଣ୍ଡାଙ୍କ ଆବାହକତ୍ୱରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ତିନିଟି ବର୍ଗ ଯଥା- କନିଷ୍ଠ ବର୍ଗରୁ ୨୬ଟି, ଶିଶୁବର୍ଗରୁ ୨୩ଟି ଓ ବାଲ୍‌ବର୍ଗରୁ ୨୦ଟି ପ୍ରକଳ୍ପ ସ୍ଥାନ ପାଇଥିବାବେଳେ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଗୌଡ଼, ଭୋଗଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମଧୁଛନ୍ଦା ପାଲଟାସିଂହ ଓ ବଡ଼ବେରଣା ଡିକେଏସ୍‌ଏନ୍ ବିଦ୍ୟାପୀଠର ବରିଷ୍ଠ ବିଜ୍ଞାନ ଶିକ୍ଷକ ରାମଚନ୍ଦ୍ର ମହାରଣା ବିଚାରକ ଭାବେ ଯୋଗଦେଇଥିଲେ। ଏହି ମେଳାରେ ମନୋନୀତ ହୋଇଥିବା ପ୍ରକଳ୍ପଗୁଡ଼ିକ ଜିଲ୍ଲା ସଙ୍କୁଳସ୍ତରୀୟ ବିଜ୍ଞାନ ମେଳାରେ ପ୍ରଦର୍ଶିତ ହେବ। ପ୍ରାରମ୍ଭରେ ଖୋର୍ଦ୍ଧା ଜିଲ୍ଲା ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର ଓ ଜିଲ୍ଲା ସଙ୍କୁଳ ପ୍ରମୁଖ ତଥା ବରିଷ୍ଠ ସାମ୍ବାଦିକ ଡ. ନଳିନୀକାନ୍ତ ପଣ୍ଡା ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ବିଜ୍ଞାନ ବଳରେ ମଣିଷ ଅସମ୍ଭବକୁ ସମ୍ଭବ କରି ପାରୁଛି ବୋଲି ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ମାନସ ରଞ୍ଜନ ଦାଶ, ସମ୍ପାଦକ ଦିଲ୍ଲୀପ କୁମାର ପାଣିଗ୍ରାହୀ, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ମହାପାତ୍ର, ବିଦ୍ୱତ୍ ପରିଷଦ ସଭାପତି ବଂଶୀଧର ପାଣିଗ୍ରାହୀ, ସମ୍ପାଦକ ତଥା ସାମ୍ବାଦିକ ଶ୍ରୀକାନ୍ତ କୁମାର ବାହିନୀପତି ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଆଚାର୍ଯ୍ୟ ସିଦ୍ଧେଶ୍ୱର ବେହେରା ଓ ଆଚାର୍ଯ୍ୟା କସ୍ତୁରୀ କାମୋଦିନୀ ମହାପାତ୍ର ସହଯୋଗ କରିଥିଲେ।

**ସାମ୍ବାଦିକଙ୍କୁ ମାରଣାନ୍ତକ ଆକ୍ରମଣ; ବିଭିନ୍ନ ମହଲରେ ନିନ୍ଦା**

# ଏସ୍‌ପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବିକଲା ଓୟୁଡବ୍ଲୁଜେ

ଖୋର୍ଦ୍ଧା, ୨।୮ (ସମିସ): ଖବର ପ୍ରସାରଣ ପରେ ଆକ୍ରୋଶ ରଖି କାର୍ଯ୍ୟରତ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ହତ୍ୟା ଉଦ୍ୟମ କରାଯାଇଛି। ଆହତ ସାମ୍ବାଦିକ ହେଲେ ବାଣପୁର ଅଞ୍ଚଳର ଦିଲ୍ଲୀପ ସ୍ୱାଇଁ (୪୩)। ଏନେଇ ନାଚୁଣୀ ଥାନାରେ ମାମଲା ରୁଜୁ ହୋଇଥିବାବେଳେ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଅନ୍ୟପକ୍ଷରେ ସାମ୍ବାଦିକ ସୁରକ୍ଷା ଓ ଆକ୍ରମଣକାରୀଙ୍କୁ ଗିରଫ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସ୍‌ପିଙ୍କୁ ଭେଟି ଦାବି କରିଛି ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ (ଓୟୁଡବ୍ଲ୍ୟୁଜେ)। ଶନିବାର ଅପରାହ୍ଣରେ ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତି ପ୍ରକାଶ ହାତୀଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଏସ୍‌ପିଙ୍କୁ ଭେଟି ଦାବି ଜଣାଇଛନ୍ତି। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରା ନ ଗଲେ ସଂଘ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି।

ପ୍ରକାଶ ଥାଉକି, ବାଣପୁର ଅଞ୍ଚଳର ଜଣେ ନାବାଳିକାକୁ ପ୍ରଲୋଭିତ କରି ତା'ର ଅଶ୍ଳୀଳ ଫଟୋକୁ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରି ଲକ୍ଷାଧିକ ଟଙ୍କାରେ ବିକିବା ସହିତ ସେହି ଭିଜୁଆଲକୁ ଭାଇରାଲ କରିବା ଘଟଣାରେ ନାଚୁଣୀ ଥାନା ଅଧୀନ ହରିଚନ୍ଦନପୁର ଗ୍ରାମର ଦୋଳଗୋବିନ୍ଦ ଜେନାଙ୍କୁ ଦିଲ୍ଲୀ ସିବିଆଇ ଟିମ୍ ଖଜୁରିଆସ୍ଥିତ ଭିଣୋଇଙ୍କ ଘରୁ ଗିରଫ କରିଥିଲା। ଗତ ମେ' ମାସରେ ଏ ସମ୍ପର୍କିତ ଖବର ଦିଲ୍ଲୀପ ଖବର ପ୍ରକାଶ କରିଥିଲେ। ଏହାପରେ ଦିଲ୍ଲୀପଙ୍କୁ ଦୋଳଗୋବିନ୍ଦଙ୍କ ସମ୍ପର୍କୀୟ ଭିଣୋଇ ଓ ସମର୍ଥକମାନେ ବିଭିନ୍ନ ପ୍ରକାର ଧମକଚମକ ଦେଉଥିଲେ। ମାତ୍ର ଏହାକୁ ଦିଲ୍ଲୀପ ଗୁରୁତ୍ୱ ଦେଇ ନ ଥିଲେ। କିନ୍ତୁ ଶୁକ୍ରବାର ରାତିରେ ଖବର ପଠାଇ ଦୋକାନ ବନ୍ଦ କରି ଘରକୁ ଦିଲ୍ଲୀପ ଫେରିବା ସମୟରେ ରାସ୍ତାରେ ଜଗି ସେମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ଏଥିରେ ଦିଲ୍ଲୀପଙ୍କ ଶରୀରରେ ଗଭୀର ଆଘାତ ଲାଗିଛି। ତାଙ୍କୁ ପ୍ରଥମେ ଗମ୍ଭାରୀମୁଣ୍ଡା ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଏନେଇ ଦିଲ୍ଲୀପ ନାଚୁଣୀ ଥାନାରେ ଅଭିଯୋଗ କରିଛନ୍ତି। ଏଭଳି ଏକ ଘଟଣାକୁ ବିଭିନ୍ନ ଗଣମାଧ୍ୟମଠାରୁ ନେଇ ରାଜନୈତିକ ଏବଂ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି। ଏହାକୁ ଗୁରୁତ୍ୱର ସହ ନେଇ ଶନିବାର ଓୟୁଡବ୍ଲୁଜେ ସଂଘ ସଦସ୍ୟ ଏବଂ ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ ପ୍ରମୁଖ ଏସ୍‌ପିଙ୍କୁ ଭେଟି ଆଲୋଚନା କରିଛନ୍ତି। ତେବେ ଅଭିଯୋଗର ତଦନ୍ତ ଜଣେ ଡିଏସ୍‌ପିଙ୍କ ଦ୍ୱାରା କରାଯିବ। ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଟାଙ୍ଗୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ୬ ଦଫା ଦାବିପତ୍ର ପ୍ରଦାନ



ଟାଙ୍ଗୀ, ୨।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ୬ ଦଫା ସମ୍ବଳିତ ଦାବିପତ୍ର ଓଡ଼ିଶା ବିଦ୍ୟାଳୟ, ମହାବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ତରଫରୁ ଶନିବାର ଟାଙ୍ଗୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜରିଆରେ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଏହି ଦାବିଗୁଡ଼ିକ ମଧ୍ୟରେ ରହିଛି ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଓ ଅବସର ନେବାକୁ ଥିବା ଶିକ୍ଷକ ଓ କର୍ମଚାରୀମାନଙ୍କୁ ଚାକିରି ସର୍ତ୍ତାବଳୀ, ପେନ୍‌ସନ୍ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ, ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି, ଶିକ୍ଷକ ଓ କର୍ମଚାରୀଙ୍କ ଗ୍ରେଡ୍ ପେ'ରେ ଥିବା ଅସଂଗତି ଦୂରୀକରଣ, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ସରକାରୀକରଣ ସହିତ ଶୂନ୍ୟ ପଦଗୁଡ଼ିକରେ ତୁରନ୍ତ ନିଯୁକ୍ତି ପ୍ରଦାନ, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନୋସ୍‌ନାଲ୍ ଇନ୍‌କ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ଓ ନୂତନ ପେନ୍‌ସନ୍ ପରିବର୍ତ୍ତେ ପୁରାତନ ପେନ୍‌ସନ୍ ପ୍ରଦାନ କରି ନୂତନ ପେନ୍‌ସନ୍ ସ୍କିମ୍‌କୁ ବାତିଲ୍ କରାଯିବା ପାଇଁ ଓଷ୍ଟା ଟାଙ୍ଗୀ ବ୍ଲକ ଶାଖାର ସଭାପତି ବଳରାମ ପାଇକରାୟ, ସମ୍ପାଦକ ଅଜୟ ପରିଡ଼ା, ଓଷ୍ଟା ରାଜ୍ୟ ସମ୍ପାଦକ ରମାକାନ୍ତ ମହାପାତ୍ର, ଓଷ୍ଟାର ପ୍ରାକ୍ତନ ସଭାପତି ପଦ୍ମନାଭ ବିଶ୍ୱାଳ ପ୍ରମୁଖଙ୍କ ନେତୃତ୍ୱରେ ଶିକ୍ଷକମାନେ ଏହି ଦାବିପତ୍ର ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ମଞ୍ଜୁଲତା ବେହେରାଙ୍କୁ ପ୍ରଦାନ କରିଥିବା ଜଣାପଡ଼ିଛି। ଆସନ୍ତା ୮ ତାରିଖରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ମଧ୍ୟ ଏହି ଦାବିପତ୍ର ପ୍ରଦାନ କରାଯିବା ପରେ ୧୬ ତାରିଖ ଦିନ ଦାବି ଦିବସ ପାଳନ ଅବସରରେ ହଜାର ହଜାର ଶିକ୍ଷକଙ୍କ ସମାବେଶର ଦାବି ପୂରଣ ହୋଇ ନ ଥିଲେ ପରବର୍ତ୍ତୀ ଆନ୍ଦୋଳନାତ୍ମକ ପଦକ୍ଷେପ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସଂଘୀୟ ସୂତ୍ରରୁ ଜଣାପଡ଼ିଛି।

## ଅଜଣା ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

ଖୋର୍ଦ୍ଧା, ୨।୮ (ସମିସ): ୧୬ ନଂ ଜାତୀୟ ରାଜପଥର କୁରାଡ଼ମଲ୍ଲ ଓଭରବ୍ରିଜ୍ ଉପରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗଞ୍ଜାମ ମହାରାଜପୁରର ଉତ୍ତମ ମହାରଣା (୨୪)। ପୁଲିସ ସୂଚନା ଅନୁସାରେ, ଉତ୍ତମ ଭୁବନେଶ୍ୱରରେ ଫର୍ଣ୍ଣିଚର କାମ କରୁଥିଲେ। ଶନିବାର ଗାଁରୁ ଭୁବନେଶ୍ୱର ଅଭିମୁଖେ ବାଇକ୍‌ରେ ଯାଉଥିଲେ। କୁରାଡ଼ମଲ୍ଲ ଓଭରବ୍ରିଜ୍ ଉପରେ ଏକ ଅଜଣା ଗାଡ଼ି ଧକ୍କା ଦେବାରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଖବର ପାଇ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ମେଡିକାଲ ପଠାଇବା ସହ ସମ୍ପର୍କୀୟଙ୍କ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ ହୋଇଛି।

## ନାବାଳିକାକୁ ଅପହରଣ ଘଟଣାରେ ଯୁବକ ଗିରଫ

ଜଟଣୀ, ୨।୮ (ସମିସ): ଜଟଣୀ ଥାନା ଅନ୍ତର୍ଗତ ଗୋପୀନାଥପୁର ଅଞ୍ଚଳରେ ଜଣେ ନାବାଳିକାକୁ ଅପହରଣ କରିବା ସହ ଅସଦାଚରଣ କରିବା ଅଭିଯୋଗରେ ଯୁବକକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଲା ପୁରୀ ଜିଲ୍ଲା ଡେଲାଙ୍ଗ ଅଞ୍ଚଳର ସୁମନ୍ତ ମହାରଣା ଓରଫ ଧୁସା (୨୩)।

ସୂଚନାଯୋଗ୍ୟ ଯେ, ଗତ ଜୁଲାଇ ୨୯ ତାରିଖ ରାତିରେ ଅଭିଯୁକ୍ତ ନାବାଳିକାକୁ ଘରୁ ଅପହରଣ କରି ନେଇଥିଲା। ପରିବାର ଲୋକ ବହୁ ଖୋଜାଖୋଜି ପରେ ବି ଝିଅକୁ ପାଇନଥିଲେ। ପରଦିନ ଅର୍ଥାତ୍ ୩୦ ତାରିଖ ସକାଳୁ ଖୋର୍ଦ୍ଧା ମଳିପଡ଼ା ବସ୍‌ଷ୍ଟାଣ୍ଡରେ ନାବାଳିକା ଜଣକ ଥିବା ସଦର ଥାନାକୁ ଖବର ଆସିଥିଲା ଓ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନାବାଳିକାକୁ ଉଦ୍ଧାର କରିଥିଲେ। ପଚରାଉଚରା ବେଳେ ନାବାଳିକା ପୂରା ଘଟଣା ସମ୍ପର୍କରେ କହିଥିଲେ। ଅଭିଯୁକ୍ତ ତାଙ୍କୁ ଏକ ନିର୍ଜନ ସ୍ଥାନକୁ ନେଇ ଅସଦାଚରଣ କରିଥିଲେ ବୋଲି କହିଛନ୍ତି। ଥାନାରେ ପୁଲିସ ତାଙ୍କ ପରିବାର ଲୋକଙ୍କ ଆଗରେ ବୟାନ ରେକର୍ଡ କରିଛି। ଘଟଣା ପରେ ଶନିବାର ଜଟଣୀ ପୁଲିସ ଅଭିଯୁକ୍ତର ଗାଁ ଜୋରାକଣିରୁ ସୁମନ୍ତକୁ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ଶିକ୍ଷୟିତ୍ରୀଙ୍କ ବେକରୁ ସୁନାଚେନ୍ ଲୁଟ୍

ବେଗୁନିଆ, ୨।୮ (ସମିସ): ବେଗୁନିଆ ଥାନା ଅନ୍ତର୍ଗତ ଖଣତି ନୂଆସାହିର ବସନ୍ତ କୁମାର ମହାନ୍ତିଙ୍କ ପତ୍ନୀ ପ୍ରିୟମ୍ବଦା ପରିଛଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ଶନିବାର ମଧ୍ୟାହ୍ନରେ ବିଦ୍ୟାଳୟରୁ ଘରକୁ ଫେରୁଥିବାବେଳେ ଡିଙ୍ଗର ଚାରିଛକଠାରୁ ମାନପୁର ଯିବା ରାସ୍ତାରେ ନିଛାଟିଆ ସ୍ଥାନର ସୁଯୋଗ ନେଇ ଦୁର୍ବୃତ୍ତମାନେ ଦୁଇଟି ବାଇକ୍‌ରେ ଆସି ତାଙ୍କ ବେକରୁ ସୁନାଚେନ୍ ଛଡ଼ାଇ ଆଖି ପିଛୁଳାକେ ଫେରାର୍ ହୋଇଯାଇଥିଲେ। ଏଥିରେ ଶିକ୍ଷୟିତ୍ରୀ ଜଣକ ଅତ୍ୟନ୍ତ ଭୟଭୀତ ହୋଇ ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୁଲିସ ପକ୍ଷରୁ ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି ବୋଲି ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ସୂଚନା ଦେଇଛନ୍ତି।

## ସମାଜସେବୀଙ୍କ ଶ୍ରାଦ୍ଧବାର୍ଷିକୀ

ବାଣପୁର, ୨।୮ (ସମିସ): ବାଣପୁର ଅଞ୍ଚଳର ସମାଜସେବୀ ତଥା ରାଜନେତା ନୌକାରାଜୁ ଆଚାରୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ବାଣପୁର ବଜାରସ୍ଥିତ କଳିଙ୍ଗ ବୈଶ୍ୟ ସଂଘ ଭବନରେ ଅନୁଷ୍ଠିତ ହୋଇଯାଇଛି। ବାଣପୁର ସତ୍ୟସାଇ ସଂଘର ସଭାପତି ରାଜକିଶୋର ଭାପାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଦୀପ ସ୍ୱାଇଁ, ବ୍ରଜସୁନ୍ଦର ମିଶ୍ର, ବୈରାଗୀ ଚରଣ ବଳ, ରବୀନ୍ଦ୍ରନାଥ ମାନସିଂ, ସ୍ୱର୍ଗତ ଆଚାରୀଙ୍କ ସାନ ଭାଇ ଭି.କାମେଶ୍ୱର ଆଚାରୀ, ବଡ଼ ପୁଅ ଭେଙ୍କଟେଶ ଓ ପତ୍ନୀ ଗିରିଶ୍ୱରୀ ଆଚାରୀ ପ୍ରମୁଖ ଯୋଗଦେଇଥିଲେ।

# ୪୪ ଅତିରିକ୍ତ ନୂତନ ମତଦାନ କେନ୍ଦ୍ର ପାଇଁ ପ୍ରସ୍ତାବ

ଖୋର୍ଦ୍ଧା, ୨।୮ (ସମିସ)



ଜିଲ୍ଲାରେ ଅତିରିକ୍ତ ନୂତନ ମତଦାନ କେନ୍ଦ୍ର ସମ୍ପର୍କିତ ଏକ ବୈଠକ ଶନିବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଖୋର୍ଦ୍ଧା ଜିଲ୍ଲାର ୮ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ନୂତନ ଭାବେ ଖୋଲାଯିବାକୁ ଥିବା ବୁଥ୍‌ଗୁଡ଼ିକ ସମ୍ପର୍କରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ଏବଂ ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱର ରୁଦ୍ର ନାରାୟଣ ମହାନ୍ତି ଯୋଗଦେଇ ୧୧୧-ଜୟଦେବ ବିଧାନସଭା ନିର୍ବାଚନ ମଣ୍ଡଳୀ, ୧୧୨-ଭୁବନେଶ୍ୱର କେନ୍ଦ୍ର, ୧୧୩-ଭୁବନେଶ୍ୱର ମଧ୍ୟ, ୧୧୪-ଭୁବନେଶ୍ୱର ଏକାମ୍ର, ୧୧୫- ଜଟଣୀ, ୧୧୬-ବେଗୁନିଆ, ୧୧୭-ଖୋର୍ଦ୍ଧା ଏବଂ ୧୧୮-ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଯେଉଁ ନିର୍ବାଚନମଣ୍ଡଳୀରେ ନୂତନ ମତଦାନ କେନ୍ଦ୍ର ଖୋଲାଯିବାକୁ ସ୍ଥିରିକୃତ ହୋଇଛି ସେ ସମ୍ବନ୍ଧରେ ବିସ୍ତୃତ ଆଲୋଚନା ରାଜନୈତିକ ଦଳ ପ୍ରତିନିଧିଙ୍କ ସହ କରିଥିଲେ। ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟର ପଞ୍ଜୀକରଣ ଅଧିକାରୀଙ୍କଠାରୁ ପ୍ରସ୍ତାବ ପାଇଲା ପରେ ସେଗୁଡ଼ିକ ନିର୍ବାଚନ କମିଶନଙ୍କ ନିକଟକୁ ସୁପାରିସ୍ କରାଯିବା ପାଇଁ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଆଲୋଚନା କରାଯାଇ ସେମାନେ ଯେପରି ନିଜର ରାଜନୈତିକ ବିଏଲ୍‌ଓଙ୍କୁ ନିଯୁକ୍ତି ଦେବେ ସେଥିପ୍ରତି ଧ୍ୟାନ ଦେବାକୁ ରାଜନୈତିକ ନେତୃବର୍ଗଙ୍କୁ କୁହାଯାଇଥିଲା। ପ୍ରକାଶ ଥାଉକି, ନୂତନ ମତଦାନ କେନ୍ଦ୍ର ଖୋଲାଯିବାରେ ୧୧୩-ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ୨ଟି, ୧୧୬-ବେଗୁନିଆ ବିଧାନସଭା ନିର୍ବାଚନମଣ୍ଡଳୀରେ ୪ଟି, ୧୧୭-ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ୨୦ଟି ଏବଂ ୧୧୮-ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀରେ ୧୮ଟି ବୁଥ୍ ରହିଛି। ଏହି ବର୍ଦ୍ଧିତ ୪୪ଟି ବୁଥ୍‌କୁ ମିଶାଇଲେ ଖୋର୍ଦ୍ଧା ଜିଲ୍ଲାରେ ଚୂଡ଼ାନ୍ତ ବୁଥ୍ ସଂଖ୍ୟା ୨୪୨୫ ହେବ।

ଉକ୍ତ ବୈଠକରେ ୧୧୨-ବିଧାନସଭା ଇଆର୍‌ଓ ଧନଞ୍ଜୟ ମହାନ୍ତି, ୧୧୩- ବିଧାନସଭା ଇଆର୍‌ଓ ମନ୍ମଥ କୁମାର ନାୟକ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଡେପୁଟି କଲେକ୍ଟର ରାଜେଶ କୁମାର ମହାନ୍ତି, ଡେପୁଟି କଲେକ୍ଟର (ନିର୍ବାଚନ) ମନୋଜ କୁମାର ସେନାପତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସମସ୍ତ ବରିଷ୍ଠ ଓ କନିଷ୍ଠ ସହାୟକ, ସହାୟିକା ଯୋଗଦେଇଥିବା ବେଳେ ଆମ୍ ଆଦ୍‌ମୀ ପାର୍ଟିର ପ୍ରଶାନ୍ତ କୁମାର ରଣସିଂହ, ଭାରତୀୟ ଜାତୀୟ କଂଗ୍ରେସର ସୌମ୍ୟ ପଟ୍ଟନାୟକ, ଭାରତୀୟ ଜନତା ପାର୍ଟିର ବଦ୍ରି ନାରାୟଣ ଦାଶ ଏବଂ ବିଜୁ ଜନତା ଦଳର ହେମନ୍ତ କୁମାର ଗୋଛାୟତ ଯୋଗଦେଇଥିଲେ।

**■ ଦୈନନ୍ଦିନ ଧାନ ତଳି ରୋଇବାକୁ ଆସୁଛନ୍ତି ଗଞ୍ଜାମ ମଜୁରିଆ**

# ମଜୁରିକୁ କେନ୍ଦ୍ରକରି ଷ୍ଟେସନରେ ହଟ୍ଟଗୋଳ



ନିରାକାରପୁର, ୨।୮ (ସମିସ): ଦୈନନ୍ଦିନ ଗଞ୍ଜାମ ଅଞ୍ଚଳରୁ ଶହ ଶହ ସଂଖ୍ୟାରେ ଦିନ ମଜୁରିଆ ଧାନ ଜମିରେ ମଜୁରୀ ଖଟିବାକୁ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳକୁ ଆସୁଛନ୍ତି। ସକାଳ ପାହିଲେ ବିଭିନ୍ନ ଟ୍ରେନ୍‌ରୁ ଦଳ ଦଳ ପୁରୁଷ ଓ ମହିଳା ଅଧିକ ଦୁଇ ପଇସା କମାଇବା ଆଶାରେ ନିରାକାରପୁର ରେଳ ଷ୍ଟେସନରେ ଓହ୍ଲାଉଥିବାବେଳେ ସେମାନଙ୍କୁ କାମ ପାଇଁ ନେବାକୁ ଜମି ମାଲିକମାନଙ୍କ ମଧ୍ୟରେ ଏକପ୍ରକାର ପ୍ରତିଦ୍ୱନ୍ଦ୍ୱିତା ଚାଲୁଛି। ସେମାନେ ମଜୁରିଆମାନଙ୍କୁ ଅଧିକ ମଜୁରୀ ଦେବାର ପ୍ରଲୋଭନ ଦେଖାଇ ନିରାକାରପୁର ଓ ତା'ର ୧୦/୧୫ କିଲୋମିଟର ଦୂର ଜାଗାକୁ ନେଇ ପୁନର୍ବାର ଟ୍ରେନ୍ ସମୟରେ ଆଣି ଷ୍ଟେସନରେ ଛାଡ଼ି ଦେଉଛନ୍ତି। ଏବେ ଧାନ ବିଲରେ ତଳିରୁଆ କାର୍ଯ୍ୟ ଚାଲୁଥିବାରୁ ଆଉ ଅଞ୍ଚଳରେ ମଜୁରିଆଙ୍କ ଅଭାବ ଦେଖାଦେଇଥିବାରୁ ସକାଳୁ ଟ୍ରେନ୍ ଆସିବା ପୂର୍ବରୁ ବହୁ ସଂଖ୍ୟାରେ ଗାଡ଼ି ମୋଟର ଷ୍ଟେସନ ପାଖରେ ଗଞ୍ଜାମ ମଜୁରିଆଙ୍କୁ ନେବାକୁ ଛିଡ଼ା ହେଉଛି। ପୂର୍ବରୁ ଏମାନେ ଏହି ଅଞ୍ଚଳରୁ ଦିନକୁ ୫୦୦ ଟଙ୍କା ନେଉଥିବାବେଳେ ଏବେ ଚାହିଦା ବଢ଼ିବାରୁ ସେମାନଙ୍କ ମଜୁରୀ ଲୋକ ଦେଖି ବଢ଼ାଇ ଦେଇଛନ୍ତି। ତେଣୁ ଏକ ନିର୍ଦ୍ଦିଷ୍ଟ ମଜୁରୀ ନେବା ପାଇଁ ଓ ଜମି ମାଲିକମାନଙ୍କୁ ଏକ ପ୍ରକାର ମଜୁରୀ ଦେବା ପାଇଁ ଶନିବାର ସକାଳୁ ଶତାଧିକ ସ୍ଥାନୀୟ ଚାଷୀ ଷ୍ଟେସନ ଆସି ହଟ୍ଟଗୋଳ କରିଥିଲେ। ମଜୁରିଆ ଓ ମାଲିକମାନଙ୍କ ମଧ୍ୟରେ ଏକ ହୋ-ହଲ୍ଲାର ପରିବେଶ ଷ୍ଟେସନ ପରିସରକୁ ବେଶ୍ ଗରମ କରି ରଖିଥିବା ଦେଖିବାକୁ ମିଳିଥିଲା।

**ମାଲିରେ ହିଞ୍ଜିଳି ଯୁବକଙ୍କୁ ଅପହରଣ ଘଟଣା**

## ଅପହୃତ ଭେଙ୍କଟରମଣ ନିରାପଦ; ଶୀଘ୍ର ମୁକ୍ତି ପାଇଁ ପ୍ରୟାସ



ବ୍ରହ୍ମପୁର, ୨।୮(ସମିସ): ଜୁନ୍ ୩୦ ତାରିଖରେ ପଶ୍ଚିମ-ଆଫ୍ରିକା ମହାଦେଶର ମାଲି'ରେ ଆତଙ୍କବାଦୀ ୩ ଭାରତୀୟଙ୍କୁ ଅପହରଣ କରିଥିଲେ। ଏଥିରେ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ସମରଝୋଳ ଗ୍ରାମର ପି. ନାର୍ସାମାଙ୍କ ପୁଅ ପି. ଭେଙ୍କଟରମଣ (୨୮) ରହିଥିଲେ। ୧ ତାରିଖରେ ଏମାନେ ଅପହରଣ ହୋଇଥିବା ବେଳେ ପରିବାରବର୍ଗ ୩ ତାରିଖରେ ଜାଣିଥିଲେ। ପରେ ଘଟଣା ନେଇ ଅପହୃତଙ୍କ ମା' ହିଞ୍ଜିଳି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଏହି ଘଟଣାକୁ ୧ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିବା ବେଳେ ଏବେ ମାଲି ସରକାରଙ୍କ ପକ୍ଷରୁ ଏକ ଆଶ୍ୱସ୍ତିକର ଖବର ଆସିଛି। ଭେଙ୍କଟରମଣ ନିରାପଦ ଅଛନ୍ତି ଏବଂ ତାଙ୍କୁ ଉଦ୍ଧାର ପାଇଁ ପ୍ରୟାସ କରାଯାଉଛି ବୋଲି ମାଲି ସରକାରଙ୍କ ବୈଦେଶିକ ବିଭାଗ ପକ୍ଷରୁ ଭାରତ ସରକାରଙ୍କୁ ଏକ ମେଲ୍ ଯୋଗେ ଜଣାଇ ଦିଆଯାଇଛି। ଏ ସଂପର୍କରେ ଭେଙ୍କେଟରମଣଙ୍କ ଭାଇଁ ବବୁଲୁ ସୂଚନା ଦେଇଛନ୍ତି। ମେଲରେ କୁହାଯାଇଛି ଯେ, ଭାରତୀୟ ନାଗରିକଙ୍କୁ ଖୋଜିବା ଏବଂ ସେମାନଙ୍କୁ ମୁକ୍ତ କରିବା ପାଇଁ ସୁରକ୍ଷା ବାହିନୀକୁ ନିର୍ଦ୍ଦେଶ ଜାରି କରାଯାଇଛି। ସମସ୍ତ ୩ଜଣ ଭାରତୀୟ ନାଗରିକ ଜୀବିତ ଅଛନ୍ତି। ସେମାନଙ୍କର ନିରାପଦ ଏବଂ ଶୀଘ୍ର ମୁକ୍ତି ପାଇଁ ପ୍ରୟାସ ଜାରି ରହିଛି। ଅପହୃତ ଭେଙ୍କଟରମଣ ଗତ ନଭେମ୍ବରରେ ଏକ ଘରୋଇ କମ୍ପାନୀ ପକ୍ଷରୁ ପଶ୍ଚିମ-ଆଫ୍ରିକା ମହାଦେଶର ମାଲି ଦେଶର ଏକ ଘରୋଇ ସିମେଣ୍ଟ କମ୍ପାନୀରେ ନିଯୁକ୍ତି ପାଇଥିଲେ। ଗତ ୩୦ରେ ଭେଙ୍କଟରମଣଙ୍କୁ ସେଠାକାର ପୁଲିସ ଗିରଫ କରିଥିବା ନେଇ ସମ୍ପୃକ୍ତ କମ୍ପାନୀ ପକ୍ଷରୁ ପରିବାର ସଦସ୍ୟଙ୍କୁ ଫୋନ୍ ଯୋଗେ ଜଣାଯାଇଥିଲା। ପରିବାର ସଦସ୍ୟ ସଂପୃକ୍ତ ଫୋନ୍ କଲ୍ ପାଇବା ପରେ ଘଟଣାକୁ ସହଜରେ ଗ୍ରହଣ କରିପାରିନଥିଲେ। ପରବର୍ତ୍ତୀ ସମୟରେ ଆତଙ୍କବାଦୀମାନେ ସଂପୃକ୍ତ ସିମେଣ୍ଟ କାରଖାନାରେ ଆକ୍ରମଣ କରି ୩ ଭାରତୀୟଙ୍କୁ ଅପହରଣ କରି ନେଇଥିବା ନେଇ ସାମାଜିକ ଗଣମାଧ୍ୟମରୁ ଦେଖିବାକୁ ପାଇଥିଲେ ପରିବାର।

**ଇ-ମେଲ୍‌ରେ ସୂଚନା ଦେଲେ ମାଲି ସରକାର**

## ଅଣ୍ଡା ଖାଉ ନଥିବା ଛାତ୍ରଛାତ୍ରୀଙ୍କୁ ମିଳିବ ଫଳ

ଭୁବନେଶ୍ୱର, ୨।୮ (ସମିସ): ମଧ୍ୟାହ୍ନଭୋଜନରେ ଅଣ୍ଡା ଖାଉ ନଥିବା ପିଲାଙ୍କୁ ମିଳିବ ଫଳ। ଯେଉଁଦିନ ଅଣ୍ଡା ଦିଆଯାଉଛି, ସେଦିନ ସେମାନଙ୍କୁ ଭଳିକି ଭଳି ଫଳ ଯୋଗାଇ ଦିଆଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ଶିଶୁ ବାଟିକାଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଫଳ ପ୍ରଦାନ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ମାନଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି ପିଏମ୍ ପୋଷଣ ରାଜ୍ୟ ନୋଡାଲ୍ ଅଫିସର୍। କୁ-ପୋଷଣରୁ ଛାତ୍ରଛାତ୍ରୀଙ୍କୁ ଦୂରେଇବା ସହ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ପାଇଁ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନର ପରିକଳ୍ପନା କରାଯାଇଛି। ସମସ୍ତ ଦିନ ପାଇଁ ଭିନ୍ନଭିନ୍ନ ଖାଦ୍ୟ ସାରଣୀ ରହିଛି। ତନ୍ମଧ୍ୟରେ ସପ୍ତାହକୁ ୩ଦିନ ଅର୍ଥାତ୍ ସୋମବାର, ବୁଧବାର ଓ ଶୁକ୍ରବାର ଅଣ୍ଡା ଦେବାର ପ୍ରାବଧାନ ରହିଛି। ଆମିଷ ଖାଉନଥିବା ପିଲାଙ୍କୁ କଦଳୀ, ଆମ୍ବ, ସେଓ ଏବଂ ଉପଲବ୍ଧ ହେଉଥିବା ଅନ୍ୟାନ୍ୟ ଫଳ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି।

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ପିଟିପିଟି ହତ୍ୟା!



ବ୍ୟାସନଗର,୨।୮(ସମିସ): ବ୍ୟାସନଗର ସହରର ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତ ଯୁବକଜଣଙ୍କ ନିକଟସ୍ଥ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଫକୀରପୁର ଅଞ୍ଚଳର ସୁଦାମ ମଳିକଙ୍କ ପୁଅ ଜୀବନ କୁମାର ମଳିକ (୨୫)। ତେବେ ଏନେଇ ଉକ୍ତ ନିଶା ନିବାରଣ କେନ୍ଦ୍ର ନାମରେ ମୃତ ଜୀବନଙ୍କ ବାପା ତାଙ୍କ ପୁଅକୁ ହତ୍ୟା କରିଥିବା ନେଇ ଯାଜପୁର ରୋଡ୍ ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ସାଙ୍ଗମାନଙ୍କ କଥାରେ ପଡ଼ି ନିଶାଗ୍ରସ୍ତ ରହୁଥିବା ପୁଅକୁ ଭଲବାଟକୁ ଆଣିବାକୁ ପରିବାରଲୋକେ ଗତ ସପ୍ତାହରେ ଯାଜପୁର ରୋଡ୍‌ଠାରେ ରହିଥିବା ଏହି ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ପୁଅ ଖୁବ୍‌ଶୀଘ୍ର ଭଲ ହୋଇଯିବ ବୋଲି ନିଶା ନିବାରଣ କେନ୍ଦ୍ରର ମାଲିକ କୋରେଇ ବ୍ଲକ ଶଙ୍ଖଚିଲା ଅଞ୍ଚଳର ମୂଳ ବାସିନ୍ଦା ତଥା ସ୍ଥାନୀୟ ସାହୁ ମାର୍କେଟ ଉପେନ୍ଦ୍ର ସାହୁଙ୍କ ପୁତ୍ର ବିକାଶ ସାହୁ ତାଙ୍କୁ ପ୍ରତିଶ୍ରୁତି ଦେବା ସହିତ ଏନେଇ ମାସକୁ ୯ ହଜାର ଟଙ୍କା ହିସାବରେ ୪ ମାସ ନିମନ୍ତେ ୩୬ ହଜାର ଟଙ୍କା ଅଗ୍ରୀମ ନେଇଥିଲେ। ତେବେ ଶୁକ୍ରବାର ରାତିରେ ଜୀବନ ଖାଇ ପିଇ ଶୋଇଥିବା ବେଳେ ଶନିବାର ସକାଳୁ ଆଉ ଉଠିନଥିଲେ। ତେବେ ତୁରନ୍ତ ମାଲିକ ବିକାଶ ଜୀବନକୁ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସକାଳ ୧୦ଟାରେ ଡାକ୍ତର ବିରଞ୍ଚି ନାରାୟଣ ମହାପାତ୍ର ତାଙ୍କୁ ଗ୍ରହଣ କରିବା ସମୟରେ ମୃତ ବୋଲି ଘୋଷଣା କରିବା ସହ ଏନେଇ ଯାଜପୁର ରୋଡ ଥାନାକୁ ସୂଚନା ଦେଇଥିଲେ। ତେବେ ସେଠାରେ ମୃତ ଜୀବନଙ୍କ ଦେହରେ କ୍ଷତ ଚିହ୍ନଥିବା ଦେଖିବାକୁ ମିଳିଥିଲା। ପରେ ପୁଲିସ ଯାଜପୁର ରୋଡ ମେଡିକାଲରେ ପହଞ୍ଚି ମୃତକଙ୍କ ପରିବାରଲୋକଙ୍କୁ ଘଟଣା ସମ୍ପର୍କରେ ଖବର ଦେଇଥିଲା।

ପୁଅର ଏଭଳି ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରି ପାରୁନଥିବା ବେଳେ ମୃତ ଜୀବନଙ୍କ ଦେହରେ କ୍ଷତ ଚିହ୍ନ ଦେଖି ନିଶା ନିବାରଣ କେନ୍ଦ୍ର ମାଲିକଙ୍କ ନାମରେ ଯାଜପୁର ରୋଡ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଯାଜପୁର ରୋଡ ଆଦର୍ଶ ଥାନା ପୁଲିସ ଅଭିଯୋଗ ଆଧାରରେ ୪୫୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ସାଇଣ୍ଟିଫିକ ଟିମର ସହାୟତା ଲୋଡ଼ିଛନ୍ତି। ରବିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଏହି ନିଶା ନିବାରଣ କେନ୍ଦ୍ର ଭଳି ଆଉ ୪ ଗୋଟି ନିଶା ନିବାରଣ କେନ୍ଦ୍ର ଯାଜପୁରରୋଡ୍‌ରେ ଚାଲୁଛି। ତେବେ ଏହି କେନ୍ଦ୍ର ଚଳାଇବା ପାଇଁ କିଏ ଅନୁମତି ଦେଉଛି ଏବଂ ଏନେଇ ସରକାରୀ ଭାବେ କିଛି ତଦନ୍ତ ହେଉଛି କି ନାହିଁ ତାକୁ ନେଇ ଏବେ ବଡ ପ୍ରଶ୍ନ ଛିଡା ହୋଇଛି। ସେହିପରି ସୂଚନା ଅନୁସାରେ ଏହି ନିଶା ନିବାରଣ କେନ୍ଦ୍ର ଚଳାଇବା ପାଇଁ କେନ୍ଦ୍ର ଗୁଡିକ ସରକାରୀ ଭାବେ ସହାୟତା ରାଶି ପ୍ରଦାନ କରାଯାଉଛି। ତେବେ କେଉଁ ଆଧାରରେ ଏହି କେନ୍ଦ୍ର ୩୬ ହଜାର ଟଙ୍କା ଗ୍ରହଣ କରିଛନ୍ତି ତାହା ତଦନ୍ତସାପେକ୍ଷ। ଅନ୍ୟପକ୍ଷରେ ଏହି ନିଶା ନିବାରଣ କେନ୍ଦ୍ରଗୁଡିକ ଜିଲ୍ଲା ପ୍ରଶାସନ ଅନୁମତି ଦେଇଥାନ୍ତି। ତେବେ

ମୃତ ଜୀବନ ରହୁଥିବା ନିଶା ନିବାରଣ କେନ୍ଦ୍ର ନାମରେ ପୂର୍ବରୁ ଅନ୍ତେବାସୀଙ୍କୁ ମାନସିକ ଏବଂ ଶାରୀରିକ ନିର୍ଯାତନା ଦିଆଯାଉଥିବା ନେଇ ଅନେକବାର ଅଭିଯୋଗ ହୋଇଛି। କିନ୍ତୁ ଏନେଇ ଯାଜପୁର ଜିଲ୍ଲା ପ୍ରଶାସନ କାହିଁକି ତଦନ୍ତ କରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନି ତାକୁ ନେଇ ବଡ ପ୍ରଶ୍ନ ଛିଡ଼ା ହୋଇଛି। ତେବେ ଏନେଇ ଅଧିକ ପ୍ରତିକ୍ରିୟା ନିମନ୍ତେ ସମ୍ପୃକ୍ତ ନିଶା ନିବାରର କେନ୍ଦ୍ର ମାଲିକଙ୍କୁ ଫୋନ ଯୋଗେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ।

**ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣା**

## ଆସନ୍ତା ଓଟିଇଟି ପରୀକ୍ଷା ସୁପରିଚାଳନାକୁ ନେଇ ପ୍ରଶ୍ନବାଚୀ

କଟକ,୨।୮(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଖୋଳତାଡ଼ ଜାରି ରହିଛି। ଆଜି କ୍ରାଇମବ୍ରାଞ୍ଚ ଟିମ ବୋର୍ଡ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କୁ ଜେରା କରିଛି। ନୋଟିସ ପରେ ଶ୍ରୀ ମହାନ୍ତି କ୍ରାଇମବ୍ରାଞ୍ଚ ମୁଖ୍ୟ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଶ୍ରୀ ମହାନ୍ତିଙ୍କୁ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ୩ଘଣ୍ଟା ଧରି ମାରାଥନ ଜେରା କରିଛନ୍ତି। କିଭଳି ଓ କେଉଁ ସ୍ଥିତିରେ ଓଟିଇଟି ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ପ୍ରଶ୍ନପତ୍ର ବୋର୍ଡ ଉପ-ସଭାପତିଙ୍କ ଲାପଟପକୁ ଆସିଲା ଓ ଡାଟା ଏଣ୍ଟ୍ରି ଅପରେଟର୍‌ଜଣଙ୍କ କାହିଁକି ଏହି ଲାପଟପ ବ୍ୟବହାର କରି ପେନଡ୍ରାଇଭ ଜରିଆରେ ପ୍ରଶ୍ନପତ୍ର ନେଇଗଲେ, ସେନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ଶ୍ରୀ ମହାନ୍ତିଙ୍କୁ ତୁହାକୁ ତୁହା ଜେରା କରାଯାଇଥିଲା। ସେହିଭଳି ପରୀକ୍ଷା ପାଇଁ ପ୍ରଶ୍ନପତ୍ର ଛାପା ସଂସ୍ଥା ଠାରୁ ହ୍ୱାଟସଆପ୍ କି ଇ-ମେଲରେ ପ୍ରଶ୍ନପତ୍ର କପି ଆସିଥିଲା, ତାହାକୁ ନେଇ କ୍ରାଇମବ୍ରାଞ୍ଚ ତନାଘନା କରିଛି। ଏପରିକି ପ୍ରଶ୍ନପତ୍ର ଛାପା ସଂସ୍ଥା ସହ ବୋର୍ଡର କେଉଁ କର୍ମକର୍ତ୍ତାଙ୍କ କି ସମ୍ପର୍କ ରହିଛି, ତାହା ମଧ୍ୟ ତଦନ୍ତ ପରିସରକୁ ଆସିଥିବା କହିଛନ୍ତି କ୍ରାଇମବ୍ରାଞ୍ଚର ଜନୈକ ଅଧିକାରୀ। ବୋର୍ଡ ଉପ ସଭାପତିଙ୍କ ସମେତ ଉତ୍ତରଦାୟୀ ଅନ୍ୟ କର୍ମକର୍ତ୍ତାମାନେ ସେମାନଙ୍କ ପଦ ନ ଛାଡିଲେ ତଦନ୍ତ ପ୍ରକ୍ରିୟା ପ୍ରଭାବିତ ହେବାର ସମ୍ଭାବନା ରହିଛି ବୋଲି ଶିକ୍ଷାବିତ ମହଲରେ ଆଲୋଚନା ହେଉଛି। ଏଭଳି ସ୍ଥିତିରେ ଆସନ୍ତା ଅଗଷ୍ଟ ୩୧ରେ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାର ସୁପରିଚାଳନାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ବୋର୍ଡ ଉପ ସଭାପତିଙ୍କୁ କ୍ରାଇମବ୍ରାଞ୍ଚର ଜେରା, ଜେରକ୍ସ ଦୋକାନୀଙ୍କ ବୟାନ ରେକର୍ଡ**

ପ୍ରଶ୍ନପତ୍ର ଲିକ ଘଟଣାରେ ସନ୍ଦେହ ଘେରକୁ ଆସିଥିବା ବୋର୍ଡ କର୍ମକର୍ତ୍ତା, ଅଧିକାରୀ ଓ ଅନ୍ୟ କର୍ମଚାରୀମାନଙ୍କର ଅଗଷ୍ଟ ୩୧ରେ ହେବାକୁ ଥିବା ଏହି ପରୀକ୍ଷା ପରିଚାଳନାରେ ଭୂମିକା ରହିବ ନା ସେମାନଙ୍କୁ ଏହି ଦାୟିତ୍ୱରୁ ଅପସାରଣ କରାଯିବ, ତାହା ବର୍ତ୍ତମାନ ସୁଦ୍ଧା ବୋର୍ଡ ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ। ଅନ୍ୟପଟରେ ବୋର୍ଡ ଉପସଭାପତିଙ୍କ ଆଉ ଜଣେ ମହିଳା ଡାଟା ଏଣ୍ଟ୍ରି ଅପରେଟରଙ୍କୁ ବି ଆଜି ଜେରା କରାଯିବା ସହ କେତେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜକୁ କ୍ରାଇମବ୍ରାଞ୍ଚ ସଂଗ୍ରହ କରିଛି। ବୋର୍ଡ ଉପସଭାପତି ଶ୍ରୀ ମହାନ୍ତି କହିଛନ୍ତି ଯେ କ୍ରାଇମବ୍ରାଞ୍ଚକୁ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରୁଛି। ଯେହେତୁ ତଦନ୍ତ ଜାରି ରହିଛି, ଏ ସମ୍ପର୍କରେ ଅଧିକ କିଛି କହିବାକୁ ସେ ମନା କରିଛନ୍ତି। କୋରାପୁଟ ଜୟପୁରର ଶିବା ନାମକ ଜେରକ୍ସ ଦୋକାନରେ ପ୍ରଶ୍ନପତ୍ରର ଫଟୋକପି ବାହାର କରାଯାଇଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଥିଲା। ଆଜି ଉକ୍ତ ଦୋକାନ ମାଲିକଙ୍କ ବୟାନକୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ କ୍ରାଇମବ୍ରାଞ୍ଚ ପକ୍ଷରୁ ରେକର୍ଡ କରାଯାଇଛି। କୋରାପୁଟ ସମେତ କେତେକ ଜିଲ୍ଲାରେ ଓଟିଇଟି ଆଶାୟୀ ପରୀକ୍ଷାର୍ଥୀ ମାନେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପାଇବା ପାଇଁ ୫ରୁ ୧୦ହଜାର ଟଙ୍କା ଯାଏଁ ଦେଇଥିବା ଅଭିଯୋଗ ଉଠିଲାଣି।

## ଛାତ୍ରୀ ଓ ନାରୀ ସୁରକ୍ଷା ପ୍ରସଙ୍ଗରେ ଛାତ୍ର ଓ ଯୁବ ବିଜେଡିର ହାଲ୍ଲାବୋଲ

ଭୁବନେଶ୍ୱର, ୨।୮(ସମିସ): ଶିକ୍ଷାନୁଷ୍ଠାନରେ ଛାତ୍ରୀ ଓ ମହିଳାଙ୍କୁ ସୁରକ୍ଷା ଓ ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିଜୁ ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ଦ୍ୱିତୀୟ ଦିନରେ ପହଞ୍ଚିଛି ଆନ୍ଦୋଳନ। ଅଗଷ୍ଟ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନର ଦ୍ୱିତୀୟ ଦିନରେ ଆଜି ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରୁ ଏକ ଶୋଭାଯାତ୍ରାରେ ବାହାରି ଭୁବନେଶ୍ୱର ଡିସିପି ଅଫିସ୍ ପର୍ଯ୍ୟନ୍ତ ଯାଇଥିଲେ। ପରେ ସେଠାରେ ପ୍ରତିବାଦ କରିବା ସହ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେହିପରି କଟକ ଶୈଳବାଳା ମହିଳା ମହାବିଦ୍ୟାଳୟ ଛାତ୍ରୀମାନେ ଲାଲବାଗ ଥାନାରେ ଓ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ଛାତ୍ରୀମାନେ ବିଡ଼ାନାସୀ ଥାନାରେ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିବା ସହ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

# ବିଶ୍ୱ ବାଣିଜ୍ୟ

**ଟ୍ରମ୍ପଙ୍କ ଟିପ୍ପଣୀ**

## ରୁଷଠୁ ତେଲ କିଣିବା ବନ୍ଦ କରିଛି ଭାରତ

ୱାଶିଂଟନ, ୨।୮ (ଏଜେନ୍ସି): ଭାରତ ଅଧିକ ଦିନ ପର୍ଯ୍ୟନ୍ତ ରୁଷ୍ଠାରୁ ତୈଳ କିଣିବ ନାହିଁ। ଏ ନେଇ ଖବର ପ୍ରକାଶ ପାଇଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ତେବେ ଏହା କେତେ ସତ ତାହାର ସୂଚନା ନାହିଁ। ଯଦି ଏହା ସତ ହୋଇଥାଏ ତେବେ ଭଲ କଥା। ଆଗକୁ କ'ଣ ହେବ ଦେଖାଯିବ ବୋଲି ଟ୍ରମ୍ପ କହିଛନ୍ତି। ତେବେ ଭାରତର ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏଭଳି ରିପୋର୍ଟକୁ ଖଣ୍ଡନ କରି ଦିଆଯାଇଛି। ଭାରତ ଜାତୀୟ ସ୍ୱାର୍ଥ ଏବଂ ବଜାର କ୍ଷମତାକୁ ଦେଖି ଶକ୍ତି ତୈଳ କିଣା ଯାଉଛି ବୋଲି କୁହାଯାଇଛି। ଏହା ପୂର୍ବରୁ ରଏଟର୍ସରେ ଏକ ରିପୋର୍ଟ ପ୍ରକାଶ ପାଇଥିଲେ। ଏଥିରେ ଆମେରିକା ଚାପ ଏବଂ ମୂଲ୍ୟ ବୃଦ୍ଧିକୁ ଦୃଷ୍ଟିରେ ରଖି ଭାରତ ରୁଷ୍ଠାରୁ ତୈଳ କିଣିବା ପ୍ରାୟ ବନ୍ଦ କରିଦେଇଛି ବୋଲି କୁହାଯାଇଥିଲା। ପରେ ଶୁକ୍ରବାର ସନ୍ଧ୍ୟାରେ ଭାରତର ବିଦେଶ ମନ୍ତ୍ରାଳୟ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ତେବେ ଏହି ଦାବି କେତେ ସତ ତାହା ସ୍ପଷ୍ଟ କରାଯାଇ ନ ଥିଲା। ଅନ୍ୟପଟେ ରଏଟର୍ସର ଦାବିକୁ ଏଏନଆଇ ପକ୍ଷରୁ ଖଣ୍ଡନ କରାଯାଇଛି। ଭାରତୀୟ କମ୍ପାନୀ ଏବେ ବି ରୁଷ୍ଠାରୁ ତୈଳ କିଣିବା ଜାରି ରଖିଛନ୍ତି ବୋଲି କୁହାଯାଇଛି।



ବିଦେଶ ମନ୍ତ୍ରାଳୟର ପ୍ରବକ୍ତା ରଣଧୀର ଜୟସ୍ୱାଲ କହିଥିଲେ ଯେ ତୈଳ ଏବଂ ଗ୍ୟାସ ଭଳି ଶକ୍ତି ଆବଶ୍ୟକତାକୁ ନେଇ ଭାରତର ସ୍ପଷ୍ଟ ଆଭିମୁଖ୍ୟ ରଖିଛି। ବିଶ୍ୱର ସ୍ଥିତି, ତୈଳ ମୂଲ୍ୟ, ତୈଳ ଭଣ୍ଡାର କ୍ଷମତା ଏବଂ ବଜାରକୁ ଦୃଷ୍ଟିରେ ରଖି ଭାରତ ପକ୍ଷରୁ ନିଷ୍ପତ୍ତି ନିଆଯାଉଛି। ଗତ ୩୦ ତାରିଖରେ ରଏଟର୍ସ ପକ୍ଷରୁ ଜାରି ରିପୋର୍ଟରେ କୁହାଯାଇଥିଲା ଯେ ଇଣ୍ଡିଆନ ଅଏଲ କର୍ପୋରେସନ, ହିନ୍ଦୁସ୍ତାନ ପେଟ୍ରୋଲିୟମ ଏବଂ ଭାରତ ପେଟ୍ରୋଲିୟମ ଭଳି ସରକାରୀ କମ୍ପାନୀ ରୁଷ୍ଠାରୁ ତୈଳ କିଣିବା ବନ୍ଦ କରିଦେଇଛନ୍ତି। କାରଣ ରିଆତି କମ୍ ହେଉଛି ଏବଂ ତୈଳ ଆଣିବାରେ ସମସ୍ୟା ସୃଷ୍ଟି ହେଉଛି। ଗତ ସପ୍ତାହେ ହେଲା ରୁଷ୍ର ଅଶୋଧିତ ତୈଳ ମଗା ଯାଇନାହିଁ। ଭାରତୀୟ ରିଫାଇନାରୀ ଗୁଡିକ ବହୁତ କମ୍ ତୈଳ କିଣୁଛନ୍ତି। କାରଣ ରୁଷ୍ ଦେଉଥିବା ରିଆତି ୨୦୨୨ ପରଠାରୁ ସବୁଠୁ କମ୍ ହୋଇଯାଇଛି।

**ରିପୋର୍ଟକୁ ଖଣ୍ଡନ କଲା ଭାରତ**

ଏବେ ରିଫାଇନାରୀଗୁଡିକ ଭୟ କରୁଛନ୍ତି। ରୁଷ୍ ଉପରେ ଲାଗିଥିବା କଟକଣା ଦ୍ୱାରା ବ୍ୟବସାୟ କରିବା କଠିନ ହେବ ଆଶା କରୁଛନ୍ତି। ୟୁରୋପୀୟ ସଂଘ ଗତ ୧୮ ତାରିଖରେ ରୁଷ୍ ଉପରେ ନୂଆ କଟକଣା ଲଗାଇ ଥିଲା। ଏଥିରେ ରୁଷ୍ର ତୈଳ, ଶକ୍ତି ଉଦ୍ୟୋଗକୁ ଅଧିକ କ୍ଷତି କରିବାକୁ ପଦକ୍ଷେପ ନିଆଯାଇଛି। ରୁଷ୍ ତୈଳ ମୂଲ୍ୟକୁ ବଜାର ଦରଠାରୁ ୧୫ ପ୍ରତିଶତ କମ୍ ରଖିବାକୁ ୟୁରୋପୀୟ ସଂଘ ପ୍ରୟାସ କରୁଛି।


ରିପୋର୍ଟ ଅନୁଯାୟୀ ଏବେ ବି ଅନେକ ରୁଷ୍ ତୈଳ ଟ୍ୟାଙ୍କର ଅଶୋଧିତ ତୈଳ ଧରି ଭାରତର ପଶ୍ଚିମ ଉପକୂଳରେ ରହିଛି। ଗୁଜରାଟର ସିକା ବନ୍ଦରରେ କିଛି ଟ୍ୟାଙ୍କର ରହିଛି। ରୁଷୀୟ ତୈଳର ଭାରତୀୟ କ୍ରୟ ବୃଦ୍ଧି, ସମ୍ଭାବ୍ୟ କଟକଣା ଏବଂ କାଗଜପତ୍ର ଜନିତ ସମସ୍ୟା ଲାଗି ଏଗୁଡିକ ଅଟକି ରହିଛନ୍ତି। ଆଟିଲେସ୍ ଏବଂ ଡେଷ୍ଟାନ ଭଳି କିଛି ଟ୍ୟାଙ୍କର କଟକଣା ଅଧିନରେ ରହିଛନ୍ତି। ଭାରତୀୟ ଅଧିକାରୀଙ୍କ ସୂଚନା ଅନୁଯାୟୀ ରୁଷ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅଶୋଧିତ ତୈଳ ଉତ୍ପାଦକ ଏବଂ ରପ୍ତାନୀକାରୀ ରାଷ୍ଟ୍ର। ଏହି ଦେଶ ଦିନକୁ ୯.୫ ନିୟୁତ ବ୍ୟାରେଲ ତୈଳ ବାହାର କରୁଛି। ଏହା ବିଶ୍ୱର ଚାହିଦାର ପ୍ରାୟ ୧୦ ପ୍ରତିଶତ। ଭାରତ ବିଶ୍ୱର ତୃତୀୟ ବୃହତ୍ତମ ତୈଳ ଉପଭୋକ୍ତା। ଦେଶ ନିଜ ଆବଶ୍ୟକତାର ପ୍ରାୟ ୮୫ ପ୍ରତିଶତ ତୈଳ ଆମଦାନୀ କରୁଛି। ଏଭଳି ସ୍ଥିତିରେ ଅନ୍ତର୍ଜାତୀୟ ନିୟମ ପାଳନ କରି ରଣନୈତିକ ଭାବରେ ଶକ୍ତିର ଉତ୍ସ ଧାର୍ଯ୍ୟ କରିଥାଏ। ଶସ୍ତା ଏବଂ ଭରସାଯୋଗ୍ୟ ଯୋଗାଣ ପାଇଁ ଏହି ପଦକ୍ଷେପ ନିଆ ଯାଇଥାଏ। ରୁଷ୍ ତେଲ କିଣିବା ଉପରେ କୌଣସି କଟକଣା ନାହିଁ। ତେବେ ଜି-୭ ଦେଶ ଏବଂ ୟୁରୋପୀୟ ସଂଘ ଏଥିପାଇଁ କିଛଇ ସୀମା ଧାର୍ଯ୍ୟ କରିଛି। ଭାରତ ସବୁବେଳେ ଏହି ନିୟମକୁ ପାଳନ କରୁଛି।

**କଟାକ୍ଷ କଲେ ବାଂଲାଦେଶ ପ୍ରଧାନମନ୍ତ୍ରୀ**

## ଟ୍ରମ୍ପଙ୍କ ସହ ବାଣିଜ୍ୟ ଚୁକ୍ତି କରିବାରେ ଭାରତ ବିଫଳ

ଢାକା, ୨।୮ (ଏଜେନ୍ସି): ଏ ପର୍ଯ୍ୟନ୍ତ ଆମେରିକା ସହ ଭାରତ ବାଣିଜ୍ୟ ଚୁକ୍ତି କରିପାରି ନାହିଁ। ଏହାକୁ ନେଇ ବାଂଲାଦେଶର କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ ଭାରତକୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି ଯେ ଡୋନାଲ୍ଡ ଟ୍ରମ୍ପଙ୍କ ସହ ବାଣିଜ୍ୟ ଚୁକ୍ତି କରିବାରେ ଭାରତ ବିଫଳ ହୋଇଥିବାବେଳେ ବାଂଲାଦେଶ କରି ଦେଖାଇଛି। ଚୁକ୍ତି ନ ହେବା ଯୋଗୁଁ ଭାରତକୁ ଏବେ ୨୫ ପ୍ରତିଶତ ଶୁଳ୍କ ଦେବାକୁ ପଡ଼ିବ। ଏହା ବାଂଲାଦେଶ ତୁଳନାରେ ଅଧିକ। ଢାକା ଉପରେ ଆମେରିକା ୨୦ ପ୍ରତିଶତ ଶୁଳ୍କ ଲଗାଇଛି। ଏହା ପୂର୍ବରୁ ଏପ୍ରିଲରେ ବାଂଲାଦେଶ ଉପରେ ଟ୍ରମ୍ପ ୩୭ ପ୍ରତିଶତ ଶୁଳ୍କ ଲଗାଇ ଥିଲେ। ଅର୍ଥାତ୍ ୪ ମାସରେ ବାଂଲାଦେଶ ଶୁଳ୍କକୁ ୧୭ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛି। ୟୁନୁସ ଏହାର ଶ୍ରେୟ ଶୁଳ୍କକୁ ନେଇ ଆମେରିକା ସହ ଆଲୋଚନା କରିଥିବା ଅଧିକାରୀଙ୍କୁ ଦେଇଛନ୍ତି। ସେ ଏହାକୁ କୂଟନୈତିକ ବିଜୟ କହିଛନ୍ତି।

**ଆମେ ଶୁଳ୍କ ୧୭%କୁ ହ୍ରାସ କରିଦେଲୁ**



ଏହା ଦ୍ୱାରା ବାଂଲାଦେଶର ପୋଷାକ ଉଦ୍ୟୋଗ ମଜବୁତ ହେବ ବୋଲି ଉଲ୍ଲେଖ କରିଛନ୍ତି।

ୟୁନୁସ କହିଛନ୍ତି ଯେ ବାଂଲାଦେଶ ଉପରେ ଲଗା ଯାଇଥିବା ଶୁଳ୍କ ହାର ଶ୍ରୀଲଙ୍କା, ଭିଏତନାମ, ପାକିସ୍ତାନ ଏବଂ ଇଣ୍ଡୋନେସିଆ ଭଳି ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ରଙ୍କ ସହ ସମାନ। ଏହି ଦେଶଗୁଡିକ ଉପରେ ୧୯ରୁ ୨୦ ପ୍ରତିଶତ ଶୁଳ୍କ ଲାଗିଛି। ସମାନ ଶୁଳ୍କ ଲଗା ଯାଇଥିବାରୁ ବାଂଲାଦେଶ ପୋଷାକ ଉଦ୍ୟୋଗ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ।

## ଆସନ୍ତା ବର୍ଷଠୁ କାର୍ଯ୍ୟକାରୀ ହୋଇପାରେ ଅଷ୍ଟମ ବେତନ କମିଶନ ସୁପାରିସ

ନୂଆଦିଲ୍ଲୀ, ୨।୮ (ଏଜେନ୍ସି): କେନ୍ଦ୍ରକର୍ମଚାରୀ ଓ ପେନସନଭୋଗୀଙ୍କ ପାଇଁ ଖୁସି ଖବର ଆସିଛି। କେନ୍ଦ୍ର ସରକାର ଅଷ୍ଟମ ବେତନ କମିଶନ ସୁପାରିସ କାର୍ଯ୍ୟକାରୀ କରିବା ବିଷୟରେ ସଙ୍କେତ ଦେଇଛନ୍ତି। ଏ ଦିଗରେ ଦୃଢ଼ ପଦକ୍ଷେପ ନିଆଯାଉଛି। ନୂଆ କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ନିଯୁକ୍ତି ବିଷୟରେ ଖୁବଶୀଘ୍ର ଘୋଷଣା କରାଯିବ ବୋଲି ସୂଚନା ଦେଇଛନ୍ତି। ଗତ ଜାନୁଆରୀରେ କେନ୍ଦ୍ର ସରକାର ଅଷ୍ଟମ ବେତନ କମିଶନ କାର୍ଯ୍ୟକାରୀ କରିବା ନେଇ ଘୋଷଣା କରିଥିଲେ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର, ପ୍ରତିରକ୍ଷା ମନ୍ତ୍ରାଳୟ ଓ ଗୃହ ମନ୍ତ୍ରାଳୟ ସହିତ ଆଲୋଚନା ଆରମ୍ଭ ହୋଇଛି। ଦେଶରେ କମିଶନଙ୍କ ସୁପାରିସ ଅନୁସାରେ ଅଷ୍ଟମ ବେତନ ହାର ଆସନ୍ତା ବର୍ଷ ଜାନୁଆରୀରୁ କାର୍ଯ୍ୟକାରୀ ହେବ ବୋଲି କୁହାଯାଉଛି। ଏ ନେଇ ଅର୍ଥ ବିଭାଗ ପକ୍ଷରୁ ସଂସଦରେ ସୂଚନା ଦିଆଯାଇଛି। ଲୋକସଭାରେ କେନ୍ଦ୍ର ଅର୍ଥ ରାଜ୍ୟମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି



ଯେ ଅଷ୍ଟମ ବେତନ କମିଶନ ଗଠନ ପାଇଁ ସରକାର ପୂର୍ବରୁ ମଞ୍ଜୁରୀ ଦେଇସାରିଛନ୍ତି। ଏହା ଲାଗୁ ହେଲେ ପ୍ରାୟ ୫୦ ଲକ୍ଷ କେନ୍ଦ୍ର କର୍ମଚାରୀ ଓ ୬୫ ଲକ୍ଷ ପେନସନଭୋଗୀ ଉପକୃତ ହେବେ। ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ସମ୍ବନ୍ଧରେ ରାଜ୍ୟ ସରକାରଙ୍କୁ ଆବଶ୍ୟକୀୟ ତଥ୍ୟ ପାଇଁ ଅନୁରୋଧ କରାଯାଇଛି।

**ଅଟୋ-ପାଇଲଟ କାର୍ ଦୁର୍ଘଟଣା ମାମଲାରେ କୋର୍ଟଙ୍କ ନିର୍ଦ୍ଦେଶ**

# ପୀଡ଼ିତଙ୍କୁ ୨୧୦୦ କୋଟି ଦେବ ଟେସ୍‌ଲା

ଫ୍ଲୋରିଡ଼ା, ୨।୮ (ଏଜେନ୍ସି):



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପୂର୍ବତନ ସହଯୋଗୀ ତଥା ଉଦ୍ୟୋଗପତି ଏଲନ ମସ୍କଙ୍କୁ ବଡ଼ ଝଟ୍‌କା ଲାଗିଛି। ଅଟୋ-ଡ୍ରାଇଭ କାର୍ ଦୁର୍ଘଟଣା ମାମଲାରେ ମସ୍କଙ୍କ କମ୍ପାନୀ ଟେସ୍‌ଲାକୁ ଫ୍ଲୋରିଡ଼ାର ମିଆମୀ କୋର୍ଟ ଶୁକ୍ରବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ପୀଡ଼ିତଙ୍କ ପରିବାରକୁ ୨୪୩ ନିୟୁତ ଡଲାର ଅର୍ଥାତ୍ ପ୍ରାୟ ୨୧୦୦ କୋଟି ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟରେ ଏହି ମାମଲା ଚାରି ବର୍ଷ ହେଲା ଚାଲୁଥିଲା।

ଏହି ମାମଲା ୨୦୧୯ର। ସେ ସମୟରେ ଫ୍ଲୋରିଡ଼ାର ଲାର୍ଗୋ ଅଞ୍ଚଳରେ ଟେସ୍‌ଲାର ଏକ ଅଟୋ-ପାଇଲଟ୍ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଟେସ୍‌ଲା ମଡେଲ 'ଏସ୍ ସେଡାନ' ଏକ ଏସ୍‌ୟୁଭିକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ୨୨ ବର୍ଷୀୟ ନାଇବେସ ବେନାଭାଇଡସଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ପୁରୁଷ ବନ୍ଧୁ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଏହି ମାମଲାରେ କମ୍ପାନୀ ନିଜ ସପକ୍ଷରେ କୋର୍ଟରେ ଯୁକ୍ତି ବାଢ଼ିଥିଲା। ଡ୍ରାଇଭର ଫୋନ୍ ଚଳାଇବାରେ ବ୍ୟସ୍ତ ଥିଲେ ବୋଲି କୁହାଯାଇଥିଲା। କିନ୍ତୁ କୋର୍ଟ ଏହାକୁ ଅଗ୍ରାହ୍ୟ କରି ଦେଇଥିଲେ। କୋର୍ଟ କହିଥିଲେ ଯେ ଟେସ୍‌ଲାର ସିଷ୍ଟମରେ ତ୍ରୁଟି ଥିଲା। ଏହି ଦୁର୍ଘଟଣା ପାଇଁ କେବଳ ଡ୍ରାଇଭର ଦାୟୀ ନୁହେଁ।

୨୦୨୧ରେ ପୀଡ଼ିତଙ୍କ ପରିବାର ଟେସ୍‌ଲା ବିରୋଧରେ ମାମଲା ରୁଜୁ କରିଥିଲେ। ଅଟୋ-ପାଇଲଟ ବ୍ୟବସ୍ଥାରେ ତ୍ରୁଟି ଥିବା ନେଇ କମ୍ପାନୀ କହି ନ ଥିଲା। ଏହାକୁ ଲୁଚାଇ ରଖିଥିଲା। ଦୁର୍ଘଟଣା ପରର ଏବଂ ପୂର୍ବର ଭିଡିଓ ଫୁଟେଜକୁ ମଧ୍ୟ ହଟାଇ ଦେଇଥିଲା। ଏହି ମାମଲା ୨୦୨୧ ରୁ ୨୦୨୫ ପର୍ଯ୍ୟନ୍ତ ଚାଲିଥିଲା। ଏହି ସମୟ ମଧ୍ୟରେ ଟେସଲା ଏପରି ଦୁର୍ଘଟଣାର ଅଧିକାଂଶ ମାମଲା ସମାଧାନ କରି ଚାଲିଥିଲା କିମ୍ବା କୋର୍ଟରେ ସେଗୁଡ଼ିକୁ ଖାରଜ କରିଦେଇଥିଲା। ଏହି ମାମଲାରେ ଟେସଲା ମିଆମିର ଫେଡେରାଲ୍ କୋର୍ଟର ଜୁରିଙ୍କ ସମ୍ମୁଖରେ ଡ୍ରାଇଭରଙ୍କୁ ଦାୟୀ କରିବାକୁ ଚେଷ୍ଟା କରିଥିଲା, କିନ୍ତୁ ପୀଡିତଙ୍କ ଓକିଲମାନେ ଅଟୋ-ପାଇଲଟ୍ ସିଷ୍ଟମର ତ୍ରୁଟି ଥିବା ଦର୍ଶାଇ ଥିଲେ। ଶେଷରେ ଟେସଲା ଗାଡ଼ିରେ ଥିବା ତ୍ରୁଟି ସ୍ୱୀକାର କରିଥିଲା, କିନ୍ତୁ ପ୍ରମାଣ ଲୁଚାଇବା ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏହି ମାମଲାରେ କୋର୍ଟ ଯେଉଁ କ୍ଷତିପୂରଣ ଲଗାଇଛନ୍ତି ତାହାକୁ ଟେସ୍‌ଲା ଭୁଲ୍ କହିଛି। ଏହା ଦ୍ୱାରା ମୋଟରଯାନ ସୁରକ୍ଷାକୁ ପଛକୁ ନେଇଯିବା, ଟେସ୍‌ଲା ଏବଂ ସମ୍ପୂର୍ଣ୍ଣ ଉଦ୍ୟୋଗର ଜୀବନ ରକ୍ଷାକାରୀ ଜ୍ଞାନକୌଶଳ ବିକଶିତ, କାର୍ଯ୍ୟକାରୀ କରିବା ପ୍ରୟାସ ବିପଦରେ ପଡ଼ିପାରେ। ମାମଲା ଦାଏର କରିଥିବା ଲୋକ ଏକ କାହାଣୀ ଗଢ଼ିଛନ୍ତି। ଏହି ଆଧାରରେ କୋର୍ଟ କମ୍ପାନୀକୁ ଦୋଷୀ ସାବ୍ୟସ୍ତ କରିଦେଇଛନ୍ତି। ତେବେ ଡ୍ରାଇଭର ପ୍ରଥମ ଦିନ ହିଁ ଏହି ଦୁର୍ଘଟଣା ପାଇଁ ନିଜକୁ ଦାୟୀ କରିଥିଲେ।



# ରାକ୍ଷୀରେ ପିନ୍ଧନ୍ତୁ ଚନ୍ଦେରୀ ସୁଟ୍

ରାକ୍ଷୀ ପୂର୍ଣ୍ଣିମାକୁ ସ୍ନେହ, ପ୍ରେମ ଓ ପରମ୍ପରାର ପ୍ରତୀକ ଭାବେ ଜଣାଯାଏ । ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧି ସୁରକ୍ଷାର ପ୍ରତିଶ୍ରୁତି ଲୋଡ଼ିଥାଏ । ଏଦିଦିନ ଅଧିକାଂଶ ଯୁବତୀ ପାରମ୍ପରିକ ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି । ତେବେ, ନିଜକୁ ଏକ ରାଜକୀୟ ଲୁକ୍ ଦେବାକୁ ଚାହୁଁଥିଲେ, ଚନ୍ଦେରୀ ସୁଟ୍ ପିନ୍ଧିପାରିବେ ।

### ଚନ୍ଦେରୀ ଏମ୍ବ୍ରୋଡୋରୀ କୁର୍ତ୍ତା

ଏମ୍ବ୍ରୋଡୋରୀ କାମ ଥିବା ଏହି ସୁଟ୍ ଦେଖିବାକୁ ଖୁବ୍ ସୁନ୍ଦର । ଏଥିରେ ପ୍ୟାଣ୍ଟ, ଓଢ଼ଣୀ ଓ କୁର୍ତ୍ତା ସେଟ୍ ରହିଥାଏ । ଏହା ହାଲୁକା ହୋଇଥିବାରୁ ପିନ୍ଧିବାକୁ ଖୁବ୍ ଆରାମଦାୟକ ଲାଗିଥାଏ । ତେଣୁ ଏହାକୁ ରାକ୍ଷୀପୂର୍ଣ୍ଣିମା ଦିନ ମଧ୍ୟ ପିନ୍ଧିପାରିବେ । କ୍ରିମ୍ ଏବଂ ହାଲୁକା ଗୋଲାପି ରଙ୍ଗର ଏହି ସୁଟ୍ ସହ ପେଣ୍ଡି କାନଫୁଲ ପିନ୍ଧିପାରିବେ ।

### ହ୍ୟାଣ୍ଡବ୍ଲକ୍ ପ୍ରିଣ୍ଟ

କିଛି ଭିନ୍ନ ତଥା ନୂଆ ପିନ୍ଧିବାକୁ ଚାହୁଁଥିଲେ, ହ୍ୟାଣ୍ଡବ୍ଲକ୍ ପ୍ରିଣ୍ଟଯୁକ୍ତ ଚନ୍ଦେରୀ ସୁଟ୍ ପିନ୍ଧିପାରିବେ । ଏ – ଲାଇନ୍ ଷ୍ଟାଇଲ୍, ଭି-ସ୍ଲିଟ୍ ବେକ, ଏବଂ ଗୋଟା ସିଲ୍ ଡିଟେଲ୍ ଏହାକୁ ଷ୍ଟାଇଲିଶ୍ କରିଥାଏ । ଏହା ପ୍ଲାଜୋ ସହିତ ଖୁବ୍ ସୁନ୍ଦର ଦେଖାଯାଏ ।

### ଫ୍ଲୋରାଲ ଏମ୍ବ୍ରୋଡୋରୀ

କମଳା ରଙ୍ଗର ଏହି ଚନ୍ଦେରୀ ସୁଟ୍ ସିମ୍ପଲ୍ ଓ ରାଜକୀୟ ଲୁକ୍‌କୁ ମିଶ୍ରଣ କରି ତିଆରି କରାଯାଇଛି । ଏହାର ଗୋଲାକାର ବେକ ଏବଂ ଫ୍ଲୋରାଲ୍ ଏମ୍ବ୍ରୋଡୋରୀ କାମ ଦେଖିବାକୁ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇଥାଏ । ଏହା ବିଭିନ୍ନ ସାଇଜର୍ ରହିଛି ।

# କାଗଜ କଣ୍ଢେଇର କଳାକାର





ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତି ଥିଲେ, ସବୁକିଛି ସମ୍ଭବ, ଏହାକୁ ପ୍ରମାଣ କରି ଦେଖାଇଛନ୍ତି, ତାମିଲନାଡୁ କୋଏମ୍ବାଟୁରର ରାଧିକା ଜେ.ଏ । ପାଞ୍ଚ ବର୍ଷ ବୟସରେ ସେ ଅସ୍ଥିରୋଗରେ ପୀଡ଼ିତ ହୋଇ ଚାଲିବା ଶକ୍ତି ହରାଇଥିଲେ । ଏଥିପାଇଁ ତାଙ୍କୁ ପାଠପଢ଼ା ଅଧାରେ ଛାଡ଼ିବାକୁ ପଡ଼ିଥିଲା । କିନ୍ତୁ ଏତିକିରେ ସେ ଅଟକି ନଥିଲେ, ନିଜର ରୁଚି, କଳା ଓ ସୃଜନଶୀଳତାକୁ ଉପଯୋଗ କରି ସେ କିଛି ନୂଆ କରିବାକୁ ଭାବିଥିଲେ । ଫଳରେ ଘରେ ଥିବା ପୁରୁଣା ଖବରକାଗଜକୁ ଉପଯୋଗ କରି ସେଥିରୁ ଭଳିକି ଭଳି କାଗଜ କଣ୍ଢେଇମାନ ପ୍ରସ୍ତୁତ କରିଥିଲେ । ଏହାକୁ ଅନ୍‌ଲାଇନ୍‌ରେ ବିକ୍ରି କରି ସେ ଆତ୍ମନିର୍ଭର ହୋଇଛନ୍ତି । ଏଥିସହ ଅନ୍ୟ ମହିଳାଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରୁଛନ୍ତି ।

### ରୁଚିରୁ ରୋଜଗାର

୨୬ ବର୍ଷିୟ ରାଧିକା କଣ୍ଢେଇ ବ୍ୟବସାୟ କରି ରୋଜଗାରକ୍ଷମ ହୋଇଛନ୍ତି । ପିଲାବେଳୁ ତାଙ୍କର କଳାକୃତି ପ୍ରତି ରୁଚି ରହିଥିଲା । ଫଳରେ ୨୦୧୬ ମସିହାରେ ସେ ସ୍ୱଳ୍ପ ଅର୍ଥ ବିନିଯୋଗ କରି ବ୍ୟବସାୟ ଆରମ୍ଭ କରିବାକୁ ଭାବିଥିଲେ । ପ୍ରଥମେ ସେ ଟିଭିରୁ ଏକ ଭିଡିଓ ଦେଖି ଖବରକାଗଜକୁ ଭାଙ୍ଗି ସେଥିରୁ ଭଳିକି ଭଳି, ଘରସଜା ଉପକରଣ ପ୍ରସ୍ତୁତ କରିଥିଲେ । ଏହାକୁ ଦେଖି ପଡ଼ୋଶୀ ଓ ସାଙ୍ଗସାଥୀମାନେ ତାଙ୍କୁ ବରାଦ ଦେଇଥିଲେ । ପରବର୍ତ୍ତୀ ସମୟରେ ରାଧିକା ଏକ ଆଫ୍ରିକାନ୍ କଣ୍ଢେଇ ଦେଖିଥିଲେ । ନିଜର ସୃଜନଶୀଳତାକୁ ଉପଯୋଗ କରିବା ପାଇଁ ଏହା ଏକ ଭଲ ମାଧ୍ୟମ ବୋଲି ସେ କଳ୍ପନା କରିଥିଲେ । ଏହାପରେ ସେ ପୁରୁଣା ଖବରକାଗଜରୁ କଣ୍ଢେଇ ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ ।

### ଖବରକାଗଜରେ ତିଆରି ଆଫ୍ରିକାନ୍ କଣ୍ଢେଇ

ଘରେ ଥିବା ପୁରୁଣା ଖବରକାଗଜକୁ ଉପଯୋଗ କରି ସେ ପାରମ୍ପରିକ ଆଫ୍ରିକାନ୍ କଣ୍ଢେଇ ପ୍ରସ୍ତୁତ କରିଥାନ୍ତି । ଏଥିରେ ଅନ୍ୟ କଣ୍ଢେଇ ଭଳି ଆଖି, ନାକ, କାନ ନ ଥାଏ । ଏଥିସହ କୌଣସି ନିର୍ଦ୍ଦିଷ୍ଟ ମୁଦ୍ରା କିମ୍ବା ଭାବନାକୁ ନେଇ ଏହା ତିଆରି କରାଯାଏ ନାହିଁ । ଖୁବ୍ କମ୍ ସାଧନରେ ସେ ଏହି କଣ୍ଢେଇ ପ୍ରସ୍ତୁତ କରିଥିଲେ । ଏହି କଣ୍ଢେଇକୁ ଲୋକମାନେ ଖୁବ୍ ପସନ୍ଦ କରିଥିଲେ । ଦେଖୁ ଦେଖୁ ତାଙ୍କର ଅନ୍‌ଲାଇନ୍ ବ୍ୟବସାୟ ବଢ଼ିଲା । ଏହା ତାଙ୍କୁ ଏକ ନୂଆ ପରିଚୟ ଦେବାରେ ସହାୟକ ହୋଇଥିଲା ।

### ଶାରୀରିକ ଅକ୍ଷମତା ସାଜିନି ବାଧକ

ପାଞ୍ଚବର୍ଷ ବୟସରେ ତାଙ୍କର ଶାରୀରିକ ସମସ୍ୟା ଯୋଗୁ, ସ୍କୁଲ ଯିବା ବନ୍ଦ ହୋଇଯାଇଥିଲା । ଫଳରେ ସେ ଘରେ ରହିଥିଲେ । ତାଙ୍କ ଗୋଡ଼ରେ ଅନେକ ଅସ୍ତ୍ରୋପଚାର ହୋଇଥିଲେ ମଧ୍ୟ, କୌଣସି ସୁଫଳ ମିଳି ନଥିଲା । ଏଥିପାଇଁ ସେ ମାନସିକ ଚାପରେ ଥିଲେ । ପରବର୍ତ୍ତୀ ସମୟରେ ୨୦୧୬ ମସିହାରେ ହୋମ୍ ସ୍କୁଲିଂ ମାଧ୍ୟମରେ ସେ ପାଠ ପଢ଼ିଥିଲେ । ଏହା ତାଙ୍କ ପାଇଁ ସମସ୍ୟାଜନକ ହେଲେ ମଧ୍ୟ ସେ ପାଠ ପଢ଼ି ପାସ୍ ହୋଇଥିଲେ ।

### ବ୍ୟବସାୟରୁ ପରିଚୟ

ତାଙ୍କ ନିର୍ମିତ କଣ୍ଢେଇ ଦେଖିବାକୁ ସୁନ୍ଦର ଓ ଆକର୍ଷଣୀୟ ହୋଇଥାଏ । ଇନ୍‌ଷ୍ଟାଗ୍ରାମ୍ ଜରିଆରେ ଦେଶ, ବିଦେଶରୁ ଲୋକମାନେ ଏହି କଣ୍ଢେଇ ବରାଦ କରିଥାନ୍ତି । ସେ ୨୦୫୦ ରୁ ଅଧିକ କଣ୍ଢେଇ ବିକ୍ରି କରିଛନ୍ତି । ଏସବୁ କାର୍ଯ୍ୟ ସେ ଏକାକୀ କରନ୍ତିନି । ଏଥିପାଇଁ ତାଙ୍କ ପିତା, ମାତା ଭାଇ ଆଦି ସାହାଯ୍ୟ କରିଥାନ୍ତି । ତାଙ୍କୁ ଗୋଟିଏକଣ୍ଢେଇ ପ୍ରସ୍ତୁତ କରିବା ପାଇଁ ତିନିରୁ ଚାରିଘଣ୍ଟା ସମୟ ଲାଗିଥାଏ ।

# କହୁଣୀର କଳାଦାଗ ହେବ ଦୂର

ସୁନ୍ଦର, କୋମଳ ତ୍ୱଚା ସମସ୍ତେ ଚାହାନ୍ତି । ଏଥିପାଇଁ ଯୁବତୀମାନେ ବିଭିନ୍ନ ପ୍ରସାଧନ ସାମଗ୍ରୀ ଲଗାଇଥାନ୍ତି । ହେଲେ, ମୁହଁ ଭଳି ହାତର ଯତ୍ନ ନେବା ଜରୁରୀ । ଅନେକ ସମୟରେ ମୃତକୋଷ ଜମି କହୁଣୀ କଳା ପଡ଼ିଯାଏ । ଯାହା ଆଖିକୁ ଅସୁନ୍ଦର ଦେଖାଯାଏ । ତେଣୁ ଘରେ ପ୍ରାକୃତିକ ଉପାୟରେ ମାସ୍କ ପ୍ରସ୍ତୁତ କରି ଏହାକୁ ଲଗାଇ କହୁଣୀ ଦାଗ ଦୂର କରିପାରିବେ...



### ପ୍ରସ୍ତୁତି

ଗ୍ୟାସ୍‌ରେ ତାୱା ବସାଇ ହଳଦି ଦେଇ ଏହାକୁ ବାଦାମୀ ରଙ୍ଗ ହେବା ଯାଏ ଭାଜନ୍ତୁ । ହଳଦୀକୁ ଗୋଟିଏ ପାତ୍ରରେ କାଢ଼ି ସେଥିରେ ଏକ ଚାମଚ ବେସନ, ଏକ ଚାମଚ ମହୁ ଦିଅନ୍ତୁ । ଏଥିରେ ଅଧା ଲେମ୍ବୁ ଚିପୁଡ଼ି ଦିଅନ୍ତୁ । ଶେଷରେ ଏଥିରେ ଏକ ଦୁଇ ଚାମଚ କ୍ଷୀର ଦେଇ ଭଲରେ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ ।

### ବ୍ୟବହାର

ଏହି ପେଷ୍ଟ ଶରୀରର କଳା ଅଂଶ ଅର୍ଥାତ୍ କହୁଣୀ, ଆଣ୍ଠୁ ପାଦ ଅଙ୍ଗୁଳିରେ ଲଗାଇ ୧୦ ରୁ ୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ । ଏହାପରେ ଏକ ମଏଶ୍ଚରାଇଜର୍ ଲଗାନ୍ତୁ । ସପ୍ତାହକୁ ଏପରି ଦୁଇଥର କରିପାରିବେ । ଏହଦ୍ୱାରା ଧୀରେ ଧୀରେ କଳାଦାଗ ଦୂର ହୋଇଥାଏ ।

### ଧ୍ୟାନ ଦିଅନ୍ତୁ

ଆବଶ୍ୟକତାଠୁ ଅଧିକ ପତଳା ତ୍ୱଚା ଥିଲେ, ଏହାକୁ ସ୍କ୍ରବ୍ ଭଳି ଘଷନ୍ତୁ ନାହିଁ । କାରଣ ଏହାଦ୍ୱାରା କହୁଣୀ ଅଧିକ କଳା ପଡ଼ିଯାଏ । ତ୍ୱଚା ମୃତକୋଷ ସଂସ୍ପର୍ଶରେ ଆସି ଅଧିକ କଳା ଦେଖାଯାଏ । ତେଣୁ ଏହାକୁ ମାସ୍କ ଭଳି ବ୍ୟବହାର କରିପାରିବେ ।

# ବର୍ଷାରେ ଏମିତି ଲଗାନ୍ତୁ ଲିପଷ୍ଟିକ୍

ବର୍ଷାଦିନେ ମେକ୍‌ଅପ୍‌କୁ ଦୀର୍ଘ ସମୟ ରଖିବା ସମସ୍ୟାଜନକ ହୋଇଥାଏ । ବିଶେଷ କରି ଲିପଷ୍ଟିକ୍ । ଏ ଦିନେ ସାମାନ୍ୟ ବର୍ଷା ହେଲେ, ମଧ୍ୟ ଲିପ୍‌ଷ୍ଟିକ୍ ଧୋଇ ହୋଇଯାଏ । ତେଣୁ ଲିପ୍‌ଷ୍ଟିକ୍‌କୁ ଓଠରେ ଦୀର୍ଘ ସମୟ ରଖିବାକୁ ଚାହୁଁଥିଲେ, ଏହି ସହଜ ଉପାୟ ଆପଣାନ୍ତୁ ।

### ଲିପ୍ ସ୍କ୍ରବ୍

ବର୍ଷାଦିନେ ଓଠ ରୁକ୍ଷ ଓ ଶୁଷ୍କ ହୋଇଯାଏ । ତେଣୁ ଲିପ୍‌ଷ୍ଟିକ୍ ଲଗାଇବା ପୂର୍ବରୁ ଓଠକୁ ହାଲୁକା ସ୍କ୍ରବ୍ କରନ୍ତୁ । ଏହାପରେ ଲିପବାମ୍ ଲଗାଇ ଓଠକୁ ପାଞ୍ଚମିନିଟ୍ ପାଇଁ ଛାଡ଼ି ଦିଅନ୍ତୁ । ଏହାଦ୍ୱାରା ଓଠ କୋମଳ ହୋଇଥାଏ । ଲିପ୍‌ଷ୍ଟିକ୍ ଭଲରେ ସେଟ୍ ହୋଇଥାଏ ।

### ପ୍ରାଇମର୍

ଲିପ୍‌ଷ୍ଟିକ୍‌କୁ ଦୀର୍ଘ ସମୟ ରଖିବାକୁ ଚାହୁଁଥିଲେ, ହାଲୁକା ପ୍ରାଇମର୍ କିମ୍ବା କନ୍‌ସିଲର୍ ଲଗାଇପାରିବେ । ଏହା ଲିପ୍‌ଷ୍ଟିକ୍‌କୁ ଦୀର୍ଘ ସମୟ ରଖିବାରେ ସହାୟକ ହୋଇଥାଏ । ଏଥିସହ ଲଗାଇଥିବା ସେଡ୍‌ଟି ଖୁବ୍ ଉଜ୍ଜ୍ୱଳ ଦିଶିଥାଏ ।

### ମ୍ୟାଟ୍ ଲିପ୍‌ଷ୍ଟିକ୍‌କୁ ପ୍ରାଥମିକତା

ବର୍ଷାଦିନେ କ୍ରିମ୍ କିମ୍ବା ଗ୍ଲସି ଲିପ୍‌ଷ୍ଟିକ୍ ଶୀଘ୍ର ଛାଡ଼ିଯାଏ । କିନ୍ତୁ ମ୍ୟାଟ୍ ଲିପଷ୍ଟିକ୍ ଦୀର୍ଘ ସମୟ ରହିଥାଏ । ୱାଟର୍‌ପ୍ରୁଫ୍ ମ୍ୟାଟ୍ ଲିପ୍‌ଷ୍ଟିକ୍ ବର୍ଷାଦିନ ପାଇଁ ଖୁବ୍ ଭଲ ହୋଇଥାଏ ।

### ଲିପ୍‌ଲାଇନ୍‌ରେ ଆଉଟ୍‌ଲାଇନ୍


ଏହା କେବଳ ଓଠକୁ ଏକ ଆକାର ଦିଏନି ଏହା ଲିପ୍‌ଷ୍ଟିକ୍‌କୁ ଧରି ରଖିବାରେ ମଧ୍ୟ ସହାୟକ ହୋଇଥାଏ । ତେଣୁ ପ୍ରଥମେ ଆଉଟ୍‌ଲାଇନ୍ କରି ଲିପ୍‌ଷ୍ଟିକ୍ ଲଗାନ୍ତୁ ।

### ଟିସ୍ୟୁ ପେପର୍

ଲିପ୍‌ଷ୍ଟିକ ଲଗାଇବା ପରେ ଓଠରେ ଏକ ଟିସ୍ୟୁ ପେପର ଓଠରେ ରଖନ୍ତୁ । ଏହା ଉପରେ ଅଳ୍ପ ପାଉଡର ଲଗାନ୍ତୁ । ଏହା ଲିପ୍‌ଷ୍ଟିକକୁ ସେଟ୍ କରି ସ୍ମଜ୍ ପ୍ରୁଫ୍ କରିଥାଏ ।

### ଡ଼ବଲ୍ କୋଟ୍

ଗୋଟେ କୋଟ୍ ଲଗାଇବା ପରେ ଏହା ଉପରେ ହାଲୁକା କରି ଟିସ୍ୟୁ ଦବାଇ ଦିଅନ୍ତୁ । ଏହାପରେ ଆଉ ଏକ କୋଟ୍ ଲିପ୍‌ଷ୍ଟିକ୍ ଲଗାନ୍ତୁ । ବର୍ଷାଦିନେ ଡବଲ ଲେୟାରିଙ୍ଗ୍ ଲିପ୍‌ଷ୍ଟିକ୍ ଖୁବ୍ ଭଲ ହୋଇଥାଏ ।



# ହୁପ୍ ଇୟରିଂ

ସମୟ ଅନୁସାରେ ବିଭିନ୍ନ କାନଫୁଲ ଡିଜାଇନ୍ ଦେଖିବାକୁ ମିଳିଥାଏ । ଯାହା ଷ୍ଟାଇଲିଶ୍ ସହ ପିନ୍ଧିବାକୁ ଆରାମଦାୟକ ଲାଗିଥାଏ । ବର୍ତ୍ତମାନ କେତେକ ହୁପ୍ ଇଅରିଂ ଟ୍ରେଣ୍ଡରେ ରହିଛି । ଜାଣିବା ସେ ବିଷୟରେ...



### ଗୋଲ୍‌ଡେନ୍ ଚଙ୍କି

ଚଙ୍କି ପାଟର୍ଣ୍ଣର ଏହି ଗୋଲଡେନ୍ ହୁପ୍ ଇୟରିଂ ଧଳା ପୋଷାକ କିମ୍ବା ଧଳା ଟପ୍‌ସକୁ ଖୁବ୍ ସୁନ୍ଦର ମାନିଥାଏ । ଏହାକୁ ବିଭିନ୍ନ ପୋଷାକ ସହ ମଧ୍ୟ ପିନ୍ଧିପାରିବେ ।

### ହାର୍ଟ

ହାର୍ଟସେପ୍‌ର ଏହି ହୁପ୍, ଦେଖିବାକୁ ସୁନ୍ଦର ଓ ଛୋଟ ହୋଇଥାଏ । ଏହାକୁ ଚାହିଁଲେ ମହିଳାମାନେ ନିୟମିତ ବ୍ୟବହାର କରିପାରିବେ । ଏହାକୁ ସାର୍ଟ, ଟପ୍‌ସ ବିଭିନ୍ନ ଆଉଟ୍‌ଫିଟ୍‌ରେ ପିନ୍ଧିପାରିବେ ।

### ଡାଇମଣ୍ଡ ସ୍କୋୟାର୍

ଧଳା ଷ୍ଟୋନ୍ ଲାଗିଥିବା ଏହି ହୁପ୍ କାନଫୁଲ ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ । ଏହା ଦେଖିବାକୁ ଏଲିଗାଣ୍ଟ ଲାଗିଥାଏ । ଏହାକୁ ଉଭୟ କାଜୁଆଲ୍ ଓ ଫର୍ମାଲ୍ ଆଉଟ୍‌ଫିଟ୍‌ରେ ପିନ୍ଧିପାରିବ ।

### ଡୁଆଲ୍ ଷ୍ଟୋନ୍ ସିଲ୍‌ଭର୍

ଦୁଇଟି ରଙ୍ଗର ଷ୍ଟୋନ୍ ଲାଗିଥିବା ଏହି କାନଫୁଲ ଦେଖିବାକୁ ସୁନ୍ଦର ଓ ଷ୍ଟାଇଲିଶ୍ ହୋଇଥାଏ । ଏହାକୁ ଶାଢ଼ି ସୁଟ୍ ବିଭିନ୍ନ ଆଉଟ୍‌ଫିଟ୍‌ରେ ପିନ୍ଧିପାରିବେ ।

**ମୋ ହାଣ୍ଡିଶାଳରୁ...**

# ସିଜୁଆନ୍ ଫ୍ରାଏଡ୍ ରାଇସ୍

### ଆବଶ୍ୟକ ସାମଗ୍ରୀ

ରନ୍ଧାଭାତ - ଦୁଇ କପ୍, ସିଜୁଆନ୍ ସସ୍ – ଦୁଇ ଚାମଚ, କଟା ରସୁଣ – ଏକ ଚାମଚ, କଟା ଅଦା – ଏକ ଚାମଚ, କଟା କଞ୍ଚାଲଙ୍କ- ଦୁଇ ଗୋଟି, କଟା ପିଆଜ – ଏକ କପ୍, ଗାଜର୍– ଅଧା କପ୍, କ୍ୟାପ୍‌ସିକମ୍ – ଅଧା କପ୍, ବନ୍ଧାକୋବି – ଅଧା କପ୍, ପିଆଜ ଶଣ୍ଢା- ଦୁଇ ଚାମଚ, ସୋୟା ସସ୍- ଏକ ଚାମଚ, ଭିନେଗାର୍ – ଏକ ଚାମଚ, କଳା ଗୋଲମରିଚ – ଏକ ଚାମଚ, ଲୁଣ – ସ୍ୱାଦାନୁସାରେ , ତେଲ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଗ୍ୟାସ୍ ଲଗେଇ କଡ଼େଇ ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଯିବା ପରେ ସେଥିରେ କଟା ଅଦା, ରସୁଣ ଦେଇ ଧିମା ଆଞ୍ଚରେ ୩୦ ସେକେଣ୍ଡ ଭାଜନ୍ତୁ । ଏହାପରେ କଞ୍ଚାଲଙ୍କା ଦେଇ ପିଠାଖଡ଼ିକାରେ ଏପାଖସେପାଖ କରନ୍ତୁ । ପରେ କଟା ପିଆଜ, ଗାଜର, କ୍ୟାପସିକମ୍, ବନ୍ଧାକୋବି ଦେଇ ହାଲୁକା ଭାଜନ୍ତୁ । ଏଥିରେ ଦୁଇଚାମଚ ସିଜୁଆନ୍ ଚଟଣୀ ଦିଅନ୍ତୁ । ଏହାକୁ ପରିବାରେ ମିଶାଇ ଭଲ କି ଭାଜି ଦିଅନ୍ତୁ । ଏହାପରେ ଏକ ଚାମଚ ସୋୟା ସସ୍, ଏକ ଚାମଚ ଭିନେଗାର୍ ଦିଅନ୍ତୁ । ଏହାପରେ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ରନ୍ଧାଭାତକୁ ଦିଅନ୍ତୁ । ଏହାକୁ ଭଲଭାବେ ପରିବା ଓ ମସଲା ସହ ମିଶାଇ ଦିଅନ୍ତୁ । ଏହାପରେ ସ୍ୱାଦ ଅନୁସାରେ ଲୁଣ, ଗୋଲମରିଚ ଗୁଣ୍ଡ ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହାକୁ ଧୀମା ଆଞ୍ଚରେ ଦୁଇ ତିନି ମିନିଟ୍ ବସାଇ ଏପାଖସେପାଖ କରନ୍ତୁ । ଏହାପରେ ଗ୍ୟାସ୍‌କୁ ବନ୍ଦ କରି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ସିଜୁଆନ୍ ଫ୍ରାଏଡ୍ ରାଇସ୍' ।





# କ୍ରୀଡ଼ା



ସକାଳ
THE SAKALA
www.sakalaepaper.com

## ଜୟସ୍ୱାଲଙ୍କ ଶତକ; ଟଙ୍ଗଙ୍କୁ ୫ ଓ ଆଟକିନସନଙ୍କୁ ୩ ୱିକେଟ

# ବିଜୟ ଲକ୍ଷ୍ୟ ୩୭୪: ଇଂଲଣ୍ଡ ୫୦/୧

ଓଭାଲ, ୨।୮ (ଏଜେନ୍ସି):

ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ (୧୧୮)ଙ୍କ ଶତକ, ନାଇଟ୍‌ୱାଚ୍‌ମ୍ୟାନ୍ ଆକାଶଦୀପ (୬୬), ଦୁଇ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା (୫୩) ଓ ୱାଶିଂଟନ ସୁନ୍ଦର(୫୩)ଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଇଂଲଣ୍ଡ ସହ ଚାଲିଥିବା ୫ମ ତଥା ଶେଷ ଟେଷ୍ଟରେ ଭାରତର ଦ୍ୱିତୀୟ ଇନିଂସ ୩୯୬ ରନ୍‌ରେ ଶେଷ ହୋଇଛି। ଏହା ଫଳରେ ୨୩ ରନ୍‌ରେ ପ୍ରଥମ ଇନିଂସ ପଛୁଆ ଥିବା ଭାରତ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ଆଗରେ ୩୭୪ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରି ଶନିବାର ଷ୍ଟମ୍ପ ବେଳକୁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୧୩ .୫ ଓଭରରେ ୧ ୱିକେଟ ହରାଇ ୫୦ ରନ୍ ସଂଗ୍ରହ କରିନେଇଛି। ଜ୍ୟାକ୍ କ୍ରାଲୀ ୧୪ ରନ୍ କରି ଆଉଟ୍ ହୋଇଥିବାବେଳେ ବେନ୍ ଡକେଟ ୩୪ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳକୁ ଜିତିବା ଲାଗି ଆଉ ୩୨୪ ରନ୍ ଆବଶ୍ୟକ ରହିଛି। ଖେଳ ଆଉ ଦୁଇ ଦିନ ବାକି ଥିବାରୁ ଫଳାଫଳ ବାହାରିବା ନିଶ୍ଚିନ୍ତ ହୋଇଛି।



ଶନିବାର ତୃତୀୟ ଦିନ ଭାରତର ତାହାର ଅସମାପ୍ତ ଦ୍ୱିତୀୟ ଇନିଂସ ୨ ୱିକେଟରେ ୭୫ ରନ୍‌ରୁ ଖେଳ ଆରମ୍ଭ କରି ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲେ। ଦୁଇ ଅପରାଜିତ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ଓ ନାଇଟ୍‌ୱାଚ୍‌ମ୍ୟାନ୍ ଆକାଶଦୀପ ଲଢୁଆ ବ୍ୟାଟିଂ କରି ତୃତୀୟ ୱିକେଟରୁ ୧୦୭ ରନ୍ ଉଠାଇ ଭାରତକୁ ଭଲ ସ୍ଥିତିରେ ପହଞ୍ଚାଇଥିଲେ। କିନ୍ତୁ ଏହି ଯୋଡି ଭାଙ୍ଗିବା ପରେ ଅଧିନାୟକ ଶୁବମନ ଗିଲ୍ ୧୧ ଓ କରୁନ ନାୟାର ୧୭ ରନ୍‌ରେ ଆଉଟ ହୋଇଥିଲେ। ଜୟସ୍ୱାଲ ତାଙ୍କ ଟେଷ୍ଟ କ୍ୟାରିୟରର ୬ଷ୍ଠ ଶତକ ହାସଲ କରିବା ପରେ ୧୧୮ ରନ୍ କରି ଆଉଟ ହୋଇଥିଲେ। କିନ୍ତୁ ୫ମରୁ ୧୦ ୱିକେଟ ପାର୍ଟନରସିପ୍‌ରେ ଉପଯୋଗୀ ରନ୍ ମିଳିବା ଫଳରେ ଭାରତର ସ୍କୋର ୪୦୦ ପାଖାପାଖି ହୋଇଥିଲା। ଇଂଲଣ୍ଡ ବିପକ୍ଷରେ ଚତୁର୍ଥ ଓ ଏହି ସିରିଜ୍‌ରେ ଦ୍ୱିତୀୟ ଶତକ ହାସଲ କରିଥିବା ଜୟସ୍ୱାଲ କେବଳ ଟପ୍ ଅର୍ଡର ବ୍ୟାଟର ଭାବେ ଏଠାରେ ସଫଳ ହୋଇଥିଲେ। ତାଙ୍କ ବ୍ୟତୀତ ରବୀନ୍ଦ୍ର ଜାଡେଜା ୭୭ ବଲ୍‌ରୁ ୫୩, ଧ୍ରୁବ ଜୁରେଲ ୪୬ ବଲ୍‌ରୁ ୩୪ ଓ ୱାଶିଂଟନ ସୁନ୍ଦର ୪୬ ବଲ୍‌ରୁ ୪ଟି ଲେଖାଏଁ ଚୌକା ଓ ଛକା ସହ ଦ୍ରୁତ ୫୩ ରନ୍ କରିଥିଲେ। ଏହା ସତ୍ତ୍ୱେ ଦଳ ଏକ ବିଶାଳ ସ୍କୋର କରିବାରୁ ବଞ୍ଚିତ ହୋଇଥିଲା। ଏହି ମ୍ୟାଚ୍‌ରେ ୨୦୧୧ ପରେ ଆକାଶଦୀପ ପ୍ରଥମ ନାଇଟ୍ ୱାଚ୍‌ମ୍ୟାନ୍ ଭାବେ ଅର୍ଦ୍ଧଶତକ ହାସଲ କରିଥିଲେ। ଏହିଠାରେ ଭାରତର ଅମିତ ମିଶ୍ରା ପୂର୍ବରୁ ନାଇଟ୍‌ୱାଚ୍‌ମ୍ୟାନ୍ ଭାବେ ଅର୍ଦ୍ଧଶତକ ହାସଲ କରିଥିଲେ।

ଇଂଲଣ୍ଡ ପକ୍ଷରୁ ମୁଖ୍ୟ ଫାଷ୍ଟ ବୋଲର କ୍ରିସ୍ ଓକ୍ସ ଆହତ ହୋଇ ଏହି ଟେଷ୍ଟ ଖେଳି ପାରି ନ ଥିଲେ ମଧ୍ୟ ଦଳରେ ଥିବା ୩ଜଣ ଫାଷ୍ଟ ବୋଲର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ଭାରତକୁ କମ୍ ସ୍କୋରରେ ଅଟକାଇଥିଲେ। ସେମାନଙ୍କ ମଧ୍ୟରୁ ଜୋସ୍ ଟଙ୍ଗ ସର୍ବାଧିକ ୩୦ ଓଭର ବୋଲିଂ କରି ସର୍ବାଧିକ ୫ଟି ୱିକେଟ ପାଇଥିଲେ। ଅନ୍ୟତମ ଫାଷ୍ଟ ବୋଲର ଗସ୍ ଆଟକିନସନ ୨୭ ଓଭରରେ ୧୨୭ ରନ୍ ଦେଇ ୩ଟି ୱିକେଟ ପାଇଥିଲେ। ପ୍ରଥମ ଇନିଂସରେ ତାଙ୍କୁ ୫ଟି ୱିକେଟ ମିଳିଥିଲା। ତୃତୀୟ ଫାଷ୍ଟ ବୋଲର ଜେମି ଓଭରଟନ୍ ଏତେ ପ୍ରଭାବଶାଳୀ ହୋଇ ନ ଥିଲେ ମଧ୍ୟ ୨୨ ଓଭରରେ ୯୮ ରନ୍ ଦେଇ ୨ଟି ୱିକେଟ ପାଇଥିଲେ।


### ସିରିଜ୍‌ରେ ୧୯ ଶତକ

ଚଳିତ ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ପାଞ୍ଚ ଟିକିଆ ଟେଷ୍ଟ ସିରିଜରେ ବର୍ତ୍ତମାନ ସୁଦ୍ଧା ମୋଟ୍ ୧୯ଟି ଶତକୀୟ ପାଳି ଦେଖିବାକୁ ମିଳିଛି। ଶନିବାର ଯଶସ୍ୱୀ ଜୟସ୍ୱାଲଙ୍କ ଶତକ ଏହି ଟେଷ୍ଟ ସିରିଜର ୧୯ତମ ଶତକ ଥିଲା। ମୋଟ୍ ୧୯ଟି ଶତକ ମଧ୍ୟରୁ ଭାରତୀୟ ଖେଳାଳିମାନେ ୧୨ଟି ଓ ଘରୋଇ ଇଂଲଣ୍ଡ ବ୍ୟାଟର୍ ୭ଟି ଶତକ ମାରିଛନ୍ତି। ଟେଷ୍ଟ କ୍ରିକେଟ୍ ଇତିହାସରେ ଗୋଟିଏ ସିରିଜରେ ହୋଇଥିବା ମୋଟ୍ ଶତକ ତାଲିକାରେ ଏହା ୩ୟ ସ୍ଥାନରେ ରହିଛି। ୧୯୯୫ରେ ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଖେଳାଯାଇଥିବା ସିରିଜରେ ରେକର୍ଡ ୨୧ଟି ଶତକ ହୋଇଥିଲା। ସେହିଭଳି ୨୦୦୩-୦୪ରେ ୱେଷ୍ଟଇଣ୍ଡିଜ ଓ ଦକ୍ଷିଣ ଆଫ୍ରିକା ସିରିଜରେ ୨୦ଟି ଶତକୀୟ ପାଳି ଦେଖିବାକୁ ମିଳିଥିଲା। ଅପରପକ୍ଷରେ ଚଳିତ ଭାରତ ଓ ଇଂଲଣ୍ଡ ଟେଷ୍ଟ ସିରିଜରେ ବର୍ତ୍ତମାନ ସୁଦ୍ଧା ୧୮ଟି ଶତକୀୟ ପାର୍ଟନରସିପ୍ ମଧ୍ୟ ହୋଇସାରିଛି। ଏହି ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଭାରତ ୮ ଥର ଲାଗି ଏହି ସଫଳତା ପାଇଛି।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ:** ୨୨୪/୧୦, ୬୯.୪ ଓଭର (କରୁନ-୫୭, ସୁଦର୍ଶନ- ୩୮, ଆଟକିସନ- ୫/୩୩, ଟଙ୍ଗ- ୩/୫୭)।
**ଇଂଲଣ୍ଡ ପ୍ରଥମ ଇନିଂସ:** ୨୪୭/୧୦ (କ୍ରାଲୀ- ୬୪, ବ୍ରୁକ୍- ୫୩, ସିରାଜ- ୪/୮୬, ପ୍ରସିଦ୍ଧ- ୪/୬୨)।
**ଭାରତ ଦ୍ୱିତୀୟ ଇନିଂସ:** ୩୯୬/୧୦, ୮୮ ଓଭର (ଜୟସ୍ୱାଲ- ୧୧୮, ଆକାଶଦୀପ୍- ୬୬, ଜାଡେଜା- ୫୩, ସୁନ୍ଦର-୫୩, ଟଙ୍ଗ୍- ୫/୧୨୫, ଆଟକିନସନ- ୩/୧୨୭, ଓଭରଟନ-୨/ ୯୮)।
**ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୫୦/୧, ୧୩.୫ ଓଭର (ଜ୍ୟାକ୍ କ୍ରାଲୀ-୧୪, ବେନ୍ ଡକେଟ- ୩୪*, ମହମ୍ମଦ ସିରାଜ -୧/୧୧)।

## ଟେଷ୍ଟ କ୍ରିକେଟରେ ପ୍ରଥମ, କ୍ୟାରିୟରରେ ଦ୍ୱିତୀୟ ଅର୍ଦ୍ଧଶତକ




ଓଭାଲ : ଭାରତୀୟ ଯୁବ ଫାଷ୍ଟ ବୋଲର ଆକାଶ ଦୀପ ଏଠାରେ ଜବରଦସ୍ତ ବ୍ୟାଟିଂ ପ୍ରଦର୍ଶନ କରି ଇଂଲଣ୍ଡ ବିପକ୍ଷ ୫ମ ତଥା ଶେଷ ଟେଷ୍ଟରେ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହି ମ୍ୟାଚ୍‌ର ଦ୍ୱିତୀୟ ଦିନରେ ଭାରତର ଦ୍ୱିତୀୟ ଇନିଂସରେ ନଂ-୪ରେ ନାଇଟ୍‌ୱାଚ୍‌ମ୍ୟାନ୍ ଭାବେ ବ୍ୟାଟିଂ କରିବାକୁ ଆସି ତୃତୀୟ ଦିନ ଲଞ୍ଚ ପୂର୍ବରୁ ୬୬ ରନ୍ କରି ଆଉଟ ହୋଇଛନ୍ତି। ଏହା ଫଳରେ ଟେଷ୍ଟ କ୍ରିକେଟରେ ସେ ପ୍ରଥମଥର ଲାଗି ଅର୍ଦ୍ଧଶତକ ହାସଲ କରିବାରେ ସମର୍ଥ ହୋଇଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟରରେ ଏହା ତାଙ୍କର ଦ୍ୱିତୀୟ ଅର୍ଦ୍ଧଶତକ। ପୂର୍ବରୁ ୨୦୨୧-୨୨ ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲରେ ବେଙ୍ଗଲ ପକ୍ଷରୁ ଖେଳି ସେ ଝାଡଖଣ୍ଡ ବିପକ୍ଷରେ ୧୮ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ଏଠାରେ ସେ ୭୦ତମ ବଲ୍‌ରେ ପ୍ରତିପକ୍ଷ ବୋଲର ଗସ ଆଟକିନସନଙ୍କୁ ଚୌକା ମାରି ତାଙ୍କ ଅର୍ଦ୍ଧଶତକ ପୂରଣ କରିଥିଲେ। ଏପରିକି ଅର୍ଦ୍ଧଶତକରେ ପ୍ରବେଶ କରିବା ପୂର୍ବରୁ ସେ କ୍ରମାଗତ ୩ଟି ଚୌକା ମାରି ଏହି ମାଇଲଷ୍ଟୋନ୍‌ରେ ପହଞ୍ଚିଥିଲେ। ଜେମି ଓଭରଟନଙ୍କ ବୋଲିଂରେ ଆଟକିସନଙ୍କ ଦ୍ୱାରା କ୍ୟାଚ୍ ଆଉଟ ହୋଇଥିଲେ। ସେ ମୋଟ ୯୪ବଲ୍‌ର ସାମ୍ନା କରି ୧୨ଟି ଚୌକା ମାରିଥିଲେ। ଆଉଟ ହେବା ପୂର୍ବରୁ ତୃତୀୟ ୱିକେଟ ପାର୍ଟନରସିପ୍‌ରେ ଯଶସ୍ୱୀ ଜୟସ୍ୱାଲଙ୍କ ସହ ୧୫୦ ବଲ୍‌ରୁ ୧୦୭ ରନ୍ ସଂଗ୍ରହ କରିଥିଲେ। ଏହା ମଧ୍ୟରେ ଆକାଶଦୀପ୍‌ଙ୍କର ୬୬ ଓ ତାଙ୍କଠାରୁ ଅଧା ୩୩ ରନ୍ ଜୟସ୍ୱାଲ ଯୋଡିଥିଲେ। ୧୮ତମ ଓଭରରେ ୭୦ ରନ୍‌ରେ ଭାରତ ଦ୍ୱିତୀୟ ୱିକେଟ ହରାଇବା ପରେ ଆକାଶଦୀପ ବ୍ୟାଟିଂ କରିବାକୁ ଆସି ୪୩ତମ ଓଭରରେ ୧୭୭ ରନ୍ ସ୍କୋରରେ ଆଉଟ ହୋଇଥିଲେ।

## ଗୋଟିଏ ସିରିଜ୍‌ରେ ସର୍ବାଧିକ ରନ୍

ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଭାରତ ଅନେକ ରେକର୍ଡ ପ୍ରତିଷ୍ଠା କରିଛି। ଏହା ମଧ୍ୟରୁ ୫ମ ଟେଷ୍ଟର ପ୍ରଥମ ଇନିଂସ ପରେ ଭାରତ ଗୋଟିଏ ଟେଷ୍ଟ ସିରିଜ୍‌ରେ ସର୍ବାଧିକ ରନ୍ କରିବାର ରେକର୍ଡ ପ୍ରତିଷ୍ଠା କରିଛି। ପୂର୍ବରୁ ଏହି ରେକର୍ଡ ୧୯୭୮-୭୯ ୱେଷ୍ଟଇଣ୍ଡିଜ୍ ବିପକ୍ଷ ୬ ମ୍ୟାଚ୍ ବିଶିଷ୍ଟ ଘରୋଇ ସିରିଜ୍‌ରେ ୩,୨୭୦ ରନ୍ ସଂଗୃହୀତ ହୋଇଥିଲା। ଇଂଲଣ୍ଡ ବିପକ୍ଷ ୫ମ ଟେଷ୍ଟର ଦ୍ୱିତୀୟ ଇନିଂସରେ ଭାରତ ୪୭ ରନ୍ କରିବା ପରେ ଏହି ରେକର୍ଡ ଅତିକ୍ରମ କରିଥିଲା। ଏବେ ଦଳ ୩୪୬୮ ରନ୍ କରିଛି।

## ପୁରୁଷ ବନ୍ଧୁଙ୍କୁ ଧକ୍କା ମାରି ରିଚାର୍ଡସନ ଗିରଫ

ୱାଶିଂଟନ, ୨।୮ (ଏଜେନ୍ସି): ଆମେରିକାର ମହାନ ଧାବିକା ଶା'କାରୀ ରିଚାର୍ଡସନ ଏକ ଘରୋଇ ହିଂସା ମାମଲାରେ ଗିରଫ ହୋଇଛନ୍ତି। ତେବେ ଗିରଫ କରିବାର ଗୋଟିଏ ଦିନ ପରେ ପୁଲିସ ତାଙ୍କୁ ଛାଡ଼ିଦେଇଥିବା ଜଣାପଡ଼ିଛି। ୨୫ ବର୍ଷୀୟା ଶା'କାରୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କ ମଧ୍ୟରେ ନିକଟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଶା'କାରୀ ପୁରୁଷ ବନ୍ଧୁଙ୍କୁ ଧକ୍କା କରିଥିଲେ। ଫଳରେ ସେ ଏକ ଖୁଣ୍ଟରେ ମାଡ଼ ହୋଇ ପଡ଼ିଯାଇଥିଲେ। ଏହି ମାମଲାରେ ପୁଲିସ ତାଙ୍କୁ ଗିରଫ କରି ପରେ ଛାଡ଼ିଦେଇଥିବା ଆମେରିକୀୟ ଗଣମାଧ୍ୟମରୁ ଜଣାପଡ଼ିଛି। ବିଶ୍ୱ ସ୍ପ୍ରିଣ୍ଟରେ ଶା'କାରୀ ଜଣେ ତାରକା ଧାବିକା। ସେ ଗତ ପ୍ୟାରିସ ଅଲିମ୍ପିକ୍ସରେ ୧୦୦ ମିଟର ରେସରେ ରୌପ୍ୟ ପଦକ ଜିତିଥିଲେ। ସେହିଭଳି ୨୦୨୩ ବିଶ୍ୱ ଚାମ୍ପିଅନସିପ୍‌ରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିଲେ।



## ସାଇନା-କାଶ୍ୟପଙ୍କ ବିଚ୍ଛେଦରେ ୟୁ ଟର୍ନ



ନୂଆଦିଲ୍ଲୀ, ୨।୮ (ଏଜେନ୍ସି): ଭାରତୀୟ ବ୍ୟାଡ୍‌ମିଣ୍ଟନର ଦୁଇ ତାରକା ଖେଳାଳି ସାଇନା ନେହୱାଲ ଓ ପାରୁପଲ୍ଲୀ କାଶ୍ୟପଙ୍କ ମଧ୍ୟରେ ବିବାହ ବିଚ୍ଛେଦ ହେବାର ଦିନ କେଇଟା ହୋଇଛି। ଗତ ଜୁଲାଇ ୧୩ରେ ଏହି ଚର୍ଚ୍ଚିତ କ୍ରୀଡ଼ା ଦମ୍ପତଙ୍କ ମଧ୍ୟରେ ବିଚ୍ଛେଦ ହୋଇଥିଲା। କିନ୍ତୁ ଏବେ ସାଇନା-କାଶ୍ୟପଙ୍କୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ସାଇନା ଓ କାଶ୍ୟପ ପୁଣିଥରେ ଏକାଠି ହୋଇପାରନ୍ତି। ସାଇନା ଶନିବାର ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିବା ଏକ ଫଟୋ ଓ କିଛି ଲେଖାରୁ ଦୁଇଜଣଙ୍କ ସମ୍ପର୍କ ପୁଣିଥରେ ଯୋଡ଼ି ହେବାକୁ ଯାଉଛି ବୋଲି ଚର୍ଚ୍ଚା ଜୋର୍ ଧରିଛି। ସାଇନା ତାଙ୍କ ଇନ୍‌ଷ୍ଟାଗ୍ରାମରେ କାଶ୍ୟପଙ୍କ ସହ ଏକାଠି ଏକ ମନୋରମ ସ୍ଥାନରେ ଠିଆ ହୋଇଥିବା ଫଟୋ ପୋଷ୍ଟ କରିଛନ୍ତି। ଏହି ଫଟୋ ତଳେ ସେ ଲେଖିଛନ୍ତି, 'ବେଳେବେଳେ ଦୂରତା ତୁମକୁ ଉପସ୍ଥିତିର ଗୁରୁତ୍ୱ ଶିଖାଇଥାଏ। ହଁ ଆମେ ପୁଣି ଚେଷ୍ଟା କରୁଛୁ।' ସାଇନାଙ୍କ ଏହି ପୋଷ୍ଟ ହିଁ ଏହି କ୍ରୀଡ଼ା ଦମ୍ପତି ପୁଣିଥରେ ଏକାଠି ହେବାକୁ ଯାଉଥିବା ଖୋରାକ ଯୋଗାଇଛି। ସାଇନା ଓ କାଶ୍ୟପ ୨୦୧୮ ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।

### ମାକାଉ ଓପନ୍‌ରେ ଡବଲ୍ ଝଟ୍‌କା

## ଲକ୍ଷ୍ୟ, ତରୁଣ ସେମିରେ ଅଟକିଲେ

ନୂଆଦିଲ୍ଲୀ, ୨।୮ (ଏଜେନ୍ସି): ଚଳିତ ମାକାଉ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତକୁ ଡବଲ୍ ଝଟ୍‌କା ଲାଗିଛି। ଦୁଇ ଭାରତୀୟ ଖେଳାଳି ଲକ୍ଷ୍ୟ ସେନ୍ ଓ ତରୁଣ ମାନ୍ନେପାଲ୍ଲି ସେମିଫାଇନାଲରେ ପରାସ୍ତ ହୋଇ ନିରାଶ କରିଛନ୍ତି। ଶନିବାର ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ଲକ୍ଷ୍ୟ ସେନ୍ ୧୬-୨୧, ୯-୨୧ ଗେମ୍‌ରେ ଇଣ୍ଡୋନେସିଆର ଆଲୱି ଫରହାନ୍‌ଙ୍କ ନିକଟରୁ ହାରିଯାଇଥିଲେ। ସେହିଭଳି ଅନ୍ୟ ଏକ ତରୁଣ ୨୧-୧୯, ୧୬-୨୧, ୧୬-୨୧ ଗେମ୍‌ରେ ମାଲେସିଆର ଜଷ୍ଟିନ ହୋ'ଙ୍କ ଠାରୁ ହାରି ଫାଇନାଲକୁ ଉଠିବାରେ ବିଫଳ ହୋଇଥିଲେ।

## ଭାରତୀୟ ବକ୍ସିଂ ସଂଘ ନିର୍ବାଚନ ୨୧ରେ

ନୂଆଦିଲ୍ଲୀ, ୨।୮ (ଏଜେନ୍ସି): ବିବାଦ ମଧ୍ୟରେ ଛନ୍ଦି ହୋଇପଡ଼ିଥିବା ବକ୍ସିଂ ଫେଡେରେସନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ)ର ନିର୍ବାଚନ ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ। ଭାରତର ଦୈନନ୍ଦିନ ବକ୍ସିଂ କାର୍ଯ୍ୟକ୍ରମ ପରିଚାଳନା କରିବା ପୂର୍ବତନ ସଭାପତି ଅଜୟ ସିଂଙ୍କ ଅଧ୍ୟକ୍ଷତାରେ ଏକ ମଧ୍ୟବର୍ତ୍ତୀକାଳୀନ ପରିଚାଳନା କମିଟି ଗଠିତ ହୋଇଥିଲା। ନିର୍ବାଚନ ସମ୍ପର୍କରେ ଏହି କମିଟି ଘୋଷଣା କରିବା ପରେ ଅଜୟ ସିଂ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି। ଦୁଇ ଥର ସଭାପତି ରହିଆସିଥିବା ସ୍ପାଇସ୍‌ଜେଟ୍ ଏୟାର ଲାଇନ୍ସର ମାଲିକ ଅଜୟ ସିଂ ତୃତୀୟଥର ନିର୍ବାଚନ ଲଢ଼ିବାକୁ ଇସ୍ତଫା ଦେଇଥିବା ଦର୍ଶାଇଛନ୍ତି। ତାଙ୍କ ଇସ୍ତଫାପତ୍ର ୱାର୍ଲ୍ଡ ବକ୍ସିଂ ଦ୍ୱାରା ଗୃହୀତ ହୋଇଛି ଓ ସିଙ୍ଗାପୁରର ବକ୍ସିଂ ସଂଘ ସଭାପତି ଫଇରୁଜ୍ ଅହମ୍ମଦ୍‌ଙ୍କୁ ନୂଆ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ସେହିପରି ଅଗଷ୍ଟ ୨୧ ତାରିଖ ଦିନ ହେବାକୁ ଥିବା ନିର୍ବାଚନରେ ୱାର୍ଲ୍ଡ ବକ୍ସିଂ ସଭାପତି ବୋରିସ ଭାନ ଡର ୱର୍ଷ୍ଟ ଓ ଆକ୍ଟିଂ ସେକ୍ରେଟାରୀ ଜେନେରାଲ ମାଇକ୍ ମ୍ୟାକଅଟି ପର୍ଯ୍ୟବେକ୍ଷକ ଭାବେ ନିର୍ବାଚନ ସମୟରେ ଉପସ୍ଥିତ ରହିବେ। ଅଜୟ ସିଂଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁର ପୁଣିଥରେ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହୋଇଛନ୍ତି। ଗତ ନିର୍ବାଚନରେ ଅନୁରାଗ ଜଣେ ନିର୍ବାଚିତ ପ୍ରତିନିଧି ହୋଇ ନ ଥିବାରୁ ତାଙ୍କ ଭୋଟର ତାଲିକାରୁ ବାଦ୍ ଦେବା ସହ ନିର୍ବାଚନ ଲଢ଼ିବାରୁ ଅଯୋଗ୍ୟ ଘୋଷଣା କରିଥିଲେ। ଏହାକୁ ନେଇ ଏବେ ମଧ୍ୟ ମକଦ୍ଦମା ଚାଲିଛି। କିନ୍ତୁ ଏହି ଘଟଣା ପରେ ବିଏଫ୍‌ଆଇରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଏଥିରେ ୱାର୍ଲ୍ଡ ବକ୍ସିଂ ହସ୍ତକ୍ଷେପ କରି ଅଗଷ୍ଟ ୩୧ ତାରିଖ ସୁଦ୍ଧା ନିର୍ବାଚନ ଶେଷ କରିବା ସହ ନୂଆ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ଚୂଡ଼ାନ୍ତ ସମୟ ଧାର୍ଯ୍ୟ କରିଥିଲା।

### ଗ୍ରୀନ୍ ବେଜ୍ କ୍ଲାସିକ ସ୍ନୁକର

## ରାକେଶ ଚାମ୍ପିଅନ, ଆଶୁତୋଷ ରନର୍ସ

ଭୁବନେଶ୍ୱର, ୨।୮ (ସମିସ): ଡାକ୍ତର ରାକେଶ ରୋଶନ ପ୍ରଧାନ ଗ୍ରୀନ୍ ବେଜ୍ କ୍ଲାସିକ୍ ଅଲ ଓଡ଼ିଶା ଓପନ ଟେନ୍ ରେଡ୍ ସ୍ନୁକର ଚାମ୍ପିଅନସିପ୍। ସାଲିଆସାହିସ୍ଥିତ ଭିଣ୍ଟେଜ୍ କ୍ଲବ୍ ପରିସରରେ ଆଜି ଅନୁଷ୍ଠିତ ଫାଇନାଲ ଖେଳରେ ଡାକ୍ତର ରାକେଶ ୫-୩ ଫ୍ରେମ୍‌ରେ ରାଜ୍ୟର ନମ୍ବର-୧ ଖେଳାଳି ଆଶୁତୋଷ ପାଢ଼ୀଙ୍କୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଛନ୍ତି। ଏହା ଫଳରେ ଚାମ୍ପିଅନ ରାକେଶଙ୍କୁ ଟ୍ରଫି ସହ ୨୫,୦୦୦ ଟଙ୍କା ଓ ରନର୍ସଅପ୍ ଆଶୁତୋଷଙ୍କୁ ଟ୍ରଫି ସହ ୧୨,୫୦୦ ଟଙ୍କା ପ୍ରଦାନ କରାଯାଇଛି। ଏହା ବ୍ୟତୀତ ସେମିଫାଇନାଲରେ ପରାଜିତ ହୋଇଥିବା ତାରକା ଖେଳାଳି ସୁବ୍ରତ ଦାସ ଓ ଉଦୀୟମାନ ଖେଳାଳି ଅବିନାଶ ମହାପାତ୍ରଙ୍କୁ ୬,୦୦୦ ଲେଖାଏଁ ଟଙ୍କା ମିଳିଛି। କ୍ୱାର୍ଟର ଫାଇନାଲରେ ପରାଜିତ ଖେଳାଳିଙ୍କୁ ୩,୦୦୦ ଲେଖାଏଁ, ସର୍ବାଧିକ ବ୍ରେକ୍ ମାରିଥିବା ଆଶୁତୋଷଙ୍କୁ ୫,୦୦୦ ଟଙ୍କା ପ୍ରଦାନ କରାଯାଇଛି। ଖେଳ ଶେଷରେ ବିଶିଷ୍ଟ ବ୍ୟକ୍ତିବିଶେଷ ମିଶାଲ ସ୍ୱାଇଁ, ନିଶାଙ୍କ ଅଗରୱାଲ, ଦେବାଞ୍ଜନ ରାୟ, ଦିବ୍ୟଜ୍ୟୋତି ମିଶ୍ର, ଡଃ ଅତନୁ ରଞ୍ଜନ ନାୟକ, ପି. ଗୋବିନ୍ଦ ରାଓ, ସୁଦୀପ୍ତ ଦାଶ, ଅଲତାଫ ଅଲି ଓ ଶ୍ୟାମ ଅଗରୱାଲ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।




### ଜାତୀୟ ସବ୍‌ଜୁନିଅର ବାଳକ ହକି

## ଦ୍ୱିତୀୟ ବିଜୟ ସହ କ୍ୱାର୍ଟରରେ ଓଡ଼ିଶା

ଭୁବନେଶ୍ୱର, ୨।୮ (ସମିସ): ଚେନ୍ନାଇରେ ଚାଲିଥିବା ଜାତୀୟ ସବ୍‌ଜୁନିଅର ବାଳକ ହକି ଚାମ୍ପିଅନସିପ୍‌ରେ ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଶନିବାର ଓଡ଼ିଶା ଏହାର ଦ୍ୱିତୀୟ ପୁଲ୍ ମ୍ୟାଚରେ ୫-୧ ଗୋଲ୍‌ରେ ମହାରାଷ୍ଟ୍ରକୁ ପରାସ୍ତ କରିଥିଲା। ବିଜୟୀ ଓଡ଼ିଶା ପକ୍ଷରୁ ମନଦୀପ୍ କେରକେଟ୍ଟା ହ୍ୟାଟ୍ରିକ ଏବଂ ଦୀପକ ଟପ୍ପୋ ଓ ସଞ୍ଜିତ ରାଜ ଲାକ୍ରା ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ପୂର୍ବରୁ ଓଡ଼ିଶା ପ୍ରଥମ ମୁକାବିଲାରେ ୩-୧ ଗୋଲ୍‌ରେ ଚଣ୍ଡିଗଡ଼କୁ ହରାଇଥିଲା। କ୍ରମାଗତ ୨ଟି ବିଜୟ ହାସଲ କରିଥିବା ଓଡ଼ିଶା ବାଳକ ଦଳ ଏଥିସହ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି। ସୋମବାର ଝାଡ଼ଖଣ୍ଡ କିମ୍ବା ପଞ୍ଜାବ ସହ ଓଡ଼ିଶା କ୍ୱାର୍ଟର ଫାଇନାଲ ଖେଳିପାରେ।



### ଆଇଏସ୍‌ଏଲ ଆୟୋଜନ ନେଇ ଅନିଶ୍ଚିତତା

# ଖେଳାଳି, କର୍ମକର୍ତ୍ତାଙ୍କ ଚୁକ୍ତି ବାତିଲ କଲା ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୨।୮ (ସମିସ)




ଏକ ଅଭାବନୀୟ ଘଟଣାକ୍ରମରେ ଓଡ଼ିଶା ଏଫ୍‌ସି ତାହାର ସମସ୍ତ ଖେଳାଳି ଓ କର୍ମକର୍ତ୍ତା (ସପୋର୍ଟ ଷ୍ଟାଫ୍)ଙ୍କ ଚୁକ୍ତି ବାତିଲ କରିଛି। ଇଣ୍ଡିଆନ୍ ସୁପର ଲିଗ୍ ଫୁଟବଲ (ଆଇଏସ୍‌ଏଲ) ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବା ନେଇ ଅନିଶ୍ଚିତତା ସୃଷ୍ଟି ହେବାରୁ ଭୁବନେଶ୍ୱର ଭିତ୍ତିକ କ୍ଲବ୍ ଓଡ଼ିଶା ଏଫ୍‌ସି ଏହି ନିଷ୍ପତ୍ତି ନେଇଛି। ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ସଭାପତି କଲ୍ୟାଣ ଚୌବେଙ୍କ ସହ ସାକ୍ଷାତ ଆଲୋଚନା କରିବାକୁ ନିଷ୍ପତ୍ତି ନେବାର ଗୋଟିଏ ଦିନ ପରେ ଓଡ଼ିଶା ଏଫ୍‌ସି ଏଭଳି ଏକ ବଡ଼ ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତି ମଙ୍ଗଳବାରଠାରୁ ବା ଅଗଷ୍ଟ ୫ରୁ କାର୍ଯ୍ୟକ୍ଷମ ହେବ। ୨୦୨୩-୨୪ରେ ସୁପର କପ୍ ରନର୍ସ ଅପ୍ ହୋଇଥିବା ଓଡ଼ିଶା ଏଫ୍‌ସି ଚଳିତବର୍ଷ ଡୁରାଣ୍ଡ କପ୍ ଖେଳି ନ ଥିଲା। କମ୍ପାନୀ ନିୟମର ଫୋର୍ସ ମାଜେୟୁର ଅନୁଯାୟୀ ପ୍ରଥମ କ୍ଲବ୍ ଭାବେ ଓଡ଼ିଶା ଏଫ୍‌ସି ଏହି ନିଷ୍ପତ୍ତି ଗ୍ରହଣ କରିଛି।

ନିଜର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଓଡ଼ିଶା ଏଫ୍‌ସି ଦେଇଥିବା ଚିଠିରେ ଉଲ୍ଲେଖ କରିଛି ଯେ, ଏଆଇଏଫ୍‌ଏଫ୍‌ର ବ୍ୟବସାୟିକ ସହଯୋଗୀମାନେ ଆଇଏସ୍‌ଏଲ୍ ଆୟୋଜନ ନେଇ ନୂଆ ରାଜିନାମାରେ ସ୍ୱାକ୍ଷର କରିବାକୁ ମନା କରିବା ଫଳରେ ୨୦୨୫-୨୬ ସିଜନରେ ଆଇଏସ୍‌ଏଲ୍ ଅନିର୍ଦ୍ଦିଷ୍ଟକାଳ ଲାଗି ସ୍ଥଗିତ ରହିଛି। ଉଭୟ ପକ୍ଷଙ୍କ ମଧ୍ୟରେ ମାଷ୍ଟର୍ସ ରାଇଟସ ଏଗ୍ରିମେଣ୍ଟକୁ ସ୍ଥଗିତ ରଖାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଏଆଇଏଫ୍‌ଏଫ୍ ଓ ସେମାନଙ୍କ ବ୍ୟବସାୟିକ ସହଯୋଗୀଙ୍କ ମଧ୍ୟରେ କୌଣସି ବୁଝାମଣା ସମ୍ଭବ ହୋଇପାରି ନାହିଁ। ଏପରିକି ସହଯୋଗୀମାନେ ଏ ସମ୍ପର୍କରେ ଆଲୋଚନା କରିବାକୁ ଆଦୌ ଇଚ୍ଛା ପ୍ରକାଶ କରି ନାହାନ୍ତି। ଯାହା ଫଳରେ ଏହି ଟୁର୍ଣ୍ଣାମେଣ୍ଟ ଚଳିତବର୍ଷ ଆୟୋଜନ ହେବା ସମ୍ଭବ ନୁହେଁ। ଓଡ଼ିଶା ଏଫ୍‌ସିର ମୂଳ କମ୍ପାନୀ ଦିଲ୍ଲୀ ସକ୍କର ପ୍ରାଇଭେଟ ଲିଃ ପକ୍ଷରୁ ଅଜିତ ପଣ୍ଡାଙ୍କ ସ୍ୱାକ୍ଷରରେ ଏହି ଚିଠି ସମସ୍ତଙ୍କୁ ଦିଆଯାଇଛି। ସେମାନେ ଏବେ ଅନ୍ୟ ପେସାଦାର ଟିମ୍ କିମ୍ବା ସଂଗଠନରେ ଯୋଗଦେବାକରେ ଓଡ଼ିଶା ଏଫ୍‌ସିର କୌଣସି ଆପତ୍ତି ନାହିଁ ବୋଲି ଦର୍ଶାଯାଇଛି। ଆପୋସ ବୁଝାମଣା ଭିତରେ ଆମେ ସବୁକିଛି କରିବାକୁ ପ୍ରସ୍ତୁତ ବୋଲି ପଣ୍ଡା ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଯାହା ଆମ ହାତରେ ନାହିଁ ତାହା କରିବା ସମ୍ଭବପର ନୁହେଁ ବୋଲି ସେ କହିଛନ୍ତି। କ୍ଲବ୍‌ର ସଭାପତି ରୋହନ ଶର୍ମା 'ଏକ୍ସ'ରେ କହିଛନ୍ତି ଆମେ କ୍ଲବ୍ ବନ୍ଦ କରିନାହୁଁ। କ୍ଲବ୍‌ର ଅନେକ ବରିଷ୍ଠ କର୍ମକର୍ତ୍ତାଙ୍କୁ ଆମେ ରଖିଛୁ ଓ ଏବେ ମଧ୍ୟ ମହିଳା ଟିମ୍ ରହିଛି। କୋଟି କୋଟି ଟଙ୍କା କ୍ଷତି ହେବା ପରେ କ୍ଲବ୍‌ରୁ ଅଂଶୀଦାର ମାନଙ୍କୁ ବୁଝାଇବା କଷ୍ଟକର ହୋଇପଡ଼ିଛି। ଆମେ ଆଶା କରୁଛୁ ଏହି ଅଚଳାବସ୍ଥା ଖୁବ୍ ଶୀଘ୍ର ଶେଷ ହେବ। କଳିଙ୍ଗ ଷ୍ଟାଡିୟମ୍‌ରେ ଆମକୁ ଆଉ ଖେଳିବାକୁ ସୁଯୋଗ ମିଳିବ କି ନାହିଁ ତାହା ଆମେ ଜାଣିନାହୁଁ। ଗତ ସରକାର ଭଳି ବର୍ତ୍ତମାନ ସରକାରଙ୍କଠାରୁ ସହଯୋଗ ମିଳୁନାହିଁ। ଏଣୁ ଆମକୁ ଆଶଙ୍କା ମଧ୍ୟରେ ରହିବାକୁ ପଡ଼ିଛି। ସେହିପରି ନିକଟରେ ୮ଟି ମୂଳ ଆଇଏସ୍‌ଏଲ କ୍ଲବ୍ ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେଙ୍କ ସହ ଆଲୋଚନା କରିବାକୁ ସମୟ ମାଗିଥିଲେ। କିନ୍ତୁ ଏହା ଏ ପର୍ଯ୍ୟନ୍ତ ସମ୍ଭବ ହୋଇପାରି ନାହିଁ। ଚଳିତବର୍ଷ ଆଇଏସ୍‌ଏଲ୍‌ରେ ଓଡ଼ିଶା ଏଫ୍‌ସି ୭ମ ସ୍ଥାନରେ ରହିଥିଲା। ୨୦୨୩-୨୪ରେ ଇଣ୍ଡିଆନ୍ ୱିମେନ ଲିଗ୍ ଚାମ୍ପିଅନ ହୋଇଥିବା ମହିଳା ଦଳ ଚଳିତ ସିଜନରେ ଶେଷ ସ୍ଥାନରେ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS